# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ' ୧୪/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 14/2023 | Page 16 ₹ 7.00

୪୯ଶ ଭାଗ ୧୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 168 ମୂଲ୍ୟ ₹୭/-



DSPL - 41

ଓଡ଼ିଶା ସରକାର

ଅନୁଗୋଳ, ବଲାଙ୍ଗିର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼,
ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା,
ନୟାଗଡ଼ ଏବଂ ସମ୍ବଲପୁର ଜିଲ୍ଲା ରେ

ନୂତନ
ସ୍ୱତନ୍ତ୍ର ଉନ୍ନୟନ ପରିଷଦ





ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ନବୀନ ପଟ୍ଟନାୟକ ଙ୍କ ଦ୍ୱାରା
ଶୁଭାରମ୍ଭ

୧୪ ମେ ୨୦୨୩ | ସନ୍ଧ୍ୟା ୫.୩୦ ଘଟିକା
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଭୁବନେଶ୍ୱର

ଆୟୋଜକ

ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟସ୍ତରୀୟ ପ୍ରଶାସନିକ ୟୁନିଟ୍
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

OIPR-26070/13/0001/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ମେ, ୨୦୨୩

## ନୋଟାକୁ ୨.୬ ଲକ୍ଷ ଭୋଟ

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ନୋଟା (ନନ୍ ଅଫ୍ ଦି ଏବଭ)କୁ ୨.୬ ଲକ୍ଷରୁ ଅଧିକ ଭୋଟ ମିଳିଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଶନିବାର ଅପରାହ୍ନ ୩ଟା ୩୦ ସୁଦ୍ଧା ହୋଇଥିବା ଗଣତି ଅନୁଯାୟୀ ନୋଟାକୁ ୨,୫୯,୨୭୮ ଖଣ୍ଡ ଭୋଟ ମିଳିଛି, ଯାହା ମୋଟ ଭୋଟ୍‌ର ୦.୭ ପ୍ରତିଶତ। ୨୦୧୩ରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ନୋଟାକୁ ଏକ ବିକଳ୍ପ ଭାବେ ଆରମ୍ଭ କରାଯାଇଥିଲା। ଭୋଟରଙ୍କର କୌଣସି ପ୍ରାର୍ଥୀ ପସନ୍ଦ ନ ଥିଲେ ସେମାନେ ନୋଟା ବଟନ୍ ଚିପି ପାରିବେ।





କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ଅଭୂତପୂର୍ବ ସଫଳତାକୁ ନେଇ ଉଲ୍ଲସିତ ଜଣେ କର୍ମୀ କୋଲକାତାରେ ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ରାହୁଲ ଗାନ୍ଧୀଙ୍କ ଫଟୋରେ ଫଗୁ ବୋଳୁଛନ୍ତି।

# ୨୦୨୪ ପାଇଁ କର୍ଣ୍ଣାଟକର ସନ୍ଦେଶ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୧୩।୫**

କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ ଗୈରିକ ଦଳ ପାଇଁ ଲଜ୍ଜାକର ସ୍ଥିତି ସୃଷ୍ଟି କରିଛି। କର୍ଣ୍ଣାଟକ ଏପିସୋଡ୍‌ର ପ୍ରଭାବ କେବଳ ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ସୀମିତ ହୋଇ ରହିବ ନାହିଁ। ବରଂ ଆଗକୁ ହେବାକୁ ଥିବା ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ୨୦୨୪ ଲୋକ ସଭା ନିର୍ବାଚନ ଉପରେ ପଡ଼ିବ ବୋଲି ରାଜନୈତିକ ପଣ୍ଡିତମାନେ କହିଲେଣି।

କଂଗ୍ରେସ ହାସଲ କରିଥିବା ସଫଳତା ପାଇଁ ଦଳକୁ ବିଗତ ଦଶନ୍ଧିରେ ବହୁ ସଂଘର୍ଷ କରିବାକୁ ପଡ଼ିଛି। ଏଥର କଂଗ୍ରେସ ଏକ ଶୃଙ୍ଖଳିତ ପ୍ରଚାର ଆରମ୍ଭ କରିଥିଲା। ସାଂଗଠନିକ ବଳକୁ ବୃଦ୍ଧି କରିବା ଲାଗି ପ୍ରତି ସ୍ତରରେ ଜୋର୍ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଅମଳରେ ହୋଇଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ପାଇଁ କଂଗ୍ରେସ ସ୍ଥାନୀୟ ନେତାଙ୍କୁ ଗୁରୁତ୍ୱ ଦେଇଥିଲା। ଦଳର କେନ୍ଦ୍ରୀୟ ନେତାମାନେ ପରେ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ, କିନ୍ତୁ ସେମାନେ କ୍ୟାମ୍ପେନ୍‌କୁ ହାଇଜ୍ୟାକ୍ କରି ନ ଥିଲେ। ଏହାବାଦ୍ ବାରମ୍ବାର ସରକାର ବଦଳୁଥିବା ରାଜ୍ୟରେ ସ୍ଥିର ଶାସନ ପ୍ରଦାନ ଭଳି ବାସ୍ତବବାଦୀ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ମନ ଜିଣିଥିଲା କଂଗ୍ରେସ। ନିର୍ବାଚନ ପୂର୍ବରୁ ବୋମାଇ ସରକାର ଲୋକପ୍ରିୟତା ହରାଇଥିବାରୁ ଭାଜପା ଧ୍ରୁବୀକରଣ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଥିଲା। ବିଶ୍ୱସନୀୟତା ଥିବା ଭଳି କୌଣସି ନେତାଙ୍କୁ ଉପସ୍ଥାପିତ କରିବାରେ ବିଫଳ ହୋଇଥିଲା। ଛତିଶଗଡ଼, ରାଜସ୍ଥାନ ଓ ହିମାଚଳ ପ୍ରଦେଶରେ ପୂର୍ବରୁ କଂଗ୍ରେସ ସରକାର ଚାଲିଥିବାବେଳେ କର୍ଣ୍ଣାଟକର ବିଜୟ ଦଳୀୟ କର୍ମୀଙ୍କ ମନରେ ନୂଆ ଉତ୍ସାହ ଭରିଦେଇଛି। ଏହା ବଜାୟ ରହିଲେ ପ୍ରଧାନମନ୍ତ୍ରୀ ମୋଦି ଅପରାଜେୟ ହୋଇ ରହିବେ ନାହିଁ ଏବଂ ୨୦୨୪ ଲୋକ ସଭା ନିର୍ବାଚନ ଉପରେ ଏହାର ପ୍ରଭାବ ପଡ଼ିପାରେ।

## ମୋଦି ଅପରାଜେୟ ନୁହନ୍ତି

### ମୋଦିଙ୍କୁ ପ୍ରତ୍ୟାଖ୍ୟାନ କରିଛି କର୍ଣ୍ଣାଟକ: ପାୱାର



କର୍ଣ୍ଣାଟକ ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ୍ ହାସଲ କରିଥିବାରୁ ଏହା ୨୦୨୪ ଲୋକ ସଭା ନିର୍ବାଚନ ସ୍ଥିତିର ସଙ୍କେତ ବହନ କରୁଛି ବୋଲି ଏନ୍‌ସିପି ଅଧକ୍ଷ ଶରଦ ପାୱାର କହିଛନ୍ତି। ତାଙ୍କ ମତରେ କର୍ଣ୍ଣାଟକ ଫଳାଫଳର ଧାରା ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ ଜାରି ରହିବ। ଗୈରିକ ଦଳ କେରଳ, ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଝାଡ଼ଖଣ୍ଡ, ପଞ୍ଜାବ, ପଶ୍ଚିମବଙ୍ଗରେ କ୍ଷମତାରେ ନାହିଁ। 'ମୋଦି ହୈ ତୋ ମୁମ୍‌କିନ୍ ହୈ' ସ୍ଲୋଗାନକୁ କର୍ଣ୍ଣାଟକବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଦୌଡ଼ରେ ଶିବକୁମାର, ସିଦ୍ଧାରାମାୟା

**ବେଙ୍ଗାଲୁରୁ, ୧୩।୫**

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଆଶାତୀତ ସଫଳତା ହାସଲ କରି ସରକାର ଗଠନ ପାଇଁ ଅଣ୍ଟା ଭିଡ଼ିଲାଣି କଂଗ୍ରେସ। ତେବେ ଦଳର ଦୁଇ ଷ୍ଟଲୱାର୍ଟ ଡି.କେ. ଶିବକୁମାର ଏବଂ ସିଦ୍ଧାରାମାୟାଙ୍କ ମଧ୍ୟରୁ କିଏ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବେ ତା' ଉପରେ ଏବେ ସମସ୍ତଙ୍କ ନଜର।

ମୁଖ୍ୟମନ୍ତ୍ରୀ ଚୌକି ଉପରେ ଦୃଷ୍ଟି ରଖିଥିବା କର୍ଣ୍ଣାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଏବଂ ବିରୋଧୀ ଦଳ ନେତା ସିଦ୍ଧାରାମାୟା ବର୍ତ୍ତମାନ ଦଳୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସିଦ୍ଧାରାମାୟା କହିଛନ୍ତି, ହାଇକମାଣ୍ଡ ପର୍ଯ୍ୟବେକ୍ଷକମାନଙ୍କୁ ପଠାଇ ନବନିର୍ବାଚିତ ବିଧାୟକମାନଙ୍କ ମତାମତ ନେବା ପରେ ଏହା ଉପରେ ବିଚାରବିମର୍ଶ କରି ନିଷ୍ପତ୍ତି ନେବେ। ଶିବକୁମାର ମଧ୍ୟ ନିଷ୍ପତ୍ତି ହାଇକମାଣ୍ଡଙ୍କ ଉପରେ ଛାଡ଼ିଦେଇଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ଦୁଇ ପୁରୁଖା ନେତାଙ୍କ ପାଇଁ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ୫୦:୫୦ ସୂତ୍ର ଆପଣାଇବେ। ଆଗକୁ ୨୦୨୪ ଲୋକ ସଭା ନିର୍ବାଚନ ଥିବାରୁ ଦୁହିଁଙ୍କ ମଧ୍ୟରୁ କାହାକୁ ଦଳ ଅସନ୍ତୁଷ୍ଟ କରିବାକୁ ଚାହିଁବ ନାହିଁ।



ଡି.କେ. ଶିବକୁମାର

ଅହିନ୍ଦ (ଅଳ୍ପସଂଖ୍ୟକ, ହିନ୍ଦୁଳିଦା ଓ ଦଳିତ)ଙ୍କ ନେତା ଭାବେ ପରିଚିତ ସିଦ୍ଧାରାମାୟା ଦଳ ପାଇଁ ନୀତି ନିର୍ଦ୍ଧାରଣ ଏବଂ ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବଡ଼ ସମାଲୋଚକ ଭାବେ ମଧ୍ୟ ସିଦ୍ଧାରାମାୟା ଜଣାଶୁଣା।

ରାଜ୍ୟରେ ଭାଜପା ପକ୍ଷରୁ ଅପରେଶନ କମଳ ଜରିଆରେ ବିଧାୟକ ଶିକାର ଚାଲିଥିବାବେଳେ କଂଗ୍ରେସକୁ ସଙ୍କଟ ସମୟରେ ରକ୍ଷା କରିଥିଲେ ଶିବକୁମାର। ସେ ଦଳକୁ ସଙ୍ଗଠିତ କରିବା ସହ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିଥିଲେ। ଭୋକାଲିଙ୍ଗା ନେତା ଶିବକୁମାର ନିଜ ସମ୍ପ୍ରଦାୟର ଭୋଟରଙ୍କୁ କଂଗ୍ରେସ ପଟକୁ ଟାଣିବାରେ ସଫଳ ହୋଇଛନ୍ତି।

### ୨୦୨୪ରେ କଂଗ୍ରେସର ବିଜୟ ପାଇଁ କର୍ଣ୍ଣାଟକ ଫଳାଫଳ ଆଧାର ସୋପାନ: ସିଦ୍ଧାରାମାୟା



କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ବିଜୟ ପାଇଁ ଆଧାର ସୋପାନ ବୋଲି ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା କହିଛନ୍ତି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି। କର୍ଣ୍ଣାଟକ ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଜନାଦେଶ ବୋଲି ସିଦ୍ଧାରାମାୟା କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ବରୁଣ ଆସନରେ ଭାଜପା ମନ୍ତ୍ରୀ ଭି. ସୋମନ୍ନାଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି।

## 'ଭାଜପାର କୁଶାସନ ବିରୋଧରେ ଜନାଦେଶ'



ମଲ୍ଲିକାର୍ଜୁନ ଖାର୍ଗେ

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ଶ୍ରେଷ୍ଠ ପ୍ରଦର୍ଶନ ଜନତା ଜନାର୍ଦ୍ଦନଙ୍କ ବିଜୟ ବୋଲି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ରାଜ୍ୟରେ ଭାଜପାର କୁଶାସନ ବିରୋଧରେ ଜନସାଧାରଣ ଭୋଟ ଦେଇଛନ୍ତି। କର୍ଣ୍ଣାଟକରେ କଂଗ୍ରେସକୁ କ୍ଷମତାକୁ ଫେରାଇ ଆଣିବାର ଶ୍ରେୟ ଖାର୍ଗେ ରାଜ୍ୟବାସୀଙ୍କୁ ଦେଇଛନ୍ତି। କୁଶାସନ ବିରୋଧରେ କର୍ଣ୍ଣାଟକ ଭୋଟର ମତଦାନ କରିଥିବାରୁ ସେମାନେ ସଚେତନ ଥିବା ସ୍ପଷ୍ଟ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଅନେକ କେନ୍ଦ୍ରମନ୍ତ୍ରୀ ଓ ଭାଜପା ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ପ୍ରଚାର, ଅର୍ଥବଳ, ବାହୁବଳ ସତ୍ତ୍ୱେ ଜନସାଧାରଣ ଏକ ହୋଇ କଂଗ୍ରେସକୁ ଭୋଟ ଦେଇଛନ୍ତି। କଂଗ୍ରେସ ଦେଇଥିବା ସମସ୍ତ ନିର୍ବାଚନୀ ପ୍ରତିଶ୍ରୁତି ନିଶ୍ଚୟ ପାଳନ କରାଯିବ ବୋଲି ସେ କହିଛନ୍ତି।

## ପରିବର୍ତ୍ତନ ପାଇଁ ଜନାଦେଶ



"କର୍ଣ୍ଣାଟକ ଜନସାଧାରଣ ସାମ୍ପ୍ରଦାୟିକ ରାଜନୀତି ପରିବର୍ତ୍ତେ ବିକାଶର ରାଜନୀତିକୁ ବାଛିଛନ୍ତି। ଆଗକୁ ହେବାକୁ ଥିବା ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଏହାର ପୁନରାବୃତ୍ତି ହେବ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ନିର୍ବାଚନକୁ ପ୍ରଭାବିତ କରିଛି।

**- ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



"କର୍ଣ୍ଣାଟକ ଜନାଦେଶ ପରିବର୍ତ୍ତନ ସପକ୍ଷରେ ଆସିଥିବାରୁ ରାଜ୍ୟବାସୀଙ୍କୁ ସାଲ୍ୟୁଟ୍ କରୁଛି। କ୍ରୂର କର୍ତ୍ତୃତ୍ୱ ଏବଂ ବହୁସଂଖ୍ୟକବାଦୀ ରାଜନୀତିର ପରାଜୟ ହୋଇଛି। ଜନସାଧାରଣ ବହୁଳବାଦ ଓ ଗଣତାନ୍ତ୍ରିକ ଶକ୍ତିର ବିଜୟ ଚାହିଁଛନ୍ତି। ଏହା ଆସନ୍ତାକାଲି ପାଇଁ ଶିକ୍ଷା।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"କର୍ଣ୍ଣାଟକ ନିର୍ବାଚନରେ ବିଫଳତା ପରେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଲାଗି ଅନୁମତି ଦେବାକୁ ସାହସ ଜୁଟାଇବାକୁ ଭାଜପା ପାଖରେ ଉପାୟ ନାହିଁ।

**-ଓମାର ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ନେତା**



"କର୍ଣ୍ଣାଟକ ଫଳାଫଳ ଆଶାର କିରଣ। ଅବଶିଷ୍ଟ ରାଜ୍ୟ ସାମ୍ପ୍ରଦାୟିକ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ବିକାଶ ଓ ସମୃଦ୍ଧି ପାଇଁ ଭୋଟ ଦେବେ ବୋଲି ଆଶା କରୁଛି।

**- ମେହବୁବା ମୁଫ୍‌ତି, ପିଡିପି ଅଧ୍ୟକ୍ଷା**



"କର୍ଣ୍ଣାଟକ ଜନସାଧାରଣ ଭାଜପାକୁ ବହୁ ବର୍ଷ ସେବା କରିବାର ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା କର୍ଣ୍ଣାଟକ ଓ ଏହାର ଜନସାଧାରଣଙ୍କ କଲ୍ୟାଣ ପାଇଁ କାର୍ଯ୍ୟ ଜାରି ରଖିବ।

**- ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

## ବିଜୟୀ



ବାସବରାଜ ବୋମାଇ (ଭାଜପା) ଶିଗ୍‌ଗାଁଓ



ଏଚ୍.ଡି. କୁମାରସ୍ୱାମୀ (ଜେଡିଏସ୍) ଚନ୍ନାପାଟନା



କେ.ଏମ୍. ଶିବଲିଙ୍ଗ ଗୌଡ଼ା (କଂଗ୍ରେସ) ଆର୍ସିକେରେ



ଜି. ଜନାର୍ଦ୍ଦନ ରେଡ୍ଡୀ (କେଆର୍‌ପିପି) ଗଙ୍ଗାବତୀ

## ପରାଜିତ



ଜଗଦୀଶ ଶେଟ୍ଟାର (କଂଗ୍ରେସ) ହୁବ୍ଲି-ଧରୱାଦ



ଗୋବିନ୍ଦ କାର୍ଜୋଲ (ଭାଜପା) ସିର୍ସି



କେ. ସୁଧାକର (ଭାଜପା) ଚିକ୍କବଲ୍ଲପୁରା



ଜେ.ସି. ମଦୁସ୍ୱାମୀ (ଭାଜପା) ଚିକାନୟାକାନାହାଲ୍ଲି

# ଭାରତ ଯୋଡ଼ୋ ଯାତ୍ରାର ପ୍ରଭାବ

### ୨୦ରୁ ୧୫ ଆସନରେ କଂଗ୍ରେସ

କର୍ଣ୍ଣାଟକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' (ବିଜେୱାଇ) ବେଳେ ପଦଯାତ୍ରା କରିଥିବା ୨୦ ଆସନ ମଧ୍ୟରୁ ୧୫ଟିରେ ଦଳକୁ ସଫଳତା ମିଳିଛି। ଗତବର୍ଷ ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ 'ଭାରତ ଯୋଡ଼ୋ ଯାତ୍ରା' ଆରମ୍ଭ ହୋଇଥିଲା। କେରଳ ପରେ ସେପ୍ଟେମ୍ବର ୩୦ରେ ଏହି ପଦଯାତ୍ରା କର୍ଣ୍ଣାଟକରେ ପ୍ରବେଶ କରିଥିଲା। ଅକ୍ଟୋବର ୧୯ ସୁଦ୍ଧା ଏହା ୭ ଜିଲ୍ଲାର ୫୧୧ କି.ମି. ଅତିକ୍ରମ କରିଥିଲା। ଅକ୍ଟୋବର ୬ରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇଥିଲେ। ତେଣୁ ୧୫ ଆସନରେ ଏହାର ପ୍ରଭାବ ପଡ଼ିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।



### ଘୃଣାର ବଜାର ବନ୍ଦ, ପ୍ରେମର ଦୋକାନ ଖୋଲିଲା: ରାହୁଲ

କର୍ଣ୍ଣାଟକରେ କଂଗ୍ରେସକୁ ମିଳିଥିବା ଅଭୂତପୂର୍ବ ସଫଳତାକୁ ନେତା ରାହୁଲ ଗାନ୍ଧୀ ପ୍ରଶଂସା କରିଛନ୍ତି। ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ସନ୍ତୋଷଜନକ। ଏହା ହେଉଛି ଘୃଣା ଉପରେ ପ୍ରେମର ବିଜୟ। ଘୃଣାର ବଜାର ବନ୍ଦ ହୋଇଗଲା। ଏବେ ପ୍ରେମର ଦୋକାନ ଖୋଲିଲା। ଗରିବଙ୍କ ଶକ୍ତି ଆଗରେ ପୁଞ୍ଜିପତିଙ୍କ କ୍ଷମତା ତୁଚ୍ଛ ହୋଇଯାଇଛି। ଆଗକୁ ମଧ୍ୟ ସମସ୍ତ ରାଜ୍ୟରେ ଏହାର ପୁନରାବୃତ୍ତି ହେବାକୁ ଯାଉଛି ବୋଲି ରାହୁଲ କହିଛନ୍ତି। ଏହି ଅବସରରେ ସେ କର୍ଣ୍ଣାଟକ ଜନସାଧାରଣ, ନେତା ଓ କର୍ମୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସବୁ ମ୍ୟୁନିସିପାଲ କର୍ପୋରେଶନ ପୋଛିନେଲା ଭାଜପା

### ୟୁପି ପୌର ନିର୍ବାଚନ

**ଲକ୍ଷ୍ନୌ, ୧୩।୫**

ଉତ୍ତରପ୍ରଦେଶ (ୟୁପି) ପୌର ନିର୍ବାଚନରେ ଭାଜପାକୁ ବଡ଼ ସଫଳତା ମିଳିଛି। ସମସ୍ତ ୧୭ ପୌର ନିଗମର ମେୟର ପଦ ଭାଜପାକୁ ଯାଇଛି। ଏଥିସହିତ ୯୦ଟି ମ୍ୟୁନିସିପାଲିଟିର ଅଧ୍ୟକ୍ଷ ପଦ ଏବଂ ୬୦୦ରୁ ଊର୍ଦ୍ଧ୍ୱ ୱାର୍ଡ ଗୈରିକ ଦଳକୁ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜନସାଧାରଣଙ୍କୁ ଧନ୍ୟବାଦ ଦେବା ସହ ଟ୍ରିପଲ ଇଞ୍ଜିନ ସରକାର ପାଇଁ ଦଳୀୟ କର୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟର ବିକାଶ ଓ ସୁରକ୍ଷା ପାଇଁ ସରକାର ଚଳାଇଥିବା କାର୍ଯ୍ୟ ଆଗକୁ ଜାରି ରଖିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଶାହଜାହାନପୁରର ପ୍ରଥମ ମେୟର ଭାବେ ଭାଜପାର ଅର୍ଚ୍ଚନା ବର୍ମା ନିର୍ବାଚିତ ହୋଇଛନ୍ତି। ଶାହଜାହାନପୁର ମ୍ୟୁନିସିପାଲ କର୍ପୋରେଶନ ହେବା ପରେ ଏଥର ପ୍ରଥମ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ମେ' ୪ ଓ ୧୧ ଦୁଇଟି ପର୍ଯ୍ୟାୟରେ ୧,୪୨୦ କର୍ପୋରେଟର, ୧୯୯ ନଗର ପାଳିକା ପରିଷଦ ଅଧ୍ୟକ୍ଷ, ୫,୩୨୭ ନଗର ପାଳିକା ପରିଷଦ ସଦସ୍ୟ ଏବଂ ୭,୧୭୮ ନଗର ପଞ୍ଚାୟତ ସଦସ୍ୟ ପଦ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବାରାଣସୀ, ଲକ୍ଷ୍ନୌ, ଅଯୋଧ୍ୟା, ଝାନ୍‌ସି, ବରେଲି, ମଥୁରା-ବୃନ୍ଦାବନ, ମୋରଦାବାଦ, ସାହାରନପୁର, ପ୍ରୟାଗରାଜ, ଆଲିଗଡ଼, ଶାହଜାହାନପୁର, ଗାଜିଆବାଦ, ଆଗ୍ରା, କାନପୁର, ଗୋରଖପୁର, ଫିରୋଜାବାଦ ଏବଂ ମିରଟ ପୌର ନିଗମରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୯୧ ଜଣ କର୍ପୋରେଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।



ଶାହଜାହାନପୁରର ପ୍ରଥମ ମେୟର ଅର୍ଚ୍ଚନା ବର୍ମା

# ଉପନିର୍ବାଚନ: ଜଳନ୍ଧରରେ ଏଏପି ବିଜୟୀ

## ୟୁପିରେ ଅପ୍‌ନା ଦଳ-ଏସ୍, ମେଘାଳୟରେ ୟୁଡିପି ଜିତିଲା

**ନୂଆଦିଲ୍ଲୀ, ୧୩।୫**

ପଞ୍ଜାବର ଜଳନ୍ଧର ଲୋକ ସଭା ଆସନ ସମେତ ଓଡ଼ିଶାର ଝାରସୁଗୁଡ଼ା, ଉତ୍ତରପ୍ରଦେଶର ଛାନ୍‌ବି ଏବଂ ସୁଆର ଏବଂ ମେଘାଳୟର ସୋହିଓଙ୍ଗ୍ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଛି। ଜଳନ୍ଧର ଲୋକ ସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପ୍ରାର୍ଥୀ ସୁଶୀଲ କୁମାର ରିଙ୍କୁ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ୫୮,୬୯୧ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ୩,୦୨,୨୭୯ ଖଣ୍ଡ ଭୋଟ ମିଳିଥିବାବେଳେ କଂଗ୍ରେସ ପ୍ରାର୍ଥୀ କରମଜିତ୍ କୌର ଚୌଧରୀଙ୍କୁ ୨,୪୩,୫୮୮ ଖଣ୍ଡ ଭୋଟ ମିଳିଛି। ଶିରୋମଣି ଅକାଳୀ ଦଳ-ବହୁଜନ ସମାଜ ପାର୍ଟିର ମିଳିତ ପ୍ରାର୍ଥୀ ୧,୫୮,୪୪୫ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିବାବେଳେ ଭାଜପା ପ୍ରାର୍ଥୀ ଇନ୍ଦର ଇକ୍‌ବାଲ ସିଂଙ୍କୁ ୧,୩୪,୮୦୦ ଭୋଟ ମିଳିଛି। ଉପନିର୍ବାଚନରେ ଏଏପିର ବିଜୟ କଂଗ୍ରେସକୁ ବଡ଼ ଝଟ୍‌କା ହୋଇଛି। କାରଣ ୫ ଦଶନ୍ଧି ମଧ୍ୟରେ ଏହି ଦଳ ମାତ୍ର ୪ ଥର ପରାଜିତ ହୋଇଥିଲା। କଂଗ୍ରେସ ଏମ୍‌ପି ସନ୍ତୋଖ ସିଂ ଚୌଧରୀଙ୍କ ପରଲୋକ ଯୋଗୁ ଜଳନ୍ଧର ଆସନ ଲାଗି ଉପନିର୍ବାଚନ ଆବଶ୍ୟକ ହୋଇଥିଲା। ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ କୁମାର ଗତ ଏପ୍ରିଲ ୫ରେ ଏଏପିରେ ସାମିଲ ହୋଇ ପ୍ରାର୍ଥୀ ହୋଇଥିଲେ।

ଓଡ଼ିଶାର ଝାରସୁଗୁଡ଼ା ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଟଙ୍କଧର ତ୍ରିପାଠୀଙ୍କଠାରୁ ୪୮ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଦୀପାଳିଙ୍କୁ ୧,୦୭,୧୯୮ ଭୋଟ ମିଳିଥିବାବେଳେ ଟଙ୍କଧରଙ୍କୁ ୫୮,୪୭୭ ଏବଂ କଂଗ୍ରେସ ପ୍ରାର୍ଥୀଙ୍କୁ ୪,୪୯୬ ଖଣ୍ଡ ଭୋଟ ମିଳିଛି।

ଉତ୍ତରପ୍ରଦେଶର ମିର୍ଜାପୁର ଜିଲ୍ଲା ଅନ୍ତର୍ଗତ ଛାନ୍‌ବି ଆସନରେ ଭାଜପା ସହଯୋଗୀ ଅପ୍‌ନା ଦଳ-ଏସ୍ ବିଜୟୀ ହୋଇଛି। ଏହି ଦଳର ପ୍ରାର୍ଥୀ ରିଙ୍କି କୋଲ୍ ସମାଜବାଦୀ ପାର୍ଟି ପ୍ରାର୍ଥୀ କୀର୍ତ୍ତି କୋଲ୍‌ଙ୍କୁ ୯,୫୮୯ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଅପ୍‌ନା ଦଳ ବିଧାୟକ ରାହୁଲ କୋଲ୍‌ଙ୍କ ପରଲୋକ ଯୋଗୁ ସେଠାରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ସୁଆର ବିଧାନସଭା ଆସନରେ ଅନୁଷ୍ଠିତ ଉପନିର୍ବାଚନରେ ଅପ୍‌ନା ଦଳ-ଏସ୍ ପ୍ରାର୍ଥୀ ଶଫିକ୍ ଅହମଦ ଅନସାରୀ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟିର ଅନୁରାଧା ଚୌହାନଙ୍କୁ ୮,୭୨୪ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ଶଫିକ୍‌ଙ୍କୁ ୬୮,୬୩୦ ଭୋଟ ମିଳିଥିବାବେଳେ ଅନୁରାଧା ୫୯,୯୦୬ ଖଣ୍ଡ ଭୋଟ ପାଇଛନ୍ତି। ୧୫ ବର୍ଷ ପୁରୁଣା ଏକ ମାମଲାରେ ଆଜମ ଖାନ୍‌ଙ୍କ ପୁଅ ଅବଦୁଲ୍ଲା ଆଜମ ଖାନ୍ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କ ସଭ୍ୟ ପଦ ରଦ୍ଦ ହେବାରୁ ସେଠାରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା।

ମେଘାଳୟର ସୋହିଓଙ୍ଗ ବିଧାନସଭା ଆସନରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି) ପ୍ରାର୍ଥୀ ସିନ୍‌ଶାର କୁପାର ରାୟ ଥାବାହ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତଦ୍ୱନ୍ଦ୍ୱୀ ଏନ୍‌ପିପି ପ୍ରାର୍ଥୀଙ୍କୁ ୩,୪୦୦ରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। ଗତ ଫେବୃୟାରୀରେ ୨୭ରେ ମେଘାଳୟ ବିଧାନସଭା ନିର୍ବାଚନ ପୂର୍ବରୁ ୟୁଡିପି ପ୍ରାର୍ଥୀ ଏଚ୍‌ଡିଆର୍ ଲିଙ୍ଗଡୋଙ୍କ ପରଲୋକ ଘଟିବାରୁ ସେଠାରେ ମତଦାନ ବନ୍ଦ ରହିଥିଲା। ସେଥିପାଇଁ ଉକ୍ତ ଆସନରେ ମେ' ୧୦ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଆସନ ସହ ୬୦ ଆସନ ବିଶିଷ୍ଟ ମେଘାଳୟ ବିଧାନସଭାରେ ୟୁଡିପି ବିଧାୟକଙ୍କ ସଂଖ୍ୟା ୧୨ରେ ପହଞ୍ଚିଥିବାବେଳେ ଏନ୍‌ପିପି ବିଧାୟକଙ୍କ ସଂଖ୍ୟା ୨୮ ରହିଛି।



ଜଳନ୍ଧର ଲୋକ ସଭା ଆସନରେ ବିଜୟୀ ଏଏପି ପ୍ରାର୍ଥୀ ସୁଶୀଲ କୁମାର ରିଙ୍କୁ।



## ପ୍ରଭସିମରନ ସିଂଙ୍କ ଶତକ

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ପଞ୍ଜାବ କିଙ୍ଗ୍ସର ପ୍ରଭସିମରନ ସିଂ ଶତକ ହାସଲ କରିଛନ୍ତି।

୧୪ ୧୧

## ଦୀପିକାଙ୍କ ଡ୍ରେସ୍ କପି କରି ଆଲିଆ ଟ୍ରୋଲ୍

ଅଭିନେତ୍ରୀ ଆଲିଆ ଭଟ୍ଟ ନିକଟରେ ଏକ ମାଗାଜିନ୍ ପାଇଁ ଫଟୋଶୁଟ ବେଳେ ୨୦୧୯ କାନ୍ସରେ ଦୀପିକା ପିନ୍ଧିଥିବା ଡ୍ରେସ୍ କପି କରି ପିନ୍ଧିଥିବା ନେଇ ଟ୍ରୋଲ୍ ହୋଇଛନ୍ତି।



# କର୍ଣ୍ଣାଟକରେ କଂଗ୍ରେସ



କର୍ନାଟକ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବେଙ୍ଗାଲୁରୁରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ (ମଝି), ପିସିସି ସଭାପତି ଡି.କେ.ଶିବକୁମାର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ସହ କଂଗ୍ରେସ ନେତୃବୃନ୍ଦ।

- କାମ ଦେଲାନି ମୋଦି ମ୍ୟାଜିକ୍
- ରାହୁଲଙ୍କ 'ଭାରତ ଯୋଡ଼ୋ ଯାତ୍ରା'ର ପ୍ରବଳ ପ୍ରଭାବ
- ବୋମାଇଙ୍କ ୧୪ ମନ୍ତ୍ରୀ ଧରାଶାୟୀ

**ବେଙ୍ଗାଲୁରୁ,୧୩।୫**

ଯାହା ଅନୁମାନ କରାଯାଉଥିଲା ତାହା ସତ ହେଲା। ଦକ୍ଷିଣ ଭାରତୀୟ ରାଜ୍ୟ କର୍ନାଟକରେ ୧୦ ବର୍ଷର ବ୍ୟବଧାନ ପରେ ପୁଣି କ୍ଷମତାକୁ ଫେରିଛି କଂଗ୍ରେସ। ୨୨୪ ଆସନ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ମ୍ୟାଜିକ୍ ନମ୍ବର ୧୧୩ ହୋଇଥିବାବେଳେ କଂଗ୍ରେସ ଏହାକୁ ଅତିକ୍ରମ କରି ୧୩୬ ଆସନରେ ସଫଳତା ହାସଲ କରିଛି। ଦଳ ସ୍ପଷ୍ଟ ବହୁମତ ସହ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା', ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପ୍ରଚାର, ପିସିସି ସଭାପତି ଡି.କେ. ଶିବକୁମାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ସଫଳ ରଣନୀତି ଏଠାରେ ଦଳ ପାଇଁ ଐତିହାସିକ ବିଜୟ ଆଣିଦେଇଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ଅନ୍ୟପକ୍ଷେ କର୍ନାଟକ ଭୋଟର ଭାରତୀୟ ଜନତା ପାର୍ଟି (ଭାଜପା)କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଶାସକ ଦଳ ମାତ୍ର ୬୫ ଆସନରେ ସୀମିତ ରହିଛି, ଯାହାକି ୨୦୧୮ ନିର୍ବାଚନର ୧୦୪ ତୁଳନାରେ ୩୯ କମ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜିକରି ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ନିଜ ସରକାର ବିପକ୍ଷରେ ବହୁଥିବା କ୍ଷମତା ବିରୋଧୀ ହାୱାକୁ ପ୍ରତିହତ କରିବାରେ ବିଫଳ ହୋଇଛନ୍ତି। ଫଳାଫଳ ଆସିବା ପରେ ଭାଜପାର ପରାଜୟକୁ ବୋମାଇ ସ୍ୱୀକାର କରିଛନ୍ତି। ସେହିପରି 'କିଙ୍ଗ୍ ମେକର'ରୁ 'କିଙ୍ଗ୍' ଭୂମିକାରେ ଅବତୀର୍ଣ୍ଣ ହେବାକୁ ଆଶାବାଦୀ ଥିବା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)କୁ ଏଥର ମାତ୍ର ୧୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି, ଯାହାକି ପୂର୍ବାପେକ୍ଷା ୧୮ କମ୍। କର୍ନାଟକରେ କଂଗ୍ରେସର ଆଶାତୀତ ସଫଳତାକୁ ନେଇ ବେଙ୍ଗାଲୁରୁରୁ ବିକାନେର ଏବଂ ରାଞ୍ଚିରୁ ଅହମ୍ମଦାବାଦ ପର୍ଯ୍ୟନ୍ତ ସବୁଠି ଦଳୀୟ ନେତା ଓ କର୍ମୀ ଉତ୍ସବ ମନାଇବାରେ ଲାଗିଛନ୍ତି। କଂଗ୍ରେସ କର୍ମୀମାନେ ଦଳୀୟ କାର୍ଯ୍ୟାଳୟରେ ନାଚି ନାଚି ବାଣ ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରୁଥିବାବେଳେ ନୈରାଶ୍ୟରେ ଭାଜପା ☞ପୃଷ୍ଠା–୨



| ଦଳ | ଆସନ |
| --- | --- |
| କଂଗ୍ରେସ | ୧୩୬ |
| ଭାଜପା | ୬୫ |
| ଜେଡିଏସ୍ | ୧୯ |
| ସ୍ୱାଧୀନ | ୨ |
| କେଆର୍‌ପିପି | ୧ |
| ଏସ୍‌କେପି | ୧ |




## ରାଜସ୍ୱ ମନ୍ତ୍ରୀଙ୍କୁ ସ୍କୁଲ, ଶ୍ରମ ବିଭାଗ ଦାୟିତ୍ୱ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଶନିବାର ଆଉ ୨ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏବଂ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଇସ୍ତଫା ଦେବା ପରେ ଉକ୍ତ ଦୁଇ ବିଭାଗର ଅତିରିକ୍ତ ଦାୟିତ୍ୱ ରାଜସ୍ୱ ମନ୍ତ୍ରୀଙ୍କୁ ମିଳିଛି। ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପାଖରେ ରହିଛି। ନୂଆ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ବିଳମ୍ବ ହେବାକୁ ଥିବାରୁ ଉକ୍ତ ବିଭାଗଗୁଡ଼ିକୁ ରାଜସ୍ୱ ମନ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ମେ' ୧୧ ତାରିଖରୁ ନିଜ ଗ୍ରାମ ହରିୟାଣାକୁ ଯାଇଛନ୍ତି। ରାଜ୍ୟପାଳ ଫେରିବା ପରେ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଆହୁରି କେତେଜଣ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇପାରେ। ମୁଖ୍ୟମନ୍ତ୍ରୀ ଶନିବାର ନୂଆଦିଲ୍ଲୀରୁ ଫେରିବା ପରେ ଶଙ୍ଖ ଭବନରେ ଅନୁଷ୍ଠିତ ବିଜୟ ଉତ୍ସବରେ ଯୋଗ ଦେଇଥିଲେ।

## ଆଜି ଆଇସିଏସ୍ଇ ଦଶମ, ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାଫଳ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

କାଉନ୍ସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍ଜାମିନେଶନ (ସିଆଇଏସ୍‌ସିଇ) ବୋର୍ଡ ପରିଚାଳିତ ଆଇସିଏସ୍ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ ରବିବାର ଅପରାହ୍ନ ୩ଟାରେ ପ୍ରକାଶ ପାଇବ। ଏନେଇ ଶନିବାର ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ର cisce.org and results.cisce.org. ୱେବ୍‌ସାଇଟ୍ ମାଧ୍ୟମରେ ସେମାନଙ୍କ ପରୀକ୍ଷାଫଳ ଦେଖିପାରିବେ। ଆଇସିଏସ୍ଇ ଦଶମ ପରୀକ୍ଷା ଫେବୃୟାରୀ ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ରେ ସରିଥିଲା। ସେହିପରି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୩ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିଥିଲା। ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ତେବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରି ନ ଥିବା ଛାତ୍ରୀଛାତ୍ର କମ୍ପାର୍ଟମେଣ୍ଟାଲରେ ପରୀକ୍ଷା ଦେଇପାରିବେ। ସେମାନେ ବାଧ୍ୟତାମୂଳକ ବିଷୟ ଇଂଲିଶ ଓ ଅନ୍ୟ ଯେକୌଣସି ୩ଟି ବିଷୟରେ ପାସ୍ ମାର୍କ ରଖିଥିବା ଆବଶ୍ୟକ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ଜାଣିବାକୁ ବୋର୍ଡ ପକ୍ଷରୁ କେତେକ ସୂଚନା ଦିଆଯାଇଛି। ଯଦି ଅଫିସିଆଲ ପୋର୍ଟାଲ ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ଫଳାଫଳକୁ ପ୍ରବେଶ କରିବା ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ସେମାନଙ୍କର ଡିଜିଟାଲ ମାର୍କଶିଟ ଡିଜି ଲକର ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରିବେ। ଅନ୍‌ଲାଇନରେ ସେମାନଙ୍କ ପରୀକ୍ଷାଫଳ ପାଇବା ପୂର୍ବରୁ ଛାତ୍ରୀଛାତ୍ର ଡିଜିଲକରରେ ସେମାନଙ୍କ ଆକାଉଣ୍ଟ ଆକ୍ଟିଭେଶନ ☞ପୃଷ୍ଠା–୨


### ଭିତର ପୃଷ୍ଠାରେ

**ଆଜି ଲାଣ୍ଡଫଲ୍ କରିବ ବାତ୍ୟା 'ମୋଚା': ବାଂଲାଦେଶରେ ହାଇଆଲର୍ଟ**

**ବାର୍ଷିକ, କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ମାର୍କ ଆଧାରରେ ଯୁକ୍ତ୨ ଫଳ ପ୍ରକାଶ ପାଇବ**

**ଆଜିର ସମ୍ପାଦକୀୟ**
ପରାଜୟ





# ବିଜେଡି ହାତରେ ଝାରସୁଗୁଡ଼ା

- ଦୀପାଳି ବିଜୟୀ, ଭାଜପା ପ୍ରାର୍ଥୀଙ୍କୁ ୪୮ ହଜାର ଭୋଟରେ ହରାଇଲେ
- ଅମାନତ ହରାଇଲା କଂଗ୍ରେସ




**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ୪୮ ହଜାର ୭୨୧ ଭୋଟରେ ପରାଜିତ କରିଛନ୍ତି। ଶନିବାର ଭୋଟ ଗଣତି ଆରମ୍ଭରୁ ଶେଷ ରାଉଣ୍ଡ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ଆଗରେ ରହିଥିଲେ। ୧୯ ରାଉଣ୍ଡ ଗଣତି ଶେଷ ବେଳକୁ ବିଜେଡି ପ୍ରାର୍ଥୀ ୧ ଲକ୍ଷ ୭ ହଜାର ୧୯୮ ☞ପୃଷ୍ଠା–୨



ବିଜୟୀ ବିଜେଡି ପ୍ରାର୍ଥିନୀ ଦୀପାଳି ଦାସ।

## ଡବଲ ଇଞ୍ଜିନ ନୁହେଁ, ଗୁଡ୍ ଗଭର୍ନାନ୍ସ ଗୁରୁତ୍ୱପୂର୍ଣ୍ଣ: ନବୀନ

**ଭୁବନେଶ୍ୱର, ୧୩।୫(ବ୍ୟୁରୋ)**



ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡିର ବିଜୟ ପରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଭୁବନେଶ୍ୱର ଶଙ୍ଖ ଭବନରେ ଶନିବାର ଝାରସୁଗୁଡ଼ା ବିଜୟ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଙ୍ଗଲ୍ କିମ୍ବା ଡବଲ ଇଞ୍ଜିନ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଲୋକଙ୍କ ଦୃଷ୍ଟିରେ ସରକାର ଗୁରୁତ୍ୱପୂର୍ଣ୍ଣ। ଗୁଡ୍ ଗଭର୍ନାନ୍ସ ଓ ପ୍ରୋ ପିପୁଲ ଗଭର୍ନାନ୍ସ ସବୁବେଳେ ଜରୁରୀ। ଯେଉଁମାନେ ଓଡ଼ିଶାର ଲୋକଙ୍କୁ ଅସମ୍ମାନ କରିବେ ସେମାନଙ୍କୁ ଆଇନ ବିରୋଧୀ କୁହାଯିବ। ସେମାନେ ଆମ ରାଜ୍ୟ ବିରୋଧରେ ☞ପୃଷ୍ଠା–୨

# ଏଆଇ ଜରିଆରେ ହଜାରେଙ୍କୁ ଡେଟ୍ କରୁଛନ୍ତି ମଡେଲ

ଟିବିଲିସି, ୧୩।୫: ଆଗାମୀ ଦିନରେ ମନୁଷ୍ୟର ଏକ ବଡ଼ ବିକଳ୍ପ ହେବାକୁଯାଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ। ମଣିଷ ଯେଉଁସବୁ କାମ କରୁଛି ତାକୁ ଅତି ସହଜରେ ବିନା ବାଧାରେ ଏଆଇ ମାଧ୍ୟମରେ କରାଯାଇପାରୁଛି। ଏହାର ବ୍ୟବହାର କରି ଜର୍ଜିଆର କାରିନ୍ ମାର୍ଜୋରି ବିପୁଳ ପରିମାଣର ଅର୍ଥ ରୋଜଗାର କରୁଛନ୍ତି। ଜଣେ ମଡେଲ ହେବା ସହ କାରିନ୍ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର। ତାଙ୍କର ଏକାସାଙ୍ଗରେ ହଜାରେରୁ ଊର୍ଦ୍ଧ୍ୱ ବୟଫ୍ରେଣ୍ଡ ଅଛନ୍ତି। ସେମାନଙ୍କ ସହ ଡେଟ୍‌ରେ ଯିବା କାରିନ୍‌ଙ୍କ ପକ୍ଷେ ଅସମ୍ଭବ ହୋଇ ପଡ଼ିଥିବାବେଳେ ସେ ଏହାର ଉପାୟ ଏଆଇ ଜରିଆରେ ବାହାର କରିଛନ୍ତି। କାରିନ୍ (୨୩) ନିଜର ଏକ ଏଆଇ କ୍ଲୋନ୍ କରିଛନ୍ତି, ଏହା ସାହାଯ୍ୟରେ ସେ ବର୍ତ୍ତମାନ ତାଙ୍କର ଏକାଧିକ ବୟଫ୍ରେଣ୍ଡଙ୍କ ସହ ଡେଟ୍‌ରେ ଯିବା ସହ ଅର୍ଥ ମଧ୍ୟ ଉପାର୍ଜନ କରୁଛନ୍ତି। କାରିନ୍ ଡେଟ୍‌ରେ ଯିବାବେଳେ ଗୋଟିଏ ମିନିଟ୍ ପାଇଁ ୧ ଡଲାର ଡିମାଣ୍ଡ କରନ୍ତି। ଗୋଟିଏ ଘଣ୍ଟା ପାଇଁ ଡେଟ୍‌ରେ ଗଲେ ସେ ୫ ହଜାର ଟଙ୍କା ନେଉଛନ୍ତି। ଯେ କୌଣସି ମୁହୂର୍ତ୍ତରେ ଯେକେହି ବି କାରିନ୍ ଏଆଇ ସହିତ କଥା ହୋଇ ସମୟ ବିତାଇ ପାରିବ। ବର୍ତ୍ତମାନର ଯୁବପିଢ଼ିଙ୍କ ଦ୍ୱାରା ବହୁଳ ଭାବେ ବ୍ୟବହାର ହେଉଥିବା ସ୍ନାପ୍‌ଚାଟ୍‌ରେ କାରିନ୍‌ଙ୍କର ୧.୮ ନିୟୁତ ଫଲୋର୍ସ ରହିଛନ୍ତି। ଡେଟ୍‌ରୁ କାରିନ୍ ୭୧,୬୧୦ ଡଲାର (ପାଖାପାଖି ୫୮.୭ ଲକ୍ଷ ଟଙ୍କା) ରୋଜଗାର କରୁଥିବାବେଳେ ମାସକୁ ତାଙ୍କ ଆୟ ୫ ନିୟୁତ ଡଲାର। ଫରଏଭର ଭଏସେସ୍‌କୁ ବ୍ୟବହାର କରି କାରିନ୍ ନିଜ ଏଆଇ ତିଆରି କରିଛନ୍ତି। ଫରଏଭର କମ୍ପାନୀ ପ୍ରତିଷ୍ଠାତା ପ୍ରଥମ କରି ତାଙ୍କ ବାପାଙ୍କ ଏଆଇ ତିଆରି କରିଥିଲେ। ଏଆଇ ସହିତ କାଟିଥିବା ସମୟ ସମ୍ପର୍କରେ ସେ ନିଜର ଭଲ ଅନୁଭୂତି ଥିବା କହିଥିଲେ। ମଣିଷ ଜୀବନକୁ ଏଆଇ ପ୍ରଭାବିତ କରୁଥିବାବେଳେ ଏ ସମ୍ପର୍କରେ ଗଭୀର ଚିନ୍ତା କରିବାର ଆବଶ୍ୟକତା ରହିଥିବା ଜର୍ଜିଆର ଟେକ୍ ଏକ୍ସପର୍ଟ ଡ. ଜସୋନ ବୋରେନ୍‌ଷ୍ଟେନ୍ କହିଛନ୍ତି।



କାରିନ୍ ମାର୍ଜୋରି



**ଆଜିର ମନ୍ତବ୍ୟ**

"କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ସଫଳତା ଭାରତକୁ ଯୋଡ଼ିବା ରାଜନୀତିର ବିଜୟ।
-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରମ ଗୁଣେ କରମଙ୍ଗା ଫଳେ,
ଲାଉ ଲଗେଇଲେ ଚଲଣା ଫଳେ।**

ମଣିଷ ନିଜ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଏ। ତେବେ ଭାଗ୍ୟ ମନ୍ଦ ପଡ଼ିଲେ କର୍ମ ଫଳ ମଧ୍ୟ ମନ୍ଦ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କାଣ୍ଡଗଦା ମନେଇ ସାହୁ,
ତଣ୍ଟିର ମାଛ କଣ୍ଟା ଖସେଇ ନେଉ।**

ସାକ୍ଷୀଗୋପାଳ ଅନ୍ତର୍ଗତ ଅଳଗୁମ୍ ଅଞ୍ଚଳର ଏହା ଏକ ପ୍ରବାଦ। ଏହାକୁ ଉଚ୍ଚାରଣ କଲେ ତଣ୍ଟିରେ ମାଛ କଣ୍ଟା ଲାଖିଥିଲେ କଣ୍ଟା ଖସିଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ୧୫ରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର,୧୩।୫(ବ୍ୟୁରୋ)**

ଆସନ୍ତା ୧୫ ତାରିଖରୁ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ। ଉପକୂଳରୁ ଉପାନ୍ତ ସବୁଠି ତାତିର ପ୍ରକୋପ ହନ୍ତସନ୍ତ କରିବ । ପଦାକୁ ବାହାରିବା ମୁସ୍କିଲ ହୋଇ ପଡ଼ିବ। ପାରଦ ୪୫ ଡିଗ୍ରୀକୁ ଛୁଇଁବ। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେବ। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିବ । କେତେକ ସ୍ଥାନରେ ପାରଦ ୪୪ରୁ ୪୫ ଡିଗ୍ରୀ ସେଲ୍‌ସିୟସ ହେବ। ଏ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୫ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ସୋନପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୨୨ ତାରିଖ ଯାଏ ରାଜ୍ୟରେ ତାତି ଉପରମୁହାଁ ରହିବ। ଅନ୍ୟପକ୍ଷରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ମୋଚା' ଭୟଙ୍କର ରୂପ ଧାରଣ କରି ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ଘଣ୍ଟା ପ୍ରତି ୮ କିଲୋମିଟର ବେଗରେ ଗତି କରୁଛି। ରବିବାର ମଧ୍ୟାହ୍ନରେ ଏହି ସାମୁଦ୍ରିକ ଝଡ଼ ଦକ୍ଷିଣ ବାଂଲାଦେଶ ଏବଂ ଉତ୍ତର ମ୍ୟାନ୍‌ମାର ଉପକୂଳରେ ସ୍ଥଳଭାଗ ଛୁଇଁବ। ସ୍ଥଳଭାଗ ଛୁଇଁବା ବେଳେ ବାତ୍ୟାର ବେଗ ଘଣ୍ଟା ପ୍ରତି ୧୭୫ରୁ ୨୦୦ କିମି ବେଗରେ ବହିବ। ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ଆକାଶ ମେଘୁଆ ରହିବା ସହ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବ। ଅନ୍ୟପକ୍ଷରେ ରାଜ୍ୟରେ ତାତିର ପରିମାଣ ବଢ଼ିବାରେ ଲାଗିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୁନ୍ଦରଗଡ଼ରେ ସର୍ବାଧିକ ୪୧.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୪୦.୧, ଟିଟିଲାଗଡ଼ ୪୦, ବୌଦ୍ଧ ୪୦ ଏବଂ ବରଗଡ଼ରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ୧୫,୮୨୭ ମାମଲା ଫଇସଲା

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

### ୯୮,୨୮,୧୮,୬୯୮ ଟଙ୍କା କ୍ଷତିପୂରଣ ଆଦାୟ

**କଟକ ଅଫିସ, ୧୩।୫**

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ) ପକ୍ଷରୁ ରାଜ୍ୟର ପ୍ରତ୍ୟେକ ଜିଲା ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଏସ୍‌ଏଲ୍‌ଏସ୍‌ଏ ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର ଏବଂ ଓଏସ୍‌ଏଲ୍‌ଏସ୍‌ଏ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ମୋଟ ୧୫,୮୨୭ ମାମଲା ଫଇସଲା କରାଯାଇଥିଲା। ଏଥିରେ ଜିଲା ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ସମେତ ଅନ୍ୟ ଟ୍ରିବ୍ୟୁନାଲ/କଞ୍ଜ୍ୟୁମର କୋର୍ଟର ବିଚାରାଧୀନ ୧୧,୮୬୫ ମାମଲା ରହିଥିଲା। ଏଥିସହ ୩,୯୬୨ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦ ଥିଲା। ଏହାପରେ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦ ଓ ବିଚାରାଧୀନ ମାମଲାର ଫଇସଲା ବାବଦରେ ୯୮ କୋଟି ୨୮ ଲକ୍ଷ ୧୮ହଜାର ୬୯୮ ଟଙ୍କା ଆଦାୟ କରାଯାଇଥିଲା। ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରେ ଫୌଜଦାରି ସାଲିସ୍‌ଯୋଗ୍ୟ ମାମଲା ୨୯୯, ଚେକ୍ ବାଉନ୍ସ ୧୦୨୭, ବ୍ୟାଙ୍କରଣ ୬୨୦, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ୭୫୫, ବୈବାହିକ ବିବାଦ ୫୩୧, ଭୂମି ଅଧିଗ୍ରହଣ ୪୪, ବିଦ୍ୟୁତ୍ ଓ ଜଳ ସମ୍ବନ୍ଧୀୟ ୨୧, ଶ୍ରମ ବିବାଦ ୫୬, ଚାକିରି ସମ୍ବନ୍ଧୀୟ ୭, ଉପଭୋକ୍ତା ସମ୍ବନ୍ଧୀୟ ୧୪୩, ଡିଆର୍‌ଟି ମାମଲା ୧୫, ଷ୍ଟେଟ୍ ଏଜୁକେଶନାଲ ଟ୍ରିବ୍ୟୁନାଲ୍ ମାମଲା ୬, ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ମାମଲା ୧, ଅନ୍ୟାନ୍ୟ ଦେୱାନି ମାମଲା ୧୫୫୫ ଓ ଅନ୍ୟାନ୍ୟ ଫୌଜଦାରି ମାମଲା ୬୭୮୫ ରହିଥିଲା। ସୂଚନାଯୋଗ୍ୟ, ଜାତୀୟ ଆଇନସେବା ପ୍ରାଧିକରଣ(ଏନ୍‌ଏଲ୍‌ଏସ୍‌ଏ)ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଅଦାଲତରେ ବିଭିନ୍ନ ବିବାଦ କିମ୍ବା ମକଦ୍ଦମାର ସହଜ ଏବଂ ଆପୋଷ ସହମତିରେ ସମାଧାନ କରାଯାଇଥିଲା। ବିଚାରାଧୀନ ମକଦ୍ଦମା ସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ମଧ୍ୟ ସମାଧାନ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ରଯୁକ୍ତ ଶନିଜନିତ ଦୂରଦର୍ଶିତା ଅଭାବରୁ କେତେକ ଭୁଲ୍ କାମକୁ ପ୍ରଶ୍ରୟ ଦେଇପାରନ୍ତି। ବନ୍ଧୁଙ୍କ ଭୁଲ୍ ବୁଝାମଣା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହେବାର ସୂଚନା ରହିଛି। ଦ୍ୱିଜା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଯୋଗୁ ମନକୁ ବୁଝାଇବାରେ ସମର୍ଥ ହେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଉଚିତ।

**ବୃଷ** ଧନ ସ୍ଥାନରେ ଶୁକ୍ର ହେତୁ ଅର୍ଥ ପାଇବା ସହ ବନ୍ଧୁଙ୍କ ସ୍ନେହ, ଶ୍ରଦ୍ଧା ଲାଭ କରିପାରନ୍ତି। ସାମାଜିକ ସ୍ତରରେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ମୃଗଶିରା ନକ୍ଷତ୍ରର ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ। ଅବଶ୍ୟ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** ଧନ ଓ ଭାଗ୍ୟାଧିପ ଏକତ୍ର ନବମସ୍ଥ ହେତୁ କାର୍ଯ୍ୟସିଦ୍ଧି ସହ ଅଭିଳାଷ ପୂରଣ ହେବ। ଋଣ ପରିଶୋଧ ସକାଶେ ବ୍ୟଗ୍ରତା ପ୍ରକାଶ ପାଇପାରେ। ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। କର୍ମକ୍ଷେତ୍ରରେ, ବ୍ୟବସାୟରେ, ପାରିବାରିକ ସମସ୍ୟା ସମାଧାନରେ ସଫଳତା ପାଇବେ।

**କର୍କଟ** ଭାବପ୍ରବଣତା ସହ ସ୍ୱାଭିମାନୀ ଯୋଗୁ କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ ଆକାରରେ ଗ୍ରହଣକରି ଚିନ୍ତାଗ୍ରସ୍ତ ହେବେ। ପରକ୍ଷଣରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଆପଣଙ୍କ ଯଶ ଓ ପ୍ରତିଷ୍ଠା ଅନ୍ୟମାନଙ୍କ ଗାତ୍ରଦାହ ଜନିତ ପରୋକ୍ଷଶତ୍ରୁତା ବୃଦ୍ଧି ପାଇବ। ଅନ୍ୟକୁ ଆପଣାର କରିବାରେ କୌଶଳ ଅବଲମ୍ବନ କରିପାରନ୍ତି।

**ସିଂହ** ଶନିଙ୍କ ଦୃଷ୍ଟିରେ ରବି ଯୋଗୁ ସମସ୍ୟା ଲାଗି ରହିଥିଲେ ମଧ୍ୟ ସଫଳତା ପାଇବେ। ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ସାହାଯ୍ୟ ସହଯୋଗ ଲାଭ କରିବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଏକା ସଙ୍ଗରେ ଅନେକ କାମ ହାତକୁ ନେଇ ବିବ୍ରତ ହୋଇ ପାରନ୍ତି। ଘରେ ବନ୍ଧୁ ମିଳନଜନିତ ସୁନ୍ଦର ପରିବେଶ ସୃଷ୍ଟି ସୂଚନା ରହିଛି।

**କନ୍ୟା** ଅଷ୍ଟମସ୍ଥ ଏକାଧିକ ଗ୍ରହ ହେତୁ ବିଭିନ୍ନ ସମସ୍ୟା ଭିତର ଦେଇ ଗତି କରିବାକୁ ପଡ଼ିବ। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନକୁ ଭାରାକ୍ରାନ୍ତ କରିପାରେ। ଦୂରସ୍ଥ ସନ୍ତାନଙ୍କ ଖୁସିରେ ଖୁସୀ ହେବେ।

**ତୁଳା** ରାଶି ପ୍ରତି ଏକାଧିକ ଗ୍ରହଙ୍କ ସମ୍ପର୍କ ପ୍ରତ୍ୟେକ କ୍ଷେତ୍ରରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିପାରନ୍ତି। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଦ୍ୱାଦଶ ଭାବକୁ ଗ୍ରହମାନଙ୍କ ଦୃଷ୍ଟି ପ୍ରଭାବରେ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଅଭାବ ଦୂରେଇବାର ପ୍ରୟାସ କଲେ ଧାରକରଜ କରିବାକୁ ବାଧ ହୋଇପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି।

**ଧନୁ** ଅଷ୍ଟମସ୍ଥ ମଙ୍ଗଳ ହେତୁ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବା ପାଇଁ ବାଧ ହେବେ। ମନ ଭଲ ନଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପରିବାରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଅବଶ୍ୟ ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ସ୍ୱ ସ୍ୱ ସ୍ଥାନରେ ଖୁସି ରହିବେ।

**ମକର** ଆଜି ଦିନରେ ଯାହା କରିବା ସକାଶେ ମନସ୍ଥ କରିଛନ୍ତି, ତାହା ନିର୍ବିଘ୍ନରେ ସମାପନ କରିପାରିବେ। କର୍ମ ସ୍ଥାନକୁ ଗ୍ରହମାନଙ୍କ ଦୃଷ୍ଟି ହେତୁ ସମସ୍ୟା ଆସିଲେ ମଧ୍ୟ ସେଥିରୁ ମୁକୁଳି ଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହେବେ। ଆକସ୍ମିକ ପରିଜନଙ୍କ ସହ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କୁମ୍ଭ** ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁ, ସବୁ ସୁବିଧାରେ ସମ୍ପନ୍ନ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିଶେଷକିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ଅନୁଭବ କରିପାରନ୍ତି।

**ମୀନ** ଖର୍ଚ୍ଚ ବୃଦ୍ଧି ପାଇବାରୁ ଆର୍ଥିକ ଦୁରବସ୍ଥା ଭୋଗିବାକୁ ପଡ଼ିପାରେ। ଆଜିର କର୍ମକ୍ଷେତ୍ରରେ ସହକର୍ମୀ ସହ ବିବାଦ ସୂଚନା ରହିଛି। ସ୍ୱାସ୍ଥ୍ୟ ମଧ୍ୟ ବିଶେଷ ଭଲ ରହି ନପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଙ୍ଗଠନ, ଲେଖାପଢ଼ା ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ଜ୍ୟେଷ୍ଠ କୃଷ୍ଣପକ୍ଷ ଦଶମୀ ରବିବାର, ମାସାନ୍ତ, ମେ ୧୪ ତାରିଖ, ବିଶ୍ୱ ମାତୃଦିବସ, (ମେ ଦ୍ୱିତୀୟ ରବିବାର), ରାଶି ନକ୍ଷତ୍ର-ଦିବା ଘ.୧୦।୧୬ ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୫ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୩ ଗତେ ଘ.୦୬।୧୦ ମଧ୍ୟେ ରାହୁକାଳ ॥

## କର୍ନାଟକରେ କଂଗ୍ରେସ...

ପ୍ରଥମ ପୃଷ୍ଠାରୁ...

ଶିବିର ଖାଁ ଖାଁ ଲାଗୁଛି। ୨୦୨୪ ଲୋକ ସଭା ଭୋଟ ପୂର୍ବରୁ କର୍ନାଟକରୁ ଆସିଥିବା ସଦ୍ୟ ଜନାଦେଶ ସଙ୍କେତ ଦେଇଛି ଯେ, ପ୍ରଧାନମନ୍ତ୍ରୀ ମୋଦି ଅପରାଜେୟ ନୁହନ୍ତି। କର୍ନାଟକ ବିଧାନସଭାର ୨୨୪ ଆସନ ପାଇଁ ମେ' ୧୦ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୭୩.୧୯% ରେକର୍ଡ ମତଦାନ କ୍ଷମତା ପରିବର୍ତ୍ତନର ଏକପ୍ରକାର ସଙ୍କେତ ଦେଇସାରିଥିଲା। ଏକ୍‌ଜିଟ୍ ପୋଲ୍‌ଗୁଡ଼ିକ କଂଗ୍ରେସ ଅଧିକ ଆସନ ଆଣିପାରେ ବୋଲି ଅନୁମାନ କରିଥିଲେ ସୁଦ୍ଧା ଝୁଲା ବିଧାନସଭା ଗଠନର ଭବିଷ୍ୟବାଣୀ ମଧ୍ୟ କରିଥିଲେ। ତେବେ କଂଗ୍ରେସ ଏହାଠୁ ଅଧିକ ଭଲ ପ୍ରଦର୍ଶନ କରି ୧୩୬ ଆସନ ହାତେଇବାରେ ସଫଳ ହୋଇଛି। ବିରୋଧୀ ଦଳ ନେତା ତଥା କଂଗ୍ରେସ ଷ୍ଟଲୱାର୍ଟ ସିଦ୍ଧାରାମାୟା ହାଇପ୍ରୋଫାଇଲ ବରୁଣ ଆସନରୁ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ତଥା ରାଜ୍ୟ ଗୃହନିର୍ମାଣ ମନ୍ତ୍ରୀ ଭି. ସୋମନ୍ନାଙ୍କଠାରୁ ୪୬,୧୬୩ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଭୋକାଲିଙ୍ଗା ଷ୍ଟ୍ରଙ୍ଗ୍‌ମ୍ୟାନ୍ ଡି.କେ. ଶିବକୁମାର କନକପୁରା ଆସନରୁ କ୍ରମାଗତ ଅଷ୍ଟମ ଥର ପାଇଁ ବିଜୟୀ ହୋଇଛନ୍ତି। ଏଥର ଶିବକୁମାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜେଡିଏସ୍‌ର ବି. ନାଗରାଜୁଙ୍କଠାରୁ ୧,୨୧,୫୯୫ ଭୋଟ ବ୍ୟବଧାନରେ ଜିତିଛନ୍ତି। ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ ପ୍ରିୟଙ୍କ ଖାର୍ଗେ ଚିତ୍ତପୁର ଆସନରେ ଭାଜପା ପ୍ରାର୍ଥୀ ମଣିକାନ୍ତ ରାଠୋରଙ୍କୁ ୧୩,୬୩୮ ଭୋଟରେ ହରାଇଛନ୍ତି। ବୋମାଇ ଶିଗ୍‌ଗାଓଁ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ୟାସିର ଅହମଦ ଖାନ୍ ପଠାନଙ୍କୁ ୩୫,୯୭୮ ଭୋଟ ବ୍ୟବଧାନରେ ହରାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ପୁଅ ବି.ୱାଇ. ବିଜୟେନ୍ଦ୍ର ଶିକାରୀପୁରା ଆସନରେ ସ୍ୱାଧୀନ ପ୍ରାର୍ଥୀ ଏସ୍.ପି. ନାଗରାଜ ଗୌଡ଼ାଙ୍କଠାରୁ ୧୧,୦୦୮ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପା ଟିକେଟ ନ ପାଇ କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସାୱଦି ଅଠାନି ଆସନରେ ଗୈରିକ ଦଳର ପ୍ରାର୍ଥୀ ମହେଶ କୁମାଥାଲ୍ଲିଙ୍କୁ ୭୬,୧୨୨ ଭୋଟରେ ପରାସ୍ତ କରିଛନ୍ତି। ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀ ଚନ୍ନାପାଟନା ଆସନରେ ଭାଜପା ପ୍ରାର୍ଥୀ ଯୋଗେଶ୍ୱରଙ୍କଠାରୁ ୧୬,୫୧୨ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। କିନ୍ତୁ ତାଙ୍କ ପୁଅ ନିଖିଲ କୁମାରସ୍ୱାମୀ ରାମନଗରମ ଆସନରେ କଂଗ୍ରେସର ଏଚ୍.ଏ. ଇକ୍‌ବାଲ ହୁସେନଙ୍କଠାରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି।

ତିନି ପ୍ରମୁଖ ଦଳର ଭୋଟ ହାରକୁ ଦେଖିଲେ କଂଗ୍ରେସ ୪୨.୯୩% ପାଇଥିବାବେଳେ ଭାଜପାକୁ ୩୫.୯୫% ମତଦାତା ପସନ୍ଦ କରିଛନ୍ତି। ଜେଡିଏସ୍‌କୁ ୧୩.୩୨% ଭୋଟ ମିଳିଛି। ପ୍ରଧାନମନ୍ତ୍ରୀ ମୋଦି, ତାଙ୍କ କ୍ୟାବିନେଟ ସହଯୋଗୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀଙ୍କ ଧୂଆଁଧାର ପ୍ରଚାର ଓ ମାସାଧିକ କାଳ କସରତ କର୍ନାଟକରେ କାମ କରିନାହିଁ ବୋଲି ଏଥିରୁ ବୁଝାପଡୁଛି। ଅନ୍ୟପକ୍ଷେ ୨୦୧୯ ଲୋକ ସଭା ନିର୍ବାଚନ ପରେ କଂଗ୍ରେସକୁ ଏତେ ବଡ଼ ରାଜ୍ୟରେ ସଫଳତା ମିଳି ନ ଥିଲା। ଆଗାମୀ କିଛି ମାସ ମଧ୍ୟରେ ହେବାକୁ ଥିବା ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ବିଧାନସଭା ଭୋଟ ସହ ୨୦୨୪ର ଲୋକ ସଭା ନିର୍ବାଚନ ଉପରେ ମଧ୍ୟ ଏହି ଫଳାଫଳ ବିଶେଷ ପ୍ରଭାବ ପକାଇବ ବୋଲି କୁହାଯାଉଛି। କର୍ନାଟକରେ କଂଗ୍ରେସର ହାତମୁଠା ଟାଣ ହୋଇଥିବାରୁ ଆଗାମୀ ଲୋକ ସଭା ନିର୍ବାଚନରେ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହା ସହ ମେଣ୍ଟ କରିବା ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି।

କର୍ନାଟକ ବିଧାନସଭା ନିର୍ବାଚନରେ ଭାଜପା ଅନେକ ବରିଷ୍ଠ ନେତାଙ୍କୁ ବାଦ୍ ଦେଇ ୭୨ ନୂଆମୁହଁଙ୍କୁ ପ୍ରାର୍ଥୀ କରିଥିଲା। ହୁବ୍‌ଲି-ସେଣ୍ଟ୍ରାଲ ଧରୱାଡରୁ ୬ ଥର ବିଧାୟକ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାରଙ୍କୁ ଭାଜପା ଏଥର ଟିକେଟ ନ ଦେବାରୁ ସେ କଂଗ୍ରେସରେ ଯୋଗଦେଇ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ଶେଟ୍ଟାର ୩୪ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଭାଜପା ପ୍ରାର୍ଥୀ ମହେଶ ଟେଙ୍ଗିନ୍‌କାଇଙ୍କଠାରୁ ହାରିଯାଇଛନ୍ତି। ଭାଜପାର ଗଡ଼ ଭାବେ ପରିଚିତ ଉତ୍ତର କର୍ନାଟକରେ ଦଳକୁ ଶୋଚନୀୟ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ଏହି ଅଞ୍ଚଳର ଅନେକ ଆସନରେ ଭାଜପା ବିଦ୍ରୋହୀ ପ୍ରାର୍ଥୀମାନେ ବିଜୟୀ ହୋଇଥିବାବେଳେ ଆଉ କେତେକ ନିର୍ବାଚନମଣ୍ଡଳୀରେ ଲିଙ୍ଗାୟତ ସମ୍ପ୍ରଦାୟର ଭୋଟର କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇଛନ୍ତି।

ଏହି ନିର୍ବାଚନରେ ମୁଦ୍ରାସ୍ଫୀତି ଓ ବେକାରି ସମସ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଭାଜପା ଅଣଦେଖା କରି ଉତ୍ତର ଭାରତୀୟ ରାଜ୍ୟ ଭଳି କର୍ନାଟକରେ ମଧ୍ୟ ଭୋଟ ଧ୍ରୁବୀକରଣକୁ ଗୁରୁତ୍ୱ ଦେଇଥିଲା। ମୁସଲମାନ ସମ୍ପ୍ରଦାୟକୁ ପୂର୍ବ ସରକାର ଅମଳରେ ନିଯୁକ୍ତି ଓ ଶିକ୍ଷାରେ ମିଳୁଥିବା ୪% ସଂରକ୍ଷଣକୁ ହଟାଇ ଭୋକାଲିଙ୍ଗା ଓ ଲିଙ୍ଗାୟତ ସମ୍ପ୍ରଦାୟକୁ ଅଧିକ ୨% ଲେଖାଏ ରିଜର୍ଭେଶନ ସୁବିଧା ବୃଦ୍ଧି କରିଥିଲା, ଯାହାକୁ ସଂଖ୍ୟାଲଘୁ ଭୋଟର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କଂଗ୍ରେସ ଇସ୍ତାହାରରେ ବଜରଙ୍ଗ ଦଳ ଓ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଭଳି ମୌଳବାଦୀ ସଙ୍ଗଠନ ଉପରେ ନିଷିଦ୍ଧାଦେଶ ଜାରି କରିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଓ ଭାଜପା ନେତାମାନେ ଏହାକୁ ପ୍ରସଙ୍ଗ କରି କଂଗ୍ରେସକୁ ଆତଙ୍କବାଦୀଙ୍କ ସମର୍ଥନକାରୀ ଦଳ ଭାବେ ଅଭିହିତ କରିଥିଲେ। ଫଳରେ ପ୍ରଚାରର ଶେଷ ପର୍ଯ୍ୟାୟରେ ସବୁ ପ୍ରସଙ୍ଗ ଉପରେ 'ବଜରଙ୍ଗବଳୀ' ସ୍ଲୋଗାନ ଭାରି ପଡ଼ିଥିଲା। କିନ୍ତୁ ଭାଜପାକୁ ଏହାର ଓଲଟା ଫଳ ମିଳିଥିବା କୁହାଯାଉଛି। ପ୍ରଚାର ମଇଦାନରେ କଂଗ୍ରେସ ନେତାମାନେ ବୋମାଇ ସରକାରଙ୍କ ୪୦% କମିଶନ ପ୍ରସଙ୍ଗ ଉଠାଇ ଭାଜପାକୁ ଘେରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପାଙ୍କ ରାଜନୈତିକ ଅବସର ପରେ ରାଜ୍ୟ ଭାଜପାରେ ସୃଷ୍ଟି ହୋଇଥିବା ନେତୃତ୍ୱ ଶୂନ୍ୟତାକୁ ତାଙ୍କ ଉତ୍ତରାଧିକାରୀ ବୋମାଇ ପୂରଣ କରିପାରି ନ ଥିଲେ। ବୋମାଇ ସରକାରଙ୍କ ଅମଳରେ ହୋଇଥିବା ଦୁର୍ନୀତି ଶେଷରେ ଭାଜପା ପାଇଁ ପରାଜୟକୁ ଡାକିଆଣିଲା। ଏହାର ପ୍ରଭାବରେ ବୋମାଇ ମନ୍ତ୍ରିମଣ୍ଡଳର ୧୪ ବିଦାୟୀ ମନ୍ତ୍ରୀ ପରାଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୋବିନ୍ଦ କାରଜୋଲ(ମୁଧୋଲ), ଜେ.ସି. ମଧୁସ୍ୱାମୀ(ଚିକାନାୟକନାହାଲ୍ଲି), ବି.ସି. ପାଟିଲ(ହିରେକେରୁର), ଶଙ୍କର ପାଟିଲ ମୁନେରା କୋପ୍ପା(ନାଭଲଗୁଣ୍ଡ) ଏବଂ ହଲପ୍ପା ଆଚାର(ୟେଲବୁର୍ଗା) ପ୍ରମୁଖ।

### ଇସ୍ତଫା ଦେଲେ ବୋମାଇ

କର୍ନାଟକ ନିର୍ବାଚନରେ ଭାଜପାର ପରାଜୟ ପରେ ମୁଖ୍ୟମନ୍ତ୍ରୀ ପଦରୁ ବାସବରାଜ ବୋମାଇ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ଗ୍ରହଣ କରିଥିବା ବୋମାଇ କହିଛନ୍ତି। ୨୨୪ ଆସନ ବିଶିଷ୍ଟ କର୍ନାଟକ ବିଧାନସଭାରେ କଂଗ୍ରେସ ୧୩୬ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ଭାଜପା ପରାଜିତ ହୋଇଛି। ଏହି ପରାଜୟ ପାଇଁ ବୋମାଇ ନିଜକୁ ଦାୟୀ କରିଛନ୍ତି। ପରାଜୟ ପଛରେ ବିଭିନ୍ନ କାରଣ ରହିଛି। ତାହାର ସମ୍ପୂର୍ଣ୍ଣ ସମୀକ୍ଷା କରାଯିବା ଆବଶ୍ୟକ। ପ୍ରତି ନିର୍ବାଚନ ମଣ୍ଡଳୀରେ ଦଳର ପ୍ରଦର୍ଶନକୁ ବିଶ୍ଳେଷଣ କରାଯିବ। ଆଗାମୀ ଦିନରେ ଭାଜପା ଏକ ଦାୟିତ୍ୱପୂର୍ଣ୍ଣ ବିରୋଧୀ ଦଳର ଭୂମିକା ତୁଲାଇବ ବୋଲି ବୋମାଇ କହିଛନ୍ତି।

## ବିଜେଡି ହାତରେ ...

ଖଣ୍ଡ ଭୋଟ୍ (୬୦.୯୩%) ପାଇଥିବା ବେଳେ ଭାଜପା ପ୍ରାର୍ଥୀ ଟଙ୍କଧର ୫୮,୪୭୭ ଖଣ୍ଡ ଭୋଟ (୩୩.୨୪%) ପାଇଛନ୍ତି। ଅନ୍ୟପକ୍ଷରେ ଏହି ନିର୍ବାଚନରେ କଂଗ୍ରେସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ମାତ୍ର ୪,୪୯୬ ଖଣ୍ଡ ଭୋଟ (୨.୫୬%) ପାଇ ଅମାନତ ହରାଇଛନ୍ତି। ଲୋକ ପ୍ରତିନିଧି ଆଇନ-୧୯୫୧ର ଧାରା ୧୫୮(୪)ର ବ୍ୟବସ୍ଥା ଅନୁଯାୟୀ ଯଦି କୌଣସି ବିଧାୟକ ପ୍ରାର୍ଥୀ ମୋଟ ମତଦାନର ଏକ ଷଷ୍ଠାଂଶ ଭୋଟ ନିଜ ସପକ୍ଷରେ ପାଇ ନ ଥିବେ ତା'ହେଲେ ସମ୍ପୃକ୍ତ ପ୍ରାର୍ଥୀଙ୍କ ଅମାନତ ରାଶି ବାଜ୍ୟାପ୍ତି ହେବ। କୌଣସି ପ୍ରାର୍ଥୀଙ୍କ ଅମାନତ ରାଶି ବାଜ୍ୟାପ୍ତି ହେବା ସମ୍ପୃକ୍ତ ଦଳ ଓ ପ୍ରାର୍ଥୀଙ୍କ ପାଇଁ ଲଜ୍ଜାଜନକ ହୋଇଥାଏ। ଚଳିତ ଉପନିର୍ବାଚନରେ ମୋଟ ୧,୭୫,୯୩୨ (୭୯.୨୧%) ଭୋଟର ମତାଧିକାର ସାବ୍ୟସ୍ତ କରିଥିବାବେଳେ କଂଗ୍ରେସ ପ୍ରାର୍ଥୀଙ୍କୁ ମାତ୍ର ୪,୪୯୬ ଖଣ୍ଡ ଭୋଟ ମିଳିଛି। ସେହିପରି ଏହି ନିର୍ବାଚନରେ ନୋଟାରେ ୨ ହଜାର ୭୪ ଖଣ୍ଡ (୧.୧୮%) ଭୋଟ ପଡ଼ିଛି। ବିରୋଧୀଙ୍କ ନବ ଦାସଙ୍କ ହତ୍ୟା ମାମଲା ଫର୍ମୁଲା ଉପନିର୍ବାଚନରେ କାମ ଦେଲା ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚାର ପରେ ବିରୋଧୀଙ୍କ ସବୁ ଅଙ୍କ ଗୋଳମାଳିଆ ହୋଇଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହି ନିର୍ବାଚନ ଗୁରୁତ୍ୱ ବହନ କରୁଥିବାରୁ ଉଭୟ ବିଜେଡି ଓ ଭାଜପା ବିଜୟୀ ହେବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଆଗରେ ବିରୋଧୀ ପୁଣି ଚିତ୍‌ପଟାଙ୍ଗ ମାରିଛନ୍ତି। ଝାରସୁଗୁଡ଼ା ଫଳାଫଳ ଉଭୟ କଂଗ୍ରେସ ଓ ଭାଜପା ପାଇଁ ସତର୍କଘଣ୍ଟି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

### ଦୀପାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସହ ଫୋନ ଯୋଗେ କଥା ହୋଇ ଅଭିନନ୍ଦନ ଜଣାଇଛନ୍ତି। ଏହି ବିଜୟ ସହ ଝାରସୁଗୁଡ଼ାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଛନ୍ତି। ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇଥିବାରୁ ଝାରସୁଗୁଡ଼ାବାସୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି ।

## ଡବଲ ଇଞ୍ଜିନ ନୁହେଁ, ...

କାମ କରୁଛନ୍ତି ବୋଲି ବୁଝିବାକୁ ହେବ। ଯେଉଁମାନେ ମା' ଭଉଣୀ ଓ ଝିଅମାନଙ୍କୁ ଅସମ୍ମାନ କରୁଛନ୍ତି, ସେମାନେ ଲୋକଙ୍କ ବିରୋଧରେ କାମ କରୁଛନ୍ତି। ସେମାନଙ୍କୁ ଓଡ଼ିଶାର ଲୋକେ କ୍ଷମା ଦେବେନି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପଦ୍ମପୁର ନିର୍ବାଚନ ବେଳେ ବିରୋଧୀ ଦଳ ମା'ମାନଙ୍କୁ ଅସମ୍ମାନ କରିଥିଲେ। ପଦ୍ମପୁରରେ ମହିଳା ପ୍ରାର୍ଥୀଙ୍କୁ ଖରାପ ଭାଷାରେ ଗାଳି କରିଥିଲେ। ପଦ୍ମପୁର ହେଉ ବା ଝାରସୁଗୁଡ଼ା, ସେମାନେ ବାପାଙ୍କୁ ହରାଇଥିବା ଝିଅମାନଙ୍କୁ ଗାଳି କରିଛନ୍ତି। ସେମାନେ ମିଶନ ଶକ୍ତିର ନେତ୍ରୀ ତଥା ତୃଣମୂଳ ସ୍ତରରେ କାମ କରୁଥିବା ମହିଳାଙ୍କୁ ସବୁବେଳେ ସମାଲୋଚନା କରି ଆସୁଛନ୍ତି। ମା'ମାନଙ୍କୁ ଏଭଳି ଅସମ୍ମାନକୁ ଓଡ଼ିଶାବାସୀ ବରଦାସ୍ତ କରିନାହାନ୍ତି। ଝିଅମାନେ ଆମର ଗର୍ବ। ବିଜେଡି ସବୁବେଳେ ସାଧାରଣ ଜୀବନରେ ମା'ମାନଙ୍କ ଯୋଗଦାନକୁ ଉତ୍ସାହିତ କରିଆସିଛି। ସେମାନଙ୍କ ଅଧିକାରର ଦ୍ରୁତ ବିକାଶ ପାଇଁ ମିଶନ ଶକ୍ତି ଭଳି ପ୍ଲାଟ୍‌ଫର୍ମ ଯୋଗାଇ ଦେଇଛି। ହାଣ୍ଡିଶାଳ ଚାରିକାନ୍ଥରୁ ବାହାରକୁ ଆଣି ମିଶନ ଶକ୍ତି ସେମାନଙ୍କୁ ସଶକ୍ତ କରିଛି। ବିରୋଧୀ ଦଳ ସବୁବେଳେ ମା'ମାନଙ୍କୁ ବିରୋଧ କରି ଆସିଛି। ଏହା ଏକ ବିପଜ୍ଜନକ ଟ୍ରେଣ୍ଡ। ଓଡ଼ିଶାବାସୀ ଏଭଳି ବ୍ୟବହାରକୁ ସବୁବେଳ ନାପସନ୍ଦ କରିବା ସହ ଏହାକୁ ପ୍ରତ୍ୟାଖ୍ୟାନ କରି ଆସିଛନ୍ତି। ଓଡ଼ିଶାର ଉନ୍ନତି, ଗଣତନ୍ତ୍ରର ସୁରକ୍ଷା, ସଂସ୍କୃତିର ବିକାଶ, ମା'ମାନଙ୍କର ସମ୍ମାନ ଓ ଅଧିକାରର ସୁରକ୍ଷା ପାଇଁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ କରିଛନ୍ତି। ଅଭିଭାଷଣ ଆରମ୍ଭରେ ମୁଖ୍ୟମନ୍ତ୍ରୀ କହିଥିଲେ, ସମସ୍ତଙ୍କୁ ନମସ୍କାର ଓ ଜୁହାର। ଏହି ବିଜୟ ଝାରସୁଗୁଡ଼ାବାସୀଙ୍କ ବିଜୟ। ମହିଳା ଶକ୍ତିର ବିଜୟ। ଏଥିପାଇଁ ଝାରସୁଗୁଡ଼ାବାସୀଙ୍କ ନିକଟରେ ସେ ଓ ବିଜେଡି ଋଣୀ। ଏ ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଦଳର ଲକ୍ଷ ଲକ୍ଷ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଚଣ୍ଡ ଖରା ଓ ଗରମରେ କର୍ମୀଙ୍କ ପରିଶ୍ରମ ଓ ତ୍ୟାଗକୁ ସମ୍ମାନ ଜଣାଉଛି ବୋଲି ସେ କହିଛନ୍ତି। ଝାରସୁଗୁଡ଼ା ଅଞ୍ଚଳର ଉନ୍ନତି ପାଇଁ ବିଜୁ ଜନତା ଦଳ ତା'ର ଉଦ୍ୟମକୁ ଆହୁରି ଜୋରଦାର କରିବ ବୋଲି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ବାସୀଙ୍କୁ କଥା ଦେଇଛନ୍ତି। ବିଜୟ ଉତ୍ସବରେ ଯୋଗଦେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଉପରେ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଅଜାଡ଼ି ହୋଇ ରହିଛି। ନେଗେଟିଭ ରାଜନୀତି ଉପରେ ପଜିଟିଭର ବିଜୟ ହୋଇଛି। ପଜିଟିଭ ରାଜନୀତି କିପରି କରାଯାଏ, ଲୋକମାନଙ୍କ ପାଇଁ କିପରି କାମ କରାଯାଏ ତାହା ମୁଖ୍ୟମନ୍ତ୍ରୀ ଦେଖାଇଛନ୍ତି। ଝାରସୁଗୁଡ଼ାରେ ନେଗେଟିଭ ରାଜନୀତିକୁ ଲୋକମାନେ ସମୁଦ୍ରକୁ ଫୋପାଡ଼ିଛନ୍ତି। ମହିଳା ସଶକ୍ତୀକରଣକୁ ମୁଖ୍ୟମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି ବୋଲି ଦାସ କହିଛନ୍ତି।

ବିଜେଡି ଉପସଭାପତି ତଥା ଝାରସୁଗୁଡ଼ା ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବିରୋଧୀ ଦଳ ଝାରସୁଗୁଡ଼ା ଉପନିର୍ବାଚନକୁ ସେମିଫାଇନାଲ ବୋଲି ଆକ୍ଷେପ କରିଥିଲେ। ଫାଇନାଲ ଆସନ୍ତା ୨୦୨୪ରେ ବାକି ଅଛି। ବିରୋଧୀ ଦଳ ଯେଉଁ ଅପପ୍ରଚାର କରିଥିଲେ ତାହାକୁ ଝାରସୁଗୁଡ଼ାବାସୀ ପରାହତ କରିଛନ୍ତି। ଭାରତର ରାଜନୈତିକ ପର୍ଯ୍ୟବେକ୍ଷକ ଆଶ୍ଚର୍ଯ୍ୟ ହେଉଛନ୍ତି ଯେ ନବୀନବାବୁଙ୍କ ବିରୋଧରେ ଜନବିରୋଧୀ ମତ ସୃଷ୍ଟି ହେଉ ନାହିଁ । ତାହା କେବଳ ବିକାଶର ରାଜନୀତି ପାଇଁ ସମ୍ଭବ ହୋଇଛି ବୋଲି ମିଶ୍ର କହିଛନ୍ତି।

ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଝାରସୁଗୁଡ଼ାରେ ବିଜେଡିର ବିଜୟ ହୋଇ ନାହିଁ, ଅସତ୍ୟ ଉପରେ ସତ୍ୟର ବିଜୟ ହୋଇଛି। ଦିଲ୍ଲୀରେ କ୍ଷମତାରେ ରହି ଅହଙ୍କାରରେ ଫାଟି ପଡୁଛନ୍ତି। ଏଭଳି ଅହଙ୍କାର ଉପରେ ନମ୍ରତାର ବିଜୟ ହୋଇଛି। ଆସନ୍ତା ୨୦୨୪ରେ ଏହାର ପ୍ରତିଫଳନ ହେବ। ପଶ୍ଚିମ ଓଡ଼ିଶାରେ ୫ଟି ବିଧାନସଭା ସେଗ୍‌ମେଣ୍ଟରେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ମହିଳା ସଶକ୍ତୀକରଣର ଉଦାହରଣ ଦେଇଛନ୍ତି। ଝାରସୁଗୁଡ଼ା ବିଜୟରେ ଉତ୍ସାହିତ ହୋଇ କରତାଳି ଦେବାର ଆବଶ୍ୟକତା ନାହିଁ। ନବୀନବାବୁଙ୍କ ନେତୃତ୍ୱ ଆଗକୁ ନେବା ପାଇଁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ଆଚାର୍ଯ୍ୟ କହିଛନ୍ତି।

ଭିଡିଓ କନ୍‌ଫରେନ୍ସ ଜରିଆରେ ବିଜୟୀ ପ୍ରାର୍ଥୀ ଦୀପାଳି କହିଛନ୍ତି, ମୋ ଉପରେ ବିଶ୍ୱାସ କରି ଆଗକୁ ପଠାଇଥିବାରୁ ଝାରସୁଗୁଡ଼ାବାସୀଙ୍କୁ ମୁଁ ଧନ୍ୟବାଦ ଦେଉଛି। ମୁଖ୍ୟମନ୍ତ୍ରୀଙ୍କ ବିନା ସମର୍ଥନରେ, ଭଲ ପାଇବା ଓ ଆଶୀର୍ବାଦ ନ ଥିଲେ ଏ ବିଜୟ ହୋଇ ନ ଥାଆନ୍ତା। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଗର୍ବିତ କରିବା ସହ ଝାରସୁଗୁଡ଼ାବାସୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବି। ଏହି ବିଜୟ ପାଇଁ ସେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପର୍ଯ୍ୟବେକ୍ଷକ ଓ କର୍ମୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇଥିଲେ।

## ଆଜି ଆଇସିଏସ୍‌ଇ ଦଶମ, ...

ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ଦରକାର। ଏଥିପାଇଁ ପରୀକ୍ଷାର୍ଥୀମାନେ digilocker.gov.inକୁ ଲଗ୍‌ଇନ୍ କରି ଆକାଉଣ୍ଟ ଖୋଲିବେ। ଏହାପରେ ବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ୬ଅଙ୍କବିଶିଷ୍ଟ ପିନ୍ ଦେବାକୁ ପଡ଼ିବ। ଏଥିରେ ପରୀକ୍ଷାର୍ଥୀ ସବିଶେଷ ତଥ୍ୟ ଦେବା ପରେ ମୋବାଇଲ ନମ୍ବର ପ୍ରଦାନ କରିବେ। ମୋବାଇଲକୁ ଏକ ଓଟିପି ଆସିବା ପରେ ଡିଜି ଲକର୍ ଆକାଉଣ୍ଟ ସକ୍ରିୟ ହୋଇପାରିବ। ତେବେ ଫଳ ଘୋଷଣା ପରେ ପରୀକ୍ଷାର୍ଥୀ ଡିଜି ଲକର ୱେବ୍‌ସାଇଟ କିମ୍ବା ଆପ୍‌କୁ ଉପଲବ୍ଧ ଲିଙ୍କ୍‌ରେ କ୍ଲିକ୍ କରିବାକୁ ପଡ଼ିବ। ଲଗଇନ୍ ବିବରଣୀ ପ୍ରଦାନ ପରେ ପରୀକ୍ଷାର୍ଥୀ ନିଜ ପରୀକ୍ଷାଫଳ ଦେଖିପାରିବେ।

# ଦେଶର ବୃହତ୍ ବନ୍ଦର କ୍ଷେତ୍ରରେ ପାରାଦୀପ ୧ ନମ୍ବର



କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କଠାରୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଆୱାର୍ଡ ଗ୍ରହଣ କରୁଛନ୍ତି।

**ସାଗରଶ୍ରେଷ୍ଠ କାର୍ଯ୍ୟକ୍ରମରେ ପିପିଏକୁ ୩ ଆୱାର୍ଡ**

**ପାରାଦୀପ,୧୩।୫(ସ୍ୱ.ପ୍ର.)**

କେନ୍ଦ୍ର ବନ୍ଦର ଜାହାଜ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)କୁ ସାଗରଶ୍ରେଷ୍ଠ କାର୍ଯ୍ୟକ୍ରମରେ ୩ ଆୱାର୍ଡ ମିଳିଛି। ଏ ନେଇ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଶନିବାର ପ୍ରଶାସନିକ ଭବନ ବୋର୍ଡ ରୁମ୍‌ରେ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଗତ ୧୦ ତାରିଖରେ ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପିପିଏକୁ କାର୍ଗୋ ହ୍ୟାଣ୍ଡ୍‌ଲିଂ କ୍ଷେତ୍ର, ଓଭରଅଲ ପରଫର୍ମାନ୍ସ ଏବଂ ସିପ୍ ବର୍ଥ ଡେ' ଆଉଟ୍‌ପୁଟରେ ୧ ନମ୍ବର ସମ୍ମାନ ମିଳିଛି। ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କଠାରୁ ହାରାନ୍ଧ ଏହି ପୁରସ୍କାର ଗ୍ରହଣ କରିଥିବା ନେଇ ସୂଚନା ଦେଇଛନ୍ତି। ଏନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସୋନୋୱାଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ପାରାଦୀପର ବନ୍ଦର ପରିବାର(ରେଲ୍‌ୱେ, କଷ୍ଟମ୍ସ, କୋଷ୍ଟଗାର୍ଡ, ସିଆଇଏସ୍‌ଏଫ, ଓଡ଼ିଶା ସରକାର, ବନ୍ଦର ବ୍ୟବହାରକାରୀ ସଂସ୍ଥା, ଆମଦାନି ଓ ରପ୍ତାନିକାରୀ ସଂସ୍ଥା, କର୍ମଚାରୀ, ଶ୍ରମିକ ଆଦି)ଙ୍କୁ ହାରାନ୍ଧ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦେଶର ସମସ୍ତ ବୃହତ୍ ବନ୍ଦର ଓ ଘରୋଇ ବନ୍ଦର ମଧ୍ୟରେ ପାରାଦୀପ ୨୦୨୨-୨୩ ଆର୍ଥିକ ବର୍ଷରେ ସର୍ବାଧିକ ସଫଳତା ହାସଲ କରିଛି। ଫଳରେ ଦେଶର ବୃହତ୍ ବନ୍ଦର କ୍ଷେତ୍ରରେ ୧ ନଂ. ହୋଇପାରିଛି। ଏହା ପାରାଦୀପ, ଓଡ଼ିଶା ଓ ଭାରତ ପାଇଁ ଐତିହାସିକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ୨ୟ ସ୍ଥାନରେ ଗୁଜରାଟର କାନ୍ଦଲା ପୋର୍ଟ ଓ ତୃତୀୟ ସ୍ଥାନରେ ତାମିଲନାଡୁର ଟୁଟିକୁରିନ୍ ପୋର୍ଟ ରହିଛି ବୋଲି ସେ କହିଛନ୍ତି। ହାରାନ୍ଧ ଆହୁରି କହିଛନ୍ତି, ଆତ୍ମନିର୍ଭର ଭାରତ ଯୋଜନାରେ ଅନେକ ବର୍ଦ୍ଧିତ ପ୍ରକଳ୍ପ କରାଯାଉଛି। ୬୭୪୩ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ବର୍ଥ, ରେଲ୍‌ୱେ ଭିତ୍ତିଭୂମି, ଡିଜିଟାଲ ବ୍ୟବସ୍ଥା, ଗ୍ରୀନ୍ ପୋର୍ଟ, ସୋଲାର ପ୍ରକଳ୍ପ, ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ପଣ୍ୟ ବୋଝେଇ ଖଲାସ, ଡ୍ରେଜିଂ ଜରିଆରେ ଉଦ୍‌ବୃତ୍ତ ବାଲିକୁ ପୁନଃ ବିନିଯୋଗ ବ୍ୟବସ୍ଥା ଆଦି ଭିତ୍ତିଭୂମିର ବିକାଶ କରାଯାଉଛି। ଏସବୁ ଆସନ୍ତା ୨୦୨୬ ସୁଦ୍ଧା କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ରହିଛି। ନୂତନ ଭିତ୍ତିଭୂମି କାର୍ଯ୍ୟକାରୀ ହେଲେ ପାରାଦୀପ ବନ୍ଦର ବିଶ୍ୱସ୍ତରୀୟ ବନ୍ଦରର ମାନ୍ୟତା ପାଇବ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ନୀଳଭ୍ର ଦାସଗୁପ୍ତା ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ବାର୍ଷିକ, କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ମାର୍କ ଆଧାରରେ ଯୁକ୍ତ୨ ଫଳ ପ୍ରକାଶ ପାଇବ

**ଭୁବନେଶ୍ୱର,୧୩।୫(ବ୍ୟୁରୋ):** ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ବାର୍ଷିକ ପରୀକ୍ଷା ଓ କ୍ୱାର୍ଟର ଏଣ୍ଡ୍ ପରୀକ୍ଷାର ମାର୍କ ଆଧାରରେ ଫାଇନାଲ ରେଜଲ୍ଟ ପ୍ରକାଶ ପାଇବ। ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ବାର୍ଷିକ ପରୀକ୍ଷାରୁ ୮୦ ପ୍ରତିଶତ ମାର୍କ ଏବଂ କ୍ୱାର୍ଟର ଏଣ୍ଡ୍ ପରୀକ୍ଷାର ୨୦ ପ୍ରତିଶତ ମିଶିବ। ଅର୍ଥାତ୍ ପୂର୍ବରୁ ଦେଇଥିବା ୩ଟି କ୍ୱାର୍ଟର ଏଣ୍ଡ୍ ପରୀକ୍ଷାର ଶ୍ରେଷ୍ଠ ଦୁଇଟି ପରୀକ୍ଷା

**ଦ୍ୱନ୍ଦ୍ୱ ଦୂରକଲା ସିଏଚ୍‌ଏସ୍‌ଇ**

ମାର୍କରୁ ୨୦ ପ୍ରତିଶତ ମାର୍କ ମିଶାଇ ରେଜଲ୍ଟ ପ୍ରକାଶ କରିବାକୁ ସିଏଚ୍‌ଏସ୍‌ଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ଯେଉଁ ଛାତ୍ରୀଛାତ୍ର କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ଦେଇ ନାହାନ୍ତି ସେମାନଙ୍କୁ ବାର୍ଷିକ ପରୀକ୍ଷା ପ୍ରଦର୍ଶନ ଆଧାରରେ ମାର୍କ ମିଳିବ। ସେହିପରି ପରୀକ୍ଷାର୍ଥୀ କୌଣସି କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ନ ଦେଇ କେବଳ ବାର୍ଷିକ ପରୀକ୍ଷା ଦେଇଥିଲେ, ସେମାନେ ବାର୍ଷିକ ପରୀକ୍ଷାରେ ରଖିଥିବା ମାର୍କ ହିଁ ଚୂଡ଼ାନ୍ତ ହେବ। ସେହିପରି ପରୀକ୍ଷାରେ ଏକ ବା ଏକାଧିକ ବିଷୟରେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ କିମ୍ବା ପାସ୍ ମାର୍କ ରଖିଥିଲେ ପରୀକ୍ଷାର୍ଥୀ ଫେଲ୍ ହେବେ। ତେବେ ଉଭୟ ବାର୍ଷିକ ଓ କ୍ୱାର୍ଟର ଏଣ୍ଡ୍ ମାର୍କ ଆଧାରରେ ହିସାବ କରାଯାଇଥିବା ମାର୍କ ବାର୍ଷିକ କିମ୍ବା କ୍ୱାର୍ଟର ଏଣ୍ଡରେ ପାଇଥିବା ମାର୍କଠାରୁ କମ୍ ହେଲେ ଅଧିକ ପାଇଥିବା ମାର୍କକୁ ବିଚାରକୁ ନିଆଯିବ। ତେବେ ମାର୍କ ଭଗ୍ନାଂଶରେ ବାହାରୁଥିବା ମାର୍କକୁ ରାଉଣ୍ଡ ଅପ୍ କରି ପୂର୍ଣ୍ଣ ସଂଖ୍ୟକ ମାର୍କ ପ୍ରଦାନ କରାଯିବ ବୋଲି ସିଏଚ୍‌ଏସ୍‌ଇ ଦର୍ଶାଇଛି।

# ଗୁଳିକରି ଆଇନଜୀବୀଙ୍କୁ ହତ୍ୟା

**ଗୁଣପୁର, ୧୩।୫(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସହର ବଂଶଧାରା ନଦୀ ବ୍ରିଜ୍ ଉପରେ ଶନିବାର ରାତିରେ ସାମାଜିକ କର୍ମୀ ତଥା ଆଇନଜୀବୀ ଗୌରିପ୍ରସାଦ ମିଶ୍ର(୫୬)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଘଟଣାରୁ ପ୍ରକାଶ ଯେ, ଗୌରୀ ତାଙ୍କର ୩/୪ଜଣ ସାଙ୍ଗଙ୍କ ସହ ବଂଶଧାରା ନଦୀ ବ୍ରିଜ୍ ଉପରକୁ ବୁଲିବାକୁ ଯାଇଥିଲେ। ରାତି ପ୍ରାୟ ସାଢେ ୯ଟାରେ ସେମାନେ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ୨ ଜଣ ବ୍ୟକ୍ତି ବାଇକରେ ଆସି ନିକଟରୁ ଗୌରୀଙ୍କ ମୁଣ୍ଡକୁ ଗୁଳି କରିଥିଲେ। କିଛି ବାଟ ଆଗରେ ଥିବା ଗୌରୀଙ୍କ ସାଙ୍ଗମାନେ ସେଠାରେ ପହଞ୍ଚିବା ବେଳକୁ ଦୁର୍ବୃତ୍ତମାନେ ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୌରୀଙ୍କୁ ପୋଲିସ ଗାଡ଼ିରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ପ୍ରଦୀପ ପଣ୍ଡା ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଘଟଣା ଗୁଣପୁରରେ ପ୍ରଥମ।






ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ଗ୍ଳାନିକର୍ଷିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ

# ପରାଜୟ



## ଆକାର ପଟେଲ

ଏଭଳି ସବୁ ପ୍ରଶ୍ନ ଅଛି ଯାହା ବିରୋଧୀଙ୍କୁ ପଚାରିବା ଉଚିତ। ମୁଁ ମଧ୍ୟ ନିଶ୍ଚିତ ଯେ, ଅନ୍ୟମାନେ ବି ସେମାନଙ୍କୁ ପଚାରିବା ଦରକାର। ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ଦଳ ଉତ୍ତରଦାୟୀ ହେବ କି? ଏମିତିକା ପ୍ରଶ୍ନ ଦଳକୁ ଓ ଦଳର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କୁ ପଚାରିବା ଆବଶ୍ୟକ। ଏବେ ଏକ ନିର୍ବାଚନ ଶେଷ ହୋଇଛି। ସେହି ନିର୍ବାଚନରେ ପ୍ରଧାନମନ୍ତ୍ରୀ କହିଥିଲେ, ବଜରଙ୍ଗ ଦଳ ଉପରେ ପ୍ରତିବନ୍ଧକ ଅର୍ଥ ହନୁମାନଙ୍କ ଉପରେ ଆକ୍ରମଣ। ଆଉ ଏକ ଶୀର୍ଷକ 'ପ୍ରଥମେ ସେମାନେ ରାମଙ୍କୁ ବନ୍ଦୀ କରିଦେଲେ, ଏବେ ହନୁମାନ...' ଖବର ପ୍ରକାଶ ପାଇଥିଲା। କଂଗ୍ରେସ ବଜରଙ୍ଗ ଦଳକୁ ନିଷେଧ କରିବା ଲାଗି ତା' ନିର୍ବାଚନ ଇସ୍ତାହାରରେ ସ୍ଥାନ ଦେବା ପରେ ମୋଦି ଏଭଳି କହିଛନ୍ତି। ସେ କହିଥିଲେ, ଭାରତରୁ କର୍ନାଟକକୁ ଅଲଗା କରିବାକୁ କଂଗ୍ରେସ ଚେଷ୍ଟା କରୁଛି। ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ପ୍ରକାଶିତ ଖବରରେ ମୋଦି କହିଥିଲେ, କଂଗ୍ରେସର ରାଜକୀୟ ପରିବାର ବିଦେଶ ସରକାରଗୁଡ଼ିକର ଦୃଷ୍ଟାନ୍ତ ଦେଇ କର୍ନାଟକ ପୃଥକୀକରଣ ପାଇଁ ଦାବି କରୁଛି। ଏବେ କର୍ନାଟକ ନିର୍ବାଚନ ଶେଷ ହୋଇଛି ଓ କଂଗ୍ରେସ ଜିତିଛି। ତେବେ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସକୁ ନେଇ କେନ୍ଦ୍ର କାମ କରିବ କି? ଏହି ପ୍ରଥମ ବିଷୟ ଉପରେ ଆମକୁ ବିଚାର କରିବାକୁ ପଡ଼ିବ। କଂଗ୍ରେସ କର୍ନାଟକର ପୃଥକୀକରଣ ପାଇଁ କହୁଥିଲା ବୋଲି କେତେଜଣ ଭୋଟର ଭାବୁଥିଲେ ଏବଂ ଏହି କାରଣ ପାଇଁ ସେମାନେ କିଭଳି ଭୋଟ ଦେଲେ? ପ୍ରଧାନମନ୍ତ୍ରୀ ଯେଉଁ କଥା କହିଛନ୍ତି ତା' ଉପରେ ତାଙ୍କର ବିଶ୍ୱାସ ଅଛି କି? ଭୋଟରମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ସେମାନଙ୍କୁ ସେ ଏହା କହୁଥିଲେ କି? ପ୍ରଧାନମନ୍ତ୍ରୀ ବାସ୍ତବରେ କଂଗ୍ରେସକୁ ବିରୋଧୀ ଭାବେ ନ ନେଇ ଶତ୍ରୁ ଭାବେ ବ୍ୟବହାର କରିଛନ୍ତି। ଏସବୁ ଘଟଣାକୁ ଏଡ଼ାଇଯିବା ଉଚିତ ନୁହେଁ ଏବଂ ଆମେ ନିଜକୁ ପ୍ରଶ୍ନ କରିବା ଦରକାର ଯେ ସେ ଯାହା କହିଲେ ତାହା ଗ୍ରହଣୀୟ ଥିଲା କି? ମୋ ମତରେ ଏହା ଏକ ପ୍ରହସନ ବା ଜୁମ୍‌ଲା ଥିଲା।

ଦ୍ୱିତୀୟ ବିଷୟ ହେଉଛି, କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଓ ଶେଟ୍ଟାରଙ୍କ ଭଳି ନେତାମାନେ କର୍ନାଟକରେ ଦଳ ଗଢ଼ିଥିଲେ। କିନ୍ତୁ ନିର୍ବାଚନ ପୂର୍ବରୁ ସେମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଗଲା। ସେମାନଙ୍କ ଦୃଷ୍ଟିକୋଣକୁ ବି ଗ୍ରହଣ କରାଗଲା ନାହିଁ। ୟେଦୁରପ୍ପା ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ହିଜାବ, ଲଭ୍ ଜିହାଦ ଏବଂ ଆଉ କିଛି ବିଷୟରେ ସେ ଭାଜପା ସପକ୍ଷରେ ନ ଥିଲେ। ଏହିସବୁ ବିଷୟ ସରକାରଙ୍କର ବିଷୟ ଥିଲା ଓ ସେ ବ୍ୟକ୍ତିଗତ ଭାବେ ବିରୋଧ କରୁଥିବାରୁ କିଛି କହି ନ ଥିଲେ, ଯଦିଓ ସେ ଏହା କରିପାରିଥାଆନ୍ତେ। ଜଣେ ଗଣନେତା ଭାବେ ଗୁରୁତ୍ୱପୂର୍ଣ୍ଣ ତଥା ବାସ୍ତବ ବିଷୟଗୁଡ଼ିକ ଉପରେ ଧ୍ୟାନ ଦେବାକୁ ତାଙ୍କ ଦଳକୁ ସେ କହୁଥିଲେ। ପ୍ରଥମ ପିଢ଼ିର ନେତାମାନଙ୍କ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଜଣେ ଅତ୍ୟନ୍ତ ଆକ୍ରାମକ ସ୍ୱଭାବର ନୂଆ ନେତାଙ୍କୁ ଆଗକୁ ଆଣିଲେ, ଯିଏ ଉତ୍ତରଭାରତର ଭାଜପାର ସଂଖ୍ୟାବହୁଳବାଦ ରାଜନୀତିକୁ ବଢ଼ାଇଥିଲେ। ତାହାର ପରିଣାମ ଏବେ ଆମ ସାମ୍ନାରେ। ପ୍ରଶ୍ନ ହେଉଛି, ଭାଜପା ଦ୍ୱାରା ପ୍ରସ୍ତୁତ ଏହିସବୁ ଅଭିଯାନ ମୋଦିଙ୍କ ଦ୍ୱାରା ପରୋକ୍ଷରେ ସ୍ୱୀକୃତ ହୋଇଥିଲା କି? ସେ ଦଳର ପରାଜୟକୁ ସ୍ୱୀକାର କରିବା ଉଚିତ କି? ଆମେ କର୍ନାଟକରୁ ଏବେ ନିର୍ବାଚନ ପରିଣାମ ପାଇଥିବାରୁ ଏହି ବିଷୟ ଉପରେ ବିଚାର କରିବାକୁ ହେବ। ଏହି ସ୍ଥିତିରେ ଦେଖିବାକୁ ଗଲେ, ଏକ ଐତିହାସିକ ଘଟଣା ସାମ୍‌ନାକୁ ଆସିଛି। ସହରାଞ୍ଚଳର ଭୋଟରମାନେ ଗ୍ରାମାଞ୍ଚଳ ତୁଳନାରେ କମ୍ ଭୋଟ ଦେଇଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଜୋର୍‌ଦାର ନିର୍ବାଚନ ପ୍ରଚାର ଓ ରୋଡ ଶୋ କରିଥିବା ବେଙ୍ଗାଲୁରୁରେ ରାଜ୍ୟ ତୁଳନାରେ ୧୫ ପଏଣ୍ଟ କମ୍ ଭୋଟ ହୋଇଛି। କନ୍ନଡ଼ଭାଷୀ ଗୃହିଣୀ ଏବଂ ଶ୍ରମିକମାନେ ପରିବାର ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବୃଦ୍ଧିରେ କେବଳ ପ୍ରଭାବିତ ହୋଇନାହାନ୍ତି, ବରଂ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧିର ଯାତନା ସହୁଛନ୍ତି। ଏହି ମୂଲ୍ୟକୁ ଦେଖିଲେ ଅହମଦାବାଦ, ପାଟନା ଏବଂ ଶ୍ରୀନଗର ତୁଳନାରେ ମହୀଶୂର ଓ ମାଙ୍ଗାଲୁରୁରେ କିଛି ପାର୍ଥକ୍ୟ ନାହିଁ। ବେରୋଜଗାର ୨୦୧୮ ଶେଷରୁ ୬%ରୁ ଅଧିକ ରହି ଆସିଛି। ବିଶେଷକରି ଏ କ୍ଷେତ୍ରରେ ଉତ୍ତରପ୍ରଦେଶ ଓ କର୍ନାଟକ ମଧ୍ୟରେ ବି କିଛି ପ୍ରଭେଦ ନାହିଁ। କର୍ନାଟକରେ ଶାସନ ବିରୋଧୀ ହାୱା କେବଳ ଦଳ ପାଇଁ ଏକ ବୋଝ ନୁହେଁ। ରାଜ୍ୟ ଭାଜପା ବିରୋଧରେ ଦୁର୍ନୀତି ଅଭିଯୋଗ ଦଳ ଉପରେ ଯେ ପଡ଼ି ନ ଥିବ ତାହା କହିବା କଷ୍ଟକର। କାରଣ ଏହି ସମୟରେ ଆଦାନୀ ମାମଲା କୋର୍ଟର ବିଚାରାଧୀନ ଅଛି, ପାର୍ଲାମେଣ୍ଟରେ ମଧ୍ୟ ଉଠୁଛି। ତୃତୀୟ ବିଷୟ ହେଉଛି, କର୍ନାଟକର ସହର ଓ ଗାଁଗୁଡ଼ିକୁ ଆସନ୍ତା ବର୍ଷ ପୁନର୍ବାର ଏକ ଦଳ ଚୟନ କରିବାକୁ ଯଦି କୁହାଯାଏ ତେବେ ଭାଜପା ବିରୋଧରେ ଯାଇଥିବା ସବୁବିଷୟ ରହିବ ନା ଆପଣାଛାଏଁ ଅଦୃଶ୍ୟ ହୋଇଯିବ ଏ ସମ୍ପର୍କରେ ପ୍ରଶ୍ନ କରିବା ସହ ବୁଝିବାକୁ ପଡ଼ିବ।

ଶେଷ ବିଷୟ ହେଉଛି, ଆମେ ନିଜକୁ କିଛି ପ୍ରଶ୍ନ କରିବା ଦରକାର। ମନେକରିବାକୁ ହେବ ଯେ, ବିଭାଜନ ଓ ଧ୍ରୁବୀକରଣ ସହ ସମ୍ପର୍କ ନ ଥିବା ଘଟଣାଗୁଡ଼ିକ ଲୋକମାନଙ୍କ ଭିତରେ ଆଗରେ ରହିଥିଲା ଓ ସେମାନେ କିଭଳି ଭୋଟ ଦେବେ ତାହା ନିର୍ଦ୍ଧାରଣ କରିଥିଲେ। ବିଭାଜନ ଓ ଧ୍ରୁବୀକରଣ ପ୍ରସଙ୍ଗ ସାମାନ୍ୟ ଥିଲା ନା ଲୋକେ ତାହାକୁ ନକାରାତ୍ମକ ଦୃଷ୍ଟିକୋଣରୁ ଦେଖିଥିଲେ ତାହା ଦେଖିବାକୁ ପଡ଼ିବ। ଯଦି ଏହା ଘଟିଥାଏ ତେବେ ଏଭଳି ବିଷୟଗୁଡ଼ିକ ଆମ ମିଡିଆରେ, ଆମ ରାଜନୈତିକ କ୍ଷେତ୍ରରେ, ଆମ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଏବଂ ଆମ ଡାଇନିଂ ଟେବୁଲ ଆଲୋଚନାରେ ଏହା ପ୍ରକାଶ ପାଇଛି ବୋଲି ଆମେ କେମିତି ନିଶ୍ଚିତ ହୋଇପାରିବା। ଗୋଟିଏ ଦେଶ କହିଲେ କେବଳ ରାଜନୈତିକ ଦଳ ସବୁ କିମ୍ବା ଏହାର ନେତାମାନଙ୍କୁ ବୁଝାଏ ନାହିଁ। ଏହା ତାହାର ଲୋକଙ୍କୁ ହିଁ ବୁଝାଏ। ଅଳ୍ପ କେତେ ଜଣ ଲୋକ ଯେଉଁ ରାଜନୀତି କରୁଛନ୍ତି ତାହା ବାସ୍ତବ ରାଜନୀତି ନୁହେଁ। ଲୋକେ ରାଜନୀତିକୁ କିଭଳି ଗ୍ରହଣ କରୁଛନ୍ତି ତାହା ହିଁ ପ୍ରକୃତ ରାଜନୀତି।


Email:aakar.patel@gmail.com


## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | 8 | 6 | 2 | |
| 7 | | | | | | | | |
| 4 | | | 3 | 1 | | | | |
| | | | | | | | | |
| | | 3 | | | 8 | 6 | 1 | |
| 8 | 7 | | | 4 | 3 | | | |
| | | 8 | | 7 | 2 | 9 | | |
| | 5 | | | | 4 | | | |
| | 2 | | | 3 | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 6 | 7 | 4 | 3 | 5 | 2 | 1 |
| 1 | 7 | 4 | 5 | 6 | 2 | 9 | 8 | 3 |
| 5 | 3 | 2 | 8 | 1 | 9 | 7 | 4 | 6 |
| 4 | 2 | 1 | 3 | 8 | 7 | 6 | 9 | 5 |
| 7 | 9 | 8 | 4 | 5 | 6 | 3 | 1 | 2 |
| 6 | 5 | 3 | 2 | 9 | 1 | 8 | 7 | 4 |
| 3 | 1 | 5 | 9 | 2 | 8 | 4 | 6 | 7 |
| 8 | 6 | 7 | 1 | 3 | 4 | 2 | 5 | 9 |
| 2 | 4 | 9 | 6 | 7 | 5 | 1 | 3 | 8 |

ଗତ କାଲିର ଉତ୍ତର



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

# ସଂସ୍କାର ଫଂସ୍କାର ବାଜେକଥା

ଶୀର୍ଷକର ଏହି ଅବାଞ୍ଛିତ ମନ୍ତବ୍ୟଟି ଶୁଣିବାକୁ ମିଳିଲା ମୁକ୍ତ ଚେତନା ସପକ୍ଷରେ କୁହାଟ ଛାଡୁଥିବା ଜଣେ ଯୁବକଙ୍କଠାରୁ, ଯିଏ ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଅପେକ୍ଷା କରୁଥିବା ଏକ ବିବାଦୀୟ ପ୍ରସଙ୍ଗ ସପକ୍ଷରେ ପ୍ରଗଲ୍‌ଭ ହୋଇ ଉଠୁଥିଲେ। ପ୍ରସଙ୍ଗଟି ଥିଲା ସମଲିଙ୍ଗୀ ବିବାହକୁ ନେଇ। ସଂସାରରେ ସୃଷ୍ଟି ହୋଇଥିବା ପ୍ରତ୍ୟେକ ପ୍ରାଣୀଙ୍କ ବଂଶ ବିସ୍ତାର ପାଇଁ ଦୁଇ ବିପରୀତ ଲିଙ୍ଗୀଙ୍କ ସଂସର୍ଗ ଏକ ଜୈବିକ ଆବଶ୍ୟକତା। ବିଶେଷତଃ ସୃଷ୍ଟିର ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବଡ଼ପଣ୍ଡା ବୋଲାଉଥିବା ମଣିଷ ନିଜର ନିମ୍ନତମ ସଂସ୍କାର ବିରୋଧରେ ଯାଇ ପୁଅଟିଏ ପୁଅକୁ ବା ଝିଅଟିଏ ଅନ୍ୟ ଜଣେ ଝିଅକୁ ବିବାହ କରିବା ଅତ୍ୟନ୍ତ ଅକଳ୍ପନୀୟ ବୋଲି ପ୍ରତିପକ୍ଷ ମତ ଦେବାରୁ ଅତ୍ୟନ୍ତ କ୍ରୋଧିତ ହୋଇ ସେ କହିଲେ- ''ସଂସ୍କାର ଫଂସ୍କାର ସବୁ ବାଜେକଥା। ସଂସ୍କାର ନାମ ନେଇ ମଣିଷର ମୁକ୍ତ ଚେତନାକୁ ବହୁଭାବେ ଅବଦମିତ କରାଯାଇଛି। ତା'ର ସ୍ୱାଧୀନ ଚିନ୍ତାକୁ ଡଷ୍ଟବିନ୍‌ରେ ଫିଙ୍ଗି ଦିଆଯାଇଛି। ଆଉ ନୁହେଁ। ଅତୀତରେ ସହବାସ ସମ୍ପର୍କ ବା ଲିଭ-ଇନ୍-ରିଲେଶନକୁ ସୁପ୍ରିମକୋର୍ଟର ଅନୁମୋଦନ ମିଳିଲା ଭଳି ଏବେ ସମଲିଙ୍ଗୀ ବିବାହ ମଧ୍ୟ ବୈଧ ବିବେଚିତ ହେବ। ସଂସ୍କାର ନାମରେ ମଣିଷ ଆଉ ଶୋଷଣର ଶିକାର ହେବନାହିଁ।''

ପ୍ରକୃତରେ ସଂସ୍କାର ଶୋଷଣ କରେ ନା ଶୋଷଣରୁ ରକ୍ଷା କରେ, ସେ ସମ୍ପର୍କରେ ଛୋଟ ଏକ ଘଟଣା। ଘଟଣାଟି ସମ୍ପର୍କରେ ଶୁଣିବାକୁ ମିଳିଥିଲା ଜଣେ ବନ୍ଧୁଙ୍କଠାରୁ, ଯିଏ ଘଟଣାର ଦ୍ୱିତୀୟ ଭାଗ ଶୁଣାଇଲା ପରେ ଅତି ଦୁଃଖରେ କହିଥିଲେ, ମଣିଷ ସଂସ୍କାରଦ୍ରୋହୀ ହେଲେ ତା'ର ଶେଷବାଣୀ ଏୟା ହିଁ ହୁଏ। କଥାଟି ଥିଲା ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ତରୁଣୀ କନ୍ୟାକୁ ନେଇ। ଝିଅଟି ଚାରିବର୍ଷ ତଳେ ବାଙ୍ଗାଲୋରରେ ରହି ଚାକିରି କରୁଥିଲା। ସେଠାରେ ଜଣେ ଅଣଓଡ଼ିଆ ସହକର୍ମୀ ଯୁବକ ସହ ସହବାସୀ ସମ୍ପର୍କରେ ରହିଲା। ନିଜ ମା'ବାପାଙ୍କଠାରୁ ଏ ସମ୍ପର୍କ ଲୁଚାଇ ରଖିଲା ପରେ ଅନ୍ୟ ଏକ ସୂତ୍ରରୁ ଏ ସମ୍ପର୍କରେ ଜାଣି ମା'ବାପା ଦୁହେଁ ଦୁଃଖରେ ଭାଙ୍ଗିପଡ଼ିଲେ ଓ ଝିଅକୁ ଏପରି ଅନୈତିକ ସମ୍ପର୍କ ସଂସ୍କାରର ପରିପନ୍ଥୀ ବୋଲି ବହୁଭାବେ ବୁଝାଇଲେ। ଝିଅଟି ବୁଝିଲା ନାହିଁ। ବୋଧହୁଏ ପୂର୍ବୋକ୍ତ ଯୁବକ ପରି କହିଥିବ- ''ସଂସ୍କାର ଫଂସ୍କାର ସବୁ ପୁରୁଣା କଥା। ତୁମ ଦୃଷ୍ଟିରେ ଯାହା ଅନୈତିକ ଆଇନ ଦୃଷ୍ଟିରେ ତାହା ଅବୈଧ ନୁହେଁ। ସୁତରାଂ ବିବାହ ନ କରି ସ୍ୱାମୀ-ସ୍ତ୍ରୀ ଭଳି ସାଙ୍ଗରେ ରହିବା କିଛି ଦୋଷାବହ ନୁହେଁ।''

ସଂସ୍କାରସମ୍ପନ୍ନ ମା'ବାପାଙ୍କୁ ପିଠି କରି ସଂସ୍କାର ବିରୋଧୀ ଝିଅଟି ଚାଲି ଯାଇଥିଲା ତା' କର୍ମସ୍ଥଳକୁ, ତା' ସହକର୍ମୀକୁ ଜୀବନସାଥୀ କରି ସହବାସୀ ସମ୍ପର୍କରେ ରହିବା ପାଇଁ। ମାତ୍ର ବର୍ଷଟିଏ ଯାଇନି, ସେ ପୁଣି ଫେରି ଆସିଲା। ସହବାସୀ ସମ୍ପର୍କର ଅପମୃତ୍ୟୁ ଘଟାଇ, ତା' ତଥାକଥିତ ଜୀବନସାଥୀ ସହ ସମ୍ପର୍କ ତୁଟାଇ। ମା'ବାପା ଖୁସି ହେଲେ ନାହିଁ କି ଦୁଃଖ କଲେ ନାହିଁ। ତିନି ମାସ ବିତିଗଲା ପରେ



ଝିଅକୁ ବାଙ୍ଗାଲୋର ନ ଫେରିବା ଦେଖି ଜାଣିଲେ ଯେ ସେ ଚାକିରି ଛାଡ଼ି ଚାଲିଆସିଛି। ଏହାର କିଛିଦିନ ପରେ ଝିଅଟି ଭୁବନେଶ୍ୱରରେ ଏକ ସରକାରୀ ଚାକିରି ପାଇଗଲା। ବୟସରେ ତାରୁଣ୍ୟର ରଙ୍ଗ ଲିଭିବା ପୂର୍ବରୁ ଝିଅକୁ ନିଃସଙ୍ଗ ଜୀବନ ବିତାଉଥିବାର ଦେଖି ମା'ବାପା ଦୁହେଁ ଦୁଃଖରେ ଭାଙ୍ଗିପଡୁଥିବା ବେଳେ ତା' ପାଖରୁ ଜାଣିଲେ ଯେ ସେ ଏଥର ଏକ ମୁସଲମାନ ଯୁବକକୁ ଭଲ ପାଇ ବସିଛି ଓ ତାକୁ ବିବାହ କରିବାକୁ ଚାହୁଁଛି। ପୁଣି ସଂସ୍କାର କଥା ଉଠାଇ ମା'ବାପା ଅରାଜି ହେଲେ ସିନା ଝିଅ କିନ୍ତୁ ସଂସ୍କାର ଭଳି ପୁରୁଣା ବିଚାରକୁ ଗୋଟିଏ ଫୁତ୍‌କାରରେ ଉଡ଼ାଇ ଦେଇ ଦ୍ୱିତୀୟ ସାଥୀ ସହ ସହବାସୀ ସମ୍ପର୍କରେ ରହିଲା। ଛଅମାସ ଯାଇନାହିଁ ସେଇ ପ୍ରତ୍ୟାଶିତ ଅଘଟଣଟି ଘଟିଗଲା। ଝିଅଟି ଗର୍ଭବତୀ ହେଲାରୁ ତା' ସାଥୀକୁ ବିବାହ କରିବାକୁ ଜୋରଦେଲା। ପୁଅଟି ତା' ଧର୍ମର ବିଧି ବ୍ୟବସ୍ଥା ଅନୁଯାୟୀ ଝିଅଟିକୁ ନିଜ ଧର୍ମକୁ ନେବା ପାଇଁ ବାଧ କଲା। ଝିଅ ଅରାଜି ହେଲାରୁ ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ହତ୍ୟା ହେଉ କି ଆତ୍ମହତ୍ୟା, ଅକାଳରେ ଅବସାନ ଘଟିଲା ଗୋଟିଏ ତରୁଣୀ ଜୀବନର। ଦୁଇ ଦୁଇ ଥର ସେମାନଙ୍କୁ ଅବଜ୍ଞା କରିଥିବା ଝିଅ ପାଇଁ କାନ୍ଦିବାକୁ ମା'ବାପାଙ୍କ ଆଖିରେ ଲୁହ ନ ଥିଲା।

ଏ କେବଳ ଗୋଟିଏ ଘଟଣା ନୁହେଁ। ଭାରତୀୟ ସଂସ୍କାର ଓ ସଂସ୍କୃତି ସୂତ୍ରରେ ଅନୈତିକ ବିବେଚିତ ହେଉଥିବା ସହବାସୀ ସମ୍ପର୍କ ଅବୈଧ ନୁହେଁ ବୋଲି ସୁପ୍ରିମକୋର୍ଟ କହିଲା ପରେ ବିବାହ ନ କରି ବହୁ ଯୁବତୀ ଯୁବକ ଅଘୋଷିତ ଦାମ୍ପତ୍ୟ ଉପଭୋଗ କରୁଛନ୍ତି ଓ ମୁକ୍ତ ଚେତନା ନାଁରେ ପୁଣି କିଛିଦିନ ପରେ ପରସ୍ପରଠୁ ବିଚ୍ଛିନ୍ନ ହୋଇ ଯାଉଛନ୍ତି। ଏ ସବୁ ସଂସ୍କାର ବିବର୍ଜିତ କାର୍ଯ୍ୟ ପ୍ରତି ଆଇନର ସମର୍ଥନ ଦେଖି ସମାଜ ନୀରବ ରହିବାକୁ ବାଧ ହେଉଛି। ଏକ ନୀତିନିଷ୍ଠ ସମାଜର ସଂସ୍କାର ଉପରେ ଆଇନର ଏହି ହାତୁଡ଼ି ପ୍ରହାର ଯଥେଷ୍ଟ ନ ହେଲା ଭଳି ଏବେ ପୁଣି ଆଉ ଯେଉଁ ବିଚିତ୍ର ଦାବିଟିଏ ମୁଣ୍ଡ ଟେକି ଉଚ୍ଚତମ ନ୍ୟାୟାଳୟର ସିଦ୍ଧାନ୍ତକୁ ଅପେକ୍ଷା କରି ରହିଛି, ତାହା ହେଉଛି 'ସମଲିଙ୍ଗୀ ବିବାହ'। ବଡ଼ ବିଚିତ୍ର ଏହି ବିବାହ! ସଚରାଚର ବିବାହ ପରେ ନାରୀପୁରୁଷ ଜାୟା ଓ ପତି ରୂପରେ ଦମ୍ପତି ବୋଲାଉଥିବା ବେଳେ ଏ କ୍ଷେତ୍ରରେ ଦୁଇଟି ପୁରୁଷ ବା ଦୁଇଜଣ ନାରୀଙ୍କ ମଧ୍ୟରୁ କିଏ ଜାୟା ଓ କିଏ ପତିର ମାନ୍ୟତା ପାଇବ; ତାହା ବୋଧହୁଏ ଅଦାଲତର ବିଚାର ପରିସରକୁ ଆସି ନ ଥିବ! ବହୁବର୍ଷ ତଳେ ଅବିବାହିତା ନାରୀଙ୍କ ମାତୃତ୍ୱ ଲାଭ ସପକ୍ଷରେ ଦୃଢ଼ ଯୁକ୍ତି ବଢ଼ାଯାଇଥିଲା। ତା' ସହ ଅନ୍ୟାନ୍ୟ କର୍ମଜୀବୀ ବିବାହିତା ମହିଳାଙ୍କ ପରି ଏହି ଅବିବାହିତା କର୍ମଜୀବୀମାନଙ୍କୁ ପ୍ରସବକାଳୀନ ଛୁଟି ମଞ୍ଜୁର ପାଇଁ ଦାବି ଉଠିଥିଲା। ମାତ୍ର ଧନ୍ୟ କହିବ, ନୀତିରୁ ଜନ୍ମ ନେଇଥିବା ଆମ ଦେଶର ନ୍ୟାୟ ବ୍ୟବସ୍ଥାକୁ, ସେତେବେଳେ ଏ ପ୍ରକାର ଏକ ଅଯୌକ୍ତିକ ତଥା ଅନୈତିକ ଦାବିକୁ ପ୍ରତ୍ୟାଖ୍ୟାନ କରି ଭାରତ ସରକାର ଅବିବାହିତାମାନଙ୍କ ପ୍ରସବକୁ ଏକ 'ନୈତିକ ସ୍ଖଳନ' ବୋଲି ମନ୍ତବ୍ୟ ଦେଇଥିଲେ। ମଣିଷ ଯେ ଇତର ପ୍ରାଣୀମାନଙ୍କଠୁଁ ଏକ ଉନ୍ନତ ଜୀବନର ଅଧିକାରୀ, ସମାଜ ଆଚରିତ ନୈତିକତାବୋଧ ନିକଟରେ ଏହାର ଆଚରଣ ଯେ ଉତ୍ତରଦାୟୀ, ଏହା ପ୍ରଶାସନିକ ସ୍ତରରେ ପ୍ରମାଣିତ ହୋଇଯାଇଥିଲା।

ଅଥଚ ଏହା ମଧ୍ୟରେ ଉଭୟ ମଣିଷ ଓ ସମାଜର ଚେତନାରେ କ'ଣ ଏମିତି ପରିବର୍ତ୍ତନ ହୋଇଗଲା ଯେ ଏବେ ଚିତ୍ର ନଗରୀର ଜଣେ ଅଭିନେତ୍ରୀ ଅତି ନିର୍ଲଜ୍ଜ ଭାବେ କହିପାରୁଛି- ''ବିବାହ କଥା ପରେ, ମାତ୍ର ତା' ପୂର୍ବରୁ ମୁଁ ମାଆ ହେବାକୁ ଚାହେଁ।'' ଆଧୁନିକତାର ଅନ୍ଧ ଔଜ୍ଜ୍ୱଲ୍ୟ ସହ ମୁକ୍ତ ଚେତନାର ଅବାଞ୍ଛିତ ଆକର୍ଷଣ ଯେତେବେଳେ ଏକ ସଂସ୍କାରନିଷ୍ଠ ସମାଜ ଉପରେ ଭାରି ପଡ଼ିଯାଏ, ସେତେବେଳେ କେବଳ ଅବିବାହିତା ତରୁଣୀଟିଏ ଗର୍ଭବତୀ ହେବାକୁ ଘୋଷଣା କରେ ନାହିଁ, ପୁରୁଷଟିଏ ଅନ୍ୟ ଏକ ପୁରୁଷକୁ ବା ନାରୀ ଜଣେ ଅନ୍ୟ ଏକ ନାରୀକୁ ବିବାହ କରିବାକୁ ନିଜ ଅଧିକାର ବୋଲି ଦାବି କରେ। କେବଳ ପରସ୍ପରର ସଙ୍ଗ ଲୋଡ଼ିବା ବ୍ୟତିରେକେ ସନ୍ତାନ ଉତ୍ପାଦନ କରିବା ଯେ ବିବାହର ମୁଖ୍ୟ ଲକ୍ଷ୍ୟ, ଭବିଷ୍ୟତ ବିଶ୍ୱକୁ ପ୍ରାଣମୟ କରି ଗଢ଼ି ତୋଳିବାକୁ ବିପରୀତ ଲିଙ୍ଗୀ ଦମ୍ପତିଙ୍କର ଯେ ଏକ ଜୈବିକ ଆବଶ୍ୟକତା ରହିଛି, ଏମିତି ଏକ ସ୍ୱଚ୍ଛ ସତ୍ୟକୁ ସେ ଅସ୍ୱୀକାର କରେ।

ଭୁଲିଗଲେ ଚଳିବ ନାହିଁ ଯେ ସମଲିଙ୍ଗୀ ବିବାହ ପ୍ରକୃତି ବିରୋଧରେ ଏକ ଖୋଲା ବିଦ୍ରୋହ। ଇତିହାସ ସାକ୍ଷୀ ଅଛି, ମଣିଷର ଜ୍ଞାନ, ବିଜ୍ଞାନ, ବିଦ୍ୟା ବିଦ୍‌ବତ୍ତା ବା ଉଗ୍ର ଆଧୁନିକତା ଯେତେବେଳେ ପ୍ରକୃତି ବିରୋଧରେ ଆହ୍ୱାନ ହୋଇ ଛିଡ଼ା ହୋଇଛି, ସେତେବେଳେ ପ୍ରକୃତି ଅତ୍ୟନ୍ତ ନିର୍ମମ ଭାବେ ତାହାର ପ୍ରତିଶୋଧ ନେଇଛି। ଆଉ ପ୍ରକୃତିର କ୍ରୋଧକୁ ପ୍ରଶମିତ କରିବା ପାଇଁ କେବଳ ଭାରତରେ କାହିଁକି, ସମଗ୍ର ବିଶ୍ୱରେ ବି କୌଣସି ଆଇନର ସାମର୍ଥ୍ୟ ନାହିଁ। ସୁତରାଂ, ସାଧୁ ସାବଧାନ!


ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫


# ସଫଳ ରଣନୀତିକାର

ବ୍ୟକ୍ତିତ୍ୱ



ସୁନୀଲ କାନୁଗୋଲୁ

କର୍ନାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ଭାରତୀୟ ଜନତା ପାର୍ଟି (ଭାଜପା)କୁ ଆଚମ୍ବିତ କରିଛି। ଦେଶର ବିଭିନ୍ନ ଭାଗରେ କ୍ଷୀଣ ଦେଖାଯାଉଥିବା କଂଗ୍ରେସକୁ ଭାଜପା ଅତି ନ୍ୟୂନ ଦୃଷ୍ଟିରେ ଦେଖୁଥିବା ବେଳେ ଅଚାନକ ଏହି ପୁରାତନ ଜାତୀୟ ଦଳର ବିଜୟ ଏହାର ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଦେଇଛି। ଏହାର ଶ୍ରେୟ ନେବାକୁ ବଡ଼ ନେତାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। କିନ୍ତୁ ତାରକା ପ୍ରଚାରକ ନ ଥାଇ ଯିଏ ସମାନ ସ୍ତରର ଶ୍ରେୟ ପାଇବାର ହକ୍‌ଦାର ହୋଇଛନ୍ତି, ସେ ହେଉଛନ୍ତି ସୁନୀଲ କାନୁଗୋଲୁ। କଂଗ୍ରେସ ତାଙ୍କୁ ଗତବର୍ଷ ମାର୍ଚ୍ଚରେ ପୋଲ୍ ଷ୍ଟ୍ରାଟେଜିଷ୍ଟ ଭାବେ ନିଯୁକ୍ତ କରିଥିଲା। ସ୍ୱଳ୍ପଭାଷୀ ଏହି ବ୍ୟକ୍ତି ଅନ୍ୟତମ ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ସହ ମିଶି ମଧ୍ୟ କାମ କରିଥିଲେ। କିନ୍ତୁ ଏକାକୀ ନିଜ କମ୍ପାନୀ 'ମାଇଣ୍ଡ୍‌ଶେୟାର ଆନାଲିଟିକ୍ସ ସର୍ଭିସ' ଜରିଆରେ କର୍ନାଟକରେ କଂଗ୍ରେସକୁ ବିପୁଳ ବିଜୟ ଦେଇଥିବାରୁ ତାଙ୍କ ପରାମର୍ଶ ନେବାକୁ ଅନ୍ୟ ରାଜନୈତିକ ଦଳଗୁଡ଼ିକ ହାଇଁପାଇଁ ହେଲେଣି।

କର୍ନାଟକର ବାଲାରି (ପୂର୍ବରୁ ବେଲାରି) ଜିଲାରେ ଏହି ୪୦ ବର୍ଷୀୟ ଯୁବପ୍ରତିଭାଙ୍କ ଜନ୍ମ। ସ୍ଥାନୀୟ ଅଞ୍ଚଳରୁ ପ୍ରାରମ୍ଭିକ ଶିକ୍ଷା ଶେଷ କରିବା ପରେ ସେ ଚେନ୍ନାଇରେ ପାଠ ପଢ଼ିଥିଲେ। ଇଞ୍ଜିନିୟରିଂ ପଢ଼ିବା ପରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇ ଏମ୍‌ଏସ୍ ଇନ୍ ଫାଇନାନ୍ସ ଏବଂ ଏମ୍‌ବିଏରେ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୯ରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କ ବିଷୟରେ କର୍ପୋରେଟ୍ ଆଫାୟାର୍ସ ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ ସୁନୀଲ ଏସ୍‌ଆର୍ ଇଣ୍ଡିପେଣ୍ଡେଣ୍ଟ ଫିସରିଜ୍ ପ୍ରାଇଭେଟ୍ ଲିମିଟେଡ୍, ଏସ୍‌ଆର୍ ନାଚୁରୋ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ବ୍ରେନ୍‌ଷ୍ଟର୍ମ ଇନୋଭେଶନ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ୍ ନାମକ ୩ଟି କମ୍ପାନୀରେ ନିର୍ଦ୍ଦେଶକ ପଦରେ ରହି କାମ କରିଥିଲେ। ପରବର୍ତ୍ତୀ ସମୟରେ ସେଗୁଡ଼ିକ ବନ୍ଦ ହୋଇଯାଇଥିଲା। ସେ ମଧ୍ୟ ମ୍ୟାକିନ୍‌ସେ ପାଇଁ ପରାମର୍ଶଦାତା ଭାବେ କାର୍ଯ୍ୟ ତୁଲାଇଥିଲେ। ସମ୍ଭବତଃ ସେଠିଠାରେ ସେ ଲୋକଲୋଚନଠାରୁ ଦୂରେଇ ରହିବାର ଅଭ୍ୟାସ କରି ନିଜ ବ୍ୟକ୍ତିଗତ ମତ ଦେବାକୁ ଉଚିତ ମଣି ନ ଥିଲେ। ତେବେ ସୁନୀଲଙ୍କ ରାଜନୈତିକ ବ୍ୟାପାର ସହ ସମ୍ବନ୍ଧର ସମୟକୁ ଦେଖିଲେ ୨୦୧୪ ପୂର୍ବରୁ ସେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଶି କାମ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଶାନ୍ତ କିଶୋର ୨୦୧୪ରେ ନିର୍ବାଚନ ଅଭିଯାନ ସଂକ୍ରାନ୍ତ ଦାୟିତ୍ୱ ହାତକୁ ନେଇଥିଲେ। ସଂଯୋଗବଶତଃ ଉଭୟ ପୁଣି ମିଶିଯାଇ ନିର୍ବାଚନ ସକାଶେ ବିଭିନ୍ନ ପ୍ରକାର ରଣନୀତି ତିଆରି କରିଥିଲେ। ପରବର୍ତ୍ତୀ ସମୟରେ ପ୍ରଶାନ୍ତ ଭାଜପାଠାରୁ ଛିନ୍ନ ହୋଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଇଁ କାମ କରିଥିଲେ ମଧ୍ୟ ସୁନୀଲ ଭାଜପା ସହିତ ରହିଥିଲେ। ୨୦୧୭ ଉତ୍ତର ପ୍ରଦେଶ ନିର୍ବାଚନ ପୂର୍ବରୁ ୨୦୧୬ ଅକ୍ଟୋବରରେ ପ୍ରଶାନ୍ତ କିଶୋରଙ୍କୁ ଟକ୍କର ଦେବା ଭଳି ଏକ ପରାମର୍ଶ କମ୍ପାନୀ ଗଠନ ଲାଗି ଭାଜପା ତାଙ୍କୁ ଦାୟିତ୍ୱ ଦେଇଥିଲା। ଏହା ପରେ ସେ ସହଯୋଗୀ ରଣନୀତିକାର ହିମାଂଶୁ ସିଂ ଓ ଜଣେ ଗୁଜରାଟୀ ବ୍ୟବସାୟୀଙ୍କ ସହ ମିଶି ଆସୋସିଏଶନ ଅଫ୍ ବ୍ରିଲିଆଣ୍ଟ ମାଇଣ୍ଡସ୍ (ଏବିଏମ୍) ଗଢ଼ିଥିଲେ। ସୁନୀଲ କାନୁଗୋଲୁ ମଧ୍ୟ ୨୦୧୬ରେ ଡିଏମ୍‌କେ ପାଇଁ 'ନାମାକୁ ନାମି' ଅଭିଯାନର ନକ୍ସା ଆଙ୍କିଥିଲେ। କିନ୍ତୁ ତାହା ଡିଏମ୍‌କେ ପାଇଁ ବିଜୟ ଆଣିଦେଇ ନ ଥିଲା। ଫେବୃୟାରୀ ୨୦୧୮ ଯାଏ ସେ ମଧ୍ୟ ଭାଜପା ନେତା ଅମିତ ଶାହାଙ୍କ ଘନିଷ୍ଠ ଥିଲେ ଏବଂ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ କର୍ନାଟକ ବିଧାନସଭା ନିର୍ବାଚନ କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଆକସ୍ମିକ ଭାବେ ୨୦୧୮ରେ ଦକ୍ଷିଣ ଭାରତ ରାଜ୍ୟରେ ଭାଜପାର ବିଜୟରେ ତାଙ୍କ ରଣନୀତି କାମ କରିଥିଲା ବୋଲି କୁହାଯାଇଥିଲା।

ରାଜନୀତି ରଣନୀତିକାର କାହା ପାଖରେ ସର୍ବକାଳୀନ ରହି ନ ଥିବା ଭଳି ମନେ ହୋଇଥାଏ। ପ୍ରଶାନ୍ତ କିଶୋରଙ୍କ କ୍ଷେତ୍ରରେ ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ସେହି କ୍ରମରେ ଲକ୍ଷ୍ୟ କଲେ ୨୦୨୧ରେ ସୁନୀଲଙ୍କୁ କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଭେଟି ତାଙ୍କ ଦ୍ୱାରା ଗଠିତ ମାଇଣ୍ଡଶେୟାର ଆନାଲିଟିକ୍ସ ସେବାର ସହାୟତା ମାଗିଥିଲେ। ମେ' ୨୦୨୨ରେ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୨୦୨୪ ନିର୍ବାଚନ ସକାଶେ ଗଢ଼ିଥିବା ନିର୍ବାଚନୀ ଟାସ୍କଫୋର୍ସରେ ତାଙ୍କୁ ଜଣେ ସଦସ୍ୟ ରଖିଥିଲେ। ଏହି ଟାସ୍କଫୋର୍ସରେ ବରିଷ୍ଠ ନେତା ପି. ଚିଦାମ୍ବରମ୍, ମୁକୁଲ ୱାସନିକ୍, ଜୟରାମ ରମେଶ, କେ.ସି. ବେଣୁଗୋପାଳ, ଅଜୟ ମାକେନ୍, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ରଣଦୀପ ସିଂ ସୁର୍ଯ୍ୟେୱାଲା ଅନ୍ୟ ସଦସ୍ୟ ଥିଲେ। ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ କର୍ନାଟକ ବିଧାନସଭା ନିର୍ବାଚନ ବିଜୟ ଲାଗି କରାଯାଇଥିବା ରଣନୀତି ବିଷୟରେ ସୁନୀଲ କେବଳ କଂଗ୍ରେସର ସାଧାରଣ ସମ୍ପାଦକ (ସଙ୍ଗଠନ) କେ.ସି. ବେଣୁଗୋପାଳ ଓ କର୍ନାଟକ ଦାୟିତ୍ୱରେ ଥିବା ରାଜ୍ୟ ସଭା ସଦସ୍ୟ ରଣଦୀପ ସୁର୍ଯ୍ୟେୱାଲାଙ୍କ ସହ ମତ ବିନିମୟ କରୁଥିଲେ। ଅତି ନୀରବତାର ସହ ସେ ତୃଣମୂଳସ୍ତରରୁ ମିଳୁଥିବା ମନ୍ତବ୍ୟକୁ ଶୁଣିବା ସହ ସର୍ଭେ କାମରେ ମନପ୍ରାଣ ଦେଇଥିଲେ। ଭାଜପାର ଗତିରୋଧ କରିବା ଲାଗି ସେ ଦିନକୁ ୨୦ ଘଣ୍ଟା କାମ କରୁଥିଲେ ବୋଲି କୁହାଯାଉଛି। କର୍ନାଟକରେ କଂଗ୍ରେସର ବିଜୟ ପାଇଁ ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା'ର ଅବଦାନ ରହିଛି। ତେବେ ଏହି ଯାତ୍ରା ଲାଗି ରାହୁଲଙ୍କୁ କୌଶଳ ଦେଇଥିବା ବ୍ୟକ୍ତି ମଧ୍ୟ ଥିଲେ ସୁନୀଲ। କର୍ନାଟକରେ ପଦଯାତ୍ରା ବେଳେ ମୃତ ସାମ୍ବାଦିକା ତଥା ସାମାଜିକ କର୍ମୀ ଗୌରୀ ଲଙ୍କେଶଙ୍କ ମାତାଙ୍କୁ ରାହୁଲ ଭେଟିବା ଥିଲା ସୁନୀଲଙ୍କ ମାନସସନ୍ତାନ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ନିଜର କୌଣସି ବ୍ୟକ୍ତିଗତ ସୋସିଆଲ ମିଡିଆ ଆକାଉଣ୍ଟ ନ ଥିଲେ ମଧ୍ୟ ଅନ୍‌ଲାଇନ୍‌ରେ ଲୋକଙ୍କ ନିକଟରେ କିଭଳି ପହଞ୍ଚି ହେବ ତାହାର ବାଟ ସେ ତିଆରି କରିଥିଲେ।

ସୁନୀଲଙ୍କ ଭଲ ଗୁଣ ହେଲା ସେ ତାଙ୍କ ବନ୍ଧୁମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିବାକୁ ଆଗେଇ ଆସିଥାଆନ୍ତି। ଅନ୍ୟପକ୍ଷରେ ସାଙ୍ଗମାନେ ତାଙ୍କୁ ଜଣେ 'ଫୁଡି' ବୋଲି ଅଭିହିତ କରି 'ମିଲିଟାଣ୍ଟ ମିଟ୍ ଇଟର' ଭାବେ ଆଖ୍ୟା ଦେଇଛନ୍ତି।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ସବୁଜଗୃହ ବାଷ୍ପ ନିର୍ଗମନ ବିଶ୍ୱତାପନର ଏକ ବଡ଼ କାରଣ ପାଲଟିଛି। ଏହି ବାଷ୍ପ ଗାଡିମୋଟର, କଳକାରଖାନା ଓ କୃଷି ଆଦି କ୍ଷେତ୍ରରୁ ଅଧିକ ନିର୍ଗମନ ହେଉଛି। ଏହାକୁ ଲକ୍ଷ୍ୟ କରି ଆନ୍ଧ୍ରପ୍ରଦେଶର ସତ୍ୟ ରଘୁ ମୋକ୍କାପତି 'ଗ୍ରୀନ୍‌ହାଉସ-ଇନ୍ ଏ-ବକ୍ସ' ଆବିଷ୍କାର କରିଛନ୍ତି। କ୍ଷତି ଷ୍ଟାର୍ଟଅପ୍ ମାଧ୍ୟମରେ ସେ ଏହା କରିଛନ୍ତି। ଗ୍ରୀନ୍‌ହାଉସ-ଇନ୍ ଏ-ବକ୍ସକୁ ସେ ୨୦୧୫ରେ ପ୍ରତିଷ୍ଠା କରିଥିଲେ। ଏହା ବକ୍ସ ନୁହେଁ, ଏହା ଏକପ୍ରକାର ଟେଣ୍ଟ। ଏଥିରେ ଚାଷ କଲେ କମ୍ ସବୁଜଗୃହ ବାଷ୍ପ ନିର୍ଗମନ ହେଉଛି। ବଡ଼ କଥା ହେଉଛି, ଏଥିରେ ଚାଷ କଲେ ୯୮% ପାଣି ବଞ୍ଚାଯାଇପାରୁଛି। ଏଥିରେ କୀଟପତଙ୍ଗ ଦାଉରୁ ଫସଲକୁ ରକ୍ଷା କରାଯିବା ସହ ୯୦ ପ୍ରତିଶତ କୀଟନାଶକ ବ୍ୟବହାର କମ୍ ହେଉଛି। ଏହି ବକ୍ସରେ ଚାଷ କରି କୃଷକମାନେ ଅଧିକ ଲାଭ ପାଉଛନ୍ତି। ସତ୍ୟ ଦୁଇପ୍ରକାର ବକ୍ସ ତିଆରି କରିଛନ୍ତି। ଏସବୁର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ୩.୩୫ ଟଙ୍କା ଭିତରେ ରହୁଛି। ଏଥିରେ ଚାଷ କରିବା ଲାଗି କୃଷକମାନଙ୍କୁ ସେ ପ୍ରଶିକ୍ଷଣ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମେ ୧୯୯୮

- ମାରିଟାନିଆର ଦକ୍ଷିଣକୁ ନେମାଠାରେ ଦେଶର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୧ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଆନ୍ତର୍ଜାତିକ ସମୁଦାୟର ଇଚ୍ଛା ଓ ଆମେରିକାର କଟକଣାକୁ ଖାତିର ନ କରି ରାଜସ୍ଥାନର ପୋଖରାନ ରେଞ୍ଜରେ ଭୂମି ତଳେ ଆଉ ୨ଟି ଆଣବିକ ବୋମାର ସଫଳ ପରୀକ୍ଷଣ।
- କଂଗ୍ରେସ ଦଳର ପୁନର୍ବିନ୍ୟାସ ପ୍ରକ୍ରିୟାର ଅଂଶ ସ୍ୱରୂପ ଅମ୍ବିକା ସୋନୀ ମହିଳା କଂଗ୍ରେସର ସଭାନେତ୍ରୀ ଓ ମନୀଷ ତିୱାରୀ ଯୁବକଂଗ୍ରେସ ସଭାପତି ନିଯୁକ୍ତ।

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀ କଥା କିଏ ବୁଝୁଛି

ମହାଶୟ,

ଚାଷ କାମ ଲାଗି ଶ୍ରମିକ ଅଭାବ ସାଙ୍ଗକୁ ସାର, କୀଟନାଶକ ଦର ବୃଦ୍ଧି ଯୋଗୁ ଚାଷୀ ହତାଶ ହେଉଛି। ଧାନ ଚାଷ କଲେ ଶ୍ରମିକ ଏକ ବଡ ସମସ୍ୟା ହୋଇ ଉଭା ହେଉଛି। ଧାନ ଚାଷରେ ଲାଭ ଟିକିଏ ହେଲେ ନାହିଁ। ଚଳିତବର୍ଷ ମଣ୍ଡିରେ ମୋର ୫୦ କୁଇଣ୍ଟାଲ ଖରିଫ ଧାନର ଟୋକନ୍ ଥାଇ ବି ବିକ୍ରି କରିପାରି ନାହିଁ। ଘର ପାଖ ମଣ୍ଡିରେ ଧାନ କ୍ରୟ ବନ୍ଦ ହୋଇଯିବାରୁ ଚନ୍ଦନପୁରରେ ୯ କୁଇଣ୍ଟାଲ ଧାନ ବିକ୍ରୟ କଲି। ୪୫ କେଜି କାଟ ସାଙ୍ଗକୁ ଶ୍ରୀରାମଚନ୍ଦ୍ରପୁରରୁ ଚନ୍ଦନପୁରକୁ ଗାଡି ଭଡା ବାବଦ ୩୦୦ ଟଙ୍କା ଦେବାକୁ ପଡିଲା। ମୋ ପରି ଶହ ଶହ ଚାଷୀ ମଣ୍ଡି ବନ୍ଦ ହୋଇଯିବା ପରେ ମୁଣ୍ଡରେ ହାତପାତି ବସିରହିଛନ୍ତି। କୃଷି ଓ ଉଦ୍ୟାନ କୃଷି ବିଭାଗର ଅଧିକାରୀ ଓ କୃଷକମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଆମ ପରି ଚାଷୀ ଚାଷ କରିବାକୁ ଆଗଭର ହେଉନାହାନ୍ତି। ୧୦ ମାଣ ଜମିରେ ଯେତିକି ଶ୍ରମିକ ଲାଗୁଛନ୍ତି ସେହି ଅନୁପାତରେ ଧାନ ମିଳୁନି। ଯେତିକି ବି ଧାନ ମିଳୁଛି ମଣ୍ଡିକୁ ନେଇ ସେଠାରେ ବିକ୍ରି କରିବା ଆହୁରି କଷ୍ଟକର।

**- ଦେବଭିକ୍ତ ମିଶ୍ର, ବରିଷ୍ଠ ନାଗରିକ, ସାକ୍ଷୀଗୋପାଳ, ପୁରୀ**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## ଚିରନ୍ତନୀ

ସେ ଯେ ତବ ଶ୍ରେଷ୍ଠ ଆତ୍ମା, ତବ
ଅନ୍ତିମର ଶେଷଯାତ୍ରୀ
ମରଣର ପରପାରେ ସେ ଯେ ତବ
ଜୀବନର ସାଥୀ।

(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ଜାତୀୟ ଅଭିଲେଖାଗାରର ଅଭିଲେଖା ଅଧିକାରୀ ଡ. ସତ୍ୟନାରାୟଣ ମିଶ୍ର ତାଙ୍କ ଦ୍ୱାରା ଲିଖିତ 'ସତ୍ୟାର୍ଥ ଦର୍ପଣ'କୁ ଶନିବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି।

# 'ଓଡ଼ିଶାର ଆଞ୍ଚଳିକ ଜୁଡିସିଆଲ ଏକାଡେମୀ ଦେଶ ପାଇଁ ଉଦାହରଣ'

## ରାଜ୍ୟରେ ସ୍ଥାପନ ହେଲା ୫ଟି ଆଞ୍ଚଳିକ ଜୁଡିସିଆଲ ଏକାଡେମୀ

**କଟକ ଅଫିସ,୧୩।୫**

ରାଜ୍ୟର ଅନୁଗୋଳ, ବାଲେଶ୍ୱର, କୋରାପୁଟ, ଗଞ୍ଜାମ, ସମ୍ବଲପୁର ଜିଲାରେ ଆଞ୍ଚଳିକ ଜୁଡିସିଆଲ ଏକାଡେମୀ କାର୍ଯ୍ୟକ୍ଷମ ହୋଇଛି। ବିଚାର ବିଭାଗୀୟ ଅଧିକାରୀ, କୋର୍ଟ କର୍ମଚାରୀ, ଆଇନଜୀବୀଙ୍କ ଦକ୍ଷତା ବିକାଶ ପାଇଁ ଏହି ଏକାଡେମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଅନୁଗୋଳଠାରେ ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, କେନ୍ଦୁଝର ଜିଲା, ବାଲେଶ୍ୱରଠାରେ ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, ଭଦ୍ରକ ଜିଲା, କୋରାପୁଟଠାରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଜିଲା, ଗଞ୍ଜାମଠାରେ ଗଞ୍ଜାମ, ଗଜପତି, ନୟାଗଡ଼, କନ୍ଧମାଳ ଏବଂ ସମ୍ବଲପୁରଠାରେ ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା ଜିଲା କୋର୍ଟଗୁଡ଼ିକ ଉପକୃତ ହେବ ବୋଲି ହାଇକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି।




କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ବିଚାରପତି ସୂର୍ଯ୍ୟ କାନ୍ତ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ।

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ବିଚାରପତି ସୂର୍ଯ୍ୟ କାନ୍ତ ଆଭାସୀ ମାଧ୍ୟମରେ ୫ଟି ଆଞ୍ଚଳିକ ଜୁଡିସିଆଲ ଏକାଡେମୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଓଡ଼ିଶାର ଆଞ୍ଚଳିକ ଜୁଡିସିଆଲ ଏକାଡେମୀଗୁଡ଼ିକ ଦେଶ ପାଇଁ ଉଦାହରଣ ହୋଇଛି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ଜିଲାକୋର୍ଟଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜିଲାକୋର୍ଟଗୁଡ଼ିକର କାର୍ଯ୍ୟକାରିତାରେ ଜୁଡିସିଆଲ ଏକେଡେମୀ ବହୁ ଭାବେ ସହାୟକ ହୋଇପାରିବ। ଓଡ଼ିଶା ହାଇକୋର୍ଟ ଏବଂ ରାଜ୍ୟ ସରକାରଙ୍କର ଏହା ଏକ ମହତ୍ ଉଦ୍ୟମ ବୋଲି ସେ କହିଥିଲେ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଜୁଡିସିଆଲ ଏକାଡେମୀଗୁଡ଼ିକର ପ୍ରତିଷ୍ଠା ପାଇଁ ହାଇକୋର୍ଟ ଓ ଜିଲାକୋର୍ଟ ବିଚାରପତିମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏଥିସହ ସେ କହିଥିଲେ, ରାଜ୍ୟର ଭୌଗୋଳିକ ଅବସ୍ଥିତିକୁ ବିଚାର କରାଯାଇ ଜୁଡିସିଆଲ ଏକାଡେମୀଗୁଡ଼ିକୁ ନିକଟତମ ଜିଲାଗୁଡ଼ିକର କ୍ଲଷ୍ଟର ଭାବେ ଚୟନ କରାଯାଇଛି। ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ବିଭିନ୍ନ ତାଲିମ କାର୍ଯ୍ୟକ୍ରମ କରାଇବା ପୂର୍ବାପେକ୍ଷା ସହଜ ହେବ। ଏହାଦ୍ୱାରା ସମୟ ଓ ଅର୍ଥ ନଷ୍ଟ ହେବ ନାହିଁ ବୋଲି ସେ କହିଥିଲେ।

ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇ ଗତ ୫ ବର୍ଷ ମଧ୍ୟରେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ୩୦୦ ତାଲିମ କାର୍ଯ୍ୟକ୍ରମ ହୋଇଥିବା ସୂଚନା ଦେଇଥିଲେ। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବହୁ ବିଚାରପତି ଉପସ୍ଥିତ ଥିଲେ। ସେହିପରି ଆଭାସୀ ମାଧ୍ୟମରେ ଜିଲାକୋର୍ଟଗୁଡ଼ିକରେ ବିଚାର ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

# ଆମ୍ବ ତୋଳିବାକୁ ଆସିଥିବା ବେଳେ ଭାଲୁ ମାରିଦେଲା

**କେନ୍ଦୁଝର,୧୩।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ରେଞ୍ଜ୍ ତିହାଡ଼ିପଶି ଗ୍ରାମରେ ଭାଲୁ ଆକ୍ରମଣରେ ବିଦ୍ୟାଧର ନାଏକ(୫୫)ଙ୍କ ମୃତ୍ୟୁ ହୋଇଛି। କ୍ଷେତରେ ତାଙ୍କ ରକ୍ତାକ୍ତ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିଥଲେ। ମୃତକଙ୍କ ହାତରେ ଏକ ଆମ୍ବ ଥିବା ଦେଖିବାକୁ ମିଳିଛି। ସକାଳେ ସେ ଆମ୍ବ ତୋଳିବାକୁ ଆସିଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ଭାଲୁଟି ମୁହଁ ଓ ମୁଣ୍ଡକୁ କାମୁଡ଼ି କ୍ଷତବିକ୍ଷତ କରି ଛାଡ଼ିଦେଇ ପଳାଇଥିବା ବନ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। ପୋଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ କରୁଛି। ଏ ନେଇ ସଦର ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, ସରକାରୀ ନିୟମାନୁଯାୟୀ ମୃତକଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ମିଳିବ। ଭାଲୁ ଆମ୍ବ ଖାଇବା ପାଇଁ ଗାଁ ଗଣ୍ଡାକୁ ଚାଲି ଆସୁଥିବାରୁ ଲୋକେ ସଚେତନ ରହିବାକୁ ସେ କହିଥିଲେ।

# ୧୬ ନମ୍ବର ଜାତୀୟ ରାଜପଥରେ ଗଲା ୫ ଜୀବନ

**ଚଣ୍ଡିଖୋଲ,(ଡି.ଏନ.ଏ.)/ ଭଦ୍ରକ ଅଫିସ, ୧୩।୫**

୧୬ନଂ. ଜାତୀୟ ରାଜପଥର ଯାଜପୁର ଓ ଭଦ୍ରକ ଜିଲାରେ ୨ ଦୁର୍ଘଟଣା ଘଟି ୫ ଯୁବକଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଯାଜପୁର ଜିଲାର ୩ ଯୁବକ ହୋଇଥିବାବେଳେ ଢେଙ୍କାନାଳ ଜିଲାର ୨ ଯୁବକ ରହିଛନ୍ତି। ଯାଜପୁର ଜିଲାର ୩ ସାଙ୍ଗ ପ୍ରାତଃ ସମୟରେ ପୁରୀରେ ପହଞ୍ଚି କାଳିଆ ଦର୍ଶନ କରିବାକୁ ଶୁକ୍ରବାର ରାତି ପ୍ରାୟ ୨ଟା୩୦ରେ ଘରୁ ବାହାରିଥିଲେ। ମାତ୍ର ୨୦ କିଲୋମିଟର ଆସିବା ପରେ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କଡ଼େଇ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ଯାଜପୁର ଜିଲା ବାରବାଟୀ ନିକଟ ମାନତିରା ଗ୍ରାମର ଅଭିଷେକ ସର(୨୨), ଧର୍ମଶାଳା ଥାନା ଚଢ଼େଇଧରା ଗ୍ରାମର ଅଞ୍ଚଳ କୁମାର ସାହୁ (୨୬) ଓ କଟକ ଜିଲା ଜଗତପୁର ଥାନା ଅନ୍ତର୍ଗତ ବୈକୁଣ୍ଠ ପାଲି ଗ୍ରାମର ଦେବାଶିଷ ନାୟକ(୨୪)। ଏକ ପଲ୍‌ସରରେ ୩ ସାଙ୍ଗ ଯାଉଥିବାବେଳେ ରାତି ପ୍ରାୟ ୩ଟାରେ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ୩ ସାଙ୍ଗ ରାତିରେ ଏକ ଭୋଜିରେ ସାଥି ହୋଇ ଖାଇବା ପରେ ପୁରୀଯିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ସେମାନେ ଭୋର ୫ଟାରେ ପୁରୀଠାରେ ପହଞ୍ଚିହେବ ବୋଲି ଆକଳନ କରି ବାହାରି ଆସିବାପରେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବର ପାଇ ବଡ଼ଚଣା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ସମସ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ି ଫେରାର ହୋଇଯାଇଛି। ସେଠାରେ ପଡ଼ିଥିବା ଏକ ନମ୍ବର ପ୍ଲେଟକୁ ପୋଲିସ ଜବତ କରି ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ତଦନ୍ତ ଚଳାଇଛି। ସେମାନଙ୍କ କାଳିଆ ଦର୍ଶନ ଅଧୁରା ହୋଇ ରହିଯାଇଛି।



କଡ଼େଇ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ବାଇକ୍।

- ଅଧୁରା ରହିଲା କାଳିଆ ଦର୍ଶନ, ୩ ସାଙ୍ଗଙ୍କ ମୃତ୍ୟୁ
- ଭଦ୍ରକରୁ ଢେଙ୍କାନାଳ ଫେରୁଥିବା ୨ ଯୁବକ ମୃତ

ସେହିପରି ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ନଳାଙ୍ଗ ଛକ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଶନିବାର ସକାଳେ ଅଜଣା ଗାଡ଼ି ଧକ୍କାରେ ୨ ଯୁବକ ଢେଙ୍କାନାଳ ଜିଲା ପର୍ବତିଆ ଗ୍ରାମର ବିଶ୍ୱଜିତ ରାଉତ(୨୦) ଓ ସାନୁ ସ୍ୱାଇଁ(୧୯)ଙ୍କ ମୃତ୍ୟୁ ହୋଇଛି। ସେମାନେ ବାଲେଶ୍ୱର ଜିଲା ଜଳେଶ୍ୱରରୁ ଏକ ବାଇକ୍‌ରେ ଢେଙ୍କାନାଳ ଫେରୁଥିଲେ। ନଳାଙ୍ଗ ଛକ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଅଜଣା ଗାଡ଼ି ପଛପଟୁ ଧକ୍କା ଦେବାରୁ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗ୍ରାମାଞ୍ଚଳ ପୋଲିସ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ବାଘଛାଲ ଜବତ, ୨ ଗିରଫ

**ଫୁଲବାଣୀ ଅଫିସ, ୧୩।୫:** କନ୍ଧମାଳ ଜିଲା ଚକାପାଦ ବ୍ଲକ ପସରା ପଞ୍ଚାୟତ ପଖାଲଖିଆ ଗ୍ରାମ ନିକଟରେ ଫୁଲବାଣୀ ବନ ବିଭାଗ ଚଢ଼ାଉ କରି ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଏକ କଲରାପତରିଆ ବାଘ ଛାଲକୁ ଜବତ କରିଛି। ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଲୋକ କହଁର ଏବଂ ଯଶୋବନ୍ତ କହଁର। ବାଘ ଛାଲ କେଉଁଠୁ ଆସିଲା ତାହାର ତଦନ୍ତ ଚାଲିଥିବା ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ କହିଛନ୍ତି। ପ୍ରକାଶ ଯେ, ଆଲୋକ ଓ ଯଶୋବନ୍ତ ଏକ ବାଘ ଛାଲକୁ ବାହାର ଜିଲାରେ ବିକ୍ରି କରିବା ପାଇଁ ଯୋଜନା କରୁଥିବା ସମ୍ପର୍କରେ ବନ ବିଭାଗକୁ ଖବର ମିଳିଥିଲା। ଡିଏଫଓ ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ମଳୟ ରଞ୍ଜନ କାଲୋ, ଫୁଲବାଣୀ ରେଞ୍ଜର ଶିଶିର କୁମାର ଝାଙ୍କରଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ସ୍ୱତନ୍ତ୍ର ଟିମ ଗଢ଼ାଯାଇ ଖଜୁରୀପଡ଼ା ଅଞ୍ଚଳରେ ଚଢାଉ କରାଯାଇଥିଲା।


WANTED

ଧରିତ୍ରୀ DHARITRI Oriya daily is looking for

MARKETING EXECUTIVES

Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective communication skills & punctuality.

Apply immediately to : recruitment@dharitri.com

Attractive salary commensurate with experience


# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ଟିଗିରିଆ,୧୩।୫(ଡି.ଏନ୍.ଏ.)**

କଟକ ଜିଲା ଟିଗିରିଆ ଥାନା ଭୋଗଡ଼ା ପଞ୍ଚାୟତ ଅନ୍ତର୍ଗତ ଭେଜିଆ ନିକଟସ୍ଥ ଏକ ଆମ୍ବ ତୋଟାରେ ଶନିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋକର୍ଣ୍ଣଖାଲ ଗ୍ରାମର କରୁଣାକର ରାଉତ। ସେ ଭୋର୍ ସମୟରେ ଭେଜିଆ ନିକଟସ୍ଥ ବାରଘରିଆ ଆମ୍ବତୋଟାକୁ ପାଚିଲା ଆମ୍ବ ଗୋଟାଇବାକୁ ଯାଇଥିଲେ। ସେଠାରେ ଆମ୍ବ ଖାଇବା ପାଇଁ ପୂର୍ବରୁ ଏକ ହାତୀ ଥିଲା। କରୁଣାକର ଏହା ଜାଣି ନ ପାରି କିଛି ଆମ୍ବ ଗୋଟାଇ ତୋଟା ଭିତରକୁ ଯିବା ବେଳେ ହାତୀଟି ତାଙ୍କୁ ତଡ଼ିଆଣି ଦଳି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଭୋଗଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅରୁଣ ନାୟକ ଟିଗିରିଆ ପୋଲିସ ଓ ବନପାଳଙ୍କୁ ଖବର ଦେଇଥିଲେ। ଏହାପରେ ପୋଲିସ ଓ ଆଠଗଡ଼ ବନାଞ୍ଚଳ ରେଞ୍ଜର ରବୀନ୍ଦ୍ର ନାୟକ ପହଞ୍ଚି ମୃତଦେହ ଜବତ କରିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଗର୍ଭବତୀଙ୍କ ମୃତ୍ୟୁ

**କୁଳିଅଣା,୧୩।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଦରଖଳି ଗ୍ରାମର କବିତା ରାୟ ନାମ୍ନୀ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କବିତା ୫ ମାସର ଗର୍ଭବତୀ ଥିଲେ। ଗତ ବୁଧବାର ତାଙ୍କର ବାନ୍ତି ହେବାରୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲକୁ ନିଆଯାଇଥିଲା। ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ। ପରେ ପୁଣି ବାନ୍ତି ହେବାରୁ ପରିବାର ଲୋକେ ତାଙ୍କୁ ଶୁକ୍ରବାର ପିଆର୍‌ଏମ୍ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଚିଟ୍‌ଫଣ୍ଡ ମାମଲା: ନୂଆ ଖଣ୍ଡପୀଠରେ ହେବ ଶୁଣାଣି

**ନୂଆଦିଲ୍ଲୀ,୧୩।୫**

ଓଡ଼ିଶାରେ ବହୁ କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଦାଏର ପିଟିଶନର ଶୁଣାଣି ସୁପ୍ରିମକୋର୍ଟର ନୂଆ ଖଣ୍ଡପୀଠରେ ହେବ। ଗ୍ରୀଷ୍ମ ଛୁଟି ପରେ ଜୁଲାଇ ୩୧ରେ ଏହାର ଶୁଣାଣି କରାଯିବ। ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ହଜାର ହଜାର ଜମାକାରୀଙ୍କ ଟଙ୍କା ଫେରାଉ ନ ଥିବାରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ଏମ୍.ଆର୍. ଶାହ ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଗତ ମାର୍ଚ୍ଚରେ ତାଙ୍କ ରାୟରେ କହିଥିଲେ, ସାହାରା-ସେବି ରିଫଣ୍ଡ ଆକାଉଣ୍ଟରେ ଜମାଥିବା ୨୪,୯୭୯.୬୭ କୋଟି ଟଙ୍କାରୁ ୫୦୦୦ କୋଟି ଟଙ୍କା ସେଣ୍ଟ୍ରାଲ ରେଜିଷ୍ଟ୍ରାର୍ ଅଫ୍ କୋଅପରେଟିଭ୍ ସୋସାଇଟିକୁ ଯାଇଥିଲା। ଚିଟ୍‌ଫଣ୍ଡ ମାମଲା ସଂକ୍ରାନ୍ତରେ ମେ' ୮ରେ ଶେଷଥର ପାଇଁ ଶୁଣାଣି ହୋଇଥିଲା। ଅନ୍ୟପକ୍ଷେ ମେ' ୧୫ରେ ଜଷ୍ଟିସ୍ ଏମ୍.ଆର୍. ଶାହ ଅବସର ନେବାକୁ ଥିବାବେଳେ ମାମଲାର ଶୁଣାଣି ପାଇଁ ନୂଆ ଖଣ୍ଡପୀଠ ଗଠନ କରାଯିବ।

# ବନ୍ଦ ଘରୁ ମା' ଓ ଝିଅପୁଅଙ୍କ ମୃତଦେହ ଠାବ



ଘର ଭିତରେ ଘୋଡାଇହୋଇ ପଡିରହିଥିବା ମୃତଦେହ।

- ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଙ୍ଗାହେଲା ତାଲା
- ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ

**ସମ୍ବଲପୁର,୧୩।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ଗଅନ୍ତିଆପଡ଼ାରେ ଶନିବାର ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି। ବନ୍ଦ ଘରୁ ପୋଲିସ ମା' ସହ ପୁଅ ଓ ଝିଅଙ୍କ ମୃତଦେହ ଠାବ କରିଛି। ମୃତକମାନେ ହେଲେ ମାଆ ସାଜିଆ ପରବିନ (୩୫), ପୁଅ ଅବଦୁଲ ରହମାନ (୮) ଓ ଝିଅ ହୁମେୟା ତୟାଇନ (୬)। ଘର ବନ୍ଦ ଥିବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଭଙ୍ଗାଯାଇଥିଲା। ଶୋଇବା କୋଠରି ଖଟ ଉପରେ ବେଡ୍‌ଶିଟ୍ ଘୋଡାଯାଇଥିବା ଅବସ୍ଥାରେ ମୃତଦେହ ଠାବ କରାଯାଇଥିଲା। ପରବିନଙ୍କ ଭାଇ ମହମ୍ମଦ ଇନ୍ତିଆଜଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ପରବିନ ତାଙ୍କ ଦୁଇପିଲା ଓ ସ୍ୱାମୀ ଅବଦୁଲ ମଲିକଙ୍କ ସହ ଗଅନ୍ତିଆପଡ଼ାରେ ରହୁଥିଲେ। ଅବଦୁଲ ଜଡିବୁଟି ଓ ଆୟୁର୍ବେଦିକ ଔଷଧ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ଏପରିସ୍ଥଳେ ପ୍ରାୟ ୨ବର୍ଷ ତଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ପିଲାମାନଙ୍କ ସହ ପରବିନ ରହୁଥିବାବେଳେ କିଛିଦିନ ହେଲା ଜଣେ ଯୁବକ ତାଙ୍କ ଘରେ ଭଡାରେ ରହୁଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା ଉକ୍ତ ଯୁବକଙ୍କ ସହ ପରବିନଙ୍କ ଅଧିକାଂଶ ସମୟରେ ଝଗଡା ହୋଇଥାଏ। ଅନ୍ୟପଟେ ପ୍ରାୟ ୫ଦିନ ହେଲା ଘର ସମ୍ମୁଖ ଗେଟ୍‌ରେ ତାଲା ପଡିଥିଲା। ପରିବାରର କୌଣସି ସଦସ୍ୟ ବାହାରକୁ ଯିବାଆସିବା କରୁ ନ ଥିଲେ। ଚକ୍ରଧରପୁରରେ ରହୁଥିବା ପରବିନଙ୍କ ପରିବାର ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ କେହି ଫୋନ ରିସିଭ କରି ନ ଥିଲେ। ଏଥିରେ ସେମାନେ ଭୟଭୀତ ହୋଇ ଶନିବାର ସମ୍ବଲପୁର ଆସିଥିଲେ। ଘର ବାହାରୁ ତାଲା ପଡିଥିବା ଦେଖି ପରିବାର ବର୍ଗ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ମାଜିଷ୍ଟ୍ରେଟ ପହଞ୍ଚି ଘର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ ମୃତଦେହ ପଡି ରହିଥିବାବେଳେ ବିଭିନ୍ନ ସାମଗ୍ରୀ ବିଛାଡିହୋଇ ପଡିରହିଥିଲା। ତେଣୁ କେହି ଚୋରି କରିବାକୁ ଆସି ଏଭଳି କାଣ୍ଡ ଭିଆଇଛନ୍ତି କିମ୍ବା ଭଡାଟିଆ ଯୁବକ ହତ୍ୟା କରି ଫେରାର ହୋଇଯାଇଛନ୍ତି ତାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTGSUBBSeOT 022023, ତା.08.05.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (MCL), ତାଳଚେର ଠାରେ ସ୍ୱର 7-8 ଏବଂ 9-10 ମଧ୍ୟରେ ଅଟୋମେଟିକ୍ ବ୍ଲକ୍ ସିଗ୍ନାଲିଙ୍ଗ ସିଷ୍ଟମ୍‌ର ବ୍ୟବସ୍ଥା ଏବଂ ଦେଉଳବେଢ଼ା ସାଇଡିଙ୍ଗ୍-1 (DB-1) ଏବଂ ଲିଙ୍ଗରାଜ ସ୍ୱର ସାଇଡିଙ୍ଗ୍-3 (DB-2) ଠାରେ ନୂଆ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ୍‌ର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ।

**କାର୍ଯ୍ୟର ମୂଲ୍ୟ :** ₹ 6,40,28,078/-, **EMD :** ₹ 4,70,200/-, କାର୍ଯ୍ୟ ଶେଷ ହେବା ଅବଧି: 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.05.2023ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚେକ୍ ଲିଷ୍ଟ ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚରର ଯନ୍ତ୍ରୀ/ GSU/ଭୁବନେଶ୍ୱର

PR-22/CG/23-24






केन्द्रीय पेट्रोरसायन अभियांत्रिकी एवं प्रौद्योगिकी संस्थान (सिपेट)
**CENTRAL INSTITUTE OF PETROCHEMICALS ENGINEERING AND TECHNOLOGY**
(Dept. Of Chemicals & Petrochemicals, Ministry of Chemical and Fertilizers, Govt. of India)
Head office, T.V.K, Industrial Estate, Guindy, Chennai-600 032,
Email:academics@cipet.gov.com, www.cipet.gov.in

**CIPET-ADMISSION IN DIPLOMA LEVEL PROGRAM FOR THE ACADEMIC YEAR-2023-24**

AICTE Approved | **CIPET ADMISSION TEST (CAT-2023)** | Excellent Placement Record

APPLY NOW : https://cipet23.onlineregistrationform.org/CIPET/

| SL. No. | Course | Duration | Eligibility |
|---|---|---|---|
| 1. | Diploma in Plastics Mould Technology (DPMT) | 03 Years | 10th Passed or Appeared |

Age No Bar | Eligible for Govt. Scholarship | Separate Hostel Accommodations for Boys & Girls

| महत्वपूर्ण तिथियां IMPORTANT DATES | | |
|---|---|---|
| | Date of opening for CAT online application submission | 24.02.2023 |
| | Date of closure for CAT Application submission | 28.05.2023 |
| | Date of CAT all over India | 11.06.2023 |
| | Date of commencement of courses | 1st Week of Aug.2023 |

(Further Enquiry Contact: 9337784008 / 9937632279 / 7008441267)
**CIPET: CSTS, BHUBANESWAR**
S-3/79, Sec-A, Zone-B, Mancheswar Industrial Estate, Bhubaneswar – 751010,
Email: mcti@cipet.gov.in, cipetsat@gmail.com, www.cipet.gov.in

## ସଂକ୍ଷେପରେ

### ହଳଦୀ ପାଣି ନୀତି ସହ ସରିଲା ବାହାର ଚନ୍ଦନଯାତ୍ରା

ପୁରୀ ଅଫିସ,୧୩।୫: ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ଆରମ୍ଭ ହୋଇଥିବା ୨୧ଦିନିଆ ବାହାର ଚନ୍ଦନଯାତ୍ରା ଶନିବାର ହଳଦୀ ପାଣି ନୀତି ସହ ଶେଷ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବା ପରେ ସେଠାରେ ଭିତରଚ୍ଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରମାନେ ଚାପ ଖେଳିବା ନିମନ୍ତେ ନନ୍ଦା ଏବଂ ଭଦ୍ରାକୁ ବିଜେ କରିଥିଲେ। ପରେ ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ନରେନ୍ଦ୍ର ପୁଷ୍କରିଣୀରେ ଏକ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଥିଲେ। ଦିନ ଚାପ ସରିବା ପରେ ମହାଜନ ସେବକମାନେ ବଡ଼ ଚାପ ବା ଭଦ୍ରା ଚାପରୁ ରାମକୃଷ୍ଣଙ୍କୁ ଆଣି ମଦନମୋହନ ବିଜେ କରିଥିବା ଧଳାଚାପକୁ ବିଜେ କରାଯାଇଥିଲା। ସେଠାରେ ହଳଦୀ ପାଣି ନୀତି ସମ୍ପନ୍ନ ହୋଇଥିଲା। ପରେ ମୁଦିରସ୍ତଙ୍କ ଦ୍ୱାରା ରାଜନୀତି ବନ୍ଦାପନା ନୀତି ସମ୍ପନ୍ନ କରାଯାଇ ଠାକୁରଙ୍କୁ ଚନ୍ଦନ ଚକଡ଼ାକୁ ବିଜେ କରାଯାଇଥିଲା। ସେଠାରେ ମଇଲମ ଆଦି ନୀତି ସମ୍ପାଦନ କରାଯାଇ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇ ଭୋଗ ମଣୋହି କରାଯାଇଥିଲା। ପରେ ଠାକୁରମାନଙ୍କ ଅନ୍ୟାନ୍ୟ ନୀତି ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ହଳଦୀ ପାଣି ଦିନ ମହାପ୍ରଭୁଙ୍କ ରାତ୍ରିଚାପ ହୋଇ ନ ଥାଏ।

### ଶିବିରରେ ୬୫ଜଣଙ୍କ ଚକ୍ଷୁ ପରୀକ୍ଷା

ବାଲିଅନ୍ତା,୧୩।୫(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୧୮ନଂ ୱାର୍ଡ ଅଧୀନ ଜିଜିପି କଲୋନୀସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଶନିବାର ଏକ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଅଭିକ୍ଷା ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୬୫ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିବିରରେ ଡା. ସୁକାନ୍ତ ଦାସ ଡା. ଜ୍ୟୋତିପ୍ରକାଶ ସାହୁ, ଅନ୍ୟ ୫ ଜଣ ସ୍ୱାସ୍ଥ୍ୟ ସହକର୍ମୀ ଉପସ୍ଥିତ ରହି ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହ ଆବଶ୍ୟକ ଆଖି ଡ୍ରପ୍ ବଣ୍ଟନ କରିଥିଲେ। ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା, ପୂର୍ବତନ କର୍ପୋରେଟର ପ୍ରତାପ ରାଉତରାୟ, ସଞ୍ଜୟ ବଳିୟାରସିଂ, ଅସ୍ମିତା ଦାସ ଓ ବିଚିତ୍ରାନନ୍ଦ ସୂତାର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଶିବିରକୁ ଟ୍ରଷ୍ଟର ମୁଖ୍ୟ ମାନସୀ ଶତପଥୀଙ୍କ ତତ୍ତ୍ୱାବଧାନରେ ମନୋରଞ୍ଜନ ମିଶ୍ର, ପ୍ରଦୋଷ ପରିଡ଼ା, ବନ୍ଦିତା ସାହୁ, ମୋନାଲିସା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବଟି ଦେବାକୁ ଧମକ

ବାରଙ୍ଗ,୧୩।୫(ଡି.ଏନ୍.ଏ.)- ନନ୍ଦନକାନନ ଥାନା ଅଧୀନ ମରଚିଆ ଗ୍ରାମରେ ଜାଗା କିଣି ଘର କରୁଥିବା ବ୍ୟକ୍ତିଙ୍କୁ ଦାଦାବଟି ମାଗିବା ଓ ନ ଦେବାରୁ ଘରକରଣା ସାମଗ୍ରୀ ରାତାରାତି ଉଠାଇନେଇ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଗଣ୍ଡରପୁର ମଝିସାହି ଗ୍ରାମର କାବୁଲି ରାଉତ ମରଚିଆ ମୌଜାରେ ଜାଗା କିଣି ଘର କରୁଛନ୍ତି। ଗ୍ରାମର ୱାର୍ଡସଭ୍ୟ ଓ ତାଙ୍କର ଦୁଇ ସହଯୋଗୀ ମିଶି ଶୁକ୍ରବାର କାବୁଲିଙ୍କ ଘର ପାଖକୁ ଆସି ୩ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଏଥିରେ କାବୁଲି ରାଜି ନ ହେବାରୁ ୩ଜଣ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ସେଠାରେ ଥିବା ଇଟାରେ ଆକ୍ରମଣ କରିଥିଲେ। ଘର ତିଆରି ପାଇଁ ଥୁଆ ହୋଇଥିବା ଇଟା ଶନିବାର ନ ଥିଲା ବୋଲି କାବୁଲି ଅଭିଯୋଗରେ ଜଣାଇଛନ୍ତି। ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବା ସହ ଏହାକୁ ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି।

### ମା' ସାହାଡ଼ାସୁନ୍ଦରୀଙ୍କ ବାର୍ଷିକ ଉତ୍ସବ

ବାରଙ୍ଗ,୧୩।୫(ଡି.ଏନ୍.ଏ.)- ବାରଙ୍ଗ ବ୍ଲକ କୁହ୍ନେଇପଡ଼ା ପଞ୍ଚାୟତର ବାଲିଚନ୍ଦ୍ରପୁର ଗ୍ରାମରେ ଶନିବାର ମା' ସାହାଡ଼ାସୁନ୍ଦରୀ ଠାକୁରାଣୀଙ୍କର ପ୍ରଥମ ବାର୍ଷିକୋତ୍ସବ ପାଳନ ହୋଇଯାଇଛି। ସୁବାସ ବୋଷ୍ ସେତୁ ନିକଟ କାଠଯୋଡ଼ି ନଦୀରୁ ମହିଳା ଓ ପୁରୁଷମାନେ ୧୦୧ କଳସ ପାଣି ଉଠାଇବା ପରେ ଶୋଭାଯାତ୍ରାରେ ଆସିଥିଲେ। କଳସଯାତ୍ରା ପରେ ମା'ଙ୍କର ମାଜଣା ନୀତି, ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏହି ପୂଜାରେ ହାଡ଼ିବନ୍ଧୁ ଜେନା ଓ ତାଙ୍କ ସହଧର୍ମିଣୀ ପ୍ରତିମା ଜେନା କର୍ତ୍ତାକର୍ତ୍ତ୍ରୀ ହୋଇଥିଲେ। ବାଲିଚଉରୀ ଗ୍ରାମ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହ ପ୍ରତାପ ରାଉତ, ସୁଶାନ୍ତ ଜେନା, ସନ୍ତୋଷ ରାଉତ, ଅସିତ ରାଉତ, ରବୀନ୍ଦ୍ର ରାଉତ, ମନୋଜ ରାଉତ, ଗୁରୁ ଚରଣ ବାରିକ, ଶଙ୍କର୍ଷଣ ସ୍ୱାଇଁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଯାତ୍ରୀଙ୍କୁ ଲାଳସା ଦେଖାଇ ଲୁଟ୍, ୨ ମହିଳା ଗିରଫ

ଭୁବନେଶ୍ୱର ,୧୩।୫ (ବ୍ୟୁରୋ)


ଗିରଫ ହୋଇଥିବା ଦୁଇ ମହିଳା।

**ଟାର୍ଗେଟରେ ଟ୍ରେନ୍ ଯାତ୍ରୀ**
- ମୋବାଇଲ, ଟଙ୍କା ଜବତ
- ପୂର୍ବରୁ ୧୦ ଗିରଫ ହୋଇଥିଲେ

ଟ୍ରେନ୍‌ରେ ଆସୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। କିଛି ସମୟ ପିଛା କରିବା ପରେ ପାଖକୁ ଡାକି କଥା ହେଉଥିଲେ। ରୂପ ଯୌବନ ଦେଖାଇ ସେମାନଙ୍କୁ ଫସାଉଥିଲେ। ଆଉ ଯିଏ ଫସୁ ନ ଥିଲେ, ତାଙ୍କଠାରୁ ଜବରଦସ୍ତି ଟଙ୍କା ଓ ମୋବାଇଲ ଛଡାଇ ନେଉଥିଲେ। ଯିଏ ବିରୋଧ କରୁଥିଲେ, ତାଙ୍କୁ ଅସଦାଚରଣ କେସ୍‌ରେ ଫସାଇଦେବାକୁ ଧମକ ଦେଉଥିଲେ। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ସକ୍ରିୟ ଥିବା ଏହି ର୍ୟାକେଟର ୨ ମହିଳାଙ୍କୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ। ଦୁଇ ଅଭିଯୁକ୍ତା ହେଲେ ସନ୍ତୋଷିନୀ ନାୟକ ଓ ମାମିନା ନାୟକ। ଏମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଓ ନଗଦ ୫୦୦ ଟଙ୍କା ଜବତ କରାଯାଇଛି। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଅନେକ ସମୟରେ ଯାତ୍ରୀମାନେ ବ୍ୟସ୍ତ ଥିବା ସମୟରେ ଏହି ମହିଳାମାନେ ସେମାନଙ୍କୁ ଟାର୍ଗେଟ କରି ଲୁଟିଥାନ୍ତି। କିନ୍ତୁ ଯାତ୍ରୀଙ୍କ ପାଖରେ ସମୟ ନ ଥିବାରୁ କେହି ଥାନାରେ ଅଭିଯୋଗ କରିବାକୁ ଚାହିଁ ନ ଥାନ୍ତି। ପୂର୍ବରୁ ମଧ୍ୟ ଏମିତି ଘଟଣାରେ ୧୦ଜଣ କୋର୍ଟ ଚାଲାଣ ହୋଇସାରିଛନ୍ତି। ସୂଚନାନୁସାରେ, ଶୁକ୍ରବାର ଅପରାହ୍ନରେ ଶହୀଦନଗର ବସ୍ତିର ପପୁ ଦିଗଲ ମାଷ୍ଟରକ୍ୟାଣ୍ଟିନରୁ ରେଳ ଟିକେଟ କାଟି ଫେରୁଥିବା ବେଳେ ହଟ୍ ଡ୍ରେସ ପିନ୍ଧିଥିବା ଦୁଇ ମହିଳା ତାଙ୍କୁ ଅଚାନକ ଅଟକାଇ ଥିଲେ। ପପୁ କିଛି ଭାବିବା ଆଗରୁ ସେମାନେ ତାଙ୍କଠାରୁ ଜବରଦସ୍ତି ୨୧୦୦ ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ପପୁ ବିରୋଧ କରିବାରୁ ଦୁଇ ମହିଳା ଚିତ୍କାର କରି ଅସଦାଚରଣ କରୁଥିବା କହିଥିଲେ। ସେଠାରେ ଉପସ୍ଥିତ ଥିବା କିଛି ଲୋକ ଏହା ଦେଖି ୧୧୨କୁ କଲ୍ କରି ଜଣାଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଥାନାକୁ ଆଣିଥିଲା। ପପୁଙ୍କଠାରୁ ଘଟଣା ଜାଣିବା ପରେ ଉକ୍ତ ୨ ମହିଳାଙ୍କୁ ପଚରାଉଚରା କରିଥିଲା। ନିଜ ସୁନ୍ଦର ରୂପ ଦେଖାଇ ଟ୍ରେନରୁ ଓହ୍ଲାଉଥିବା ଯାତ୍ରୀଙ୍କୁ ଫସାଇ ଟଙ୍କା ରୋଜଗାର କରୁଥିବା ଦୁଇ ମହିଳା ସ୍ୱୀକାର କରିଥିଲେ। ଏହାପରେ କମିଶନରେଟ ପୋଲିସ ଦୁଇ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଭୁବନେଶ୍ୱର ଜୋନ-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ କହିଛନ୍ତି।

# ଇନ୍‌ସେଫ୍ ସିକ୍ୟୁରିଟି ସଂସ୍ଥାର ମାଲିକ ଗିରଫ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

**ମହିଳାଙ୍କ ସମେତ ୨୦୦ ସିକ୍ୟୁରିଟି କର୍ମଚାରୀଙ୍କ ଦରମା ହଡ଼ପ**



ସିକ୍ୟୁରିଟି କର୍ମଚାରୀଙ୍କ ଦରମା ଟଙ୍କାକୁ ହଡପ କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ଇନ୍‌ସେଫ୍ ସିକ୍ୟୁରିଟି ମ୍ୟାନ୍ ପାୱାର ସଂସ୍ଥାର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା କୋଣାର୍କ ଥାନା ଅଞ୍ଚଳର ଅଜୟ ବେହେରା। ତାଙ୍କଠାରୁ ପୋଲିସ କିଛି କାଗଜପତ୍ର ଜବତ କରିବା ସହ ଏକ ମାମଲା ନଂ.୬୩/୨୩ ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜଣେ ମହିଳାଙ୍କ ସମେତ ୨୦୦ କର୍ମଚାରୀଙ୍କ ଦରମା ବାବଦକୁ ମୋଟ ୮ ଲକ୍ଷ ଟଙ୍କା ଠକିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, ଅଭିଯୁକ୍ତ ଅଜୟ ଓ ତାଙ୍କର ଜଣେ ସହଯୋଗୀ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ ଗଙ୍ଗୋତ୍ରି ନଗର ଲେନ-୩ରେ ଇନ୍‌ସେଫ୍ ସିକ୍ୟୁରିଟି ମ୍ୟାନ୍ ପାୱାର ନାମକ ଏକ ସିକ୍ୟୁରିଟି ସଂସ୍ଥା ଖୋଲି ବେସରକାରୀ ତଥା ସରକାରୀ ସଂଗଠନଗୁଡ଼ିକୁ ସୁରକ୍ଷାକର୍ମୀ ଯୋଗାଉଥିଲେ। ୨୦୦ କର୍ମଚାରୀଙ୍କୁ ମାସିକ ୧୫ ହଜାର ଟଙ୍କା ବେତନ ଆକାରରେ ନିଯୁକ୍ତି ଦେବା ସହ ସେମାନଙ୍କଠାରୁ ସୁରକ୍ଷା ଜମା ଟଙ୍କା ଆକାରରେ ୫ ହଜାର ଲେଖାଏ ନେଇଥିଲେ। ହେଲେ ନିଯୁକ୍ତି ପରେ ଦରମା ବାବଦକୁ ପାଉଥିବା ଟଙ୍କା କର୍ମଚାରୀଙ୍କୁ ନ ଦେଇ ଅଭିଯୁକ୍ତ ଓ ସହଯୋଗୀମାନେ ଚଳୁ କରିଦେଇଥିଲେ। ଏନେଇ ଉକ୍ତ ସଂସ୍ଥା କର୍ମଚାରୀଙ୍କୁ ଦରମା ଦେବା ପାଇଁ ଅମୃତା ବାରିକ ନାମ୍ନୀ ଜଣେ ମହିଳାଙ୍କଠାରୁ ୫୦ ହଜାର ଟଙ୍କା ଋଣ ଆକାରରେ ଚୁକ୍ତିନାମା କରି ୨ ମାସ ପାଇଁ ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଟଙ୍କା ଫେରସ୍ତ ନ କରିବାରୁ ମହିଳା ଜଣକ ଏନେଇ ପଚାରିବାରୁ ସେମାନେ ଧମକ ଦେଇଥିଲେ। ମହିଳା ଜଣକ କେତେଜଣ ସହଯୋଗୀଙ୍କୁ ଧରି ଉକ୍ତ ଅଫିସକୁ ଯାଇଥିବାବେଳେ ଅଭିଯୁକ୍ତମାନେ ତାଲା ପକାଇ ଚାଲି ଯାଇଥିଲେ। ଠକାମିର ଶିକାର ହେବା ପରେ ସେ ଧଉଳି ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ଦରମା ପାଇ ନ ଥିବା କର୍ମଚାରୀମାନେ ମଧ୍ୟ ପୋଲିସକୁ ଜଣାଇଥିଲେ।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଶବ୍ଦରଙ୍ଗ ନାଟକ ମହୋତ୍ସବର ଶନିବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଆମଘର'ର ଏକ ଦୃଶ୍ୟ।

**ହାଇକୋର୍ଟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

# ୬୧ ମାମଲା ଫଇସଲା

କଟକ ଅଫିସ, ୧୩।୫

ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟି (ଓଏଚ୍‌ସିଏଲ୍‌ଏସ୍‌ସି) ତତ୍ତ୍ୱାବଧାନରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍ଏଲ୍ଏସ୍ଏ)ର ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର, ଓଏସ୍ଏଲ୍ଏସ୍ଏର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସୁଭାଶିଷ ତାଳପତ୍ର, ଓଏଚ୍‌ସିଏଲ୍‌ଏସ୍‌ସିର ଅଧ୍ୟକ୍ଷ ବିଚାରପତି ବି. ଆର୍. ଷଡଙ୍ଗୀଙ୍କ ମାର୍ଗଦର୍ଶନରେ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ ଏସ୍.କେ. ସାହୁ, ଏସ୍. ରଥ, ଏ.କେ. ମହାପାତ୍ର, ବି.ପି. ଶତପଥୀ, ଏମ୍.ଏସ୍. ରମଣ, ଜଷ୍ଟିସ ଏସ୍.କେ. ମିଶ୍ର ଏବଂ ହାଇକୋର୍ଟର ବିଚାରପତିମାନେ ବିଭିନ୍ନ ବେଞ୍ଚରେ ଅନୁଷ୍ଠିତ ଲୋକ ଅଦାଲତରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୬୧ଟି ମାମଲା ଫଇସଲା କରାଯାଇ ୩ କୋଟି ୫୧ ଲକ୍ଷ ୩୯ ହଜାର ୨୦୦ ଟଙ୍କା କ୍ଷତିପୂରଣ ବାବଦକୁ ସ୍ଥିର ହୋଇଥିଲା। ମୁଖ୍ୟତଃ ବୀମା ବିବାଦ, ବିଦ୍ୟୁତ୍, ବ୍ୟାଙ୍କ ସମ୍ବନ୍ଧୀୟ ଓ ବୈବାହିକ ସମ୍ବନ୍ଧୀୟ ମାମଲା ଫଇସଲା କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ, ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ ଓ ଅନ୍ୟ ଘରୋଇ ବୀମା କମ୍ପାନୀ ଅଂଶଗ୍ରହଣ କରିଥିଲା।

# ବିଏମ୍‌ସିର ମଳ ପରିଚାଳନାକୁ ପ୍ରଶଂସା


ଏଫ୍‌ଏସ୍‌ଟିପି ପରିଦର୍ଶନ କରୁଛନ୍ତି ସଚିବ ଓ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୧୩।୫ (ବ୍ୟୁରୋ)

**ଏଫ୍‌ଏସ୍‌ଟିପି ପରିଦର୍ଶନ କଲେ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଯୁଗ୍ମ ସଚିବ**

ବାସୁଆଘାଇରେ କାର୍ଯ୍ୟକ୍ଷମ ଥିବା ମଳ ପରିଚାଳନା ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି) ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପ୍ରଶଂସିତ ହୋଇଛି। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରୂପା ମିଶ୍ର ଶନିବାର ମଳ ପରିଚାଳନା କାରଖାନା ଗସ୍ତ କରି ଏହା କିପରି କାର୍ଯ୍ୟ କରୁଛି ତାହା ତଦାରଖ କରିଥିଲେ। ସେ ପ୍ଲାଣ୍ଟରେ ଥିବା ସାମଗ୍ରିକ କାର୍ଯ୍ୟଗୁଡ଼ିକର ଷ୍ଟକ ଯାଞ୍ଚ କରିବା ସହ ପ୍ଲାଣ୍ଟ ପରିଚାଳନା ଦାୟିତ୍ୱରେ ଥିବା ଏସ୍‌ଏଚଜି ସହ ଆଲୋଚନା କରିଥିଲେ। ସେହିପରି ୧୦ ନମ୍ବର ମୁଖ୍ୟନାଳରେ ଜାରି ଥିବା ବିଏମସିର ଲେକ ଜୋନ ପ୍ରକଳ୍ପକୁ ବୁଲି ଦେଖିଥିଲେ। ଗସ୍ତ ପରେ ଟୁଇଟ୍ ଯୋଗେ ପ୍ରତିକ୍ରିୟା ରଖି ସଚିବ ମିଶ୍ର କହିଛନ୍ତି, ବିଏମସି ଦ୍ୱାରା କରାଯାଉଥିବା ବର୍ଜ୍ୟ ପରିଚାଳନା ଦେଖିବାକୁ ସୁଯୋଗ ମିଳିଲା। ମୁକ୍ତା ଓ ଗରିମା ଯୋଜନାରେ କାର୍ଯ୍ୟ କରୁଥିବା ଏସ୍‌ଏଚ୍‌ଜି କର୍ମୀଙ୍କ ସହ ଆଲୋଚନା କରି ଖୁସି ଲାଗିଲା। ବିଏମସିର ଏହି କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ସୂଚନାଯୋଗ୍ୟ, ଯୁଗ୍ମ ସଚିବ ନିୟମିତ ଭାବେ ବିଭିନ୍ନ ମହାନଗର ନିଗମ ଯାଇ ପରିମଳ ଓ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା କିପରି ଅଛି ତାହା ଯାଞ୍ଚ କରୁଛନ୍ତି। ନିକଟରେ ସେ କେରଳ ଗସ୍ତ କରିବା ସହ ବିଭିନ୍ନ ମହାନଗର ନିଗମ ବୁଲି ବର୍ଜ୍ୟ ପରିଚାଳନା ସ୍ଥିତି ଯାଞ୍ଚ କରିଥିଲେ।

# 'ପୁଷ୍ପା... ଆଇ ହେଟ୍ ୱେଷ୍ଟ ରେ...'

ଭୁବନେଶ୍ୱର, ୧୩।୫ (ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱର କିପରି ସ୍ୱଚ୍ଛ ସହରରେ ପରିଣତ ହେବ ସେଥିପାଇଁ ବିଏମ୍‌ସି, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ପ୍ରଚେଷ୍ଟା କରାଯାଉଛି। ଏଥିସହ ନାଗରିକମାନଙ୍କୁ କିପରି ସ୍ୱଚ୍ଛତା ଅଭ୍ୟାସ ସହିତ ଜଡ଼ିତ କରାଯାଇ ପାରିବ ସେ ନେଇ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରଯାଉଛି। ବିଶେଷକରି ଯୁବପିଢ଼ିଙ୍କୁ ଏନେଇ ଅଭ୍ୟସ୍ତ କରାଇବା ପାଇଁ ଫିଲ୍ମି ଷ୍ଟାଇଲ୍‌ରେ ଅପିଲ୍ କରାଯାଉଛି। ବିଏମ୍‌ସି ପ୍ରଥମେ ସାଉଥ୍ ଚଳଚ୍ଚିତ୍ର ପୁଷ୍ପା ପରେ ଏବେ ବିଏସ୍‌ସିଏଲ୍ ପକ୍ଷରୁ ଏଭରଗ୍ରୀନ୍ ହିରୋ ରାଜେଶ ଖାନ୍ନାଙ୍କ ଅନ୍ଦାଜରେ ବାହାରେ ଅଳିଆ ଆବର୍ଜନା ନ ପକାଇବାକୁ ସଚେତନ କରାଯାଉଛି। ରାଜେଶ ଖାନ୍ନାଙ୍କ ଲୋକପ୍ରିୟ ଡାଏଲଗ୍ 'ପୁଷ୍ପା... ଆଇ ହେଟ୍ ଟିୟର୍ସ' ଷ୍ଟାଇଲରେ 'ପୁଷ୍ପା... ଆଇ ହେଟ୍ ୱେଷ୍ଟ ରେ...' ମେସେଜ୍ ଦିଆଯାଇଛି। ସହରବାସୀ ବାହାରେ ଏଣେତେଣେ ଅଳିଆ ନ ପକାଇ 'ସଫା' ଆପ୍‌ର ବ୍ୟବହାର କରିବାକୁ ଏଥିରେ ଦର୍ଶାଯାଇଛି। ପାର୍ଟି ବା ଉତ୍ସବରେ ବାହାରିଥିବା ଅଳିଆ ହେଉ ଅବା କମର୍ସିଆଲ, ନିର୍ମାଣଧିନ ବର୍ଜ୍ୟ କିମ୍ବା ଘରୋଇ ଆବର୍ଜନା ଏସବୁକୁ ନେବାପାଇଁ ସଫା ଆପ୍‌ର ବ୍ୟବହାର କରିବାକୁ ସଚେତନ କରାଯାଇଛି। ଏହାକୁ ଅଧିକାଂଶ ଲୋକ ପସନ୍ଦ ମଧ୍ୟ କରିଛନ୍ତି।




# ଡବ୍ଲ୍ୟୁସିସି ବୈଠକରେ ପରିମଳ ବ୍ୟବସ୍ଥା ନେଇ ଆଲୋଚନା


ଡବ୍ଲ୍ୟୁସିସି ବୈଠକରେ ଉପସ୍ଥିତ କର୍ପୋରେଟର, ୱାର୍ଡ ଅଫିସର ଓ ଅନ୍ୟମାନେ।

ଭୁବନେଶ୍ୱର, ୧୩।୫ (ବ୍ୟୁରୋ)

ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ବିଏମ୍‌ସି ଉଦ୍ୟମ ଜାରି ରଖିଛି। ପ୍ରତ୍ୟେକ ଶନିବାର ବିଭିନ୍ନ ୱାର୍ଡରେ ବିଏମସିର ୱାର୍ଡ କୋର କମିଟି (ଡବ୍ଲ୍ୟୁସିସି) ବୈଠକ ଆୟୋଜନ କରାଯାଉଛି। ଏହି କ୍ରମରେ ଶନିବାର ୱାର୍ଡ ନଂ ୧ ଏବଂ ୨ରେ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପୃକ୍ତ ୱାର୍ଡରେ ଡ୍ରେନ୍‌ର ସ୍ଥିତି କିପରି ଅଛି, କେତେ ଡ୍ରେନ ସଫା ହୋଇଛି, ୱାର୍ଡର ପରିମଳ ବ୍ୟବସ୍ଥା କିପରି ଅଛି, ଆବର୍ଜନା ଠିକ୍ ଭାବେ ସଫେଇ ଗାଡ଼ିକୁ ଦିଆଯାଉଛି କି ନାହିଁ ତାହାର ରିପୋର୍ଟ ସାନିଟାରୀ ଇନ୍ସପେକ୍ଟର ସ୍ଥାନୀୟ କର୍ପୋରେଟରଙ୍କୁ ଦେଇଥିଲେ। ରିପୋର୍ଟ ପାଇବା ପରେ କର୍ପୋରେଟର ସ୍ଥିତି ସମୀକ୍ଷା କରିବା ସହ କିପରି ତୁରନ୍ତ ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ବୈଠକରେ ସ୍ଥାନୀୟ କର୍ପୋରେଟର, ୱାର୍ଡ ଅଫିସର, ସାନିଟାରୀ ଇନ୍ସପେକ୍ଟର, ସ୍ୱଚ୍ଛସାଥୀ, ଘରୋଇ ସଫେଇ ସଂସ୍ଥା ସୁପରଭାଇଜର ଓ ପରିମଳ ସୁପରଭାଇଜର ଉପସ୍ଥିତ ଥିଲେ।

# ୱାର୍ଡ ଅଫିସର, ଏସ୍‌ଆଇଙ୍କୁ ଡ୍ରେନ୍ ତଦାରଖ ଦାୟିତ୍ୱ

ଭୁବନେଶ୍ୱର, ୧୩।୫ (ବ୍ୟୁରୋ)

**ମୌସୁମୀ ପୂର୍ବରୁ ଡ୍ରେନ୍ କାମ ସାରିବା ନେଇ ବିଏମ୍‌ସିର ତତ୍ପରତା**



ଭୁବେନେଶ୍ୱର ମହାନଗର ନିଗମ (ବିଏମସି)କୁ ମୌସୁମୀ ପୂର୍ବରୁ ସବୁ ଡ୍ରେନ ସଫା କରିବା ଚିନ୍ତା ଘାରିଛି। ସବୁବର୍ଷ ପରି ଏଥର ମଧ୍ୟ ଭୁବନେଶ୍ୱର ଜଳବନ୍ଦୀ ଯନ୍ତ୍ରଣାରେ ଆଉଟୁପାଉଟୁ ହେବାର ସମ୍ଭାବନା ରହିଛି। ତେଣୁ ଚଳିତ ମୌସୁମୀ ସୁଦ୍ଧା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ଡ୍ରେନ୍ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ସବୁ ୱାର୍ଡରେ ଆଭ୍ୟନ୍ତରୀଣ ଡ୍ରେନ ନିର୍ମାଣ ସହ ମୁଖ୍ୟ ନାଳର ପୁନରୁଦ୍ଧାର ଓ ସମ୍ପ୍ରସାରଣ କରାଯାଉଛି। ଅଧିକାଂଶ ନାଳର ସଂଯୋଗ ବନ୍ଦ କରାଯାଇଥିବାବେଳେ ଏବେ ସେଥିରୁ ପଙ୍କୋଦ୍ଧାର କାମ ଚାଲିଛି। ମୌସୁମୀ ପୂର୍ବରୁ କିପରି ୨ରୁ ୩ ଥର ଡ୍ରେନ ସଫା କାମ ଶେଷ କରାଯିବ ସେ ନେଇ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଗୁରୁତ୍ୱ ଦେଇଛନ୍ତି। ନିକଟରେ ସ୍ୱଚ୍ଛସାଥୀ, ସାନିଟାରୀ ଇନ୍ସପେକ୍ଟର, ୱାର୍ଡ ଅଫିସର ଓ ସ୍ୱଚ୍ଛତା ସୁପରଭାଇଜରଙ୍କ ସହ ଏନେଇ ସମୀକ୍ଷା କରାଯାଇଥିଲା। ବୈଠକରୁ ପ୍ରକାଶିତ ନିଷ୍କର୍ଷ ମୁତାବକ ଘରୋଇ ସଫେଇ ସଂସ୍ଥା, ଏନ୍‌ଜିଓଙ୍କ ସହ ମିଶି ୱାର୍ଡ ଅଫିସର ଓ ସାନିଟାରି ଇନ୍ସପେକ୍ଟର ଡ୍ରେନ ସଫେଇ ତଦାରଖ କରିବେ। ମେ' ୫ ତାରିଖ ମଧ୍ୟରେ ସମସ୍ତ ସଫେଇ ସଂସ୍ଥା ଓ ଏନ୍‌ଜିଓଙ୍କୁ ୱାର୍ଡର ଡ୍ରେନ୍ ସଫେଇ କରିବାକୁ ସହମ୍ମତି ପ୍ରକାଶ ପାଇଥିଲେ ହେଁ, ଏବେସୁଦ୍ଧା ସଂସ୍ଥାଗୁଡ଼ିକ ଏହି କାମ ସାରି ନାହାନ୍ତି। ସେହିପରି ଡ୍ରେନ୍ ସଫେଇ ପରେ ଯେପରି ପଙ୍କ ରାସ୍ତାରେ ନ ପଡ଼େ ସେଥିପ୍ରତି ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟର ଧ୍ୟାନ ଦେବେ। ଦୈନିକ କେତେ ଡ୍ରେନ୍ ଗସ୍ତ କଲେ, ତାହାର ନାମ ଓ ସମ୍ପୃକ୍ତ ଡ୍ରେନ୍‌ର ସ୍ଥିତି କ'ଣ ଅଛି, ଉକ୍ତ ଡ୍ରେନ୍ (ବିଏମ୍‌ସି/ ଆର୍‌ଆଣ୍ଡବି/ ଇଡ୍‌କୋ/ ଅନ୍ୟାନ୍ୟ) କାହାର ତାହା ଉଲ୍ଲେଖ କରିବେ, ଘୋଡ଼ଣି ପଡ଼ିଛି କି ନାହିଁ, କିମ୍ବା ଅନ୍ୟକିଛି ସମସ୍ୟା ରହିଛି ତାହା ରିପୋର୍ଟ କରିବେ। ଏହାସହ ଉକ୍ତ ଗସ୍ତର ଜିପିଏସ୍ ଲୋକେଶନ ସହ ଫଟୋ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମ୍ୟୁନିସିପାଲ କମିଶନର, କର୍ପୋରେଶନ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଚିଠି ଲେଖାଯାଇଛି। ମୌସୁମୀ ପୂର୍ବରୁ ସମସ୍ତ ଡ୍ରେନ୍ ସଫା କରିବା ସହ ଡ୍ରେନ୍‌ରେ ଘୋଡଣି ପକାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚିଠି ପାଇବା ପରେ ବିଏମ୍‌ସି ପକ୍ଷରୁ ଡ୍ରେନ ସଫେଇ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ସୂଚନାଯୋଗ୍ୟ, ଜଳବନ୍ଦୀ ସମସ୍ୟା ପାଇଁ ବିଏମସିକୁ ବାରମ୍ବାର ସମାଲୋଚିତ ହେବାକୁ ପଡୁଛି। ଏଥିପାଇଁ ଚଳିତବର୍ଷ କିପରି ଜଳବନ୍ଦୀ ସମସ୍ୟାରୁ ଭୁବନେଶ୍ୱରକୁ ନିବୃତ୍ତ ରଖାଯିବ ସେ ନେଇ ବିଏମ୍‌ସି ଯୋଜନା କରିଛି। କମିଶନରଙ୍କ ଅଧ୍ୟକ୍ଷତାରେ ଘନ ଘନ ବୈଠକ ବସୁଥିବାବେଳେ କ୍ଷେତ୍ର ପରିଦର୍ଶନ ମଧ୍ୟ କରାଯାଉଛି। ତେବେ ବାସ୍ତବରେ ମୌସୁମୀ ପୂର୍ବରୁ ସହରର ସମସ୍ତ ଡ୍ରେନ୍ ସଫା ହୋଇ ପାରୁଛି କି ନାହିଁ ତାହା ଉପରେ ସହରବାସୀଙ୍କ ନଜର ରହିଛି।

## ସଂକ୍ଷେପରେ

### ଘର ତିଆରି ନେଇ ଦାଦାବଟି ଦେବାକୁ ଧମକ

ବାରଙ୍ଗ,୧୩।୫(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅଧୀନ ମରଚିଆ ଗ୍ରାମରେ ଜାଗା କିଣି ଘର କରୁଥିବା ବ୍ୟକ୍ତିଙ୍କୁ ଦାଦାବଟି ମାଗିବା ଓ ନ ଦେବାରୁ ଘରକରଣା ସାମଗ୍ରୀ ରାତାରାତି ଉଠାଇନେଇ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଗଣ୍ଡରପୁର ମଝିସାହି ଗ୍ରାମର କାବୁଲି ରାଉତ ମରଚିଆ ମୌଜାରେ ଜାଗା କିଣି ଘର କରୁଛନ୍ତି। ଗ୍ରାମର ୱାର୍ଡସଭ୍ୟ ଓ ତାଙ୍କର ଦୁଇ ସହଯୋଗୀ ମିଶି ଶୁକ୍ରବାର କାବୁଲିଙ୍କ ଘର ପାଖକୁ ଆସି ୩ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଏଥିରେ କାବୁଲି ରାଜି ନ ହେବାରୁ ୩ଜଣ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ସେଠାରେ ଥିବା ଇଟାରେ ଆକ୍ରମଣ କରିଥିଲେ। ଘର ତିଆରି ପାଇଁ ଥୁଆ ହୋଇଥିବା ଇଟା ଶନିବାର ନ ଥିଲା ବୋଲି କାବୁଲି ଅଭିଯୋଗରେ ଜଣାଇଛନ୍ତି। ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବା ସହ ଏହାକୁ ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି।

### ଗରିବ ମେଧାବୀ ଛାତ୍ରଙ୍କୁ ସହାୟତା କରି ସ୍ୱାମୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ ଅଫିସ,୧୩।୫: ଜଣେ ମହିଳା ନିଆରା ଢଙ୍ଗରେ ତାଙ୍କର ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ସାରଦା ପଟ୍ଟନାୟକଙ୍କ ସ୍ମୃତିରେ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ତାଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତି ସେହି ବିଦ୍ୟାଳୟର ଜଣେ ଗରିବ ଓ ମେଧାବୀ ଛାତ୍ର କୃଷ୍ଣଚନ୍ଦ୍ର ସାହୁଙ୍କୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସ୍ୱାମୀଙ୍କ ସ୍ୱପ୍ନକୁ ପୂରଣ କରିବା ଲାଗି ଶିକ୍ଷୟିତ୍ରୀଙ୍କ ଏଭଳି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି। ପ୍ରତ୍ୟେକ ବର୍ଷ ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଜଣେ ଗରିବ ଏବଂ ମେଧାବୀ ଛାତ୍ରଙ୍କୁ ପାଠପଢ଼ାରେ ସହାୟତା କରିବା ଲାଗି କିଛି ନା କିଛି ସାହାଯ୍ୟ କରିଥାନ୍ତି। ତେବେ ପୁରୀ ବଡ଼ଦାଣ୍ଡସ୍ଥିତ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନ୍ନଦା ଚଳିତଥର ସ୍ୱାମୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ଗରିବ ମେଧାବୀ ପିଲାଙ୍କୁ ପାଠ ପଢ଼ିବା ଲାଗି ଅର୍ଥ ପ୍ରଦାନ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ଏଭଳି ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

### ହେଲ୍ପମେଟ୍ ପକ୍ଷରୁ ଅଂଶୁଘାତ ସଚେତନତା

ପୁରୀ ଅଫିସ,୧୩।୫: ସାମାଜିକ ଅନୁଷ୍ଠାନ ହେଲ୍ପମେଟ୍ ପକ୍ଷରୁ ଶନିବାର ଅଂଶୁଘାତଜନିତ ଏକ ସଚେତନତା କାର୍ଯ୍ୟକ୍ରମ ପୁରୀ ଜିଲାରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସୂର୍ଯ୍ୟ ରଶ୍ମିର ଉତ୍ତାପ ବୃଦ୍ଧିକୁ ନେଇ ହେଲ୍ପମେଟ୍ ଅନୁଷ୍ଠାନ ତରଫରୁ ପୁରୀ ଜିଲାର ଉଚ୍ଛୁପୁରୁ ଶାସନ, ବିଜିପୁରୁ, ତାଳକପା, ମହାପୁର ଆଦି ଗ୍ରାମରେ ଅଂଶୁଘାତ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଚେତନତା କରିବା ସହ କୃଷକ ଓ ଶ୍ରମିକମାନଙ୍କୁ ଛତା, ଗାମୁଛା, ବିଛଣା, ପାଣି ବୋତଲ ଇତ୍ୟାଦି ବଣ୍ଟନ କରାଯାଇଛି। ଏଥିସହ ବିନାୟକ ଇଂଲିଶ ମାଧମିକ ବିଦ୍ୟାଳୟ ଦଳନଇ ଯାଇ ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ ଅମ୍ଳଜାନର କ୍ଷୟ ଓ ଜଳୀୟବାଷ୍ପ କମିବାର କାରଣ ସହ ଅଂଶୁଘାତର ଲକ୍ଷଣ ଉପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ହେଲ୍ପମେଟ୍ ଦଳନଇ ଶାଖାର ମୁଖ୍ୟ ସୁଜାତା ସିହ୍ନା, ଉମାକାନ୍ତ ମହାପାତ୍ର ଓ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଯୋଗଦେଇ ଜଙ୍ଗଲକ୍ଷୟ ବିଷୟରେ ଲୋକମାନଙ୍କୁ ବୁଝାଇ ସଚେତନତା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ପିପିଲି,୧୩।୫(ଡି.ଏନ୍.ଏ.)- ଭକ୍ତ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁଠାରେ ଶ୍ରୀଶ୍ରୀ ବଡ଼ଦା ହସ୍ପିଟାଲ ତଥା କମ୍ୟୁନିଟି ହେଲ୍ଥ ସେଣ୍ଟର, ଲିଙ୍ଗିପୁର, ଭୁବନେଶ୍ୱର ଓ ଭକ୍ତ ଦାସିଆ ସ୍ମୃତି କମିଟି, ବାଲିଗାଁ, ପୁରୀ ଆନୁକୂଲ୍ୟରେ ମୁକ୍ତ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ଦା ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଶ୍ରୀକାନ୍ତ ମିଶ୍ର, ଚକ୍ଷୁ ବିଭାଗ ମୁଖ୍ୟ ଡା. ପ୍ରଜ୍ଞାପରମିତା ମହାନ୍ତି, ଚକ୍ଷୁରୋଗ ବିଶେଷଜ୍ଞ ଡା. ସବ୍ୟସାଚୀ ପଟ୍ଟନାୟକ, ଡା. ବିଜୟ କେତନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରୁ ଚିହ୍ନଟ କରାଯାଇଥିବା ୧୦ଜଣ ଚକ୍ଷୁରୋଗୀଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯାଇଛି। ଆୟୋଜିତ ଶିବିରରେ ନିକଟବର୍ତ୍ତୀ ୧୫ଟି ଗ୍ରାମରୁ ମୋଟ ୯୦ଜଣ ଚକ୍ଷୁରୋଗୀଙ୍କ ପରୀକ୍ଷା କରାଯାଇ ସେମାନଙ୍କ ବିଭିନ୍ନ ସମସ୍ୟାର ବିହିତ ପ୍ରତିକାର କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ମୁଖ୍ୟ ଅବିନାଶ ନାୟକ, ସ୍ୱତନ୍ତ୍ର ଟେକ୍ନିସିଆନ୍ ଚିନ୍ମୟୀ ଦାଶ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ପରେ ଏକ ସ୍ୱତନ୍ତ୍ର ଯାନରେ ଶ୍ରୀଶ୍ରୀ ବଡ଼ଦା ହସ୍ପିଟାଲ ନେଇ ସେମାନଙ୍କର ଅସ୍ତ୍ରୋପଚାର କରାଯାଇ ଘରେ ଛାଡ଼ି ଦିଆଯାଇଥିଲା।

# ହଳଦୀପାଣି ନୀତି ସହ ସରିଲା ବାହାର ଚନ୍ଦନଯାତ୍ରା

ପୁରୀ ଅଫିସ,୧୩।୫

ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ଆରମ୍ଭ ହୋଇଥିବା ୨୧ଦିନିଆ ବାହାର ଚନ୍ଦନଯାତ୍ରା ଶନିବାର ହଳଦୀ ପାଣି ନୀତି ସହ ଶେଷ ହୋଇଛି। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବା ପରେ ସେଠାରେ ଭିତରଚ୍ଛୁ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ



ବାହାର ଚନ୍ଦନ ଯାତ୍ରାର ଶେଷ ପର୍ବରେ ମହାପ୍ରଭୁ ଚାପ ଖେଳୁଛନ୍ତି ।

କରାଯାଇଥିଲା। ପରେ ଠାକୁରମାନେ ଜଳକ୍ରୀଡ଼ା ବା ଚାପ ଖେଳିବା ନିମନ୍ତେ ଚାପଡଙ୍ଗା ନନ୍ଦା ଏବଂ ଭଦ୍ରାକୁ ବିଜେ କରିଥିଲେ। ପରେ ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଠାକୁରମାନେ ପ୍ରତ୍ୟେକ ଦିନ ଭଳି ନରେନ୍ଦ୍ର ପୁଷ୍କରିଣୀରେ ଏକ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଥିଲେ। ଦିନ ଚାପ ସରିବା ପରେ ମହାଜନ ସେବକମାନେ ବଡ଼ ଚାପ ବା ଭଦ୍ରା ଚାପରୁ ରାମକୃଷ୍ଣଙ୍କୁ ଆଣି ମଦନମୋହନ ବିଜେ କରିଥିବା ଧଳାଚାପକୁ ବିଜେ କରାଯାଇଥିଲା। ସେଠାରେ ହଳଦୀ ପାଣି ନୀତି ସମ୍ପନ୍ନ ହୋଇଥିଲା। ପରେ ମୁଦିରସ୍ତଙ୍କ ଦ୍ୱାରା ରାଜନୀତି ବନ୍ଦାପନା ନୀତି ସମ୍ପନ୍ନ କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁରମାନଙ୍କୁ ଚନ୍ଦନ ଚକଡ଼ାକୁ ବିଜେ କରାଯାଇଥିଲା। ସେଠାରେ ମଇଲମ ଆଦି ନୀତି ସମ୍ପାଦନ କରାଯାଇ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇ ଭୋଗ ମଣୋହି କରାଯାଇଥିଲା। ପରେ ଠାକୁରମାନଙ୍କୁ ଆଳତି କରାଯାଇଥିଲା। ସମସ୍ତ ନୀତି ସମ୍ପନ୍ନ ହେବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ତେବେ ହଳଦୀ ପାଣି ଦିନ ମହାପ୍ରଭୁଙ୍କ ରାତ୍ରିଚାପ ହୋଇ ନ ଥାଏ। କେବଳ ଦିନଚାପ ଅନୁଷ୍ଠିତ ହୋଇଥାଏ।



ପୁରୀ: ଅଖ ନିର୍ମାଣ ପାଇଁ ରଥ ଖଳାରେ ଅଖ କାଠ ରଖାଯାଉଛି ।

## ୩ ରଥର ୨୭ ଚକ ନିର୍ମାଣ ଶେଷ



### ରଥଖଳାରୁ ...

ପୁରୀ ଅଫିସ,୧୩।୫

ବିଶ୍ୱନିୟନ୍ତାଙ୍କ ରଥଯାତ୍ରା ଯେତିକି ପାଖେଇ ଆସୁଛି, ଶ୍ରୀନଅରସ୍ଥିତ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ସେତେ ଦ୍ରୁତ ଗତିରେ ଆଗେଇ ଚାଲିଛି। ରଥ ସଂହିତା ଅନୁଯାୟୀ, ଶୁକ୍ରବାର ଭଉଁରି ତିଥି ଅବସରରେ ତିନିରଥର ଚକ-ଅଖ ସଂଯୋଗପୂର୍ବକ ଚକ ଡେରା ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା। ଚକ-ଅଖ ସଂଯୋଗ ତଥା ଚକ ଡେରା ନୀତି ପରେ ଅପରାହ୍ନଠାରୁ ରଥଖଳାରେ ନିର୍ମାଣ କାର୍ଯ୍ୟ ପରମ୍ପରା ପ୍ରକାରେ ବନ୍ଦ ରହିଥିଲା। ପୁନର୍ବାର ଶନିବାର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ଖଳାରେ ସନ୍ଧ୍ୟା ସୁଦ୍ଧା ତିନିରଥର ୯ଟି ଲେଖାଏ ଚକ ଅର୍ଥାତ ମୋଟ ୨୭ଟି ଚକ ନିର୍ମାଣ ଶେଷ ହୋଇଛି। ତିନିରଥର ୪ଟି ଲେଖାଏ ୨୦ଫୁଟିଆ ଚଉତା କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତିନିରଥର ବାକି ଅଖ ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ ଅଖ କାଠ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଛି। ତାଳଧ୍ୱଜ ରଥର ୧୪ଟି ଚକ ଭିତରୁ ୯ମ ଚକ ନିର୍ମାଣ ଶେଷ ହୋଇ, ୧୦ମ ଏବଂ ୧୧ ତମ ଚକରେ ପଇ ପିନ୍ଧା ଶେଷ ହୋଇ ପଇ କଳଶା କାର୍ଯ୍ୟ ହେଉଛି। ଏଥିସହ ତାଳଧ୍ୱଜ ରଥର ୪ଟି ୨୦ଫୁଟିଆ ଚଉତା କାଠର ଚଉପଟ କାର୍ଯ୍ୟ ସରି ଆଉ ୪ଟି ଚଉତା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ଦର୍ପଦଳନ ରଥର ୧୨ଟି ଚକ ମଧ୍ୟରୁ ୯ମ ଚକର ନିର୍ମାଣ ଶେଷ ହୋଇ ଆଉ ଦୁଇଟି ଚକରେ ପଇପିନ୍ଧା କାର୍ଯ୍ୟ ହୋଇଛି। ଏଥିସହ ୪ଟି ଚଉତା କାଠର ଚଉପଟ ଶେଷ ହୋଇ ଆଉ ୪ଟି ଚଉତା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ସେହିପରି ନନ୍ଦିଘୋଷ ରଥର ୧୬ଟି ଚକ ମଧ୍ୟରୁ ୯ଟି ଚକ ନିର୍ମାଣ ଶେଷ ହୋଇ ଆଉ ୪ଟି ଚକରେ ପଇ ପିନ୍ଧା ସରି କଳଶା କାର୍ଯ୍ୟ ବାକି ଅଛି। ଏଥିସହ ନନ୍ଦିଘୋଷ ରଥର ୪ଟି ଚଉତା କାଠର ଚଉପଟ ପରେ ଆଉ ୪ଟି ଚଉତା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ଦୋଳବେଦିଠାରେ ତାଳଧ୍ୱଜ ରଥର ପୋଲଗୟଳ ଚିରଟ ପୂର୍ବରୁ ୪୦ଫୁଟିଆ ଧଉରା କାଠର ଉଭୟ ପାର୍ଶ୍ୱ ଚିତା କାର୍ଯ୍ୟ କରତି ସେବକମାନେ ଶେଷ ହୋଇଛି। ଅପରପକ୍ଷେ ଭୋଇ ସେବକମାନେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନିରଥର ମୋଟ ୪୨ଚକ ପାଇଁ ଆବଶ୍ୟକ ୪୨ଟି ତୁମ୍ବରୁ ୩୯ଟି ତୁମ୍ବର ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ପନ୍ଦାରି ନିର୍ମାଣ ପରେ ତିନିରଥ ପାଇଁ ୮' ଇଞ୍ଚର ଅଗ ପାତେଳି କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ତିନିରଥର ରୂପକାର ସେବକମାନେ ତିନିରଥର ଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି।

## ଶାନ୍ତି ଆନନ୍ଦ ଆଶ୍ରମରେ ଭଉଁରି ଯାତ୍ରା ଉଦ୍‌ଯାପିତ

କଣାସ,୧୩।୫(ସ୍ୱ.ପ୍ର.)

କଣାସ ବ୍ଲକ କରମଳାଠାରେ ପ୍ରତିଷ୍ଠିତ ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମରେ ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ଭଉଁରି ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ଦିନ ଠାକୁର ରାଧାମାଧବ ଓ ଅଭିରାମ ପରମହଂସଙ୍କ ପ୍ରତିମୂର୍ତ୍ତିଙ୍କୁ ସୁସଜ୍ଜିତ ପାଲିଙ୍କିରେ ବସାଇ ଆଲଟ, ଚାମର, ଶଙ୍ଖ, ଘଣ୍ଟ, ଘଣ୍ଟା ବାଦ୍ୟଧ୍ୱନି ମଧ୍ୟରେ ଚାପ ପୁଷ୍କରିଣୀକୁ ନିଆଯାଏ। ପୁଷ୍କରିଣୀରେ ସୁସଜ୍ଜିତ ହୋଇ ରହିଥିବା ନୌକାରେ ଠାକୁରଦ୍ୱୟ ବିରାଜମାନ କରିଥାନ୍ତି। ବିଭିନ୍ନ ଭଜନ ଗାନ ମଧ୍ୟରେ ପୁଷ୍କରିଣୀ ଚାରିପାଖ ୭ଥର ପରିକ୍ରମା କରି ପୁନଶ୍ଚ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ରୀତିନୀତି ଅନୁଯାୟୀ ଶନିବାର ଠାକୁର ପୁଷ୍କରିଣୀକୁ ଯାଇ ଚାପ ଖେଳି ଫେରିଥିଲେ ଓ ଚଳିତ ବର୍ଷର ଭଉଁରି ଯାତ୍ରା ଉଦ୍‌ଯାପିତ ହୋଇଥିଲା।

## ରାଜ୍ୟସ୍ତରୀୟ ପାରମ୍ପରିକ ବୈଦ୍ୟ ସମ୍ମିଳନୀ

ପୁରୀ ଅଫିସ,୧୩।୫

ଓଡ଼ିଶାର ପାରମ୍ପରିକ ବୈଦ୍ୟମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଏକଦିବସୀୟ ସମ୍ମିଳନୀରେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ନିବେଦିତା, ଅବସରପ୍ରାପ୍ତ ଆୟୁର୍ବେଦ ପ୍ରଫେସର ରାମକୃଷ୍ଣ ପାଣିଗ୍ରାହୀ, ପଞ୍ଚକର୍ମ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡା. ଦେବପ୍ରସାଦ ଦାଶ, ଡା. ଦୀପ୍ତିରେଖା ଦାଶ, ଶ୍ୟାମପ୍ରକାଶ ସେନାପତି, ଅବସରପ୍ରାପ୍ତ ବିଡିଓ ଦେବଦତ୍ତ ଷଡଙ୍ଗୀ ଏବଂ ବରିଷ୍ଠ ସଂଗଠକ ଜଟାଧାରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପାରମ୍ପରିକ ବୈଦ୍ୟମାନଙ୍କୁ ପଞ୍ଚକର୍ମ, ଔଷଧ ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ବିଷୟରେ ବିଶେଷ ତାଲିମ ଦିଆଯାଇଥିଲା। ଆଗାମୀ ଦିନରେ ସେମାନେ କେଉଁ ଆୟୁର୍ବେଦିକ ଚିକିତ୍ସା ଉପରେ ଶିକ୍ଷା ଗ୍ରହଣ କରିବାକୁ ପ୍ରେରଣା ଦିଆଯାଇଥିଲା। ଟ୍ରଷ୍ଟର ସମ୍ପାଦକ ସରୋଜ ଭୂୟାଁ ଏବଂ ସଂଯୋଜକ ବିଭୁପ୍ରସାଦ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୋଲୁନି ମଣ୍ଡି, ଚିନ୍ତାରେ ଚାଷୀ

ପିପିଲି,୧୩।୫(ଡି.ଏନ୍.ଏ.)

ପିପିଲି ବ୍ଲକ ଅଞ୍ଚଳରେ ବହୁ ବାଧା ସତ୍ତ୍ୱେ ଧାନକୁ ଅମଳ କରି ମଣ୍ଡିରେ ବିକ୍ରି କରିବା ପାଇଁ ଚାହିଁବସିଛି ଚାଷୀ। ମାତ୍ର ଚଳିତବର୍ଷ ରବି ଫସଲ ଋତୁରେ ଏପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲିନାହିଁ। ରବି ଫସଲ ଋତୁରେ ଏହି ବ୍ଲକରେ କମ ମଣ୍ଡି ଖୋଲିଥାଏ। ଧାନ ମଣ୍ଡି ଖୋଲିବାର ବିଳମ୍ବକୁ ନେଇ ଫାଇଦା ଉଠାଇବାରେ ଲାଗିଛନ୍ତି କେତେକ ଦଲାଲ। ଦଲାଲମାନେ ଗାଁ ଗାଁ ବୁଲି ଚାଷୀଙ୍କୁ ଶୀଘ୍ର ଧାନ ବିକ୍ରି କରିବା ଲାଗି ପ୍ରବର୍ତ୍ତାଉଛନ୍ତି। ଧାନ କାଟିବା ଓ ଅମଳ କରିବା ପାଇଁ ଆବଶ୍ୟକ ଅର୍ଥ ଚାଷୀ ପାଖରେ ନ ଥିବାରୁ ଚାଷୀ ବାଧ୍ୟହୋଇ ଆନ୍ଧ୍ର ବେପାରୀଙ୍କୁ ଶାଗମାଛ ଦରରେ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ସରକାର ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଚାଷୀଙ୍କୁ ଦେଉଥିବା ବେଳେ ଆନ୍ଧ୍ର ବେପାରୀ ୧୪୦୦ଟଙ୍କା ଦେଉଛନ୍ତି ବୋଲି ଚାଷୀ ମାନସ ଦାସ କହିଛନ୍ତି। ଏହାଦ୍ୱାରା ଚାଷୀ କୁଇଣ୍ଟାଲ ପିଛା ୬୪୦ଟଙ୍କା ହରାଉଥିବା ବେଳେ ଦଲାଲକୁ ଧାନ ବିକ୍ରି କରିସାରିବା ପରେ ଟଙ୍କା ପାଇଁ ପୁଣି ବାରମ୍ବାର ଦଲାଲ ପାଖକୁ ଦୌଡୁଥିବା ସହ ସେମାନଙ୍କୁ ହଇରାଣ ହେବାକୁ ପଡୁଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀମାନେ ଘରୋଇ ଋଣ, ହାତ ଉଧାରି କରି ଧାନ ଫସଲରେ ଉକ୍ତ ଅର୍ଥକୁ ବିନିଯୋଗ କରିଛନ୍ତି। ମାତ୍ର ଏପଟେ କାଳବୈଶାଖୀର ତାଣ୍ଡବ ସାଙ୍ଗକୁ ଅଦିନିଆ ବର୍ଷା ଓ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ଦଲାଲଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛି। ଜିଲାଠାରୁ ରାଜ୍ୟ ପ୍ରଶାସନ ପର୍ଯ୍ୟନ୍ତ ଚାଷୀର ବାସ୍ତବିକ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଚାଷୀ ସବୁବେଳେ ହଇରାଣ ହେଉଥିବା ଚାଷୀ ଅରୁଣ ମିଶ୍ର କହିଛନ୍ତି। ତେଣୁ ବ୍ଲକରେ ଶୀଘ୍ର ମଣ୍ଡି ଖୋଲିବାକୁ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ପୁରୀକୁ ସମୃଦ୍ଧ କରିବାକୁ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ

ପୁରୀ ଅଫିସ,୧୩।୫

**ପୁରୀ ସଚେତନ ନାଗରିକ ମଞ୍ଚର ରୌପ୍ୟ ଜୟନ୍ତୀ**

ସ୍ୱାଧୀନ ଭାରତବର୍ଷର ଗଣତନ୍ତ୍ର ଜନଗଣଙ୍କ ସଚେତନତାରେ ସମୃଦ୍ଧ ହୋଇଛି। ଓଡ଼ିଶାରେ ଜନଗଣଙ୍କ ସକାରାତ୍ମକ ମତକୁ ସମ୍ମାନ ଦେଇ ସରକାର ବିକାଶ ପଥରେ ଆଗେଇ ଚାଲିଛି। ଏଣୁ ସରକାର ଓ ପ୍ରଶାସନ, ପୁରୀକୁ ସମୃଦ୍ଧ କରିବା ପାଇଁ ପୁରୀ ସଚେତନ ନାଗରିକ ମଞ୍ଚର ପ୍ରତିଟି ସକାରାତ୍ମକ ପ୍ରସ୍ତାବକୁ ଶୁଣିବାର ଆବଶ୍ୟକ ରହିଛି ବୋଲି ଓଡ଼ିଶା ମୋ ପରିବାରର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସଚେତନ ନାଗରିକ ମଞ୍ଚର ରୌପ୍ୟ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟିତ କରି ମୁଖ୍ୟ ଅତିଥି ଭାବେ ଖୁଣ୍ଟିଆ ଯୋଗଦେଇ କହିଛନ୍ତି, ପୁରୀର ସମୃଦ୍ଧି ପାଇଁ ନବୀନ ସରକାର ନିକଟରେ ବିଭିନ୍ନ ପ୍ରସ୍ତାବ ରଖିବା ସହ ରକ୍ତଦାନ ଓ ଚାରା ରୋପଣ ଅଧିକ କରିବାକୁ କହିଥିଲେ। ଅନୁଷ୍ଠାନ ସଭାପତି ପ୍ରସନ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଓ ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ ଥିବାବେଳେ, ଅନୁଷ୍ଠାନ ଉପସଭାପତି ଗୀତାଞ୍ଜଳି ପଣ୍ଡା, ଜଗବନ୍ଧୁ ମିଶ୍ର ଓ ହରିଶଙ୍କର ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଜଳ କ୍ରୀଡାବିତ ତଥା ଅଧୀକ୍ଷଣ ଯନ୍ତ୍ରୀ ଡ. ରତ୍ନାକର ଦଳାଇଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆୟୋଜିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଉତ୍ସବକୁ ଉପଦେଷ୍ଟା ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ନାରାୟଣ ଦାଶ, ଅଶୋକ, ସୁକାନ୍ତ ପଣ୍ଡା, ତ୍ରିଲୋଚନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷାବିତ୍‌ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଗୋପରୁ ଦୁବାଇ ଯିବେ ମୀନାକ୍ଷୀ

ଗୋପ,୧୩।୫(ଡି.ଏନ୍.ଏ.)



ପୁରୀ ଜିଲା ଗୋପ ବ୍ଲକ ଅଧୀନ ସୁବର୍ଣ୍ଣପୁର ଗ୍ରାମର ମୀନାକ୍ଷୀ ପୁଷ୍ଟି ଜଣେ ମିଶନ ଶକ୍ତି ମହିଳା ସଂଘର ସଫଳ ମହିଳା ଭାବେ ରାଜ୍ୟରେ ନାଁ କମାଇପାରିଛନ୍ତି। ମୀନାକ୍ଷୀ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ନିମନ୍ତ୍ରିତ ହୋଇ ଆଗାମୀ ୧୬ତାରିଖରେ ଦୁବାଇରେ ଅନୁଷ୍ଠିତ ଓଡ଼ିଶା ଡେ' କାର୍ଯ୍ୟକ୍ରମରେ ଯୋଗଦେବାକୁ ଦୁବାଇ ଯାଉଥିବା ସୂଚନା ମିଳିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ୧୦ଜଣ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ପୁରୀ ଜିଲାରୁ କେବଳ ମୀନାକ୍ଷୀ ଚୟନ ହୋଇଛନ୍ତି। ଆସନ୍ତା ୧୫ତାରିଖରେ ଭୁବନେଶ୍ୱରରୁ ଦୁବାଇକୁ ଆରମ୍ଭ ହେବାକୁ ଯାଉଛି ବିମାନ ସେବା। ଦୁବାଇର ଏହି ପ୍ରଥମ ଯାତ୍ରା କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମୀନାକ୍ଷୀଙ୍କୁ ଚୟନ କରାଯାଇଛି। ପୁରୀ ଜିଲାରୁ ଏକ ମାତ୍ର ମହିଳା ଭାବେ ରାଜ୍ୟ ସରକାର ମୀନାକ୍ଷୀଙ୍କୁ ଚୟନ କରିଥିବାରୁ ଜିଲା ଓ ବ୍ଲକ ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟୁଛି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତି କରଣ ଯୋଜନା ମୀନାକ୍ଷୀ ସାମିଲ ହେବା ସହ ଜିଲାର ବିଭିନ୍ନ ସ୍ଥାନରେ ଘରେ ରହୁଥିବା ମହିଳାମାନଙ୍କୁ ମହିଳା ଗୋଷ୍ଠୀରେ ସାମିଲ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ୨୦୦୩ରେ ରାଜ୍ୟ ସରକାର ମହିଳାଙ୍କୁ ଅଧିକ ସକ୍ରିୟ କରିବା ପାଇଁ ମହିଳା ମହାସଂଘ ଗଠନ ପ୍ରକ୍ରିୟା ଆରମ୍ଭ କରିବା ପରେ ମୀନାକ୍ଷୀ ଆଉ ପଛକୁ ଫେରି ନ ଥିଲେ। ୨୦୦୧ରୁ ୨୦୨୩ ପର୍ଯ୍ୟନ୍ତ ମୀନାକ୍ଷୀ ହଜାର ହଜାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଛନ୍ତି। ଏବେ ସେ ଜିଲା ଓ ଗୋପ ବ୍ଲକର ମହିଳା ମହାସଂଘ ସଭାନେତ୍ରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି। ନିମନ୍ତ୍ରିତ ୧୦ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧନା କରିବା କାର୍ଯ୍ୟକ୍ରମ ପରେ ବିଦେଶ ଯାତ୍ରା ଯିବେ। ଏ ନେଇ ମୀନାକ୍ଷୀ କହିଛନ୍ତି, ମୋର ବିଦେଶ ଯାତ୍ରା ପ୍ରଥମ ନୁହେଁ। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୨ରେ ୟୁରୋପର ରାଜଧାନୀ ବେଲଜିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଛି। ବିଦେଶରେ ଓଡ଼ିଆ ଘରର ସଂସ୍କୃତି ପରମ୍ପରା ଭାଇଚାରା କିପରି ସେ ସମ୍ପର୍କରେ ମଧ୍ୟ ବିଭିନ୍ନ ମିଟିଂରେ ମତ ରଖିଛି ବୋଲି କହିବା ସହ ମୁଁ ସବୁବେଳେ ମହିଳାଙ୍କ ସ୍ୱାବଲମ୍ବୀ ପ୍ରତି ଗୁରୁତ୍ୱ ଦିଏ। ଦୁବାଇ ଯିବାଲାଗି ରାଜ୍ୟ ସରକାର ପୁଣି ମୋତେ ଚୟନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୬୩୯ ମାମଲା ଫଇସଲା

ନିମାପଡ଼ା,୧୩।୫(ଡି.ଏନ୍.ଏ.)

ନିମାପଡ଼ା କୋର୍ଟ ତାଲୁକ୍ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ, ସବ୍‌ଜଜ୍ ସଂଘମିତ୍ରା ବିଶ୍ୱାଳ, ମୁନ୍‌ସିଫ୍ ସୁରକ୍ଷିତ ମିଶ୍ର, ଜେଏମ୍‌ଏଫ୍‌ସି-୧ ମିଳନ ତାଣ୍ଡି, ଜେଏମ୍‌ଏଫ୍‌ସି-୨ ବିଜେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଫୌଜଦାରି, ଦେୱାନୀ, ଦୁର୍ଘଟଣା ଆଦି ୩୨ ମାମଲା ଓ ନିମାପଡ଼ା ରାଜସ୍ୱ ବିଭାଗ ପକ୍ଷରୁ ୬୦୭ ରାଜ୍ୟ ମାମଲା ମୋଟ୍ ୬୩୯ଟି ମାମଲା ଫଇସଲା କରାଯାଇଥିଲା। ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ମାମଲାରେ ୪ଲକ୍ଷ ୪୯ ହଜାର ୯୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କୋର୍ଟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏଥିରେ ଦୁର୍ଘଟଣାଜନିତ ମାମଲାରେ ୪୦ ହଜାର ଟଙ୍କା ଜରିମାନା ହୋଇଛି। ତାଲୁକ୍ ଆଇନ ସେବା କମିଟିର ଜୁନିୟର କିରାଣି ରାମଚନ୍ଦ୍ର ହାଂସ୍‌ଦା, ବରିଷ୍ଠ ଆଇନଜୀବୀ ପ୍ରତାପ ପଣ୍ଡା, ଅନିଲ ଦୀକ୍ଷିତ୍, ପ୍ରତାପ କିଶୋର ମହାନ୍ତି, ସଚିକାନ୍ତ ମିଶ୍ର, ବ୍ରହ୍ମାନନ୍ଦ ପ୍ରଧାନ, ଛବିନ୍ଦ୍ର ମୁଖି, ସତ୍ୟନାରାୟଣ ପଣ୍ଡା, ସଦାଶିବ ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ।



ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ବିଭିନ୍ନ ମାମଲାର ଫଇସଲା କରୁଛନ୍ତି।

# ରୂପ ଯୌବନ ଦେଖାଇ ଲୁଟ୍, ୨ ମହିଳା ଗିରଫ

ଭୁବନେଶ୍ୱର ,୧୩।୫ (ବ୍ୟୁରୋ)

**ଟାର୍ଗେଟରେ ଟ୍ରେନ୍ ଯାତ୍ରୀ**
- ମୋବାଇଲ, ଟଙ୍କା ଜବତ
- ପୂର୍ବରୁ ୧୦ ଗିରଫ ହୋଇଥିଲେ

ଟ୍ରେନ୍‌ରେ ଆସୁଥିବା ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। କିଛି ସମୟ ପିଛା କରିବା ପରେ ପାଖକୁ ଡାକି କଥା ହେଉଥିଲେ। ରୂପ ଯୌବନ ଦେଖାଇ ସେମାନଙ୍କୁ ଫସାଉଥିଲେ। ଆଉ ଯିଏ ଫସୁ ନ ଥିଲେ, ତାଙ୍କଠାରୁ ଜବରଦସ୍ତି ଟଙ୍କା ଓ ମୋବାଇଲ ଛଡାଇ ନେଉଥିଲେ। ଯିଏ ବିରୋଧ କରୁଥିଲେ, ତାଙ୍କୁ ଅସଦାଚରଣ କେସ୍‌ରେ ଫସାଇଦେବାକୁ ଧମକ ଦେଉଥିଲେ। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ସକ୍ରିୟ ଥିବା ଏହି ର୍ୟାକେଟର ୨ ମହିଳାଙ୍କୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ। ଦୁଇ ଅଭିଯୁକ୍ତା ହେଲେ ସନ୍ତୋଷିନୀ ନାୟକ ଓ ମାମିନା ନାୟକ। ଏମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଓ ନଗଦ ୫୦୦ ଟଙ୍କା ଜବତ କରାଯାଇଛି। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଅନେକ ସମୟରେ ଯାତ୍ରୀମାନେ ବ୍ୟସ୍ତ ଥିବା ସମୟରେ ଏହି ମହିଳାମାନେ ସେମାନଙ୍କୁ ଟାର୍ଗେଟ କରି ଲୁଟିଥାନ୍ତି। କିନ୍ତୁ ଯାତ୍ରୀଙ୍କ ପାଖରେ ସମୟ ନ ଥିବାରୁ କେହି ଥାନାରେ ଅଭିଯୋଗ କରିବାକୁ ଚାହିଁ ନ ଥାନ୍ତି। ପୂର୍ବରୁ ମଧ୍ୟ ଏମିତି ଘଟଣାରେ ୧୦ଜଣ କୋର୍ଟ ଚାଲାଣ ହୋଇସାରିଛନ୍ତି। ସୂଚନାନୁସାରେ, ଶୁକ୍ରବାର ଅପରାହ୍ନରେ ଶହୀଦନଗର ବସ୍ତିର ପପୁ ଦିଗଲ ମାଷ୍ଟରକ୍ୟାଣ୍ଟିନରୁ ରେଳ ଟିକେଟ କାଟି ଫେରୁଥିବା ବେଳେ ହଟ୍ ଡ୍ରେସ ପିନ୍ଧିଥିବା ଦୁଇ ମହିଳା ତାଙ୍କୁ ଅଚାନକ ଅଟକାଇ ଥିଲେ। ପପୁ କିଛି ଭାବିବା ଆଗରୁ ସେମାନେ ତାଙ୍କଠାରୁ ଜବରଦସ୍ତି ୨୧୦୦ ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ପପୁ ବିରୋଧ କରିବାରୁ ଦୁଇ ମହିଳା ଚିତ୍କାର କରି ଅସଦାଚରଣ କରୁଥିବା କହିଥିଲେ। ସେଠାରେ ଉପସ୍ଥିତ ଥିବା କିଛି ଲୋକ ଏହା ଦେଖି ୧୧୨କୁ କଲ୍ କରି ଜଣାଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଥାନାକୁ ଆଣିଥିଲା। ପପୁଙ୍କଠାରୁ ଘଟଣା ଜାଣିବା ପରେ ଉକ୍ତ ୨ ମହିଳାଙ୍କୁ ପଚରାଉଚରା କରିଥିଲା। ନିଜ ସୁନ୍ଦର ରୂପ ଦେଖାଇ ଟ୍ରେନରୁ ଓହ୍ଲାଉଥିବା ଯାତ୍ରୀଙ୍କୁ ଫସାଇ ଟଙ୍କା ରୋଜଗାର କରୁଥିବା ଦୁଇ ମହିଳା ସ୍ୱୀକାର କରିଥିଲେ। ଏହାପରେ କମିଶନରେଟ ପୋଲିସ ଦୁଇ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଭୁବନେଶ୍ୱର ଜୋନ-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ କହିଛନ୍ତି।



ଗିରଫ ୨ ଅଭିଯୁକ୍ତ।

## ସଂକ୍ଷେପରେ

### ଲକେଟ୍ ଚୋରି କରି ଜଣେ ଗିରଫ

ପୁରୀ ଅଫିସ,୧୩।୫- ଏକ ୩ ବର୍ଷୀୟ ଝିଅ ବେକରୁ ସୁନା ଲକେଟ୍ ଛିଡାଇ ନେବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଦୋଳମଣ୍ଡପ ସାହି ନାରାୟଣୀ ଲେନ୍‌ର ଅଶ୍ୱିନୀ କୁମାର ମହାନ୍ତି (୩୨)। ପୋଲିସ ଅଭିଯୁକ୍ତଙ୍କଠାରୁ ସୁନା ଲକେଟ୍ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ପୋଲିସ ଏ ନେଇ କେସ ନଂ. ୧୭୮/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଲେଶ୍ୱର ଅଶୋକ କୁମାର ମହାନ୍ତି ତାଙ୍କ ପରିବାର ସହ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଫେରୁଥିଲେ। ତେବେ ମାଟିମଣ୍ଡପ ସାହି ପଟେ ଯାଉଥିବା ସମୟରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ୩ ବର୍ଷର ଝିଅ ବେକରୁ ସୁନା ଲକେଟ୍ ଛିଡାଇ ନେଇଯାଇଛି। ସେ ଏ ଘଟଣା ସମ୍ପର୍କରେ ଡିୟୁଟିରେ ଥିବା ପୋଲିସ ଅଧିକାରୀଙ୍କୁ କହିଥିଲେ। ଏ ଘଟଣା ସମ୍ପର୍କରେ ଯୁବଶକ୍ତିଙ୍କୁ ସୂଚନା ଦିଆଯାଇଥିଲା। କିଛି ସମୟ ମଧରେ ଜଣେ ଯୁବଶକ୍ତି ସ୍ୱେଚ୍ଛାସେବୀ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲକେଟ ଜବତ କରିଥିଲେ। ପରେ ଚୋରି ସୁନା ଲକେଟକୁ ଅଭିଯୋଗକାରୀଙ୍କୁ ଫେରାଯାଇଛି।

### ସିବିଏସ୍‌ଇ ଦଶମ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ପିପିଲି,୧୩।୫(ଡି.ଏନ୍.ଏ.)- କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ହୋଇଥିବା ଦଶମ ପରୀକ୍ଷାରେ ସ୍ଥାନୀୟ ମା' ମଙ୍ଗଳା ଇଂଲିଶ ମାଧମ ବିଦ୍ୟାଳୟର ଶତ ପ୍ରତିଶତ ପିଲା ଉତ୍ତୀର୍ଣ୍ଣ ହୋଇଥିବାରୁ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ମହଲରେ ଖୁସିର ଲହର ଖେଳିଯାଇଛି। ଏହି ସ୍କୁଲର ଦେବାଞ୍ଜଳି ପାଣିଗ୍ରାହୀ ୯୬ ପ୍ରତିଶତ ରଖିଥିବା ବେଳେ ଆସ୍ତିକ ଅଭିଯାନ ମିଶ୍ର ୯୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଆସ୍ତିକ ଓଡ଼ିଆ ବିଷୟରେ ୧୦୦ରୁ ଶହେ ରଖି ସ୍କୁଲ ପାଇଁ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ସଫଳତା ପରେ ଦେବାଞ୍ଜଳି କହିଛନ୍ତି, ଭବିଷ୍ୟତରେ ସେ ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଆସ୍ତିକ କହିଛନ୍ତି, ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ହୋଇ ପ୍ରଯୁକ୍ତି ବିଦ୍ୟାର ନୂଆ ନୂଆ ପ୍ରୟୋଗ କରିବାକୁ ଆଶା ରଖିଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ସହଯୋଗ ସହିତ ସମ୍ପାଦକ ଗୋଲକ ବିହାରୀ ସାହୁ, ନିର୍ଦ୍ଦେଶିକା କାଦମ୍ବିନୀ ସେନାପତି, କାର୍ଯ୍ୟ ନିର୍ବାହୀ ଅଧକ୍ଷ ସୁକାନ୍ତ କୁମାର ବାରିକ ଓ ସଭାପତି ଡା. ରଘୁନାଥ ମିଶ୍ରଙ୍କର ତତ୍ତ୍ୱାବଧାନ ଛାତ୍ରୀଛାତ୍ରଙ୍କୁ ଏହି ସଫଳତା ଆଣି ଦେଇଛି।

### ଇନ୍‌ସେଫ୍ ସିକ୍ୟୁରିଟି ସଂସ୍ଥା ମାଲିକ ଗିରଫ

ଭୁବନେଶ୍ୱର, ୧୩।୫(ବ୍ୟୁରୋ) - ସିକ୍ୟୁରିଟି କର୍ମଚାରୀଙ୍କ ଦରମା ଟଙ୍କାକୁ ହଡପ କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ଇନ୍‌ସେଫ୍ ସିକ୍ୟୁରିଟି ମ୍ୟାନ୍ ପାୱାର ସଂସ୍ଥାର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା କୋଣାର୍କ ଥାନା ଅଞ୍ଚଳର ଅଜୟ ବେହେରା। ତାଙ୍କଠାରୁ ପୋଲିସ କିଛି କାଗଜପତ୍ର ଜବତ କରିବା ସହ ଏକ ମାମଲା ନଂ.୬୩/୨୩ ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜଣେ ମହିଳାଙ୍କ ସମେତ ୨୦୦ କର୍ମଚାରୀଙ୍କ ଦରମା ବାବଦକୁ ମୋଟ ୮ ଲକ୍ଷ ଟଙ୍କା ଠକିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ, ଅଭିଯୁକ୍ତ ଅଜୟ ଓ ତାଙ୍କର ଜଣେ ସହଯୋଗୀ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ ଗଙ୍ଗୋତ୍ରି ନଗର ଲେନ-୩ରେ ଇନ୍‌ସେଫ୍ ସିକ୍ୟୁରିଟି ମ୍ୟାନ୍ ପାୱାର ନାମକ ଏକ ସିକ୍ୟୁରିଟି ସଂସ୍ଥା ଖୋଲି ବେସରକାରୀ ତଥା ସରକାରୀ ସଂଗଠନଗୁଡ଼ିକୁ ସୁରକ୍ଷାକର୍ମୀ ଯୋଗାଉଥିଲେ। ୨୦୦ କର୍ମଚାରୀଙ୍କୁ ମାସିକ ୧୫ ହଜାର ଟଙ୍କା ବେତନ ଆକାରରେ ନିଯୁକ୍ତି ଦେବା ସହ ସେମାନଙ୍କଠାରୁ ସୁରକ୍ଷା ଜମା ଟଙ୍କା ଆକାରରେ ୫ ହଜାର ଲେଖାଏ ନେଇଥିଲେ। ହେଲେ ନିଯୁକ୍ତି ପରେ ଦରମା ବାବଦକୁ ପାଉଥିବା ଟଙ୍କା କର୍ମଚାରୀଙ୍କୁ ନ ଦେଇ ଅଭିଯୁକ୍ତ ଓ ସହଯୋଗୀମାନେ ଚଳୁ କରିଦେଉଥିଲେ। ଏନେଇ ଉକ୍ତ ସଂସ୍ଥା କର୍ମଚାରୀଙ୍କୁ ଦରମା ଦେବା ପାଇଁ ଅମୃତା ବାରିକ ନାମ୍ନୀ ଜଣେ ମହିଳାଙ୍କଠାରୁ ୫୦ ହଜାର ଟଙ୍କା ଋଣ ଆକାରରେ ଚୁକ୍ତିନାମା କରି ୨ ମାସ ପାଇଁ ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଟଙ୍କା ଫେରସ୍ତ ନ କରିବାରୁ ମହିଳା ଜଣକ ଏନେଇ ପଚାରିବାରୁ ସେମାନେ ଧମକ ଦେଇଥିଲେ। ମହିଳା ଜଣକ କେତେଜଣ ସହଯୋଗୀଙ୍କୁ ଧରି ଉକ୍ତ ଅଫିସକୁ ଯାଇଥିବାବେଳେ ଅଭିଯୁକ୍ତମାନେ ତାଲା ପକାଇ ଚାଲି ଯାଇଥିଲେ। ଠକାମିର ଶିକାର ହେବା ପରେ ସେ ଧଉଳି ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ଦରମା ପାଇ ନ ଥିବା କର୍ମଚାରୀମାନେ ମଧ ପୋଲିସକୁ ଜଣାଇଥିଲେ।

# ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ

## ନୂଆ ଟେଣ୍ଡର ପାଇଁ ଦାବି

କାକଟପୁର,୧୩।୫(ଡି.ଏନ୍.ଏ.)

ପୁରୀ ଜିଲା କାକଟପୁର ବ୍ଲକ କାଦୁଆନୂଆଗାଁ ପଞ୍ଚାୟତରେ ଥିବା ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ନିମ୍ନମାନର ଛତୁଆ ଯୋଗାଣକୁ ନେଇ ପୁରୀ ଜିଲା ବିଜେଡି ଉପସଭାପତି କୈଳାସ ଚନ୍ଦ୍ର ଲେଙ୍କାଙ୍କ ସହ ପଞ୍ଚାୟତର ବିଜେଡି ସଭାପତି ଦୁର୍ଯୋଧନ ମହାନ୍ତି, ଦୁଃଶାସନ ବେହୁରା, ରମେଶ ପାଇଟାଲ, ଶଙ୍କର ଭୂୟାଁ, ଜ୍ଞାନରଞ୍ଜନ ମଲ୍ଲ ପ୍ରମୁଖ କାକଟପୁର ସିଡିପିଓ କାର୍ଯ୍ୟାଳୟରେ ଛତୁଆ ପ୍ୟାକେଟ ଦେଖାଇ ଅଭିଯୋଗ କରିବା ସହ ଛତୁଆର ଉପଯୁକ୍ତ ମାନ ପରୀକ୍ଷା ପାଇଁ ସିଡିପିଓଙ୍କ ନିକଟରେ ଦାବି କରିଛନ୍ତି। ଛତୁଆ ପ୍ୟାକେଟରେ ପ୍ରସ୍ତୁତି ତାରିଖ ମୁଦ୍ରଣ କରା ନ ଯାଇ ଛତୁଆ ଯୋଗାଣକାରୀ ସଂସ୍ଥା କଲମରେ ଲେଖିଥିବାରୁ ଏ ନେଇ ଅଭିଯୋଗକାରୀଙ୍କ ମନରେ ସନ୍ଦେହ ହେବା ସହ ଛତୁଆ ପ୍ୟାକେଟରେ ମିଶ୍ରଣ ହୋଇଥିବା ବାଦାମ, ଗହମ, ଚିନି ଓ ବୁଟର ପରିମାଣ ସହ ଓଜନରେ ଅନିୟମିତତା କରାଯାଉଥିବା ଅଭିଯୋଗ କରିଥିଲେ। ଅଭିଯୋଗକାରୀମାନେ ଛତୁଆର ମାନ ପରିମାଣକୁ ସର୍ବସମ୍ମୁଖରେ ପରୀକ୍ଷା କରିବା ସହ ଯୋଗାଣକାରୀ ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଗର୍ଭବତୀ, ପ୍ରସୂତି ଓ ୬ ମାସରୁ ୩ ବର୍ଷର ଶିଶୁଙ୍କ ପାଇଁ ସରକାର ପୁଷ୍ଟିସାରଯୁକ୍ତ ଛତୁଆ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ପ୍ରାୟ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପୁରୀ ଜିଲା ପ୍ରଶାସନ ଛତୁଆ ଯୋଗାଣ ପାଇଁ ସର୍ବସାଧାରଣରେ ଟେଣ୍ଡର ନ କରି ବିନା ଟେଣ୍ଡରରେ କାକଟପୁର ବ୍ଲକରେ ନିର୍ଦ୍ଦିଷ୍ଟ ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀ କେବଳ ରିନୁଆଲରେ ଛତୁଆ ଦେଇଆସୁଛନ୍ତି। ବ୍ଲକରେ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ଟେଣ୍ଡର ନେବାକୁ ଚାହିଁ ରହିଥିବାବେଳେ ଏହି ୨ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କ'ଣ ପାଇଁ ୧୨ ବର୍ଷଧରି ଅହେତୁକ ଅନୁକମ୍ପା ଦିଆଯାଇଛି ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ଛତୁଆ ପ୍ରସ୍ତୁତିରେ ସ୍ୱଚ୍ଛତା ଆଣିବା ପାଇଁ ସର୍ବସାଧାରଣରେ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରି ଟେଣ୍ଡର ଆହ୍ୱାନ କରା ନ ଗଲେ ଆଗକୁ ଏହାର ପ୍ରତିବାଦରେ ଆନ୍ଦୋଳନ କରାଯିବ ବୋଲି ଅଭିଯୋଗକାରୀ ଚେତାବନୀ ଦେଇଛନ୍ତି।



ପୁରୀ ଷ୍ଟେଶନ ରୋଡ୍‌ସ୍ଥିତ ନାଓମୀ ବିଲ୍ଡିଂ ପରିସରରେ ଶନିବାର ଆଧାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଜନ୍ମ ଉତ୍ସବରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ ।

## ଶ୍ରୀ ଶ୍ରୀ ରବିଶଙ୍କର ଜନ୍ମ ଉତ୍ସବ

ପୁରୀ ଅଫିସ,୧୩।୫

ଆଧାତ୍ମିକ ଗୁରୁ ତଥା ଆର୍ଟ ଅଫ ଲିଭିଙ୍ଗର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ରବିଶଙ୍କର ୬୭ତମ ଜନ୍ମ ଉତ୍ସବ ପୁରୀ ଆର୍ଟ ଅଫ୍ ଲିଭିଙ୍ଗ ତରଫରୁ ଶନିବାର ପୁରୀ ଷ୍ଟେଶନ ରୋଡ୍‌ସ୍ଥିତ ନାଓମୀ ବିଲ୍ଡିଂ ପରିସରରେ ପାଳନ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରାତଃରୁ ପ୍ରଶିକ୍ଷକ ପ୍ରଦୀପ ସାହୁ, ଅଶୋକ ମିଶ୍ର, ଗୀତା ଜେମା, ପ୍ରଫୁଲ୍ଲ ମିଶ୍ର, ସୁବାସ ଚନ୍ଦ୍ର ଦାଶ ଭକ୍ତମାନଙ୍କୁ ସୁଦର୍ଶନ କ୍ରିୟା କରାଇ ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଦହି ସର୍ବତ ବଣ୍ଟାଯାଇଥିଲା। ସନ୍ଧ୍ୟାରେ ମହା ସତ୍‌ସଙ୍ଗ ଓ ଧାନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସତସଙ୍ଗରେ ପୁଷ୍ପା ସାହୁ, ସତ୍ୟରଞ୍ଜନ ମିଶ୍ର, ରୋଜାଲିନ ସାମନ୍ତରାୟ, ସୁନୀଲ ଜେନା, ଅଭିଷେକ ମିଶ୍ର, ଚନ୍ଦନ ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ପୁରୁଷୋତ୍ତମ ନନ୍ଦ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରଗଛର ମଣିଷ ବନମାଳୀ ପାତ୍ର, ଗୋ ସେବିକା ଚିନ୍ମୟୀ ଦେଓ, ସ୍କୁବା ଡ୍ରାଇଭର ଶୋଭନ ମହାନ୍ତିଙ୍କ ସହ ଅନୁଷ୍ଠାନର ସ୍ୱେଚ୍ଛାସେବୀ ହରିହର ତ୍ରିପାଠୀ ଓ ପୁଷ୍ପା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ବ୍ରଜ କିଶୋର ସାହୁ ଓ ସଂଯୋଜିକା ସଂଘମିତ୍ରା ମହାନ୍ତିଙ୍କ ନେତୃତ୍ୱରେ ନକୁଳ ସାହୁ, ଗୁବୁଲା ପାତ୍ର, ସତ୍ୟନାରାୟଣ ସାହୁ, ଦେବରାଜ ଦାସଙ୍କ ସହ ସମସ୍ତ ଭକ୍ତ ଓ ସ୍ୱେଚ୍ଛାସେବୀ ଗଣ ପରିଚାଳନା କରିଥିଲେ।

# ବିଧାୟକଙ୍କ ମାରାଥନ ପ୍ରକଳ୍ପ ଉଦ୍‌ଘାଟନ



ବିଧାୟକ ସମୀର ରଞ୍ଜନ ଦାଶ ଏକ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ।

ନିମାପଡ଼ା,୧୩।୫(ଡି.ଏନ୍.ଏ.)

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଶନିବାର ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଦାଶ ୨୦ କୋଟି ଟଙ୍କା ବ୍ୟୟରେ ୩ଟି ନବନିର୍ମିତ ସେତୁର ଉଦ୍‌ଘାଟନ ସହ ବହୁ ନୂତନ ରାସ୍ତା ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆର୍‌ଡି ବିଭାଗ ପକ୍ଷରୁ ଶାଇଁସ ଶାସନ ପଞ୍ଚାୟତର ତୋରିହିଁବନ୍ଧଠାରେ ୫ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ପକ୍କାସେତୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ କୋଟି ଟଙ୍କା ବ୍ୟୟରେ ନୂତନ ପକ୍କା ସଡ଼କ, ଡ୍ରେନେଜ୍ ବିଭାଗ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟରେ ଧନୁଆଁ ପଞ୍ଚାୟତର ଇଚ୍ଛାପୁର ଗ୍ରାମଠାରେ ନବନିର୍ମିତ ସେତୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ବ୍ୟୟରେ ଧନୁଆଁ ପଞ୍ଚାୟତର ଡିହସାହିଠାରେ ନବନିର୍ମିତ ପକ୍କା ସେତୁର ଲୋକାର୍ପଣ ହୋଇଥିଲା। ସେହିପରି ଜଳସେଚନ ବିଭାଗ ପ୍ରାଚୀ ଡିଭିଜନ ପକ୍ଷରୁ ନିମାପଡ଼ା ବ୍ଲକ କଳାପାଞ୍ଚଣ ପଞ୍ଚାୟତରେ ୩୦ ଲକ୍ଷ ବ୍ୟୟରେ କୁଣ୍ଡେଇ ଡିଷ୍ଟ୍ରିବ୍ୟୁଟାରୀ ୨ଟି ନୂତନ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ନିମନ୍ତେ ୨ଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବିଭିନ୍ନ ସ୍ଥାନରେ ଆୟୋଜିତ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ତ୍ରିଲୋଚନ ନାୟକ, କନିଷ୍ଠ ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନ୍‌ଗୋ, ଜଳସମ୍ପଦ ବିଭାଗ ପ୍ରାଚୀ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଉପାଲି ଅପରାଜିତା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ମଲ୍ଲିକ, ଡ୍ରେନେଜ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସସ୍ମିତା ନାୟକ, ସରପଞ୍ଚ ମମତା ପରିଡ଼ା, ବିଜେଡି ବ୍ଲକ ସଭାପତି ଅଶୋକ ସାହୁ, ସମିତି ସଭ୍ୟ ଜୟଦେବ ସ୍ୱାଇଁ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ପରିଡ଼ା, ଯୁବନେତା ରବୀନ୍ଦ୍ର ମହାନ୍ତି, ରାମଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ବାଇକ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା।

# ଟୁଇଟରରେ ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି ଭାଗୀରଥି

## ୨ ବର୍ଷରେ ୧ ହଜାରରୁ ଊର୍ଦ୍ଧ୍ୱ ସମସ୍ୟା ସମାଧାନ କରିଛନ୍ତି

ଗୋପ,୧୩।୫(ଡି.ଏନ୍.ଏ.)



ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ଅନେକ ସରକାରୀ ଯୋଜନା ସଫଳ ହେଉଛି। ମାତ୍ର ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକ ଓ ଉପାନ୍ତ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ନିକଟରେ ସଚେତନତାର ଅଭାବ ହେତୁ ଅନେକ ସରକାରୀ ଯୋଜନା ପହଞ୍ଚିବାରେ ବିଳମ୍ବ ହେଉଛି। କିନ୍ତୁ ଏସବୁ ସରକାରୀ ଯୋଜନା କିପରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ଦୁଇ ବର୍ଷ ହେବ ଅଣ୍ଟା ଭିଡିଛନ୍ତି କୋଣାର୍କ ଅଞ୍ଚଳର ଧନିତ୍ରୀ ଗ୍ରାମର ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ। ଭାଗୀରଥି ଜଣେ ଖବରଦାତା ଭାବେ କାର୍ଯ୍ୟ କରୁଥିବା ବେଳେ ଟୁଇଟର ମାଧମରେ ଲୋକମାନଙ୍କ ସମସ୍ୟାର ସମାଧାନ କରୁଛନ୍ତି। ଏହି ଯୁବ ସାମାଜିକ କର୍ମୀ ଟୁଇଟର ମାଧମରେ ଲୋକଙ୍କ ସମସ୍ୟାଗୁଡ଼ିକୁ ସ୍ଥାନୀୟ ପ୍ରଶାସନ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ କରୁଛନ୍ତି। ପ୍ରାୟ ୨ବର୍ଷ ମଧରେ ୧ହଜାରରୁ ଊର୍ଦ୍ଧ୍ୱ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିଥିବା ଭାଗୀରଥି କହିଛନ୍ତି। ସେ ରାଜ୍ୟର ବିଭିନ୍ନ ଜିଲା ଓ ବ୍ଲକ ଅଞ୍ଚଳର ଲୋକମାନେ ସରକାରୀ ଯୋଜନାରୁ ବଞ୍ଚିତ ହେବା ଅଭିଯୋଗ ପାଇବା ମାତ୍ରେ ଟୁଇଟରରେ ସରକାରଙ୍କ ନିକଟରେ ଅଭିଯୋଗ କରିଥାନ୍ତି। ଯେଉଁ ବିଭାଗରେ ଯେକୌଣସି ଅଭିଯୋଗର ସମସ୍ୟା ସମାଧାନ ହୋଇଥାଏ ତାଙ୍କୁ ମଧ ସରକାରଙ୍କ ପକ୍ଷରୁ ସୂଚନା ମିଳିଥାଏ। ୨ବର୍ଷ ଭିତରେ ସତ୍ୟବାଦୀ ବ୍ଲକର ପୁରୁଣା ବେଢାକେରା ଗ୍ରାମର ସ୍ୱାସ୍ଥ୍ୟ ଅବସ୍ଥା ଲାଗି ସରକାରୀ ସହାୟତା ମିଳିବା, ଗୋପ ବ୍ଲକ ଅଚ୍ୟୁତପୁର କର୍କଟ ରୋଗୀ ଯଦୁମଣି ସେଠୀଙ୍କୁ ସହାୟତା ମିଳିବା, ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଗୋପପୁର ଗ୍ରାମର ରସିକ ମୁଣ୍ଡାଙ୍କୁ ରାଶନ କାର୍ଡ ମିଳିବା, ରାୟଗଡ଼ା ଜିଲା ପାତ୍ରଗଡା ଗ୍ରାମର ପ୍ରମିଳା ଦଳାଇଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ, ବଲାଙ୍ଗୀର ଜିଲା ସାନବାର୍ଲି ଗ୍ରାମର କମଳା ବରିହାଙ୍କୁ ଚିକିତ୍ସା ସେବା ଅର୍ଥ, କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ଲକ୍ଷ୍ମୀଧରଙ୍କୁ ୪ ମାସର ଭତ୍ତା ଟଙ୍କା, ଗଜପତି ଜିଲା ତଳିଆପଦା ଗ୍ରାମର ଦିବ୍ୟାଙ୍ଗ ମେଣ୍ଟା ମଲ୍ଲିକଙ୍କୁ ଟ୍ରାଇସାଇକେଲ ସହାୟତା, କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଧନମତି ଛତ୍ରିଆଙ୍କୁ ଆବାସଗୃହ ଯୋଜନା ସହିତ ୧ ହଜାରରୁ ଅଧିକ ଲୋକଙ୍କୁ ଟୁଇଟର ଜରିଆରେ ସମସ୍ୟା ସମାଧାନ କରିଛନ୍ତି ଭାଗୀରଥି। ଏ ନେଇ ଭାଗୀରଥି କୁହନ୍ତି, ମଣିଷଙ୍କୁ ସାହାଯ୍ୟ କରିବା ମୋର କର୍ତ୍ତବ୍ୟ। ଗରିବଙ୍କ ସମସ୍ୟା ସମାଧାନ କରିପାରିଲେ ନିଶ୍ଚିତ ଭଗବାନ ସାହାଯ୍ୟ କରିବେ। ଟୁଇଟର ଯୋଗେ ସମସ୍ୟା ସମାଧାନ କରୁଥିବାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭିନ୍ନ ଅଭିଯୋଗ ମଧ ଆସୁଛି। ସେଥିପ୍ରତି ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।

## ଦୋକାନ ତାଲା ଭାଙ୍ଗି ଚୋରି

ପିପିଲି,୧୩।୫(ଡି.ଏନ୍.ଏ.)

ପିପିଲି ପୌରାଞ୍ଚଳ ଅନ୍ତର୍ଗତ ଖଣ୍ଡିଆଗିରି ଗ୍ରାମଛକଠାରେ ଥିବା କାଳିଆ ଭେରାଇଟି ଷ୍ଟୋରରୁ ନଗଦ ୨୫ ହଜାର ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ଦୋକାନର ମାଲିକ ଯାଦବ ପ୍ରଧାନ ଶନିବାର ସକାଳେ ଦୋକାନ ଖୋଲିବା ସମୟରେ ଦୋକାନ କବାଟର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନ ମଧରୁ ନଗଦ ୨୫ହଜାର ଟଙ୍କା, ମ୍ୟୁଜିକ ସ୍ପିକର, ଏଲ୍‌ଇଡି ବଲ୍ବ, ପେଟିଏମ ସ୍ପିକର ଓ ଅନ୍ୟାନ୍ୟ କେତେକ ଜିନିଷକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜାଣିବା ପରେ ସେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ।

# ସିପିଆଇ ଜିଲା ପରିଷଦର ସାଙ୍ଗଠନିକ ଅଧିବେଶନ




ଜିଲା ପରିଷଦ ଅଧିବେଶନରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୧୩।୫(ଡି.ଏନ୍.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ପୁରୀ ଜିଲା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ତଥା ପରିଷଦର ସାଙ୍ଗଠନିକ ଅଧିବେଶନ ଶନିବାର ନିମାପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ ରାଜ୍ୟ କଣ୍ଟ୍ରୋଲ କମିଟି ସଭ୍ୟ ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସିପିଆଇର ରାଜ୍ୟ ସମ୍ପାଦକ କମ୍ରେଡ୍ ଅଭୟ ସାହୁ, ସହସମ୍ପାଦକ କ୍ଷୀରୋଦ ପ୍ରସାଦ ସିଂଦେଓ, ରାଜ୍ୟ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ରାଜ୍ୟ କୃଷକ ସଭାର କାର୍ଯ୍ୟକାରୀ ସଭାପତି ସନାତନ ପାତ୍ର, ରାଜ୍ୟ ପରିଷଦ ସଭ୍ୟ ବିପିନ ବିହାରୀ ରାଉତ, ପ୍ରଦୀପ୍ତ ମହାନ୍ତି, ପୁରୀ ଜିଲା ସମ୍ପାଦକ କୃଷକଚନ୍ଦ୍ର ରାଉତ, ସହସମ୍ପାଦକ ହରିହର ସେନାପତି ପ୍ରମୁଖ ଯୋଗଦେଇ ଦଳର ସାଂଗଠନିକ ସ୍ଥିତି, ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା, ରାଜନୈତିକ ଚିଠା ପ୍ରସ୍ତାବ ଆଗତ, ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦଳ ପକ୍ଷରୁ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରାଯିବା, ଦଳରେ ବହୁସଂଖ୍ୟାରେ ଛାତ୍ର, ଯୁବକ, ମହିଳାଙ୍କୁ ସାମିଲ କରିବା ଦିଗରେ ନେତୃବୃନ୍ଦମାନେ ଗୁରୁତ୍ୱାରୋପ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେନ୍ଦ୍ର ସରକାରଙ୍କ କୃଷକ, ଶ୍ରମିକ, ଜନମାରଣ ନୀତିକୁ ନେତୃବୃନ୍ଦ ତୀବ୍ର ସମାଲୋଚନା କରିଥିବାବେଳେ ଦେଶରୁ ଭାଜପା ହଟାଅ ଦେଶ ବଞ୍ଚାଅ ନାରା ଦେଇଥିଲେ। ଅଧିବେଶନରେ ପାର୍ଟିରେ ପୁରୀ ଜୋନ୍ ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର, ବ୍ରହ୍ମଗିରି ଜୋନ୍ ସମ୍ପାଦକ ବନମାଳୀ ସାହୁ, କାକଟପୁର ଜୋନ୍ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ନିମାପଡ଼ା ଜୋନ୍ ସମ୍ପାଦକ ପ୍ରଫୁଲ୍ଲ ସାହୁଙ୍କ ସମେତ ଜିଲାର ବିଭିନ୍ନ ଜୋନ୍‌ର ସମ୍ପାଦକ, ପୁରୀ ଜିଲାର ୨୫ ଜଣ ଜିଲା ପରିଷଦ ସଦସ୍ୟ ଯୋଗଦେଇଥିଲେ।

# ସଂସ୍କୃତି ନିର୍ଦ୍ଦେଶକଙ୍କ ସୁଆଣ୍ଡୋ ପରିଦର୍ଶନ

ସାକ୍ଷୀଗୋପାଳ, ୧୩।୫(ଡି.ଏନ୍.ଏ./ସ୍ୱ.ପ୍ର.)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଶନିବାର ଐତିହ୍ୟ ବିକାଶ ଯୋଜନାରେ ଆକର୍ଷଣୀୟ ହୋଇଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରିଛନ୍ତି। ନୂତନ ନିର୍ଦ୍ଦେଶକ ଭାବେ ଯୋଗଦେଇଥିବା ରାଉତରାୟ ପଟ୍ଟନାୟିକିଆ ଛକରେ ଖୋଲାଯାଇଥିବା ସୂଚନା କେନ୍ଦ୍ର ଓ ମିଶନ ଶକ୍ତିକାଫେରେ ପହଞ୍ଚି ଅତିଥି ଚର୍ଚ୍ଚା ସମ୍ପର୍କରେ ମିଶନ ଶକ୍ତି ମହିଳାଙ୍କ ସହ ଆଲୋଚନା କରିଥିଲେ। ପରେ ପରେ ସୁଆଣ୍ଡୋ ଗ୍ରାମରେ ପହଞ୍ଚି ପଣ୍ଡିତ ଗୋପବନ୍ଧୁଙ୍କ ଷଠିଘର, ସଂଗ୍ରହାଳୟ, ଶିଶୁ ଉଦ୍ୟାନ ପରିଦର୍ଶନ କରିବା ସହ ପରିଚାଳନା ଏବଂ ସୁରକ୍ଷା ନେଇ ତଦାରଖ କରିଥିଲେ। ବିକଶିତ ପ୍ରକଳ୍ପର ସଫଳତା ସମ୍ପର୍କରେ ଗୋପବନ୍ଧୁଙ୍କ ଆତ୍ମୀୟଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତରେ ସତ୍ୟବାଦୀ ବିଡିଓ ଲୋଚନ ଦାଶ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ।



ଦିଲୀପ ରାଉତରାୟ ଓ ଅନ୍ୟ ଅଧିକାରୀମାନେ ପଣ୍ଡିତ ଗୋପବନ୍ଧୁଙ୍କ ଷଠିଘର ବୁଲୁଛନ୍ତି ।

# ବାବା ବାସୁଦେବଙ୍କ ମୟୂରଚନ୍ଦ୍ରିକା ବେଶ

ନିମାପଡ଼ା,୧୩।୫(ଡି.ଏନ୍.ଏ.)

ନିମାପଡ଼ା ଅଞ୍ଚଳର ଆରାଧ ଦେବତା ପ୍ରଭୁ ବାବା ବାସୁଦେବ ବେଶ୍ ଖ୍ୟାତ। ବାବା ବାସୁଦେବଙ୍କ ଚନ୍ଦନ ମହୋତ୍ସବ ଏ ଅଞ୍ଚଳରେ ଏକ ନିଆରା ପର୍ବ ଓ ଶହ ଶହ ବର୍ଷର ପରମ୍ପରା ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶନିବାର ଶ୍ରୀ ଶ୍ରୀ ଭଗବତ ବାସୁଦେବଙ୍କ ଚନ୍ଦନ ମହୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରାତଃରେ ବାବାଙ୍କର ମଇଲମ, ମହାସ୍ନାନ, ବାଲଭୋଗ, ମଧାହ୍ନ, ଅନ୍ନଧୂପ, ଫୁଲ ଚନ୍ଦନ, ତୁଳସୀ ଲାଗି, ସନ୍ଧ୍ୟା ଆଳତି ଆଦି ପାରମ୍ପରିକ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଠାକୁରଙ୍କୁ ବିଭିନ୍ନ ବେଶ କରାଯାଇଥିଲା। ପ୍ରଭୁଙ୍କର ମୟୂରଚନ୍ଦ୍ରିକା, ଚନ୍ଦନ ବେଶ ଶ୍ରଦ୍ଧାଳୁଙ୍କୁ ବେଶ୍ ବିମୋହିତ କରିଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ, ଶ୍ରଦ୍ଧାଳୁ ବାବାଙ୍କର ଏହି ବେଶ ଦର୍ଶନ କରିଥିଲେ। ମନ୍ଦିରରେ ଭାଗବତ ବାର ସ୍କନ୍ଦ ପାଠ, ନାମ ସଂକୀର୍ତ୍ତନ, ଭଜନ ସମାରୋହ ଆଦି ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କ ଚନ୍ଦନ ମହୋତ୍ସବ, ଠାକୁରଙ୍କ ବେଶ ଦର୍ଶନ, ପୂଜାର୍ଚ୍ଚନା ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ମନ୍ଦିରରେ ଭିଡ଼ ଲାଗି ରହିଥିଲା।

# ଏମ୍‌କେସିସି, ଇଲେଭେନ୍ ଷ୍ଟାର ବିଜୟୀ

## ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ୨ୟ ଦିବସ

କଣାସ,୧୩।୫(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚର ଦ୍ୱିତୀୟ ଓ ତୃତୀୟ ମ୍ୟାଚରେ ଯଥାକ୍ରମେ ଏମ୍‌କେସିସି କଣାସ ଓ ଇଲେଭେନ୍ ଷ୍ଟାର ବରକେରା ବିଜୟୀ ହୋଇଛି। ପ୍ରଥମେ ଏମ୍‌କେସିସି କଣାସ ଓ ଗ୍ଲାଡିଟେର ଆଙ୍କୁଲା ମଧରେ ଖେଳ ହୋଇଥିଲା। ଗ୍ଲାଡିଟେର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୦୮ ରନ୍ କରିଥିବାବେଳେ ଏମ୍‌କେସିସି ୫ ଉଇକେଟ ହରାଇ ୧୦୯ ରନ୍ କରି ବିଜୟୀ ହୋଇଥିଲା। ଏମ୍‌କେସିସିର ସୌମ୍ୟସନ୍ଦୀପ ନାୟକ ୩୬ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଇଲେଭେନ୍ ଷ୍ଟାର ନିର୍ଦ୍ଧାରିତ ୧୨ ଓଭରରେ ବ୍ୟାଟିଂ କରି ୩ ଉଇକେଟ୍ ହରାଇ ୧୩୨ରନ୍ କରିଥିବାବେଳେ ବ୍ଲାକ ଡାଇମଣ୍ଡ ୮ ଉଇକେଟ୍ ହରାଇ ୧୦୯ କରି ପରାଜିତ ହୋଇଥିଲା। ଇଲେଭେନ୍ ଷ୍ଟାରର ତୁଷାରକାନ୍ତ ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅମ୍ପାୟର ଭାବେ ସୁନୀଲ ତ୍ରିପାଠୀ ଓ ଦୀପକ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ତ୍ରିଲୋଚନପୁର ଗ୍ରାମ୍ୟ ପରିଚାଳନା କମିଟି ସମ୍ପାଦକ ରବିନାରାୟଣ ଦାଶ ଅତିଥି ରୂପେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଡେଲାଙ୍ଗ ଷ୍ଟେଶନ ବଜାରରେ ଜଳୁନି ହାଇମାଷ୍ଟ ଲାଇଟ୍

■ ସନ୍ଧ୍ୟା ହେଲେ ଜମୁଛି ନିଶାଡ଼ି, ଚୋରଙ୍କ ଆଡ୍ଡା

■ ରାତିରେ ଦୋକାନ ଛାଡି ଯିବାକୁ ଭୟ କରୁଛନ୍ତି ଦୋକାନୀ

ଡେଲାଙ୍ଗ,୧୩।୫(ଡି.ଏନ୍.ଏ.)



ଡେଲାଙ୍ଗ ଷ୍ଟେଶନ ବଜାର ଉପରେ ସ୍ଥାନୀୟ ୭ଟି ପଞ୍ଚାୟତରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାବେଳେ ବଜାର ଏବେ ନିଶାଡ଼ି ଓ ବାଇକ୍ ଚୋରଙ୍କ ଆଡାସ୍ଥଳୀ ପାଲଟିଛି। ସନ୍ଧ୍ୟା ହେଲେ ବଜାରକୁ ଆଲୋକୀକରଣ କରିବାକୁ ଥିବା ହାଇମାଷ୍ଟ ଲାଇଟ୍ ଆଜକୁ ଦୀର୍ଘ ୨ବର୍ଷ ହେବ ଜଳୁନି। ଫଳରେ ନିଶାଡ଼ି ଓ ଗାଡି ଚୋର ଅନ୍ଧାରରେ ଆଡ୍ଡା ଜମାଇବା ସହିତ ସାଧାରଣ ଲୋକଙ୍କ ବାଇକ୍ ଲୁଟୁଛନ୍ତି। ଗତ ଫନୀ ବାତ୍ୟା ପରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ସଜଡ଼ା ଯାଇ ଆଲୋକୀକରଣ ପାଇଁ ୩୦ଟି ହାଇମାଷ୍ଟ ଲାଇଟ୍‌ର ବ୍ୟବସ୍ଥା ହୋଇଥିଲା। ସେଥିମଧରୁ ଏବେ ମାତ୍ର ୧୩ଟା ଜଳୁଛି। ବଜାର ଅନ୍ଧାରରେ ରହୁଥିବାରୁ ରାତିରେ ଚୋର ଓ ନିଶାଡ଼ିଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ଦୋକାନ ଛାଡ଼ି ଘରକୁ ଯିବାକୁ ଦୋକାନୀ ଭୟ କରୁଛନ୍ତି। ଚୋରି ହେବା ଭୟରେ ଅସହ୍ୟ ଗୁଳୁଗୁଳିରେ ବାଧ୍ୟ ହୋଇ ଦୋକାନ ଭିତରେ ଶୋଉଛନ୍ତି। ୧୯୬୦ ମସିହା ପୂର୍ବରୁ ୬ ଗୋଟି ଦୋକାନକୁ ନେଇ ଗଢି ଉଠିଥିବା ଡେଲାଙ୍ଗ ବଜାରର ମାନଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥିଲେ ମଧ ଅଦ୍ୟାବଧି ତାର ସାଧାରଣ ସମସ୍ୟା ବଦଳି ପାରିନି। ବର୍ତ୍ତମାନ ବଜାରରେ ୨୬୦ ଦୋକାନରେ ରହିଛି। ଭାରତୀ ବିହାରଠାରୁ ଆରମ୍ଭ କରି ବେରବୋଇ ବଜାର ଓ ଡେଲାଙ୍ଗ ଷ୍ଟେଶନ ଛକଠାରୁ ଆରମ୍ଭ କରି ରାଧାକାନ୍ତ ବିଦ୍ୟାପୀଠ ପର୍ଯ୍ୟନ୍ତ ବିସ୍ତୃତ ବଜାରରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ବଜାର ଆସିବାକୁ ସ୍ଥାନୀୟ ବାସିନ୍ଦା ନା ପସନ୍ଦ କରୁଛନ୍ତି। ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ୨ବର୍ଷ ହେବ ଅକାମି ହୋଇ ପଡ଼ିଥିଲେ ମଧ ଏହାର ମରାମତି ନିମନ୍ତେ ପ୍ରଶାସନ ଚିନ୍ତା କରୁନି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ରେଞ୍ଚ ପଞ୍ଚାୟତର ସରପଞ୍ଚ ହରିହର ସ୍ୱାଇଁଙ୍କୁ ପଚାରିବାରେ, ଲାଇଟ୍‌ଗୁଡ଼ିକ ମରାମତି କରିବାକୁ ଫଣ୍ଡ ନାହିଁ। ବିଗତ ଗ୍ରାମସଭା ମିଟିଂରେ ଏଥିପାଇଁ ଆଲୋଚନା ହୋଇଛି। ସ୍ଥାନୀୟ ପ୍ରଶାସନ ଏହି ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବାକୁ ବ୍ୟବସାୟୀ ଓ ଜନସାଧାରଣ ନିବେଦନ କରିଛନ୍ତି। ଅନ୍ୟପଟେ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦୋକାନୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

**ମଙ୍ଗୁଳି-ଜଗତପୁର, ୧୩ା୫(ଡି.ଏନ.ଏ.):** ଦୁର୍ଘଟଣାରେ ଗୁରୁତର ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ଭଗତପୁର ଗ୍ରାମର ଉପେନ୍ଦ୍ର ସାହୁ(୬୨)। ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଏପ୍ରିଲ ୨୮ ତାରିଖ ଅପରାହ୍ନରେ ଉପେନ୍ଦ୍ର ତାଙ୍କ ଝିଅଙ୍କୁ ସ୍କୁଟିରେ ବସାଇ ଲୁଗା କିଣିବା ପାଇଁ ଭଗତପୁରରୁ ଟାଙ୍ଗୀ ଅଭିମୁଖେ ଯାଉଥିବାବେଳେ ବାଟରେ ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଉପେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷରେ ତାଙ୍କ ଝିଅ ଶୁଭଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲେ ମଧ୍ୟ ବାକ୍ ଶକ୍ତି ହରାଇଥିବା ଜଣାପଡିଛି।

### ଚନ୍ଦନ ଯାତ୍ରା ଉଦ୍‌ଯାପିତ

**ଚୌଦ୍ୱାର/ ଫୁଲନଖରା, ୧୩ା୫ (ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ ୧୨ ନମ୍ବର ୱାର୍ଡ ଓଟିଏମ୍ କଲୋନୀସ୍ଥିତ ରାଧାମୋହନ ଜୀଉଙ୍କ ଚନ୍ଦନ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରତ୍ୟେହ ସନ୍ଧ୍ୟାରେ ରାଧାମୋହନ ଜୀଉଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ନିଆଯାଇ କଲୋନୀସ୍ଥିତ କଳମଝରୀ ପୋଖରୀ ନିକଟରେ ପହଞ୍ଚା ଯାଇଥିଲା। ସେଠାରେ ସୁସଜ୍ଜିତ ଡଙ୍ଗାରେ ଠାକୁର ଚାପ ଖେଳିଥିଲେ। ପରେ ମଧୁସୂଦନ ବିଦ୍ୟାଳୟ ସମ୍ମୁଖ ଯାତ୍ରା ପଡିଆ ମଣ୍ଡପରେ ଠାକୁର ଅବସ୍ଥାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପରିବେଷିତ ହୋଇଥିଲା। ଶନିବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ବିଜୟ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଚନ୍ଦନ ଯାତ୍ରା କମିଟି ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚନ୍ଦନ ଯାତ୍ରା କମିଟି ସଭାପତି ଶ୍ୟାମ ସୁନ୍ଦର ସ୍ୱାଇଁ, ଦୁର୍ଗା ଚରଣ ପଟ୍ଟନାୟକ, ଅମିୟ ଦାସଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କଟକ ସଦର ଥାନା ଅଧୀନ ପୁରୁଣା କାଚରାମାଳସ୍ଥିତ କୁଆଖାଇ ନଦୀଘାଟରେ ୫ ଦିନ ଧରି ଚାଲିଥିବା ଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଚନ୍ଦନ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା ପରିବେଷଣ ହୋଇଥିଲା। ପ୍ରତିଦିନ ପୂଜକମାନେ ଲକ୍ଷେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ସମସ୍ତ ନୀତିକାନ୍ତି ଓ ସନ୍ଧ୍ୟା ଆଳତି ସାରିବା ପରେ ସୁସଜ୍ଜିତ ବିମାନରେ ଚନ୍ଦନ ଚାପ ପାଇଁ କୁଆଖାଇ ନଦୀଘାଟକୁ ନେଇଥାନ୍ତି। ସେଠାରେ ଠାକୁର ଚାପ ଖେଳିବା ପରେ ନିକଟରେ ଥିବା ଚନ୍ଦନ ମଣ୍ଡପରେ ବିଜେ ହୋଇଥିଲେ। ପରେ ଠାକୁରଙ୍କୁ ପୂଜା କରାଯାଇଥିଲା। ଏହାପରେ ସୁସଜ୍ଜିତ ବିମାନରେ ଚନ୍ଦ୍ରଶେଖର ଦେବ ନିକଟସ୍ଥ ଗ୍ରାମଗୁଡିକୁ ଯାଇ ଚାଚେରୀ ଭୋଗ ଖାଇଥିଲେ। ଶେଷରେ ଚନ୍ଦନ ଯାତ୍ରା ପଡିଆସ୍ଥିତ ମଣ୍ଡପରେ ବିଜେ କରିବା ପରେ ବ୍ରାହ୍ମ ମୁହୂର୍ତ୍ତରେ ମନ୍ଦିରକୁ ପ୍ରବେଶ କରିଥିଲେ। ଏହାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କର ଭିଡ ଲାଗିଥିଲା।

### ପ୍ରୌଢାଶ୍ରମ ପରିଦର୍ଶନ କଲେ ପୋଲିସ କମିଶନର

**କଟକ ସଦର, ୧୩ା୫(ଡି.ଏନ.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ ଏରଞ୍ଚସ୍ଥିତ ଉତ୍କଳମଣୀ ଗୋପବନ୍ଧୁ ପ୍ରୌଢାଶ୍ରମକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଶନିବାର ପରିଦର୍ଶନରେ ଯାଇଥିଲେ। ଲୋକଶକ୍ତି ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ପ୍ରୌଢାଶ୍ରମରେ ରହୁଥିବା ଅସହାୟ ଓ ମହିଳାମାନଙ୍କ ଭଲମନ୍ଦ କଥା ପଚାରି ବୁଝିଥିଲେ। ଏହି ପରିଦର୍ଶନବେଳେ ଟ୍ରଷ୍ଟର ସଭାପତି ଜନାର୍ଦ୍ଦନ ପତି, ମୁଖ୍ୟ ପରିଚାଳକ ମନମୋହନ ପତି, ଅଭୟ କୁମାର ସ୍ୱାଇଁ, ମିନତି ପତି, ଅନୁପମ ପତି, ଭଞ୍ଜ କିଶୋର ବେହେରା, ମୋନାଲିସା ପତି, ୪୨ ମୌଜା ଶାନ୍ତି କମିଟି ସଭାପତି ଶରତ ରାୟ, ଯୁଧିଷ୍ଠିର ପତି, ପ୍ରଫୁଲ୍ଲ ମହାପାତ୍ର ଓ ସନ୍ତୋଷ ପତିଙ୍କ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉତ୍କଳମଣୀ ଗୋପବନ୍ଧୁ ଦାସ ଓ ନୀଳମଣି ପତିଙ୍କ ପ୍ରତିମୂର୍ତ୍ତିରେ ପ୍ରିୟଦର୍ଶୀ ମାଲ୍ୟାର୍ପଣ କରିଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ଛୁରାମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣା**

- ୨ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ
- ଉତ୍ତ୍ୟକ୍ତ ଲୋକେ ଶୁଣିଲେନି, ପୋଲିସ ଲାଠିଚାର୍ଜ କଲା

**ସାଲେପୁର, ୧୩ା୫ (ଡ଼ି.ଏନ୍.ଏ)**



ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତାରେ ମୃତଦେହ ରଖି ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ସାଲେପୁର ଥାନା ଅଧୀନ ବାଲିସାହି ପଞ୍ଚାୟତର ମାଛୁଆତି ଗ୍ରାମରେ ଶୁକ୍ରବାର ଘଟିଥିବା ଛୁରାମାଡ ଘଟଣାରେ ସ୍ଥାନୀୟ ଲିକୁ କାଣ୍ଡି(୨୫)ଙ୍କ ମୃତ୍ୟୁ ଘଟିଥିଲା। ଶନିବାର କଟକ ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ଗ୍ରାମକୁ ଆସିଥିଲା। ଏହାପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ଅପରାହ୍ନରେ କଟକ-ସାଲେପୁର ରାସ୍ତାର ତାରିଣୀ ଛକ ନିକଟରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଫଳରେ ଯାତ୍ରୀମାନେ ସାଲେପୁର କଲେଜ ରୋଡ ଦେଇ ଖଇରା କେନାଲ ବନ୍ଧ ରାସ୍ତାରେ ଯାତାୟାତ କରିଥିଲେ। ଖବରପାଇ ଉତ୍ତ୍ୟକ୍ତ ଲୋକମାନେ ସେଠାରେ ପହଞ୍ଚି ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ପ୍ରାୟ ୨ ଘଣ୍ଟା ଧରି ଉଭୟ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସାଲେପୁର ତହସିଲଦାର ଶିବ ମଲ୍ଲିକ ଓ ଥାନାଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସେମାନେ ନ ଶୁଣି ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ପୋଲିସ ବାଧହୋଇ ଲାଠି ଚାଳନା କରିବାରୁ ଉତ୍ତ୍ୟକ୍ତ ଲୋକମାନେ ଛତ୍ରଭଙ୍ଗ ଦେଇଥିଲେ। ଅପରପକ୍ଷରେ ମୃତକଙ୍କ ପରିବାରକୁ ବାଲିସାହି ସରପଞ୍ଚ ପବିତ୍ର ସାମଲ ଓ ପୂର୍ବତନ ବିଧାୟକ ପ୍ରକାଶ ବେହେରା ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ମାଛୁଆତି ଗ୍ରାମର ଦୁର୍ଗାମଣ୍ଡପ ନିକଟରେ ଶୁକ୍ରବାର ଅପରାହ୍ନରେ ବୁଦ୍ଧିଆ ସ୍ୱାଇଁ ଓ ଲିକୁ ଠିଆ ହୋଇଥିଲେ। ହଠାତ୍ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ବୁଦ୍ଧିଆ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥିବା ଛୁରିରେ ଲିକୁଙ୍କ ଛାତିରେ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଲିକୁଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୫୭/୨୩) ରୁଜୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ବୁଦ୍ଧିଆଙ୍କ ସମେତ ଅନ୍ୟ ଦୁଇଜଣ ନିଲୁଆ ସ୍ୱାଇଁ ଓ ହୁଣ୍ଡା ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୬୧ ମାମଲା ଫଇସଲା

**କଟକ ଅଫିସ, ୧୩ା୫**

ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟି (ଓଏଚ୍‌ସିଏଲ୍‌ଏସ୍‌ସି) ତତ୍ତ୍ୱାବଧାନରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ)ର ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର, ଓଏସ୍‌ଏଲ୍‌ଏସ୍‌ଏର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସୁଭାଶିଷ ତାଳପତ୍ର, ଓଏଚ୍‌ସିଏଲ୍‌ଏସ୍‌ସିର ଅଧ୍ୟକ୍ଷ ବିଚାରପତି ବି. ଆର୍. ଷଡଙ୍ଗୀଙ୍କ ମାର୍ଗଦର୍ଶନରେ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ ଏସ୍.କେ. ସାହୁ, ଏସ୍. ରଥ, ଏ.କେ. ମହାପାତ୍ର, ବି.ପି. ଶତପଥୀ, ଏମ୍.ଏସ୍. ରମଣ, ଜଷ୍ଟିସ ଏସ୍.କେ. ମିଶ୍ର ଏବଂ ହାଇକୋର୍ଟର ବିଚାରପତିମାନେ ବିଭିନ୍ନ ବେଞ୍ଚରେ ଅନୁଷ୍ଠିତ ଲୋକ ଅଦାଲତରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୬୧ଟି ମାମଲା ଫଇସଲା କରାଯାଇ ୩ କୋଟି ୫୧ ଲକ୍ଷ ୩୯ ହଜାର ୨୦୦ ଟଙ୍କା କ୍ଷତିପୂରଣ ବାବଦକୁ ସ୍ଥିର ହୋଇଥିଲା। ମୁଖ୍ୟତଃ ବୀମା ବିବାଦ, ବିଦ୍ୟୁତ୍, ବ୍ୟାଙ୍କ ସମ୍ବନ୍ଧୀୟ ଓ ବୈବାହିକ ସମ୍ବନ୍ଧୀୟ ମାମଲା ଫଇସଲା କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ନ୍ୟାଶନାଲ ଇନ୍ସ୍ୟୁରାନ୍ସ କମ୍ପାନୀ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସ କମ୍ପାନୀ, ୟୁନାଇଟେଡ୍ ଇଣ୍ଡିଆ ଇନ୍ସ୍ୟୁରାନ୍ସ କମ୍ପାନୀ ଓ ଅନ୍ୟ ଘରୋଇ ବୀମା କମ୍ପାନୀ ଅଂଶଗ୍ରହଣ କରିଥିଲା।

# ୧୨,୭୦,୫,୨୬୬ ଟଙ୍କା ଜରିମାନା ଆଦାୟ



ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ଅନୁଷ୍ଠିତ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ।

**କଟକ ଅଫିସ, ୧୩ା୫**

କଟକ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ଆନୁକୂଲ୍ୟରେ ଜିଲା ଓ ଦୌରାଜଜ୍ କୋର୍ଟ ପରିସର ଏବଂ ତାଲୁକ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସୁଭାଶିଷ ତାଳପତ୍ର ମୁଖ୍ୟ ଅତିଥି ଏବଂ (ଓଏସ୍‌ଏଲ୍‌ଏସ୍‌ଏ)ର ସଦସ୍ୟ ସଚିବ ସୁଦୀପ୍ତ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ ସମସ୍ତ କୋର୍ଟ ପରିଦର୍ଶନ କରିଥିଲେ। କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ଜିଲା କୋର୍ଟର ସମସ୍ତ ବିଚାରପତି ନିଜ କୋର୍ଟରେ ଥିବା ମକଦ୍ଦମାର ଫଇସଲା କରିଥିଲେ। ଏଥିରେ ମୋଟ ୨୩,୪୭୬ ମକଦ୍ଦମାରୁ ୧୧,୦୯୩ଟି ଫଇସଲା କରାଯାଇଥିଲା। ଏଥିସହ ୧୨ କୋଟି ୭୦ ଲକ୍ଷ ୫ହଜାର ୨୬୬ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ସ୍ଥିରୀକୃତ ହୋଇଥିଲା। ବିଶେଷକରି ମୋଟରଯାନ ଦୁର୍ଘଟଣାଜନିତ ମକଦ୍ଦମା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ରାଜସ୍ୱ ଏବଂ ଉପଭୋକ୍ତାଜନିତ ମକଦ୍ଦମାର ଫଇସଲା କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଲୋକ ଅଦାଲତ ପରିଚାଳନା କରିଥିଲେ।

# 'ସାହିତ୍ୟ-ରାଜନୀତି ପରସ୍ପରକୁ ପ୍ରଭାବିତ କରିଆସିଛି'



ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଭାଷା ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଉତ୍କଳ ସାହିତ୍ୟ ସମାଜର ଭାଷା-ସାହିତ୍ୟ ଚର୍ଚ୍ଚା**

**କଟକ ଅଫିସ, ୧୩ା୫**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଓ ରାଜନୀତି କେତେ ଦୂର କେତେ ନିକଟ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରି ବିଶିଷ୍ଟ ସ୍ତମ୍ଭକାର ତଥା ପୂର୍ବତନ ଏମ୍‌ପି ମହାମେଘବାହାନ ଐର ଖାରବେଳ ସ୍ୱାଇଁ କହିଥିଲେ, ଅନ୍ତର୍ଜାତୀୟ ସାହିତ୍ୟଠାରୁ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ପ୍ରତିଟି ସାହିତ୍ୟରେ ରାଜନୀତିର ଚମତ୍କାର ଛବି ପ୍ରତିଫଳିତ ହୋଇଛି। ବିଶ୍ୱର ବିଶିଷ୍ଟ ଲେଖକ ସମକାଳୀନ ରାଜନୀତି ଓ ସମାଜନୀତିକୁ ପ୍ରଭାବିତ କରି ଏହାର ପରିବର୍ତ୍ତନର ସୂତ୍ରଧର ସାଜିଥିଲେ। ଫକୀରମୋହନଙ୍କଠାରୁ ମନୋଜ ଦାସଙ୍କ ସାହିତ୍ୟ ଯାଏ, ଏପରି କି ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟରେ ରାଜନୀତି ଓ ସାମାଜିକ ଚିତ୍ର ବେଶ୍ ପ୍ରଭାବଶାଳୀ। ଲଛମା, ଅନ୍ଧ ଦିଗନ୍ତ ଓ ଆବୁପୁରୁଷ ସମେତ ବିଭିନ୍ନ ଚଳଚ୍ଚିତ୍ର କାହାଣୀ ସମକାଳୀନ ସମାଜର ବାସ୍ତବ ଚିତ୍ରକୁ ଦର୍ଶକଙ୍କ ନିକଟରେ ପହଞ୍ଚାଉଛି। ସାହିତ୍ୟ ଓ ରାଜନୀତି ପରସ୍ପରକୁ ପ୍ରଭାବିତ କରିଆସିଛି ବୋଲି ସ୍ୱାଇଁ କହିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ, ସରୋଜିନୀ ମିଶ୍ର ପ୍ରାରମ୍ଭିକ ବକ୍ତବ୍ୟ, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଡ. ଗାୟତ୍ରୀ ଦେବୀ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ଉତ୍କଳ ସାହିତ୍ୟ ସମାଜର କୋଷାଧ୍ୟକ୍ଷ ଶିବାଶିଷ କର, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି, ତପନ କୁମାର ସ୍ୱାଇଁ, ରାଧାଶ୍ୟାମ ରାଉଳ, ଦିଲୀପ କୁମାର ଦାସ, ମୁରଲୀଧର ଶତପଥୀ ଉପସ୍ଥିତ ଥିଲେ। ତରୁଣ ସାହୁ, ନିଶିକାନ୍ତ ମିଶ୍ର, ଉମାଶଙ୍କର ମିଶ୍ର, ସୁବାସ ଚନ୍ଦ୍ର ଦ୍ୱିବେଦୀ, ଉତ୍ତମ ଚରଣ ପ୍ରଧାନ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ।

# ଦୟାସାଗର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କଟକ ଅଫିସ, ୧୩ା୫**

ଜୋବ୍ରା କେନାଲ ରୋଡ୍‌ସ୍ଥିତ ଦୟାସାଗର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ କଟକ କଳାବିକାଶ କେନ୍ଦ୍ରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବୋର୍ଡର ସଦସ୍ୟ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ମୁଖ୍ୟ ବକ୍ତା ଇଂ. ନନ୍ଦକିଶୋର ଦଳାଇ, ବିଶିଷ୍ଟ ଅତିଥି ଭାରତ ସରକାରଙ୍କ ଅଟୋମେଟିକ୍ ଏନର୍ଜି ବିଭାଗର ସାଇଣ୍ଟିଫିକ ଅଫିସର ମନୋଜ କୁମାର ରାଉତ ଯୋଗଦେଇ ଛାତ୍ରୀଛାତ୍ରମାନେ ଦୃଢ଼ମନା ହୋଇ ପାଠପଢ଼ା ସହିତ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଚିବ ଡ. ବିପିନ୍ ବିହାରୀ ଶତପଥୀ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସତ୍ୟପ୍ରିୟା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ମୃତିରେଖା ଶତପଥୀ ଓ କୁମୁଦିନୀ ଦାସଙ୍କୁ କୃତୀ ଶିକ୍ଷିକା ସମ୍ମାନ ଓ ଦଲୀପ କୁମାର ସ୍ୱାଇଁଙ୍କୁ ଗୁରୁଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘମିତ୍ରା ଶତପଥୀ ଧନ୍ୟବାଦ ଦେଇଥିଲେ। ଶିଳା କାନୁନ୍‌ଗୋ, ଆଶାଲତା ବେହେରା, ସୌଭାଗ୍ୟଲକ୍ଷ୍ମୀ ପରିଡ଼ା, ତନ୍ମୟୀ ଘଡ଼ାଇ, ରୀତା ମିଶ୍ର, ରଶ୍ମି ଶୁକ୍ଲା, ଜ୍ୟୋତିର୍ମୟୀ ରାୟ, ଶୁଭଶ୍ରୀ ସାମନ୍ତରାୟ, ଲୋପାମୁଦ୍ରା ମିଶ୍ର, ସ୍ନେହଲତା ବିଶ୍ୱାଳ ଓ ଶିକ୍ଷକ ଭବାନୀ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡ୍ରିମ୍‌ସରେ ଅବନ୍ତିକା-୨୦୨୩ ଉଦ୍‌ଯାପିତ

**କଟକ ଅଫିସ, ୧୩ା୫**

ଡ୍ରିମ୍‌ସ ମ୍ୟାନେଜେମେଣ୍ଟ ଉଇଙ୍ଗ୍‌ର ଦୁଇଦିନିଆ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ଅବନ୍ତିକା-୨୦୨୩' ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଏସ୍. ଦେବଦତ୍ତ ସିଂ ଯୋଗଦେଇ କୌଣସି କାର୍ଯ୍ୟକୁ ନ୍ୟୁନ ମନେ ନ କରି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସଠିକ୍ ଭାବରେ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି 'ଆର୍ଡେଣ୍ଟ ଷ୍କିଲ'ର ନିର୍ଦ୍ଦେଶକ ଡ. ସୁଭାଶିଷ ଦାସ ଓ ଅଭିନେତ୍ରୀ ଶିବାନୀ ସଂଗୀତା ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରି ଡ୍ରିମ୍‌ସ ସମେତ ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନର ଏମ୍‌ବିଏ, ବିବିଏ ଓ ବିସିଏର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଖଲିଦ୍ ହୁସେନ୍, ଜ୍ୟୋତିରଞ୍ଜନ ମହାନ୍ତି, ଡ. ବୈଭବ ପାଟିଲ, ଡ. ଅଶୋକ କୁମାର ଦାଶ ଯୋଗଦେଇଥିଲେ। ମ୍ୟାନେଜମେଣ୍ଟ ଉଇଙ୍ଗ୍‌ର ନିର୍ଦ୍ଦେଶକ ଡ. କଲ୍ୟାଣ କୁମାର ସାହୁ ଓ ଶ୍ୱେତପଦ୍ମା ଦାସ ସ୍ୱାଗତ ଭାଷଣ ଏବଂ ଅଧ୍ୟକ୍ଷ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ବିକଶିତା ମହାନ୍ତି ବିବରଣୀ ଉପସ୍ଥାପନା କରିଥିବାବେଳେ ପ୍ରତୀକ୍ଷା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ୧୭ରେ ରୁଟା ନିର୍ବାଚନ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

**କଟକ ଅଫିସ, ୧୩ା୫**

ଆସନ୍ତା ୧୭ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା)ର ନିର୍ବାଚନ ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ମତଦାନ ହେବ। ଏଥିପାଇଁ ପ୍ରାର୍ଥିପତ୍ର ଦାଖଲ ହୋଇଥିବାବେଳେ ପ୍ରତ୍ୟାହାର ପ୍ରକ୍ରିୟା ଶନିବାର ଶେଷ ହୋଇଛି। ମୋଟ ୧୨ଟି ପଦବୀ ପାଇଁ ୨୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ୩ଟି ପଦବୀରେ କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ସଭାପତି ପଦବୀ ପାଇଁ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଧର୍ମବ୍ରତ ମହାପାତ୍ର ଓ ଶିକ୍ଷା ବିଭାଗର ମୁଖ୍ୟ ଡ. ସୁଦର୍ଶନ ମିଶ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସମ୍ପାଦକ ପଦବୀ ପାଇଁ ଡ. ବିକ୍ରମ କେଶରୀ ମିଶ୍ର ଏବଂ ଡ. କେ.ଏସ୍.କେ ଭରଦ୍ୱାଜ, ଉପସଭାପତି ପଦବୀ ନିମନ୍ତେ ଡ. ନେତାଜୀ ଅଭିନନ୍ଦନ ଓ ଡ. ପୂର୍ଣ୍ଣେନ୍ଦୁ ପାତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିସହ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ନିମନ୍ତେ ୧୨ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ଆର୍ଥ ସାଇନ୍ସରେ ଡ. ରଞ୍ଜନ ବାଜପେୟୀ ଓ ଡ. ସତ୍ୟବ୍ରତ ବେହେରା, ଭାଷା ବିଭାଗରେ ଡ. ସମ୍ବିତ ପାଣିଗ୍ରାହୀ ଓ ଡ. ଜ୍ଞାନୀ ଦେବାଶିଷ ମିଶ୍ର, ଜୀବ ବିଜ୍ଞାନରେ ଡ. ଲୁନା ସାମନ୍ତ ଓ ଡ. ନୀହାର ରଞ୍ଜନ ମହାନ୍ତି. ବାଣିଜ୍ୟ ଏବଂ ମ୍ୟାନେଜମେଣ୍ଟ ବିଭାଗରେ ଡ. ତୁଷାରକାନ୍ତ ପାଣି ଓ ସୁପ୍ରଭା ସାହୁ, ସୋସିଆଲ ସାଇନ୍ସ ଓ ହ୍ୟୁମାନିଟିଜ ବିଭାଗର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ପାଇଁ ଡ. ମଧୁସ୍ମିତା ରାଉତ, ଡ. ପତିତ ପାବନ ଦାସ ଓ ଡ. ବିକଳି ଚରଣ ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅପରପକ୍ଷରେ ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଡ. ମନୋଜ କୁମାର ଦାସ, କୋଷାଧ୍ୟକ୍ଷ ପଦବୀ ପାଇଁ ଡ. ରୁହିଉଲ ଆନ୍‌ସାରୀ ଓ ଫିଜିକାଲ ସାଇନ୍ସ ବିଭାଗର କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ଡ. ଜୟ ପ୍ରକାଶ ଦାସ ଏକକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସୂଚନାଥାଉ କି, ବିଶ୍ୱବିଦ୍ୟାଳୟରେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଓ ପାଠପଢା କ୍ଷେତ୍ରରେ ସୁପରିଚାଳନା ନିମନ୍ତେ ରୁଟା ପ୍ରତିଷ୍ଠା କରାଯାଇଥିଲା। ଚଳିତ ନିର୍ବାଚନରେ ନିର୍ବାଚିତ ହେବାକୁ ଥିବା ସଦସ୍ୟମାନେ ଆସନ୍ତା ୨ ବର୍ଷନିମନ୍ତେ ଦାୟିତ୍ୱରେ ରହିବେ।

# କବି ଅଭୟ ନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ



ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଅଭୟ ନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

**ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ ଉତ୍ସବ**

**କଟକ ଅଫିସ, ୧୩ା୫**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ୧୦୭ତମ ଜୟନ୍ତୀ ଉତ୍ସବ କଟକ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ଏମ୍‌ପି ତଥା କବି ଡ. ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ହେଉଛନ୍ତି ସଚ୍ଚି ରାଉତରାୟ। ସେ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ଓ ଜୀବନଧର୍ମୀ କବି ଥିଲେ ବୋଲି ପାଟଶାଣୀ କହିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସଚ୍ଚି ରାଉତରାୟଙ୍କ 'ଛୋଟ ମୋର ଗାଁଟି' କବିତା ଏକ ଅନବଦ୍ୟ କୃତି। ତାଙ୍କର 'ବାଜିରାଉତ' କାବ୍ୟ ଏକ କ୍ରାନ୍ତିକାରୀ ସୃଷ୍ଟି ବୋଲି ଜିଲାପାଳ କହିଥିଲେ। ସେହିପରି ବିଶିଷ୍ଟ ଅତିଥି ସାହିତ୍ୟିକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ, ରାଉତରାୟ ଥିଲେ ସାମ୍ୟବାଦୀ ଚେତନାର ଭଗୀରଥ। ସମ୍ମାନିତ ଅତିଥି ସାହିତ୍ୟିକ ପ୍ରଫେସର ସତ୍ୟନାରାୟଣ ପଣ୍ଡା, ମୁଖ୍ୟବକ୍ତା କବି ଶତ୍ରୁଘ୍ନ ପାଣ୍ଡବ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଏବଂ ଡା. ନିରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ଅଭୟ ନାୟକଙ୍କୁ ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି ମାନପତ୍ର ପାଠ, ଡ. ବିରଞ୍ଚି କୁମାର ସାହୁ ଧନ୍ୟବାଦ ଦେଇଥିଲେ। କବିଙ୍କ ପୁତ୍ର ଶ୍ରୀହର୍ଷ ରାଉତରାୟ ଏବଂ ପୁତ୍ରବଧୂ ଉଷା ଦେବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଇଂ. ପବିତ୍ର ସାହୁ, ବିଭୁପ୍ରସାଦ ପୃଷ୍ଟି, ବିଭୁ ପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଶୁପକ୍ଷୀଙ୍କ ମା' ସେହେଗାଲ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)



ବିଶ୍ୱ ମାତୃ ଦିବସ

ମା'ର ସ୍ନେହ, ପ୍ରେମ, ଭଲପାଇବାର ତୁଳନା ନାହିଁ। ତା' ଭଲପାଇବା କେମିତି ବି, କାହା ପାଇଁ ହୋଇଥାଏ। ଏମିତି ଜଣେ ନିଆରା ମା' ଅଛନ୍ତି, ଯିଏ ପଶୁପକ୍ଷୀଙ୍କ ଜୀବନ ଆଉ ସ୍ୱର ପାଲଟିଛନ୍ତି। ସେମାନଙ୍କ ସହ କଥା ହୁଅନ୍ତି, ଖାଇବାକୁ ଦିଅନ୍ତି, ଭଲମନ୍ଦ ବୁଝନ୍ତି। ସେମାନଙ୍କ ଖୁସିରେ ଖୁସି ହୁଅନ୍ତି, ଦୁଃଖ କଷ୍ଟ ଦୂର ପାଇଁ ପାଖେ ପାଖେ ଥାଆନ୍ତି। ଏମିତିକି ମରିଗଲେ ସ୍ୱତନ୍ତ୍ର ଭାବେ ସତ୍କାର ବି କରନ୍ତି। ଏମିତି ଜଣେ ମା' ହେଉଛନ୍ତି ତ୍ରିମାନ ସେହେଗାଲ। ଭୁବନେଶ୍ୱର ରସୁଲଗଡ଼ରେ ରହୁଥିବା ଏହି ମା'ଙ୍କ ଜୀବନକାହାଣୀ ବିଶ୍ୱ ମାତୃ ଦିବସ ପାଇଁ ବଡ଼ ପ୍ରେରଣା।

ସେହେଗାଲଙ୍କ ଘରେ ଏବେ ବିଲେଇ, ଗାଈ, ବଳଦ, ଗୁଣ୍ଡୁଚି, ନେଉଳ, ବିଭିନ୍ନ ପକ୍ଷୀ ଆଦି ରହିଛନ୍ତି। ସେ ସମସ୍ତଙ୍କୁ ପିଲା ବୋଲି ସମ୍ବୋଧନ କରିବା ସହ ରାଜା, ଶାନ୍ତ, କହ୍ନେୟା, ଟିପୁ, ଖୁସି, ଏମିତି କେତେ କ'ଣ ନାମରେ ଡାକନ୍ତି। ସେମାନଙ୍କ ଖାଇବା, ରହିବା, ଯତ୍ନ ସବୁ ସେ ହିଁ ବୁଝନ୍ତି। ସେମାନଙ୍କ ମୃତ୍ୟୁ ପରେ ମଧ୍ୟ ବେଶ୍ ସମ୍ମାନର ସହ ଶେଷକୃତ୍ୟ ସମ୍ପନ୍ନ କରନ୍ତି। ଏସବୁ ଦେଖିଲେ ଲାଗିବ ସତେ ଯେମିତି ଏମାନେ ସେହେଗାଲଙ୍କ ଘରର ଜଣେ ଜଣେ ସଦସ୍ୟ। କେବଳ ଘରେ ନୁହେଁ, ସାରା ସହରରେ ରାସ୍ତା, କଲୋନୀ, ହାଟବଜାରରେ ବୁଲୁଥିବା ନିରୀହ ପଶୁପକ୍ଷୀ ମଧ୍ୟ ତାଙ୍କ ଅନାବିଳ ସେହ୍ନ, ମମତାରେ ବାନ୍ଧି ହୋଇଯାଇଛନ୍ତି। ଦିନରେ ଘରେ ଥିବା ପଶୁପକ୍ଷୀଙ୍କ କଥା ବୁଝନ୍ତି, ସନ୍ଧ୍ୟା ହେଲେ ବାହାରେ ଥିବା ନିରୀହ ପ୍ରାଣୀଙ୍କୁ ଖାଇବାକୁ ଦେବାକୁ ବାହାରିଥାନ୍ତି। ପ୍ରାୟତଃ ରାତି ୮ଟା ୩୦ରୁ ୧୨ଟା ୩୦ ପର୍ଯ୍ୟନ୍ତ ସେମାନଙ୍କ ସହ ସମୟ ବିତାଇଥାନ୍ତି। ଯେତେବେଳେ ଦେଖିବ ତାଙ୍କ ସହ ୧୦/୧୫ କୁକୁର ବୁଲୁଥିବେ। ସେ ଜୁଆଡେ ଯାଉଥିବେ ଏମାନେ ନିଜ ପିଲାଙ୍କ ଭଳି ସୁରକ୍ଷା ଦେଉଥିବେ। ସେହେଗାଲ ସେମାନଙ୍କ ସହ କଥା ହେବା ସହ ଖୁସି ବି ହୁଅନ୍ତି। ଯିବା ବାଟରେ ଯେଉଁଠି କୁକୁର, ବୁଲା ଗୋରୁଙ୍କୁ ଦେଖନ୍ତି, ହାତରେ ଧରିଥିବା ଖାଦ୍ୟ ଖୁଆଇଦେଇ ଖୁସି ହୋଇଥାନ୍ତି। ଗୋଟେ ଗୋଟେ ସ୍ଥାନରେ ପାଖାପାଖି ୮୦କୁକୁରଙ୍କୁ ପ୍ରତ୍ୟେକ ଦିନ ଖାଇବାକୁ ଦେଇଥାନ୍ତି। ଖାଲି ଯେ ସେମାନଙ୍କୁ ଖାଇବା ଦେଇ ସେ ଚାଲିଯାଆନ୍ତି ତାହା ନୁହେଁ, ସେମାନଙ୍କ ସହ ବସି କଥା ମଧ୍ୟ ହୁଅନ୍ତି। ବାଟରେ କାହାକୁ ଦେଖି କୁକୁରମାନେ ଭୁକିଲେ ସେ ସେମାନଙ୍କୁ ତାଗିଦ କରନ୍ତି। ପଶୁଙ୍କ ପ୍ରତି ଏଭଳି ଭଲପାଇବା ସମ୍ପର୍କରେ ସେହେଗାଲ କୁହନ୍ତି, ଦୟା, କରୁଣା, ପ୍ରେମ ଯେବେ ଆମ ଭିତରେ ଆସିଯିବ ଆମେ ସମସ୍ତଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦେଖିବା। ସେମାନେ କଥା କହିପାରୁନାହାନ୍ତି। କେତେବେଳେ ତାଙ୍କ ଉପରେ ଗାଡ଼ି ମାଡ଼ି ଯାଉଛି, କେତେବେଳେ କାହାର ଗୋଡ଼ ଖଣ୍ଡିଆ ହୋଇଯାଉଛି, କିଏ କେତେବେଳେ ଦରମରା ଅବସ୍ଥାରେ ବୁଲୁଛି। ସେମାନଙ୍କ କଥା କହିବା ପାଇଁ କେହି ତ ରହିବା ଦରକାର। ମୁଁ ସେମାନଙ୍କ ପାଇଁ ଅଛି। ସେମାନଙ୍କ ମନ, ଦେହ ଓ ପେଟ କଥା ମରିବା ଯାଏ ବୁଝିବି। ସେମାନେ ମଣିଷଙ୍କଠାରୁ ବିଶ୍ୱସ୍ତ। କିଏ କିଛି ବି ଖାଇବାକୁ ଦେଉ ସେ ତାଙ୍କ ପଛେ ପଛେ ବୁଲିବେ। ମାସେ ପରେ ଦେଖିଲେ ବି ଜାଣିପାରିବେ।

**'ଦୟା, କରୁଣା, ପ୍ରେମ ଯେବେ ଆମ ଭିତରେ ଆସିଯିବ ଆମେ ସମସ୍ତଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦେଖିବା'**

### ଆୟଙ୍ଗର ଯୋଗଶିକ୍ଷା ଅନୁପ୍ରାଣିତ କରିଛି

ପୁଣେରେ ନୃତତ୍ତ୍ୱ ବିଭାଗରେ ଅଧ୍ୟୟନ କରୁଥିବା ବେଳୁ ହିଁ ସେହେଗାଲଙ୍କର ପଶୁପକ୍ଷୀଙ୍କ ପ୍ରତି ଭଲପାଇବା ଜାଗ୍ରତ ହୋଇଥିଲା। ପ୍ରଥମେ ସେ ୨/୩ ପଶୁଙ୍କୁ ଉଦ୍ଧାର କଲାପରେ ସେମାନଙ୍କ ପ୍ରତି ଏକ ଭଲପାଇବା ଓ ଦୃଢ଼ ବନ୍ଧନ ଯୋଡ଼ି ହେଲା। ସେ କୁହନ୍ତି, ଧୀରେଧୀରେ ମୁଁ ଉଦ୍ଧାର କରିଥିବା ପଶୁମାନଙ୍କୁ ଆଣି ପାଖରେ ରଖିଲି। ସେମାନଙ୍କୁ ମୁଁ ସବୁବେଳେ ଭଲ ଖାଇବାକୁ ଦେବାକୁ ଚେଷ୍ଟା କରେ। ବିଲେଇମାନଙ୍କୁ ମାଛ, କୁକୁରମାନଙ୍କୁ ଚିକେନ ଭାତ ନ ହେଲେ ଚୁଡ଼ା ଚିକେନ ଦିଏ। ଏଥିପାଇଁ ମୋ ପରିବାର ଓ ମୋ ସାଙ୍ଗସାଥୀ ମୋତେ ଆର୍ଥିକ କ୍ଷେତ୍ରରେ ସାହାଯ୍ୟ କରୁଛନ୍ତି। ମୁଁ ଗୁରୁଜୀ ବି.କେ.ଏସ୍ ଆୟଙ୍ଗରଙ୍କଠାରୁ ଯୋଗ ଶିକ୍ଷା କରିଛି। ଆୟଙ୍ଗର ଏମିତି ଏକ ଯୋଗ ଯାହା ପଶୁମାନଙ୍କ ପ୍ରତି ଭଲପାଇବା ଓ ସମାଜକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିବାରେ ସାହାଯ୍ୟ କରେ। ୩ବର୍ଷ ହେବ ମୁଁ ମଧ୍ୟ ଏହି ଶିକ୍ଷା ଦେବା ଆରମ୍ଭ କରିଛି। ଏଥିରୁ ମିଳୁଥିବା ଅର୍ଥକୁ ପଶୁମାନଙ୍କ ପାଇଁ ଖର୍ଚ୍ଚ କରିଥାଏ। ଏହି ଯୋଗ ବିଷୟରେ ବହୁତ କମ୍ ଲୋକ ସଚେତନ ଅଛନ୍ତି। ଅନ୍ୟ ସବୁଠାରୁ ଏହି ଯୋଗ ଭିନ୍ନ। ଅଧିକରୁ ଅଧିକ ଶିକ୍ଷା କରିବାକୁ ପିଲାମାନେ ଯୋଗଦେଲେ ମୁଁ ଉପାର୍ଜିତ ଅର୍ଥକୁ ଅଧିକ ପଶୁପକ୍ଷୀଙ୍କ ପାଇଁ ଲଗାଇ ପାରିବି ବୋଲି ନିଆରା ମା' ସେହେଗାଲ କହନ୍ତି।

# ମା' ବୁଝେ ମା'ର ମନ

*ଜଣେ ନାରୀ ମା' ହେବା ପରେ ପ୍ରତିଟି ଦିନ ନିଜ ସନ୍ତାନ ପାଇଁ ସମର୍ପି ଦେଇଥାଏ। ସେହି ମା'ର ସଂଘର୍ଷ, ସେବା ଓ ସ୍ନେହ ପ୍ରତି କୃତଜ୍ଞତା ଜଣାଇବା ପାଇଁ ପ୍ରତିବର୍ଷ ମେ' ମାସ ଦ୍ୱିତୀୟ ରବିବାର ପାଳନ ହେଉଛି ମାତୃ ଦିବସ। ଏହି ଅବସରରେ ନିଜ ମା'ଙ୍କ ପ୍ରତି ଥିବା ସମ୍ମାନ ଓ ଶ୍ରଦ୍ଧାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ପ୍ରସ୍ତୁତି।*

### ମା' କୋଳରେ ସାରା ଦୁନିଆର ସୁଖ ମିଳେ



ମା' ହେଉଛି ଅମୃତର ବାରିଧାରା। ମା'ର ମୂଲ୍ୟ କେହି କେବେ ଦେଇପାରିବେ ନାହିଁ। ମା' କୋଳରେ ମଥା ଲଗାଇ ଆଖି ବୁଜି ଦେଲେ ସବୁ ଦୁଃଖ କଷ୍ଟ ଦୂର ହୋଇଯାଏ ଓ ସାରା ଦୁନିଆର ସୁଖ ମିଳେ। ଯେ ପର୍ଯ୍ୟନ୍ତ ଗୋଟିଏ ନାରୀ ମା' ନ ହୋଇଛି, ସେପର୍ଯ୍ୟନ୍ତ ସେ ମା' ର ମହାନତାକୁ କେବେ ହେଲେ ଅନୁଭବ କରିପାରିବ ନାହିଁ। ମା' ଟିଏ ଆମ ପାଇଁ କେତେ ତ୍ୟାଗ କରେ, କେତେ କଷ୍ଟ ସହେ ଆଜି ମୁଁ ନିଜେ ମା' ହେବା ପରେ ମର୍ମେ ମର୍ମେ ଅନୁଭବ କରିପାରୁଛି ।

-ଶାନ୍ତିଲତା ଭଞ୍ଜ, ଶିକ୍ଷୟିତ୍ରୀ

### ମୋ ମା' ମୋ ପାଇଁ ସବୁବେଳେ ସ୍ୱତନ୍ତ୍ର



ମା' ସବୁ ଯୁଗରେ ସବୁ ଜାଗାରେ ବନ୍ଦନୀୟା। ପ୍ରତ୍ୟେକ ସନ୍ତାନ ପାଇଁ ମା ହିଁ ସବୁକିଛି। ମା'ର କରୁଣାରୁ ସନ୍ତାନ ଦୁନିଆକୁ ଦେଖେ ଆଉ ଚିହ୍ନେ। ସବୁ ସ୍ଥିତିରେ ମା' ହିଁ ରକ୍ଷା କବଚ, ମା' ର ପଣତ ସନ୍ତାନର ଅଭୟ ଆଶ୍ରୟସ୍ଥଳ। ମା' ର ତୁଳନା ନାହିଁ କି ବିକଳ୍ପ ବି ନାହିଁ। ସେଇଥିପାଇଁ ତ ସବୁ ସ୍ଥିତିରେ ସବୁରି ଆତ୍ମାରୁ ଉଚ୍ଚାରିତ ହୁଏ 'ମା'। ମାତୃ ଦିବସରେ ମା'କୁ ମୋର କୋଟି କୋଟି ପ୍ରଣାମ। ପରିବାରରେ ସବୁ ସଦସ୍ୟଙ୍କ ମଧ୍ୟରେ ମୋ ମା'ର ସ୍ଥାନ ମୋ ପାଇଁ ସବୁବେଳେ ସ୍ୱତନ୍ତ୍ର।

- ରାଧାରାଣୀ ପାତ୍ର, ଛାତ୍ରୀ

### ମା'ର ଶାସନ ଭିତରେ ପ୍ରକୃତ ଭଲ ପାଇବା ରହିଥାଏ



ମା' ଶବ୍ଦର ମଧୁରତା ଆଉ କୌଣସି ଶବ୍ଦରେ ନ ଥାଏ । ମା କେବଳ ଜଣେ ମଣିଷ ଯିଏ କି ଆମର ସବୁ ଅଳି ଅର୍ଦ୍ଦଳି ସହି ଆମକୁ ବଡ କରିଛି। ତା'ର ଗାଳି ଆଉ ଶାସନ କରିବା ଭିତରେ ପ୍ରକୃତ ଭଲ ପାଇବା ଲୁଚି ରହିଥାଏ। ଆମେ ବଡ ହୋଇ ତା'ଠାରୁ ଦୂରରେ ରହିବା ପରେ ଅନୁଭବ କରିପାରୁଛୁ। ବେଳେବେଳେ ମୋ ମା' ମୋତେ କୁହନ୍ତି, 'ଯେବେ ତୁ ମା ହେବୁ , ସେତେବେଳେ ବୁଝି ପାରିବୁ'। ଏଇ କଥାର ଅର୍ଥ ଏବେ ବଡ଼ ହେବା ପରେ କିଛି ମାତ୍ରାରେ ହୃଦୟଙ୍ଗମ କରିପାରୁଛି।

-ରୁଦ୍ରାଣୀ ରଥ, ଛାତ୍ରୀ

### ମା' ପାଇଁ ଦିନଟିଏ ଯଥେଷ୍ଟ ନୁହେଁ



ମୋ ଜୀବନ ମା'ଠୁ ଆରମ୍ଭ ଓ ମା'ଠାରେ ହିଁ ଶେଷ। ମୋ ମା'ର ମୋ ପ୍ରତି ଯେଉଁ ସବୁ ଦାୟିତ୍ୱ ରହିଥିଲା ମା' ହେବା ପରେ ସେ ଦାୟିତ୍ୱ ଏବେ ମୋ ଉପରେ। ମା' ଏକ ବଳିଦାନର ଏକମାତ୍ର ପ୍ରତିମୂର୍ତ୍ତି। ଜୀବନର ସବୁ ସଫଳତା ପଛରେ ତାହାର ଅବଦାନ ରହିଛି। ଆଜିର ଏ ପବିତ୍ର ଦିବସରେ ହୃଦୟରୁ ପ୍ରଣାମ ଜଣାଇବା ପାଇଁ ଦିନଟିଏ ଯଥେଷ୍ଟ ନୁହେଁ।

-ରଶ୍ମିତା ପାତ୍ର, ନର୍ସ

## ଜବତ ୭୯ ମୋବାଇଲ, ୧୦ ଗାଡ଼ି ମାଲିକଙ୍କୁ ଫେରାଇଲା କମିଶନରେଟ ପୋଲିସ

ମୋବାଇଲ-ଗାଡ଼ି ହସ୍ତାନ୍ତର ମେଳା



ଭୁବନେଶ୍ୱର, ୧୩।୫ (ବ୍ୟୁରୋ) ଭୁବନେଶ୍ୱରର ବିଭିନ୍ନ ଥାନା ତଥା ପିଓପିଡି, ଟିମ୍-୭୦ ଏବଂ ଓସିପିଓ ସେଲ୍‌ର ମିଳିତ ପ୍ରୟାସରେ ଜବତ ଚୋରି ତଥା ହଜିଯାଇଥିବା ୧୦ଟି ମୋଟରସାଇକେଲ ଓ ୭୯ଟି ଉଦ୍ଧାର କରାଯାଇଥିବା ମୋବାଇଲକୁ ସେମାନଙ୍କ ମାଲିକଙ୍କୁ ଫେରାଇଛି କମିଶନରେଟ ପୋଲିସ। ଏନେଇ ସ୍ଥାନୀୟ ଡିସିପିଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିସିପି ପ୍ରତୀକ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଲିକମାନଙ୍କୁ ତାହାକୁ ହସ୍ତାନ୍ତର କରାଯାଇଥିଲା। ଏନେଇ ମାଲିକମାନେ କମିଶନରେଟ ପୋଲିସକୁ ଧନ୍ୟବାଦ ଦେଇଛନ୍ତି ।

**ମା' ମମତାର ଡୋରି....**



ବିଶ୍ୱ ମାତୃ ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ଭୁବନେଶ୍ୱର ୟୁନିଟ୍-୨ ଅଞ୍ଚଳରେ ମା'ର ସ୍ପର୍ଶରେ ଶିଶୁଟି ମୁହଁରେ ହସ ଫୁଟୁଛି। (ଫଟୋ: ବିକାଶ)

## ପଶୁପକ୍ଷୀଙ୍କ ପାଇଁ ଜଳସେବା

ଭୁବନେଶ୍ୱର, ୧୩।୫(ବ୍ୟୁରୋ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡ଼ିଶା ଆଣ୍ଡ୍ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବୁଲା ପଶୁପକ୍ଷୀଙ୍କ ପାଇଁ ବଡ଼ଗଡ଼, କେନାଲ ରୋଡ଼, କେଶୁରା ଛକ, ପାହାଲଠାରେ ଜଳସେବାର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଛାୟତ, ଯୁବ ସମାଜସେବୀ ବିଦ୍ୟାଧର ସାମନ୍ତରାୟ, ଦ ନିଡ଼ସର ସ୍ୱାଧିକାରୀ ସାରଦା ପ୍ରସାଦ ସାହୁ, ସଂଗଠନର ପ୍ରତିଷ୍ଠାତା ରଶ୍ମୀ ରଞ୍ଜନ ମାର୍ଥା ପ୍ରମୁଖ ଉଦ୍‌ଘାଟନ କରିଥିଲେ। କାର୍ଯକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ପ୍ରଦୀପ ସେଠୀ, ମହମ୍ମଦ ଜାଭେଦ, ପ୍ରସାଦ ରାଓ, ସୂର୍ଯ୍ୟ ପ୍ରକାଶ ସାହୁ, ଦୀନେଶ ରଞ୍ଜନ ନାୟକ, ପ୍ରକାଶ କୁମାର ଡ଼ାକୁଆ, ହୃଷିକେଶ ଜେନା, ସ୍ମୃତି ରଞ୍ଜନ ମହାନ୍ତି, ଜୟକୃଷ୍ଣ ବେହେରା, ଜ୍ୟୋତି ରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ସ୍ତ୍ରୀଙ୍କୁ ମାଡ଼, ପୁଅକୁ ଚେଙ୍କ: ଅଭିଯୁକ୍ତ ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ସ୍ତ୍ରୀଙ୍କୁ ମାଡ ମାରିବା ସହ ବାରମ୍ବାର ନିର୍ଯାତନା ଓ ପୁଅକୁ ଗରମ ଲୁହାରେ ଚେଙ୍କ ଦେବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସନ୍ତୋଷ କୁମାର ବଳିଆରସିଂ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ପୀଡିତା ପୂର୍ବରୁ ବିବାହିତା ଓ ତାଙ୍କର ୨ଟି ପୁତ୍ର ସନ୍ତାନ ଅଛନ୍ତି। ପାରିବାରିକ ସମସ୍ୟା ହେତୁ ପୀଡିତା ତାଙ୍କର ସ୍ୱାମୀ ଓ ବଡ ପୁଅଙ୍କଠାରୁ ଗତ ୮ବର୍ଷ ହେବ ଅଲଗା ହୋଇ ୨୦୧୬ରେ ଅଭିଯୁକ୍ତ ସନ୍ତୋଷଙ୍କୁ ବିବାହ କରି ସାନ ପୁଅଙ୍କ ସହିତ ରହୁଥିଲେ। ସନ୍ତୋଷ ଜଣେ ଡ୍ରାଇଭର ହୋଇଥିବାବେଳେ ସବୁବେଳେ ମଦ୍ୟପାନ କରନ୍ତି। ତେବେ ବିବାହର ୨ ବର୍ଷ ପରଠାରୁ ସବୁବେଳେ ନିଶାଗ୍ରସ୍ତ ହୋଇ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ତେଣୁ ପୀଡିତା ତାଙ୍କ ସାନ ପୁଅକୁ ସ୍କୁଲ ହଷ୍ଟେଲରେ ଛାଡ଼ି ଦେଇଥିଲେ। କିନ୍ତୁ ଗତ ୨ଦିନ ପୂର୍ବରୁ ପୀଡିତା ତାଙ୍କ ପୁଅକୁ ହଷ୍ଟେଲରୁ ଆଣି ନିଜ ପାଖରେ ରଖିବାରୁ ସନ୍ତୋଷ ଉତ୍ତ୍ୟକ୍ତ ହୋଇ ଗତ ଗୁରୁବାର ହତ୍ୟା ଉଦ୍ଦେଶ୍ୟରେ ଶିଶୁଟିର ଗଳାକୁ ଚିପି ଧରିଥିଲେ। ଏହା ଦେଖି ମା' ଉଦ୍ଧାର କରିବା ପାଇଁ ଯିବାବେଳେ ସନ୍ତୋଷ ମଧ୍ୟ ତାଙ୍କ ଗଳାକୁ ମଧ୍ୟ ଚିପି ଧରିଥିଲେ। ପରେ ସନ୍ତୋଷ ଏକ ଗରମ ଲୁହାରେ ଶିଶୁପୁତ୍ରର ଶରୀର ସାରା ଚେଙ୍କ ଦେଇଥିଲେ। ଫଳରେ ସେ ଗୁରୁତର ହୋଇପଡିଥିଲେ। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଆର୍‌ଟିଇ ନାମଲେଖା, ମାନୁନାହାନ୍ତି ନିୟମ

**ଅପେକ୍ଷାରେ ୬ହଜାରରୁ ଅଧିକ ପିଲା**

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ) ଅଧୀନରେ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ପାଇଁ ଘରୋଇ ବିଦ୍ୟାଳୟଗୁଡ଼ିକରେ ୨୫ ପ୍ରତିଶତ ଆସନ ସଂରକ୍ଷିତ ରହୁଛି। ମାତ୍ର ଚଳିତବର୍ଷ ଏଥିରେ ଅନିୟମିତତା ଦେଖାଦେଇଛି। ଓଡ଼ିଶା ଅଭିଭାବକ ମହାସଂଘର ସୂଚନା ଅନୁସାରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୧୮,୨୯୯ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଆବଣ୍ଟନ କରିଥିବାବେଳେ କେବଳ ୧୨ହଜାର ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଘରୋଇ ବିଦ୍ୟାଳୟଗୁଡ଼ିକର ଅବହେଳା ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ତଦାରଖରେ ଖିଲାପ କରିବା କାରଣରୁ ଅବଶିଷ୍ଟ ପିଲା ନାମ ଲେଖାଇ ପାରି ନାହାନ୍ତି। ପାରଦର୍ଶୀ ପୋର୍ଟାଲରେ ମୋଟ ୩୦,୪୩୧ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଏଥିରୁ ଲଟେରୀ ବ୍ୟବସ୍ଥା ଜରିଆରେ ୨ଟି ପର୍ଯ୍ୟାୟରେ ୧୮,୨୯୯ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଆବଣ୍ଟନ କରାଯାଇଥିଲା। ୪,୧୩୪ ଘରୋଇ ବିଦ୍ୟାଳୟରେ ୩୯,୭୯୨ ଆସନ ଉପଲବ୍ଧ ରହିଛି। ବର୍ତ୍ତମାନ ୬ ହଜାରରୁ ଅଧିକ ନାମ ଲେଖାଇବାକୁ ପିଲା ଅପେକ୍ଷାରେ ରହିଛନ୍ତି। ଅଭିଭାବକମାନେ ଦୁଇଟିରୁ ଅଧିକ ବିକଳ୍ପ ପ୍ରଦାନ କରିଥିଲେ ମଧ୍ୟ ସେମାନଙ୍କୁ ଆବଣ୍ଟନ କରାଯାଇନାହିଁ। ସେହିପରି ବହି, ପୋଷକ, ଜୋତା ଆଦି ପ୍ରଦାନ କରିବାକୁ ବିଦ୍ୟାଳୟଗୁଡ଼ିକ ମନା କରୁଛନ୍ତି। ଏହା ଓସେପାର ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରୁଛି। ଏସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ମହାସଂଘ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଅନୁରୋଧ କରାଯାଇଛି।

## ସାମ୍ପ୍ରଦାୟିକ ଫାସିଷ୍ଟ ଶକ୍ତିଙ୍କ ବିରୋଧରେ ସ୍ୱର ଉଠାଇବାକୁ ଆହ୍ୱାନ




ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଓ ଅନ୍ୟମାନେ।

**ଲୋକନାଥ ଚୌଧୁରୀଙ୍କ ସ୍ମୃତି ସମାରୋହ**

ଭୁବନେଶ୍ୱର, ୧୩।୫ (ବ୍ୟୁରୋ)

ବିଶିଷ୍ଟ ଜନନେତା, ପୂର୍ବତନ ଏମ୍‌ପି, ବିଧାୟକ ତଥା ସିପିଆଇର ରାଜ୍ୟ ସମ୍ପାଦକ ଲୋକନାଥ ଚୌଧୁରୀଙ୍କ ୨୦ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳିତ ବରିଷ୍ଠ ନେତା ଦିବାକର ନାୟକ ସଭାପତିତ୍ୱ କରିଥିଲେ। ଲୋକନାଥ ଚୌଧୁରୀ ରେଭେନ୍‌ଶା କଲେଜର ଛାତ୍ର ଥିବାବେଳେ ବ୍ରିଟିଶ ଗୋଲାମିର ପ୍ରତୀକ ୟୁନିୟନ ଜ୍ୟାକ୍ ପତାକାକୁ ତଳକୁ ଓହ୍ଲାଇ ଆଣି ପୋଡ଼ି ଦେଇଥିଲେ। ପୋଲିସର ଗିରଫଦାରିକୁ ଏଡ଼ାଇବା ପାଇଁ ତତ୍କାଳୀନ ଗଡ଼ଜାତ ଢେଙ୍କାନାଳକୁ ଯାଇ ସେଠାକାର ପ୍ରଜାମଣ୍ଡଳ ଆନ୍ଦୋଳନ ସହିତ ସାମିଲ ହୋଇଥିଲେ। ସ୍ୱାଧୀନତା ପରେ ୩ଥର ବିଧାୟକ ନିର୍ବାଚିତ ହେବା ସହିତ ୧୯୭୪ରେ ସିପିଆଇ ବିଧାୟକ ଦଳର ନେତା ହୋଇଥିଲେ। ସେହି ସମୟରେ ନନ୍ଦିନୀ ଶତପଥୀ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଶିକ୍ଷକମାନଙ୍କୁ ପ୍ରତ୍ୟକ୍ଷ ଦରମା ପ୍ରଦାନ କରାଇଥିଲେ। ସେ ପାର୍ଲାମେଣ୍ଟରେ ସିପିଆଇର ଉପନେତା ଥିବାବେଳେ ଅନଶନ ଧମକ ଦେବା ଫଳରେ କେବିକେ ଯୋଜନା ପ୍ରଣୟନ ହୋଇଥିଲା। ଆଜି ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ବିପନ୍ନ ହେଉଥିବାବେଳେ ସାମ୍ପ୍ରଦାୟିକ ଫାସିଷ୍ଟ ଶକ୍ତିଙ୍କ ବିରୋଧରେ ସମସ୍ତ ବାମପନ୍ଥୀ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତିଙ୍କୁ ଐକ୍ୟବଦ୍ଧ କରିପାରିଲେ ତାହା ହିଁ ଲୋକନାଥ ଚୌଧୁରୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ମତ ଦେଇଥିଲେ। ସ୍ମୃତି ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ ଓ କ୍ଷୀରୋଦ ସିଂହଦେଓ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ରାଜ୍ୟ ପରିଷଦ ସଭ୍ୟ ବିଜୟ ମହାନ୍ତି ଓ ଏଆଇଏସ୍ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ରସୁଲଗଡ଼ରେ ଉତ୍କଳିକାର ମାର୍କେଟିଂ ଓ ସୋର୍ସିଂ ହବ୍ ଖୋଲିଲା

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ରସୁଲଗଡ଼ସ୍ଥିତ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ(ଉତ୍କଳିକା) ମୁଖ୍ୟ କାର୍ଯ୍ୟାଳୟଠାରେ ଏହାର ମାର୍କେଟିଂ ଓ ସୋର୍ସିଂ ହବ୍ ଖୋଲିଛି। ଏହାସହ

**ଆରମ୍ଭ ହେଲା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ**

ଏଠାରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଆରମ୍ଭ ହୋଇଛି। ଶନିବାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ଏହାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହଯୋଗରେ ଏହି ପ୍ରଦର୍ଶନୀ ୪୫ ଦିନବ୍ୟାପୀ ଜୁନ ୨୬ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶାର ୧୧ଟି ଜିଲାରୁ ୩୦ଜଣ ହସ୍ତଶିଳ୍ପ କାରିଗର ଅଂଶଗ୍ରହଣ କରିବା ସହିତ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ, ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ଉତ୍କଳିକାର ସଭାପତି କୁମାରୀ ଦେବସ୍ମିତା ସାହୁ, ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ପରିଚାଳନା ନିର୍ଦ୍ଦେଶିକା କଲ୍ୟାଣୀ ପଟ୍ଟନାୟକ, ଭାରତ ସରକାରଙ୍କ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବୟନ ମନ୍ତ୍ରାଳୟର ବରିଷ୍ଠ ସହନିର୍ଦ୍ଦେଶକ ଅଶୋକ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଇନ୍‌ସେଫ୍ ସିକ୍ୟୁରିଟି ସଂସ୍ଥାର ମାଲିକ ଗିରଫ

ଭୁବନେଶ୍ୱର, ୧୩ା୫(ବ୍ୟୁରୋ) : ସିକ୍ୟୁରିଟି କର୍ମଚାରୀଙ୍କ ଦରମା ଟଙ୍କାକୁ ହଡପ କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ଇନ୍‌ସେଫ୍ ସିକ୍ୟୁରିଟି ମ୍ୟାନ୍ ପାୱାର ସଂସ୍ଥାର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା କୋଣାର୍କ ଥାନା ଅଞ୍ଚଳର ଅଜୟ ବେହେରା। ତାଙ୍କଠାରୁ ପୋଲିସ କିଛି କାଗଜପତ୍ର ଜବତ କରିବା ସହ ଏକ ମାମଲା ନଂ.୬୩/୨୩ ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜଣେ ମହିଳାଙ୍କ ସମେତ ୨୦୦ କର୍ମଚାରୀଙ୍କ ଦରମା ବାବଦକୁ ମୋଟ ୮ ଲକ୍ଷ ଟଙ୍କା ଠକିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ, ଅଭିଯୁକ୍ତ ଅଜୟ ଓ ତାଙ୍କର ଜଣେ ସହଯୋଗୀ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ ଗଙ୍ଗୋତ୍ରି ନଗର ଲେନ-୩ରେ ଇନ୍‌ସେଫ୍ ସିକ୍ୟୁରିଟି ମ୍ୟାନ୍ ପାୱାର ନାମକ ଏକ ସିକ୍ୟୁରିଟି ସଂସ୍ଥା ଖୋଲି ବେସରକାରୀ ତଥା ସରକାରୀ ସଂଗଠନଗୁଡିକୁ ସୁରକ୍ଷାକର୍ମୀ ଯୋଗାଉଥିଲେ। ୨୦୦ କର୍ମଚାରୀଙ୍କୁ ମାସିକ ୧୫ ହଜାର ଟଙ୍କା ବେତନ ଆକାରରେ ନିଯୁକ୍ତି ଦେବା ସହ ସେମାନଙ୍କଠାରୁ ସୁରକ୍ଷା ଜମା ଟଙ୍କା ଆକାରରେ ୫ ହଜାର ଲେଖାଏ ନେଇଥିଲେ। ହେଲେ ନିଯୁକ୍ତି ପରେ ଦରମା ବାବଦକୁ ପାଉଥିବା ଟଙ୍କା କର୍ମଚାରୀଙ୍କୁ ନ ଦେଇ ଅଭିଯୁକ୍ତ ଓ ସହଯୋଗୀମାନେ ଚଲୁ କରିଦେଉଥିଲେ। ଏନେଇ ଉକ୍ତ ସଂସ୍ଥା କର୍ମଚାରୀଙ୍କୁ ଦରମା ଦେବା ପାଇଁ ଅମୃତା ବାରିକ ନାମ୍ନୀ ଜଣେ ମହିଳାଙ୍କଠାରୁ ୫୦ ହଜାର ଟଙ୍କା ଋଣ ଆକାରରେ ଚୁକ୍ତିନାମା କରି ୨ ମାସ ପାଇଁ ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଟଙ୍କା ଫେରସ୍ତ ନ କରିବାରୁ ମହିଳା ଜଣକ ଏନେଇ ପଚାରିବାରୁ ସେମାନେ ଧମକ ଦେଇଥିଲେ। ମହିଳା ଜଣକ କେତେଜଣ ସହଯୋଗୀଙ୍କୁ ଧରି ଉକ୍ତ ଅଫିସକୁ ଯାଇଥିବାବେଳେ ଅଭିଯୁକ୍ତମାନେ ତାଲା ପକାଇ ଚାଲି ଯାଇଥିଲେ। ଠକାମିର ଶିକାର ହେବା ପରେ ସେ ଧଉଳି ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ଦରମା ପାଇ ନ ଥିବା କର୍ମଚାରୀମାନେ ମଧ ପୋଲିସକୁ ଜଣାଇଥିଲେ।

### ଦାଦାବଟି ଦେବାକୁ ଧମକ

ବାରଙ୍ଗ,୧୩ା୫(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅଧୀନ ମରଚିଆ ଗ୍ରାମରେ ଜାଗା କିଣି ଘର କରୁଥିବା ବ୍ୟକ୍ତିଙ୍କୁ ଦାଦାବଟି ମାଗିବା ଓ ନ ଦେବାରୁ ଘରକରଣା ସାମଗ୍ରୀ ରାତାରାତି ଉଠାଇନେଇ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଗଣ୍ଡରପୁର ମଝିସାହି ଗ୍ରାମର କାବୁଲି ରାଉତ ମରଚିଆ ମୌଜାରେ ଜାଗା କିଣି ଘର କରୁଛନ୍ତି। ଗ୍ରାମର ୱାର୍ଡସଭ୍ୟ ଓ ତାଙ୍କର ଦୁଇ ସହଯୋଗୀ ମିଶି ଶୁକ୍ରବାର କାବୁଲିଙ୍କ ଘର ପାଖକୁ ଆସି ୩ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଏଥିରେ କାବୁଲି ରାଜି ନ ହେବାରୁ ୩ଜଣ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ସେଠାରେ ଥିବା ଇଟାରେ ଆକ୍ରମଣ କରିଥିଲେ। ଘର ତିଆରି ପାଇଁ ଥୁଆ ହୋଇଥିବା ଇଟା ଶନିବାର ନ ଥିଲା ବୋଲି କାବୁଲି ଅଭିଯୋଗରେ ଜଣାଇଛନ୍ତି। ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବା ସହ ଏହାକୁ ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି।

# ପତିଆରା ପାଇଁ ଭାଜପାର ୨ ଗୋଷ୍ଠୀ ମୁହାଁମୁହିଁ

- ୪ ବିଧାନସଭା ନିର୍ବାଚନ ମଣ୍ଡଳୀ କୋର୍ କମିଟି ବୈଠକ
- କେନ୍ଦ୍ର ମନ୍ତ୍ରୀ, ଜିଲା ସଭାପତିଙ୍କ ଉପସ୍ଥିତିରେ ଗଣ୍ଡଗୋଳ

ଆଠଗଡ,୧୩ା୫(ସ୍ୱ.ପ୍ର.)


ସ୍ଥାନ ଗ୍ରହଣକୁ ନେଇ ଭାଜପା କର୍ମୀଙ୍କ ମଧ୍ୟରେ ବଚସା।

କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ଆଠଗଡ, ବଡମ୍ବା, ବାଙ୍କୀ, ଖଣ୍ଡପଡ଼ା ଭାଜପା ପ୍ରବାସ ଯୋଜନାର କୋର୍‌କମିଟି ବୈଠକ ଆଠଗଡ଼ସ୍ଥିତ ମହାବୀର ପ୍ଲାଜା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏଥିରେ ଯୋଗ ଦେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବୁଥ୍ ସଶକ୍ତୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକାରୀ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ମାର୍ଗଦର୍ଶନ କରିଥିଲେ। ଭାଜପା ଜିଲା ସଭାପତି ପ୍ରକାଶ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନିଜର ପତିଆରା ଜାହିର କରିବା ପାଇଁ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଯାଇଛି। ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ କେନ୍ଦ୍ର ମନ୍ତ୍ରୀ ରାୟଙ୍କୁ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରଯାଇ ସଭାସ୍ଥଳକୁ ନିଆଯାଇଥିଲା। ଏହି ସମୟରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ଭାଜପା ନେତା ବ୍ରଜେନ୍ଦ୍ର ରାୟ ଓ ନୂତନ ଭାବେ ଦଳରେ ଯୋଗଦେଇଥିବା ଅଭୟ ବାରିକଙ୍କ ଗୋଷ୍ଠୀ ପରସ୍ପର ମୁହାଁମୁହିଁ ହୋଇ ବଚସା ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ରାୟଙ୍କ ହସ୍ତକ୍ଷେପ ପରେ ଏହା ଥଣ୍ଡା ପଡ଼ିଥିଲା। ପରେ ଦଳୀୟ ପଦାଧିକାରୀକାରୀମାନଙ୍କ ବୈଠକ ଚାଲିଥିବାବେଳେ ସ୍ଥାନ ଗ୍ରହଣକୁ ନେଇ ବରିଷ୍ଠ କାର୍ଯ୍ୟକର୍ତ୍ତା ଡ.ହରିବନ୍ଧୁ ସାହୁଙ୍କ ସହ ଦଳୀୟ ପଦାଧିକାରୀଙ୍କ ବଚସା ହୋଇଥିଲା। ଏନେଇ ଜିଲା ସଭାପତି ବେହେରା ଓ କେନ୍ଦ୍ର ଗୃହରାଷ୍ଟ୍ରମନ୍ତ୍ରୀ ରାୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଜିଲା ସଭାପତି ଲାଲା ମନୋଜ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପ୍ରତାପ ମିଶ୍ର, ସଂଯୋଜକ ସୁକାନ୍ତ ବିଶାଳ, ମୃତ୍ୟୁଞ୍ଜୟ ଜେନା,ବିଜୟ କୁମାର ଦଳବେହେରା, ପ୍ରସନ୍ନ ଦାସ, ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଚୋରି ଯାଇଥିବା ୨ ଟ୍ରାକ୍ଟର ଡାଲା ଜବତ, ୨ ଗିରଫ

ରଘୁନାଥପୁର,୧୩ା୫(ଡି.ଏନ.ଏ.) :



ରଘୁନାଥପୁର ଥାନା ପୋଲିସ ଚଢାଉ କରି ଚୋରି ଯାଇଥିବା ୨ଟି ଟ୍ରାକ୍ଟର ଡାଲାକୁ ଜବତ କରିବା ସହ ଏଥିରେ ସଂଶ୍ଲିଷ୍ଟ ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାର୍ଶାଘାଇ ଥାନା ଜୟଚନ୍ଦ୍ରପୁର ଗ୍ରାମର ଗୌତମ ଲେଙ୍କା ଓ ସରୋଜ ସ୍ୱାଇଁ। ଏ ନେଇ ଥାନାରେ ନଂ. ୧୨୮/୨୩ ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି। ୫ ତାରିଖରେ ଏହି ଥାନା ଅନ୍ତର୍ଗତ ହରିଶପୁର ଗାଁର ସରୋଜ କୁମାର ଦାସଙ୍କ ଦୀର୍ଘଦିନରୁ ଥୁଆ ହୋଇଥିବା ଏକ ଟ୍ରାକ୍ଟର ଡାଲା ନଂ. ଓଡି ୨୧ ଡି ୬୩୪୦କୁ କେହି ଦୁର୍ବୃତ୍ତ ମଧ୍ୟରାତ୍ରିରେ ଚୋରି କରି ନେଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଏସ୍‌ଆଇ ଅନିଲ କୁମାର ସାହୁ ଏହାର ତଦନ୍ତ ଜାରି ରଖିଥିଲେ। ଗତ ୯ ତାରିଖ ମଙ୍ଗଳବାର ପୋଲିସ କୌଣସି ସୂତ୍ରରୁ ଖବରପାଇ ତାରପୁର ନାରାୟଣୀ ମନ୍ଦିର ନଦୀବନ୍ଧ ଉପରୁ ଏକ ଟାଟା ଏସି ଗାଡ଼ିରେ ବନ୍ଧା ହୋଇ ଯାଉଥିବା ଏକ ଟ୍ରାକ୍ଟର ଡାଲାକୁ ଜବତ କରି ୨ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲେ। ସରୋଜଙ୍କ ଅଭିଯୋଗକୁ ଭିତ୍ତିକରି ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତକାରୀ ଅଧିକାରୀ ସାହୁ ମାର୍ଶାଘାଇ ଥାନା ଜୟଚନ୍ଦ୍ରପୁର ଗ୍ରାମରୁ ଟ୍ରାକ୍ଟର ଡାଲାଟିକୁ ଜବତ କରିବାରେ ସକ୍ଷମ ହୋଇଥିଲେ। ଏଥିରେ ବ୍ୟବହୃତ ଟାଟା ଏସ୍‌ସି ନଂ. ଓଡି ୦୫ ବିଏଫ ୮୮୮୯ର ମାଲିକ ଉକ୍ତ ଗ୍ରାମର ସରୋଜ କୁମାର ମଲ୍ଲିକଙ୍କ ହୋଇଥିବାବେଳେ ସେ ମାସିକ ଚୁକ୍ତିରେ ନିଜ ଗ୍ରାମର ଗୌତମଙ୍କୁ ଚଳାଇବାକୁ ଦେଇଥିବା ପୋଲିସ ଆଗରେ କହିଥିଲେ। ଅଭିଯୁକ୍ତ ଦ୍ୱୟ କେବଳ ୨ଟି ଡାଲା ଚୋରି କରିଥିବା ସମ୍ପର୍କରେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

# ଗୋରେଖନାଥ ପୀଠରେ ଭକ୍ତ କମୁଛନ୍ତି

- ଚିନ୍ତାରେ ଟେଣ୍ଡର ଦୋକାନୀ, ସେବାୟତ
- ପ୍ରଭୁଙ୍କ ଦାନ ଅର୍ଥରେ ହେଉଥିବା ଆୟରେ ପ୍ରଭୂତ କ୍ଷତି
- ମାନସିକ ରୋଷେଇ, ପ୍ରସାଦ ସେବନ ବନ୍ଦ ପ୍ରମୁଖ କାରଣ

ରଘୁନାଥପୁର,୧୩ା୫(ଡି.ଏନ୍.ଏ.)



ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠକୁ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଛି। ଗତ ବର୍ଷ ଶ୍ରାବଣ ମାସରେ ପୂର୍ବରୁ ଚାଲିଆସିଥିବା ମାନସିକ ରୋଷେଇ ଓ ପ୍ରସାଦ ସେବନ ବ୍ୟବସ୍ଥା ବନ୍ଦ କରି ଦିଆଯାଇଥିଲା। ଫଳରେ ଭକ୍ତଙ୍କ ମଧ୍ୟରେ ନୈରାଶ ଭାବ ସୃଷ୍ଟି ହୋଇଛି ବୋଲି ମନ୍ଦିର ପରିସରରେ ଟେଣ୍ଡର ନେଇ ଦୀପ, ଫୁଲ ଓ ଜାଆଁବାଳ ବ୍ୟବସାୟ କରୁଥିବା ଦୋକାନୀ ରମେଶ ଚନ୍ଦ୍ର ସାହୁ କହିଛନ୍ତି। ପୀଠକୁ ଯାତ୍ରୀଙ୍କ ଆଗମନ କମୁଥିବାରୁ ପ୍ରଭୁଙ୍କ ଦାନ ଅର୍ଥରେ ହେଉଥିବା ଆୟରେ ପ୍ରଭୂତ କ୍ଷତି ପହଞ୍ଚିଛି। ଏଥିସହ ଆଶାତୀତ ବେପାର ନ ହେଲେ ଟେଣ୍ଡର ଅର୍ଥ କିପରି ପରିଶୋଧ କରିବେ ବୋଲି ସାହୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପ୍ରଭୁଙ୍କ ସେବାନୀତି କାର୍ଯ୍ୟରେ ନିୟୋଜିତ ଥିବା ପୂଜକମାନେ ଭକ୍ତଙ୍କ ଦକ୍ଷିଣାଉପରେ ନିର୍ଭରଶୀଳ। ଭକ୍ତଙ୍କ ଆଗମନ କମିଥିବାରୁ ପରିବାର ପ୍ରତିପୋଷଣ ପାଇଁ ପୂଜକ ଦିଲୀପ କୁମାର ପଣ୍ଡା ଓ ଜ୍ଞାନରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟ ପୂଜକମାନେ ଚିନ୍ତା ପ୍ରକଟ କରିଛନ୍ତି। ଭକ୍ତଙ୍କ ସଂଖ୍ୟା କମିଥିବାରୁ ପୀଠ ଚତୁଃପାର୍ଶ୍ୱରେ ଗଢି ଉଠିଥିବା ଦୋକାନ ଏକପ୍ରକାର ବନ୍ଦ ରହିଛି ବୋଲି କାହ୍ନା ଦାସ ଓ ପ୍ରଦୀପ୍ତ ପଣ୍ଡା କହିଛନ୍ତି। ମାନସିକ ରୋଷେଇ ଓ ପ୍ରସାଦ ବ୍ୟବସ୍ଥା ବନ୍ଦ କରାଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ନାରିଜଙ୍ଗର ଅଭିରାମ ଖୁଣ୍ଟିଆ, ଜଗତ୍‌ସିଂହପୁରର ଆର୍ତ୍ତତ୍ରାଣ ଦାସ, କନକପୁରର ବୁଲୁ ଲେଙ୍କା ଓ ଗନାଇଲୋର ରଜନୀକାନ୍ତ ରାୟ ପ୍ରମୁଖ ଯାତ୍ରୀ କହିଛନ୍ତି। ପୂର୍ବରୁ ଦୈନିକ ପୀଠରେ ମାନସିକ ରୋଷେଇ ସହ ସେବାୟତଙ୍କ ପକ୍ଷରୁ ସୁଲଭ ମୂଲ୍ୟରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହେଉଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀ ଏଠାରେ ପହଞ୍ଚି ଦର୍ଶନ କରିବା ସହ ପ୍ରସାଦ ସେବନ କରି ବାହୁଡୁଥିଲେ। ମାନସିକଧାରୀମାନେ ସେମାନଙ୍କ ଜ୍ଞାତିକୁଟୁମ୍ବ ଓ ସମ୍ପର୍କୀୟଙ୍କ ସହ ଆସି ମାନସିକ ରୋଷେଇ କରି ଆପ୍ୟାୟିତ ହେଉଥିଲେ। ଫଳରେ ପୀଠରେ ଗହଳି ବୃଦ୍ଧି ପାଉଥିଲା। ଏହାଦ୍ୱାରା ପୂଜକ, ଟେଣ୍ଡର ଦୋକାନୀ ଓ ଚତୁଃପାର୍ଶ୍ୱରେ ଥିବା ଦୋକାନୀମାନେ ଉପକୃତ ହେଉଥିଲେ। ଏସବୁ ବନ୍ଦ ହେବା ଦ୍ୱାରା ସମ୍ପୂର୍ଣ୍ଣ ଗ୍ରାମୀଣ ପରିବେଶରେ ଥିବା ପ୍ରଭୁଙ୍କ ପୀଠ ସମେତ ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ବିକାଶ ନିମ୍ନଗାମୀ ହେଉଛି ବୋଲି ପ୍ରଦୀପ୍ତ କୁମାର ମହାନ୍ତି ଓ ଦିଲୀପ କୁମାର ସ୍ୱାଇଁ କହିଛନ୍ତି। ଏଥିପ୍ରତି ଜିଲାପାଳ ଓ ଦେବୋତ୍ତର ଆୟୁକ୍ତ ଦୃଷ୍ଟି ନ ଦେଲେ ପ୍ରଭୁଙ୍କ ପୀଠ ଉପରେ ନିର୍ଭର କରି ପରିବାର ପୋଷଣ କରୁଥିବା ବହୁ ବ୍ୟକ୍ତି ଜୀବିକା ହରାଇବା ଆଶଙ୍କା ରହିଛି। ଏ ସମ୍ପର୍କରେ ଅତିରିକ୍ତ ଦେବୋତ୍ତର ଆୟୁକ୍ତ କଟକ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ କୁହନ୍ତି ଯେ, ସମସ୍ୟା ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଭକ୍ତମାନଙ୍କ ଭଗବାନଙ୍କ ପ୍ରତି ଥିବା ଭାବାବେଗ ଓ ସ୍ଥାନୀୟ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ।

# ଭୟମୁକ୍ତ ଓଡ଼ିଶା ଗଠନ ପାଇଁ ଆହ୍ୱାନ

## କଟକରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ

କଟକ ଅଫିସ,୧୩ା୫

କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ ପ୍ରଭାରି ତଥା କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଶନିବାର କଟକରେ ନେତା ଓ କର୍ମୀମାନଙ୍କୁ ନିର୍ବାଚନୀ ମନ୍ତ୍ର ଶୁଣାଇଛନ୍ତି। ତାଙ୍କ ଗସ୍ତ ପରିପ୍ରେକ୍ଷୀରେ କଟକ ସର୍କିଟ ହାଉସ୍‌ରେ ବୁଥ୍‌ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ବୁଥ୍ କମିଟି ଗଠନ ଉପରେ ଆଲୋଚନା କରିଥିଲେ। କେତେ ସଂଖ୍ୟକ ବୁଥ୍ କମିଟି ଗଠନ ହୋଇଛି ଓ କେତେ ବାକି ରହିଛି ତାହାର ହିସାବ ବୁଝିଥିଲେ। ସମସ୍ତ ବୁଥ୍ କମିଟି ଗଠନ ହେବା ପରେ ପ୍ରତି ଘରକୁ ଯାଇ ଲୋକଙ୍କ ସହ କଥା ହେବା, ସେମାନଙ୍କ ସମସ୍ୟା ବୁଝିବା, ଆବଶ୍ୟକତା ଅନୁସାରେ ଯୋଜନା ତିଆରି କରିବା, ସରକାରଙ୍କୁ ଜଣାଇବା ଏହାର ଉଦ୍ଦେଶ୍ୟ। ଦେଶ ଓ ଲୋକଙ୍କ ମଙ୍ଗଳ ପାଇଁ କାମ କରିବାକୁ ହେବ। ଭୟମୁକ୍ତ ଓଡ଼ିଶା ଗଠନ ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଦଳୀୟ ନେତା ଲଲାଟେନ୍ଦୁ ବଡ୍ଡ, ନୟନ କିଶୋର ମହାନ୍ତି, ମନୋଜ ରାୟ, ସୁକାନ୍ତ ବିଶ୍ୱାଳ, ମୃତ୍ୟୁଞ୍ଜୟ ଜେନାଙ୍କ ସମେତ ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀମାନେ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ


ତିଗିରିଆ ଲୋକ ଅଦାଲତରେ ବିଚାରପତି ପ୍ରେରଣାଶ୍ରୀ ଦେଓ ଏବଂ ଅନ୍ୟମାନେ।

ତିଗିରିଆ/ବଡ଼ମ୍ବା,୧୩ା୫(ଡି.ଏନ.ଏ.):

ତିଗିରିଆ କୋର୍ଟ ପରିସରରେ ଶନିବାର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ତାଲୁକ ଆଇନ ସେବା କମିଟି ତରଫରୁ ଆୟୋଜିତ ଲୋକ ଅଦାଲତରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ତିଗିରିଆ କୋର୍ଟର ବିଚାରପତି ପ୍ରେରଣାଶ୍ରୀ ଦେଓ ଅଧ୍ୟକ୍ଷତା କରିଥିଲେ। ଏଥିରେ ୨ ଦେୱାନୀ ମାମଲାରୁ ଗୋଟିଏ, ୩୪ ଫୌଜଦାରୀ ମାମଲାରୁ ୨୧ ଓ ୨୮୩ ରାଜସ୍ୱ ମାମଲାରୁ ୨୩୨ଟି ଫଇସଲା କରାଯାଇ ୪୯ ହଜାର ୮ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ସ୍ଥାନୀୟ ବ୍ୟାଙ୍କର ୪ ଅନାଦେୟ ଋଣ ମାମଲାର ଫଇସଲା କରାଯାଇ ୩୫ ହଜାର ୫୦୦ ଟଙ୍କା ଆଦାୟ କରାଯାଇଥିଲା। କାର୍ଯ୍ୟକ୍ରମରେ ତିଗିରିଆ ଓକିଲ ସଂଘ ସଭାପତି ମଙ୍ଗଳକୃଷ୍ଣ ଦାଶ, ବରିଷ୍ଠ ଓକିଲ ପ୍ରଶାନ୍ତ କୁମାର ପଟ୍ଟନାୟକ, ବିକ୍ରମ କିଶୋର ଦାଶ, ରମେଶ ଚନ୍ଦ୍ର ମାଝି ଓ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେହିପରି ବଡ଼ମ୍ବାସ୍ଥିତ ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରରେ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ସିଭିଲ ଜଜ୍ (ଜୁନିୟର ଡିଭିଜନ) ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୋଗଦେଇ ବିଭିନ୍ନ ମାମଲାର ବିଚାର କରିଥିଲେ। ବିଶେଷକରି ୪ ଫୌଜଦାରି, ୬ ବୈବାହିକ (ଛାଡ଼ ପତ୍ର) ଓ ୨ ଦେୱାନୀ ମାମଲାର ଫଇସଲା କରାଯାଇଥିଲା। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଗୋପୀନାଥପୁର ଶାଖାର ଏକ ଋଣ ସମ୍ପର୍କିତ ମାମଲାର ବିଚାର କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ବଡ଼ମ୍ବା ଓକିଲ ସଂଘର ବହୁ ସଦସ୍ୟ ଯୋଗ ଦେଇଥିବାବେଳେ କୋର୍ଟ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

# ପ୍ରଥମ ଦିନରେ ୩ ନାଟକ ମଞ୍ଚସ୍ଥ

## ମଦନମୋହନଙ୍କ ଚନ୍ଦନଯାତ୍ରା

ତିଗିରିଆ,୧୩ା୫(ଡି.ଏନ.ଏ.):

ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାର ଆରାଧ୍ୟ ପ୍ରଭୁ ମଦନମୋହନଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରାର ପ୍ରଥମ ଦିନରେ ୩ ସାହିରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିବାବେଳେ ଗୋଟିଏ ସ୍ଥାନରେ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗ୍ରାମ୍ୟ କମିଟି ନୂଆପାଟଣା ଓ ବିଭିନ୍ନ ସାହିର ମିଳିତ ସହଯୋଗରେ ଆୟୋଜିତ ଯାତ୍ରାରେ ପ୍ରଥମ ଦିନ ଶୁକ୍ରବାର ନଳିକାନୀ ସାହି ପୂଜାକମିଟି ତରଫରୁ ରାମଲୀଳାର ଇନ୍ଦ୍ରଜୀତ ବଦ୍ଧକୁ ନୟାଗଡ଼ ସିଂଘପଡ଼ାର କଳାକାରମାନେ ପରିବେଷଣ କରିଥିଲେ। ସାହି ପୂଜା କମିଟିର ସଭାପତି ଉପେନ୍ଦ୍ର ଗୁଇଁଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ସୁରେନ୍ଦ୍ରପାଟଣା ଉପର ସାହିରେ ସାମାଜିକ ନାଟକ ବଡ଼ଦାଣ୍ଡର ଭିକାରି, ସୁରେନ୍ଦ୍ରପାଟଣା ତଳସାହିରେ ମୋ ବର୍ଣ୍ଣବୋଧ ହଜିଯାଇଛି ଓ ରାମେଶ୍ୱର ସାହିରେ ସୁଖ ସାତପର ଦୁଃଖ ନିଜର ମଞ୍ଚସ୍ଥ ହୋଇଥିଲା।

ଶନିବାର ୪ ସାହିରେ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା। ମୁଖ୍ୟଅତିଥିଭାବେ ବିଜେଡି ଯୁବ ସଂଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ନୂଆପାଟଣାର ସମସ୍ତ ସାହି ବୁଲିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ଦାସ, ତିଗିରିଆ ବ୍ଲକ ଉପାଧ୍ୟକ୍ଷ ମାନସ କୁମାର ସାହୁ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦତ୍ତ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରବିବାର ମଦନମୋହନଙ୍କ ଚନ୍ଦନ ପୋଖରୀରେ ଚାପ ଖେଳ ଓ ମାଛବିନ୍ଧା ଯାତ୍ରା ସହିତ ଚନ୍ଦନ ଯାତ୍ରା ଉଦ୍‌ଯାପିତ ହେବ।


ନାଟକରେ ଅଭିନୟ କରିଥିବା କଳାକାରମାନେ।

# କଳା, ସଂସ୍କୃତି, ଐତିହ୍ୟ ଗାଥା ବହନ କରୁଛି ଚନ୍ଦନ ଯାତ୍ରା


ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।


ଚନ୍ଦନ ପୋଖରୀରେ ଦେବଦେବୀ ଚାପ ଖେଳୁଛନ୍ତି।

## ବଡ଼ମ୍ବା ଏକାଦଶ ଚନ୍ଦନ ମହୋତ୍ସବ ଉଦ୍‌ଯାପିତ

ବଡ଼ମ୍ବା,୧୩ା୫(ଡି. ଏନ. ଏ)

ବଡ଼ମ୍ବା ପ୍ରସିଦ୍ଧ ଚନ୍ଦନ ଯାତ୍ରା ଅବସରରେ ସ୍ଥାନୀୟ ଟେନିସ ପଡିଆରେ ଚାଲିଥିବା ୫ ଦିନିଆ ଚନ୍ଦନ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସଂସ୍କୃତି ବିଭାଗ, ଓଡ଼ିଶା ସରକାର, ଜିଲା ତଥା ସ୍ଥାନୀୟ ପ୍ରଶାସନ ଓ ଚନ୍ଦନ ମହୋତ୍ସବ କମିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ବଡ଼ମ୍ବା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଗାଥା ବହନ କରୁଛି ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବିଡିଓ ରମେଶ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଚନ୍ଦନ କମିଟି ସ୍ଥାୟୀ ସଭାପତି ତହସିଲଦାର ନୀଳକଣ୍ଠ ବେହେରାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ସମ୍ପାଦକ ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ର, ଉପସଭାପତି ମହେନ୍ଦ୍ର ପଡ଼ିଆରୀ,ସହ ସମ୍ପାଦକ ରବୀନ୍ଦ୍ର ବାରିକ ଓ କୋଷାଧ୍ୟକ୍ଷ ଦିବାକର ସାହୁଙ୍କ ସମେତ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମହୋତ୍ସବ କମିଟି ତରଫରୁ ଆଇନଜୀବୀ ସୂର୍ଯ୍ୟ ନାରାୟଣ ମିଶ୍ର, ସରକାରୀ ଓକିଲ ଦୁର୍ଗା ମାଧବ ରଥ କଂଗ୍ରେସ ନେତା ଅମିୟ ପଟ୍ଟନାୟକଙ୍କୁ ମରଣତ୍ତୋର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବଡ଼ମ୍ବାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳାତୀର୍ଥ, ଓ ମାଲଖମ୍ବା (ପଲବି ଗ୍ରୁପ) ପକ୍ଷରୁ ମେଲୋଡି ସଙ୍ଗୀତ ସହ ଜଗନ୍ନାଥ ଦାସ ଓ ସାଥି କଳାକାରଙ୍କ ଭଜନ, ବଲାଙ୍ଗୀର ଦୁଲୁଦୁଲି, ମା'ବରୁଣେଇ ପାଇକ ଆଖଡ଼ା କଳା ପ୍ରଦର୍ଶନ କରାଯାଇଥିଲା।

**ଚନ୍ଦନ ପୋଖରୀରେ ଚାପ ଖେଳିଲେ ଗୋପୀନାଥ:**

ଦୀର୍ଘ ୨୧ ଦିନ ବ୍ୟାପି ଅନୁଷ୍ଠିତ ହୋଇ ଆସୁଥିବା ବଡମ୍ବାର ପ୍ରସିଦ୍ଧ ଚନ୍ଦନ ତଥା ଭଉଁରି ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେରେ ପ୍ରଭୁ ଗୋପୀନାଥଦେବଙ୍କ ସମେତ ଲୋକନାଥ ଦେବ, ସିଂଘନାଥ ଦେବ, ରାଧାକାନ୍ତ ଦେବ,ଭୁ ଦେବୀ ଓ ଶ୍ରୀଦେବୀ ଚନ୍ଦନ ପୋଖରୀରେ ଚାପ ଖେଳିଥିଲେ। ଏନେଇ ସନ୍ଧ୍ୟାରେ ରାଜବାଟୀଠାରୁ ଏକ ବିଶାଳ ଶୋଭା ଯାତ୍ରା ବାହାରି ଗାନ୍ଧୀ ଛକସ୍ଥିତ ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ବଡ଼ମ୍ବାସ୍ଥିତ ବିଭିନ୍ନ ସାହିର ମେଢ଼ ଆସିଥିଲା। ଏହି ଅବସରରେ ବାଜା, ବାଣ, ରୋଷଣୀ, ଆତଷବାଜି, ସଂକୀର୍ତ୍ତନ ଆଦିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଚନ୍ଦନ ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା, ଯୁବଗୋଷ୍ଠୀ, ବିଭିନ୍ନ କ୍ଲବ ସଦସ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ପରେ ଦେବଦେବୀମାନେ ଡ଼ଙ୍ଗା ଯୋଗେ ଚାପ ଖେଳିଥିଲେ।

## ସଂକ୍ଷେପରେ

### ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଖୋର୍ଦ୍ଧା ଅଫିସ,୧୩।୫: ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲାଜଜ୍ ତଥା ତାଲୁକ ଆଇନସେବା କମିଟି ଚେୟାରମ୍ୟାନ ଅଜୟ କୁମାର ପ୍ରଧାନ ଏହି ଲୋକ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୨୧୭ଟି ସିଭିଲ ଓ ଫୌଜଦାରି କେସ୍ ଫଇସଲା କରାଯାଇଛି। ଏ ବାବଦରେ ୫୮ ଲକ୍ଷ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ୩୦ଟି କେସ୍ ଫଇସଲା ହୋଇ ୫୭ ଲକ୍ଷ ୫୨ ହଜାର ୧୮୦ ଟଙ୍କା ଆଦାୟ ହୋଇଛି। ଏଥିରେ ପରିବାର ଅଦାଲତର ଜଜ୍ ରାଜେଶ କୁମାର ନାଏର, ସିଜେଏମ୍ ଶରତ କୁମାର ଜେନା, ସବ୍‌ଜଜ୍ ସୁନିତା କୁମାରୀ ଖଣ୍ଡେଲୱାଲ, ସିଭିଲ ଜଜ୍ ମହିଳା ବିଭାଗର ଚିନ୍ମୟୀ ରଥ, ଏସ୍‌ଡିଜେଏମ୍ ଜଗଦୀଶ ଚନ୍ଦ୍ର ଜେନା, ସିଭିଲ ଜଜ୍ ଜୁନିୟର ଡିଭିଜନ ପ୍ରଭାତ କୁମାର ସାମଲ, ଜେଏମ୍‌ଏଫ୍‌ସି ଲିସା ରାଉତ, ଗ୍ରାମ୍ୟ ନ୍ୟାୟାଳୟ ଟାଙ୍ଗୀ ସୁବୋଧ କୁମାର ସେଠୀ, ଜେଏମ୍‌ଏଫ୍‌ସି ରାକେଶ ବେହେରା, ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ, ତାଲୁକ୍ ଆଇନସେବା କମିଟିର ସମ୍ପାଦକ ବସନ୍ତ ଶତପଥୀ, ଖୋର୍ଦ୍ଧା ଆଇନଜୀବୀ ସଙ୍ଘର ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ମନ୍ମଥ ମିଶ୍ର, ବରିଷ୍ଠ ଓ କନିଷ୍ଠ ଆଇନଜୀବୀ, ବିଭିନ୍ନ ଜାତୀୟ ବ୍ୟାଙ୍କର ଅଧିକାରୀ, ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଅଭିମନ୍ୟୁ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ

ବାଲିପାଟଣା,୧୩।୫(ଡି.ଏନ୍.ଏ.): ବିଶିଷ୍ଟ ସମାଜସେବୀ ତଥା ରାଜନେତା ଅଭିମନ୍ୟୁ ସେନାପତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଜନ୍ମସ୍ଥାନ ଗାରେଡ଼ିପାଞ୍ଚଣରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଅଭିମନ୍ୟୁଙ୍କ ଜନସେବାର ପଟ୍ଟାନ୍ତର ନାହିଁ। ତାଙ୍କ ସହଯୋଗ ମନୋଭାବ ତାଙ୍କୁ ଜନମାନସରେ ଚିରକାଳ ଅମର କରି ରଖିବ। ସେ ଦୁଇଥର ଗାରେଡ଼ିପାଞ୍ଚଣ ପଞ୍ଚାୟତର ସରପଞ୍ଚ ରହିଥିବା ସହିତ ବହୁ ଶିକ୍ଷାନୁଷ୍ଠାନ ଓ ସାମାଜିକ ସଙ୍ଗଠନର ବିଭିନ୍ନ ପଦପଦବୀରେ ଥିଲେ। ଏହି ଅବସରରେ ଅଭିମନ୍ୟୁଙ୍କ ଏକ ପ୍ରତିମୂର୍ତ୍ତି ଏମ୍‌ପି ଷଡ଼ଙ୍ଗୀ ଅନାବରଣ କରିଥିଲେ। ସ୍ମୃତିରଞ୍ଜନ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଦିଲୀପ କୁମାର ଓଝା, ଆଇନଜୀବୀ ଉପେନ୍ଦ୍ରନାଥ ସାମନ୍ତରାୟ, ପଣ୍ଡିତ ପ୍ରମୋଦ କୁମାର ଶତପଥୀ, ମାଗୁଣି ସେଠୀ, ନାରାୟଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଅଧ୍ୟାପକ ନୀଳମଣି ଘଡ଼ାଇଙ୍କ ପରଲୋକ

ଗମ୍ଭାରୀମୁଣ୍ଡା,୧୩।୫(ଡି.ଏନ୍.ଏ.): ବାଣପୁର ବ୍ଲକ ଅଧୀନ ଗମ୍ଭାରୀମୁଣ୍ଡା ପର୍ଶୁରାମ ମହାବିଦ୍ୟାଳୟର ଅଧ୍ୟାପକ ନୀଳମଣି ଘଡ଼ାଇ (୫୩)ଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଟାଙ୍ଗୀ ଥାନା ଅଧୀନ କାଲୁପଡ଼ା ବାଲିନାଶି ଗ୍ରାମରେ ତାଙ୍କ ଘର ହୋଇଥିବା ବେଳେ ୨୮ ବର୍ଷ ହେବ ପର୍ଶୁରାମ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଆସୁଥିଲେ। ସେ ଜଣେ ଛାତ୍ରବତ୍ସଳ, ଧର୍ମପରାୟଣ ଓ ପରୋପକାରୀ ଥିଲେ। ତାଙ୍କ ବିୟୋଗରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନ ଓ ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି।

# ୨୨ ଘେରା ଚାପ ଖେଳିଲେ ଶ୍ରୀହଟ୍ଟକେଶ୍ୱର

ଖୋର୍ଦ୍ଧା ଅଫିସ,୧୩।୫

ଅକ୍ଷୟ ତୃତୀୟାଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହାର ଚନ୍ଦନଯାତ୍ରା ଶ୍ରୀକ୍ଷେତ୍ର ଭଉଁରି ଯାତ ସମାପନ ହୋଇଛି। ଶନିବାର ବିଭିନ୍ନ ଶୈବପୀଠରେ ଉକ୍‌ଳେ ଉଭଁରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା–ନୟାଗଡ଼ ୫୭ ନଂ. ଜାତୀୟ ରାଜପଥର ବାଘମାରୀ ନିକଟ ଅଧିଷ୍ଠିତ ଏକାଦଶ ରୁଦ୍ର ଶ୍ରୀହଟ୍ଟକେଶ୍ୱରଙ୍କ ଚନ୍ଦନଯାତ୍ରା ଉକ୍‌ଳେ ଭଉଁରିରେ ସମାପନ ହୋଇଛି। ପ୍ରଚଣ୍ଡ ରୌଦ୍ରତାପରୁ ମୁକ୍ତି ପାଇବା ପାଇଁ ହଟ୍ଟକେଶ୍ୱର ଜଳକ୍ରୀଡ଼ା କରିଥାନ୍ତି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଠାକୁରଙ୍କ ଚାପଖେଳ ଶେଷ ହୋଇଛି। ଶେଷ ଦିନରେ ୨୨ ଘେରା ଚାପ ଖେଳିଥିଲେ। ମଧ୍ୟାହ୍ନ ନୀତି ପରେ ଠାକୁରଙ୍କ ଚନ୍ଦନ ପୋଖରୀ ବିଜେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ନରେ ଠାକୁରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବିମାନକୁ ବିଜେ କରିଥିଲେ। ଏହି ସମୟରେ ବିଜେ କାହାଳି ବାଜିଥିଲା। ଚାମର ଆଲଟ, ଘଣ୍ଟ, କାହାଳି, ମୃଦଙ୍ଗରେ ପରିବେଶ କମ୍ପି ଉଠିଥିଲା।



ବିମାନରେ ବିଜେ ହୋଇ ଠାକୁର ଚନ୍ଦନ ପୋଖରୀକୁ ବିଜେ କରିଥିଲେ। ଜଳଲାଗି ପରେ ଚାପ ଆରମ୍ଭ ହୋଇଥିଲା। ଚାପ ସାରି ଠାକୁର ଚନ୍ଦନ ଚକଡ଼ାରେ ବିଜେ ହୋଇଥିଲେ। ଠାକୁରଙ୍କ ଚନ୍ଦନ ଲାଗି ନୀତି ସମ୍ପନ୍ନ ହୋଇଥିଲା। ଠାକୁରଙ୍କୁ ବିଭିନ୍ନ ଫଳମୂଳ ଲାଗି ପରେ ଭକ୍ତଙ୍କ ଭୋଗ ଖାଇ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବରିଷ୍ଠ ସେବାୟତ ଗୋପୀନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନୃସିଂହ ମହାପାତ୍ର, ରଞ୍ଜନ ମହାପାତ୍ର, ହଟ୍ଟନାଥ ମହାପାତ୍ର, ଦିଲୀପ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

ତେବେ ଅନ୍ତିମ ଦିବସରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ହଟ୍ଟକେଶ୍ୱରଙ୍କୁ ଭକ୍ତିନୈବେଦ୍ୟ ଅର୍ପଣ ଲାଗି ଶ୍ରଦ୍ଧାଳୁଙ୍କ ମନରେ ରହିଥିଲା ଆନନ୍ଦ। ଭଉଁରି ଯାତ ଲାଗି ମନ୍ଦିର ଏବଂ ଚନ୍ଦନ ପୋଖରୀକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ବିମାନକୁ ମଧ୍ୟ ବିଭିନ୍ନ ଫୁଲ ସଜ୍ଜିତ କରାଯାଇଥିଲା। ଠାକୁର ବିମାନ ବିଜେ ହୋଇ ଚନ୍ଦନକୁ ଆସିବା ସମୟରେ ବହୁ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ର, ବିଭିନ୍ନ ବେଶଧାରୀ ସାମିଲ ହୋଇଥିଲେ। ହୁଳହୁଳି ଏବଂ ହଟ୍ଟକେଶ୍ୱରଙ୍କ ଜୟ ଜୟକାରରେ ଏକ ଆଧ୍ୟାତ୍ମିକ ବଳୟ ସୃଷ୍ଟି ହୋଇଥିଲା। ଦୀର୍ଘ ଦିନ ପରେ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ଦେଖିବାକୁ ମିଳିଥିଲା। ପୀଠର ଐତିହ୍ୟ ସମ୍ପର୍କରେ ଦିଲୀପ ପଣ୍ଡା କୁହନ୍ତି, ଏହା ଏକ ପ୍ରାଚୀନ ଶୈବପୀଠ। ମନ୍ଦିରର ନିର୍ମାଣ ଶୈଳୀ ଏହାର ପ୍ରାଚୀନତା ପରିଚୟ ଦିଏ। ଏଠାରେ ଏଗାରଟି ଲିଙ୍ଗ ପୂଜା ପାଉଛନ୍ତି। ତେଣୁ ଏହାଙ୍କୁ ଏକାଦଶ ରୁଦ୍ର ବୋଲି କୁହାଯାଏ। ଅକ୍ଷୟ ତୃତୀୟାଠାରୁ ଉକ୍‌ଳେ ଭଉଁରି ପର୍ଯ୍ୟନ୍ତ ଠାକୁର ଚନ୍ଦନ ପୋଖରୀରେ ଚାପ ଖେଳନ୍ତି। ହଟ୍ଟନାଥଙ୍କ ମହିମା ଭକ୍ତଙ୍କୁ ଏଠାକୁ ଟାଣିଆଣେ। ପ୍ରତିବର୍ଷ ମକର ସଂକ୍ରାନ୍ତି ସମୟରେ ଅପୁତ୍ରିକ ନାରୀମାନେ ହଟ୍ଟନାଥଙ୍କ ନିକଟରେ ସଂକଳ୍ପ କରି ତା' ପରଦିନ ଅତ୍ରି(ଉଷ୍ମ ପ୍ରସ୍ରବଣ)ରେ ଦହଲରୁ ମିଳିଥିବା ଗୁଆ ଭକ୍ଷଣ କଲେ ସନ୍ତାନ ଲାଭ କରିଥାନ୍ତି ବୋଲି ଲୋକବିଶ୍ୱାସ ରହିଛି। ଯିଏ ଏଠାକୁ ଆସିଛି, ତାଙ୍କର ମନସ୍କାମନା ପୂର୍ଣ୍ଣ ହୋଇଛି ବୋଲି ପଣ୍ଡା କହିଛନ୍ତି।

# 'ଶୈକ୍ଷିକ ଜୀବନରେ ନିଷ୍ଠା ଦ୍ୱାରା ସଫଳତା ମିଳିପାରିବ'




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ମେଧାବୀ ଛାତ୍ରୀ।

## ମେଧାବୀ ଛାତ୍ରୀ ଦେବସ୍ମିନୀ ଜାଲିଙ୍କୁ ସମ୍ବର୍ଦ୍ଧନା

ବାଲୁଗାଁ,୧୩।୫(ଡି.ଏନ୍.ଏ.)

ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ତଥା ସାୟୋନାରା କାର୍ଯ୍ୟକ୍ରମରେ ଦର୍ଶନ ବିଭାଗର ମେଧାବୀ ଛାତ୍ରୀ ସୁଶ୍ରୀ ଦେବସ୍ମିନୀ ଜାଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନା ଓ ଯୁକ୍ତ୨ ଅଧ୍ୟକ୍ଷା ଡ. କଳ୍ପନା ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାଧ୍ୟାପିକା ଡ. ଜୟନ୍ତୀ ସାମଲ ମୁଖ୍ୟ ଅତିଥି ଓ ଅଧ୍ୟାପକ ଲେଫ୍ଟନାଣ୍ଟ ଡ. ଅକ୍ଷୟ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୈକ୍ଷିକ ଜୀବନରେ ନିଷ୍ଠା, ଅଧ୍ୟବସାୟ ଓ ପ୍ରତିବଦ୍ଧତା ମାଧ୍ୟମରେ ସବୁ ସଫଳତା ହାସଲ କରାଯାଇପାରେ ବୋଲି କହିଥିଲେ। ଏହି ଅବସରରେ ଦର୍ଶନ ବିଭାଗର ପୂର୍ବତନ ଛାତ୍ରୀ ଦେବସ୍ମିନୀ ଉତ୍କଳ ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ଚଳିତ ବର୍ଷ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ପ୍ରଫେସର ଯୋଗ୍ୟତା ପରୀକ୍ଷା, ସର୍ବଭାରତୀୟ ଆସିଷ୍ଟାଣ୍ଟ ଯୋଗ୍ୟତା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିବା ସହ ସର୍ବଭାରତୀୟ ଉଚ୍ଚତର ଗବେଷଣା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବାଲୁଗାଁ ମହାବିଦ୍ୟାଳୟର ଗରିମା ବୃଦ୍ଧି କରିଥିବାରୁ ଦର୍ଶନ ବିଭାଗ ପକ୍ଷରୁ ତାଙ୍କୁ ଉପଢୌକନ, ପ୍ରଶସ୍ତି ପତ୍ର ସମେତ ୫ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ତାଙ୍କ ଶୈକ୍ଷିକ ପ୍ରକ୍ରିୟାକୁ ଅନୁପ୍ରାଣିତ କରିବା ସହ ପରବର୍ତ୍ତୀ ପିଢ଼ିଙ୍କୁ ଉତ୍ସାହିତ କରିବ ବୋଲି ଦେବସ୍ମିନୀ କହିଛନ୍ତି। ମେଧାବୀ ଛାତ୍ରୀ ଅର୍ଚ୍ଚିତା ଜେନା, ଅଙ୍କିତା ବାରିକ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିବା ବେଳେ ବର୍ଷା ବିଶୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






କେରଙ୍ଗରେ ଅନୁଷ୍ଠିତ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଉଦ୍‌ବୋଧନ ଦେଉଛନ୍ତି ଏବଂ ସମ୍ମିଳନୀରେ ଉପସ୍ଥିତ ଜନସାଧାରଣ।

# ସର୍ବଧର୍ମ ଶାନ୍ତି ସମ୍ମିଳନୀ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୧୩।୫

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମରେ ଆରମ୍ଭ ହୋଇଛି ଦ୍ୱିଦିବସୀୟ ୫୬ତମ ସର୍ବଧର୍ମ ଶାନ୍ତି ସମ୍ମିଳନୀ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅହମ୍ମଦୀୟା ମୁସ୍‌ଲିମ ସଙ୍ଗଠନର ଧର୍ମଧ୍ୱଜା ଲେୱାଏ ଅହମଦୀୟତ ଉତ୍ତୋଳନ କରାଯାଇଥିଲା। କେରଙ୍ଗ ଅହମ୍ମଦୀୟା ମୁସ୍‌ଲିମ ସଙ୍ଗଠନ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ପୌରୋହିତ୍ୟ କରିଥିଲେ ଅଖିଳ ଭାରତ ଅହମ୍ମଦୀୟା ମୁସ୍‌ଲିମ ଇସ୍‌ଲାହ ଓ ଇର୍‌ଶାଦ ବିଭାଗୀୟର ଉପସଚିବ ମୌଲାନା ଅବ୍ଦୁଲ ଓକିଲ ନିଆଜ। ମୁଖ୍ୟ ବକ୍ତାଭାବେ ଯୋଗଦେଇ ନୁରୁଲ ଇସ୍‌ଲାମ ବିଭାଗର ମୌଲାନା ନବିଦୁଲ ଫତଃ କହିଥିଲେ, ପ୍ରକୃତିର କୋଣ ଅନୁକୋଣ ପ୍ରତ୍ୟେକ ସ୍ଥାନରେ ପରମେଶ୍ୱର ଅଛନ୍ତି। ଈଶ୍ୱରଙ୍କୁ ଭକ୍ତି କଲେ ଶକ୍ତି ମିଳିଥାଏ। ପ୍ରଭୁଙ୍କ ପ୍ରସନ୍ନତାରେ ହିଁ ପରମାନନ୍ଦ ପ୍ରାପ୍ତ ହୋଇଥାଏ। ଅନ୍ୟତମ ବକ୍ତା ମୌଲାନା ହଲିମ ଅହମ୍ମଦ ପବିତ୍ର କୋରାନ୍ ସମ୍ପର୍କରେ କହିଥିଲେ। କୋରାନ୍ ଶିକ୍ଷାରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ମୌଲାନା ସେକ୍ ଇଦ୍ରିସ୍ ଅହମଦ ଅହମଦୀୟା ମୁସ୍‌ଲିମ ସଙ୍ଗଠନ ପକ୍ଷରୁ ୨୪ ଘଣ୍ଟା ପ୍ରସାରିତ ଧାର୍ମିକ କାର୍ଯ୍ୟକ୍ରମ ଏମ୍.ଟି.ଏ. ଚ୍ୟାନେଲର ବୈଶିଷ୍ଟ୍ୟତା ଓ ଉପକାରିତା ବିଷୟରେ ମତପ୍ରକାଶ କରିଥିଲେ।

ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ସଙ୍ଗଠନର ବିଶେଷତା ସମ୍ପର୍କରେ କହିଥିଲେ। ବୈଜ୍ଞାନିକ ଡ. ମନୋରଞ୍ଜନ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଈଶ୍ୱର ସର୍ବତ୍ର ପରିବ୍ୟାପ୍ତ। ବସୁଧୈବକୁଟୁମ୍ବକମ୍ ଆମ ସଂସ୍କୃତି। ଗଞ୍ଜାମର ଅଗ୍ନିଶମ ବିଭାଗର ଡାଇରେକ୍ଟର ଶିଶିରକାନ୍ତ ସିଂ ଅତିଥିଭାବେ ଯୋଗଦେଇ କହିଥିଲେ, ସମସ୍ତଙ୍କ ଈଶ୍ୱର ଏକ। ସକଳ ଧର୍ମର ମୂଳ ମର୍ମ ଏକ। ଧର୍ମଗ୍ରନ୍ଥରେ ଥିବା ମର୍ମକୁ ବୁଝିଲେ ହିଁ ଜୀବନରେ ସଫଳତା ପାଇପାରିବେ। ମୌଲାନା ଆକ୍‌ବର ଖାଁ କୋରାନ୍ ପାଠ ଏବଂ ମୌଲାନା ଫଜଲେ ଉମର ଉର୍ଦ୍ଦୁ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସମ୍ମିଳନୀରେ ଅହମଦୀୟା ପ୍ରଚାର ବିଭାଗର ବରିଷ୍ଠ ମୌଲାନା ସୟଦ ଫହିମ ଅହମ୍ମଦ, ମୌଲାନା ମୀର ଅବ୍ଦୁଲ ହଫିଜ, ଅବ୍ଦୁଲ ମଲିକ, ଖୋର୍ଦ୍ଧା ଜିଲା ସଭାପତି ଅମିରୁଦ୍ଦିନ ଖାଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ଇନ୍‌ସେଫ୍ ସିକ୍ୟୁରିଟି ସଂସ୍ଥାର ମାଲିକ ଗିରଫ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ସିକ୍ୟୁରିଟି କର୍ମଚାରୀଙ୍କ ଦରମା ଟଙ୍କାକୁ ହଡପ କରିବା ଅଭିଯୋଗରେ ଧଉଳି ଥାନା ପୋଲିସ ଇନ୍‌ସେଫ୍ ସିକ୍ୟୁରିଟି ମ୍ୟାନ୍ ପାୱାର ସଂସ୍ଥାର ମାଲିକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା କୋଣାର୍କ ଥାନା ଅଞ୍ଚଳର ଅଜୟ ବେହେରା। ତାଙ୍କଠାରୁ ପୋଲିସ କିଛି କାଗଜପତ୍ର ଜବତ କରିବା ସହ ଏକ ମାମଲା ନଂ.୬୩/୨୩ ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜଣେ ମହିଳାଙ୍କ ସମେତ ୨୦୦ କର୍ମଚାରୀଙ୍କ ଦରମା ବାବଦକୁ ମୋଟ ୮ ଲକ୍ଷ ଟଙ୍କା ଠକିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି।

# ସ୍ତ୍ରୀଙ୍କୁ ମାଡ଼–ପୁଅକୁ ଚେଙ୍କ, ଅଭିଯୁକ୍ତ ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ସ୍ତ୍ରୀକୁ ମାଡ଼ ମାରିବା ସହ ବାରମ୍ବାର ନିର୍ଯାତନା ଓ ପୁଅକୁ ଗରମ ଲୁହାରେ ଚେଙ୍କ ଦେବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସନ୍ତୋଷ ବଳିୟାରସିଂ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଦୁଇ ଦିନ ପୂର୍ବରୁ ପୀଡିତା ତାଙ୍କ ପୁଅକୁ ହଷ୍ଟେଲରୁ ଆଣି ନିଜ ପାଖରେ ରଖିବାରୁ ସନ୍ତୋଷ ଉତ୍ୟକ୍ତ ହୋଇ ଗତ ଗୁରୁବାର ହତ୍ୟା ଉଦ୍ଦେଶ୍ୟରେ ଶିଶୁଟିର ଗଳାକୁ ଚିପି ଧରିଥିଲେ। ଏହା ଦେଖି ମା' ଉଦ୍ଧାର କରିବା ପାଇଁ ଯିବାବେଳେ ସନ୍ତୋଷ ମଧ୍ୟ ତାଙ୍କ ଗଳାକୁ ମଧ୍ୟ ଚିପି ଧରିଥିଲେ। ପରେ ସନ୍ତୋଷ ଏକ ଗରମ ଲୁହାରେ ଶିଶୁପୁତ୍ରର ଶରୀର ସାରା ଚେଙ୍କ ଦେଇଥିଲେ। ଫଳରେ ସେ ଗୁରୁତର ହୋଇପଡିଥିଲେ। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରିଥିଲା।

# ଭିଲ୍ଲା ୱାରିଅର ଚାମ୍ପିୟନ

## ମୁକୁନ୍ଦପ୍ରସାଦ ହଙ୍ଗମା ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଅଫିସ,୧୩।୫

ମୁକୁନ୍ଦପ୍ରସାଦ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ମୁକୁନ୍ଦପ୍ରସାଦ ହଙ୍ଗମା ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଫାଇନାଲ ମ୍ୟାଚ୍ ଜୟ ବାଲାଜୀ ଏବଂ ଭିଲ୍ଲା ୱାରିଅର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଜୟ ବାଲାଜୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ବିନିମୟରେ ୮୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଭିଲ୍ଲା ୱାରିଅର ୩.୪ ଓଭରରେ ୧ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ସମ୍ମାନିତ ଅତିଥି, ଅନ୍ୟତମ ଅତିଥିଭାବେ ଛାତ୍ରନେତା ବିଶ୍ୱରଞ୍ଜନ ପ୍ରଧାନ ଏବଂ ମୋ ପରିବାର ସଂଯୋଜକ ଦିଲୀପ କୁମାର ହୋତା, ସାମାଜିକ କର୍ମୀ ଦିଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୨୭ ହଜାର ଏବଂ ରନର୍ସଅପ୍ ଟିମ୍‌କୁ ୨୩ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ସୁବ୍ରତ ସାମନ୍ତସିଂହାରଙ୍କୁ ପୁରସ୍କାର ସ୍ୱରୂପ ହାତଘଣ୍ଟା ଦିଆଯାଇଥିଲା। ସାନୁଜ ବିଶ୍ୱାଳ ଏବଂ ହରେକୃଷ୍ଣ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ମୁକୁନ୍ଦପ୍ରସାଦ କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି ଏବଂ ଅନ୍ୟମାନେ।

# ନିଜସ୍ୱ ଅର୍ଥରେ ଦଳ ସଫାକଲେ ସାମାଜିକ କର୍ମୀ

## ଶୁଣିଲାନି ପ୍ରଶାସନ

ନିରାକାରପୁର,୧୩।୫(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ଅଧୀନ ଡିଆ ପଞ୍ଚାୟତରେ ଥିବା ୧୦ ଏକର ପରିମିତ ଏକ ପୋଖରୀରେ ଦୀର୍ଘବର୍ଷ ହେବ ଦଳ ଭର୍ତ୍ତିହୋଇ ରହିଥିଲା। ତେବେ ଦଳ ସଫେଇ ନ ହେବାରୁ ଉକ୍ତ ପୋଖରୀ ଉପରେ ନିର୍ଭର କରୁଥିବା ଡିଆ, ଭଟ୍ଟସାହି, ଭୋଇସାହି, କୋଲସାହି ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ପୋଖରୀର ପୁନରୁଦ୍ଧାର ନିମନ୍ତେ ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଯଦୁମଣି ଦାଶ ସ୍ମୃତି ସଂସଦର ମୁଖ୍ୟ ଶୁଭମ୍ ଦାଶଙ୍କୁ ଅବଗତ କରାଇଥିଲେ। ଶନିବାର ଦାଶ ପୋଖରୀ ପାଖରେ ପହଞ୍ଚି ଲୋକଙ୍କ ଦ୍ୱାରା ଦଳପୂର୍ଣ୍ଣ ପୋଖରୀର ସଫେଇ ଆରମ୍ଭ କରିଛନ୍ତି।



ପୋଖରୀରୁ ଦଳ ସଫା କରାଯାଉଛି।

# 'ଓଡ଼ିଆ ସାହିତ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ସଚ୍ଚିଦାନନ୍ଦ'

## କବି ସଚ୍ଚି ରାଉତରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଖୋର୍ଦ୍ଧା ଅଫିସ,୧୩।୫

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଯଶସ୍ୱୀ କବି ତଥା ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଡ.ସଚ୍ଚିଦାନନ୍ଦ ରାଉତରାୟଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓ ସାରସ୍ୱତ ସଭା ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ଅନ୍ୟ ଅତିଥିମାନେ ସଚ୍ଚି ରାଉତରାୟଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଗୋପାଳକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ବିଧାୟକ ମିତ୍ର କବିଙ୍କ ସାରସ୍ୱତ ସାଧନା, ଅନେକ ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ କବିଙ୍କ କିଛି କାଳଜୟୀ କବିତା ଆବୃତ୍ତି କରି ତାଙ୍କର ମାଟି, ଜାତି ପ୍ରତି ରହିଥିବା ସମର୍ପଣ ଭାବ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଶିଷ୍ଟ କବି ତଥା ଅନୁବାଦକ ସୂର୍ଯ୍ୟ ମିଶ୍ର କହିଥିଲେ, ଓଡ଼ିଆ ସାରସ୍ୱତ ଜଗତଙ୍କୁ ସଚ୍ଚି ରାଉତରାୟ ଅବଦାନ ଅତୁଳନୀୟ। ପ୍ରତ୍ୟେକ ବିଭାଗରେ କଲମ ଚାଲାନା କରି ସେ ଓଡ଼ିଆ ସାହିତ୍ୟକୁ ମହିମାମଣ୍ଡିତ କରିଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

ମୁଖ୍ୟ ବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପୂର୍ବତନ ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ କବି ସଚ୍ଚି ରାଉତରାୟଙ୍କ ସାରସ୍ୱତ ସାଧାନ ଉପରେ ଆଲୋକପାତ କରି କହିଥିଲେ, ଓଡ଼ିଆ ସାହିତ୍ୟରେ ବୈପ୍ଳବିକ ପରିବର୍ତ୍ତନ ଦିଗରେ ସେ ଜଣେ ଅନନ୍ୟ ସାଧକ। ସାରସ୍ୱତ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସେ ସର୍ବଭାରତୀୟ ସ୍ତରରେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୧୯୬୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ, ୧୯୬୨ରେ ପଦ୍ମଶ୍ରୀ, ୧୯୮୬ରେ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ତାଙ୍କ ଉଚ୍ଚକୋଟୀର ସାହିତ୍ୟ ସାଧାନ ଲାଗି ଆନ୍ଧ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସଚ୍ଚି ରାଉତରାୟଙ୍କୁ ସମ୍ମାନଜନକ ଡି.ଲିଟ୍ ଉପାଧିରେ ଭୂଷିତ କରିଛନ୍ତି। ବିଶିଷ୍ଟ ଔପନ୍ୟାସିକ ଡ. ପଦ୍ମଜ ପାଳ କବି ସଚ୍ଚିଦାନନ୍ଦ ଓଡ଼ିଆ ସାହିତ୍ୟକୁ ସର୍ବଭାରତୀୟ ସ୍ତରରେ ପରିଚିୟ ଦେଇଛନ୍ତି ବୋଲି କହିଥିଲେ। ଏହି ଅବସରରେ ନିକଟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ସାହିତ୍ୟିକ ସତ୍ୟବାଦୀ ବଳିୟାରସିଂହଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଡ.ଯୋଗେଶ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ଅତିଥିଭାବେ ବୈକୁଣ୍ଠନାଥ ରାଜଗୁରୁ, ଆରତି ମଞ୍ଜରୀ ଦାସ, ଡ. ଚପଳା ପଣ୍ଡା ଯୋଗଦେଇଥିବା ବେଳେ ଡ. ରଶ୍ମି କର ଓ ଇତିଶ୍ରୀ ସାହୁ ସଂଯୋଜନା କରିଥିଲେ। ବହୁ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ କବି ରାଉତରାୟଙ୍କ ରଚିତ କାଳଜୟୀ କବିତା 'ଛୋଟ ମୋର ଗାଁଆଟି' ଛାତ୍ରୀମାନେ ପରିବେଷଣ କରିଥିଲେ। ଅତିଥି, ଉପସ୍ଥିତ ବ୍ୟକ୍ତି ବିଶେଷ ଏହି କବିତାରେ ଭାବବିହ୍ୱଳ ହୋଇପଡିଥିଲେ। ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ସ୍ୱାଗତ ଭାଷଣ, ଯୁଗ୍ମ ସମ୍ପାଦକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥିଙ୍କ ପରିଚୟ ଏବଂ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ପ୍ରାଣନାଥ ମହାବିଦ୍ୟାଳୟ, ନିରାକାରପୁର ଡିଏଭି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ସ୍ଥାନୀୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩|୫|୨୦୨୩

| | |
|---|---|
| ୪,୨୫,୯୩୦ ଟଙ୍କା | |
| ସୁନା | ୨୦୦ ମିଲି ଗ୍ରାମ୍ |
| ରୁପା | ୪୦ ଗ୍ରାମ୍ |

# ହଳଦୀପାଣି ନୀତି ସହ ସରିଲା ବାହାର ଚନ୍ଦନଯାତ୍ରା

ପୁରୀ ଅଫିସ,୧୩।୫

ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ଆରମ୍ଭ ହୋଇଥିବା ୨୧ଦିନିଆ ବାହାର ଚନ୍ଦନଯାତ୍ରା ଶନିବାର ହଳଦୀ ପାଣି ନୀତି ସହ ଶେଷ ହୋଇଛି। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବା ପରେ ସେଠାରେ ଭିତରଚ୍ଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରମାନେ ଜଳକ୍ରୀଡ଼ା ବା ଚାପ ଖେଳିବା ନିମନ୍ତେ ଚାପଡଙ୍ଗା ନନ୍ଦା ଏବଂ ଭଦ୍ରାକୁ ବିଜେ କରିଥିଲେ। ପରେ ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଠାକୁରମାନେ ପ୍ରତ୍ୟେକ ଦିନ ଭଳି ନରେନ୍ଦ୍ର ପୁଷ୍କରିଣୀରେ ଏକ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଥିଲେ। ଦିନ ଚାପ ସରିବା ପରେ ମହାଜନ ସେବକମାନେ ବଡ଼ ଚାପ ବା ଭଦ୍ରା ଚାପରୁ ରାମକୃଷ୍ଣଙ୍କୁ ଆଣି ମଦନମୋହନ ବିଜେ କରିଥିବା ଧଳାଚାପକୁ ବିଜେ କରାଯାଇଥିଲା। ସେଠାରେ ହଳଦୀ ପାଣି ନୀତି ସମ୍ପନ୍ନ ହୋଇଥିଲା। ପରେ ମୁଦିରସ୍ତଙ୍କ ଦ୍ୱାରା ରାଜନୀତି ବନ୍ଦାପନା ନୀତି ସମ୍ପନ୍ନ କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁରମାନଙ୍କୁ ଚନ୍ଦନ ଚକଡ଼ାକୁ ବିଜେ କରାଯାଇଥିଲା। ସେଠାରେ ମଇଲମ ଆଦି ନୀତି ସମ୍ପାଦନ କରାଯାଇ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇ ଭୋଗ ମଣୋହି କରାଯାଇଥିଲା। ପରେ ଠାକୁରମାନଙ୍କୁ ଆଳତି କରାଯାଇଥିଲା। ସମସ୍ତ ନୀତି ସମ୍ପନ୍ନ ହେବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ତେବେ ହଳଦୀ ପାଣି ଦିନ ମହାପ୍ରଭୁଙ୍କ ରାତ୍ରିଚାପ ହୋଇ ନ ଥାଏ। କେବଳ ଦିନଚାପ ଅନୁଷ୍ଠିତ ହୋଇଥାଏ।



ବାହାର ଚନ୍ଦନ ଯାତ୍ରାର ଶେଷ ପର୍ବରେ ମହାପ୍ରଭୁ ଚାପ ଖେଳୁଛନ୍ତି ।



**ପୁରୀ:** ଅଖ ନିର୍ମାଣ ପାଇଁ ରଥ ଖଳାରେ ଅଖ କାଠ ରଖାଯାଉଛି ।

## ୩ ରଥର ୨୭ ଚକ ନିର୍ମାଣ ଶେଷ



### ରଥଖଳାରୁ ...

ପୁରୀ ଅଫିସ,୧୩।୫

ବିଶ୍ୱନିୟନ୍ତାଙ୍କ ରଥଯାତ୍ରା ଯେତିକି ପାଖେଇ ଆସୁଛି, ଶ୍ରୀନଅରସ୍ଥିତ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ସେତେ ଦ୍ରୁତ ଗତିରେ ଆଗେଇ ଚାଲିଛି। ରଥ ସଂହିତା ଅନୁଯାୟୀ, ଶୁକ୍ରବାର ଭଉଁରି ତିଥି ଅବସରରେ ତିନିରଥର ଚକ-ଅଖ ସଂଯୋଗପୂର୍ବକ ଚକ ଡେରା ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା। ଚକ-ଅଖ ସଂଯୋଗ ତଥା ଚକ ଡେରା ନୀତି ପରେ ଅପରାହ୍ନଠାରୁ ରଥଖଳାରେ ନିର୍ମାଣ କାର୍ଯ୍ୟ ପରମ୍ପରା ପ୍ରକାରେ ବନ୍ଦ ରହିଥିଲା। ପୁନର୍ବାର ଶନିବାର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ଖଳାରେ ସନ୍ଧ୍ୟା ସୁଦ୍ଧା ତିନିରଥର ୯ଟି ଲେଖାଏ ଚକ ଅର୍ଥାତ ମୋଟ ୨୭ଟି ଚକ ନିର୍ମାଣ ଶେଷ ହୋଇଛି। ତିନିରଥର ୪ଟି ଲେଖାଏ ୨୦ଫୁଟିଆ ଚଉଡା କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତିନିରଥର ବାକି ଅଖ ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ ଅଖ କାଠ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଛି। ତାଳଧ୍ୱଜ ରଥର ୧୪ଟି ଚକ ଭିତରୁ ୯ମ ଚକ ନିର୍ମାଣ ଶେଷ ହୋଇ, ୧୦ମ ଏବଂ ୧୧ ତମ ଚକରେ ପଇ ପିନ୍ଧା ଶେଷ ହୋଇ ପଇ କଳଶା କାର୍ଯ୍ୟ ହେଉଛି। ଏଥିସହ ତାଳଧ୍ୱଜ ରଥର ୪ଟି ୨୦ଫୁଟିଆ ଚଉଡା କାଠର ଚଉପଟ କାର୍ଯ୍ୟ ସରି ଆଉ ୪ଟି ଚଉଡା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ଦର୍ପଦଳନ ରଥର ୧୨ଟି ଚକ ମଧ୍ୟରୁ ୯ମ ଚକର ନିର୍ମାଣ ଶେଷ ହୋଇ ଆଉ ଦୁଇଟି ଚକରେ ପଇପିନ୍ଧା କାର୍ଯ୍ୟ ହୋଇଛି। ଏଥିସହ ୪ଟି ଚଉଡା କାଠର ଚଉପଟ ଶେଷ ହୋଇ ଆଉ ୪ଟି ଚଉଡା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ସେହିପରି ନନ୍ଦିଘୋଷ ରଥର ୧୬ଟି ଚକ ମଧ୍ୟରୁ ୯ଟି ଚକ ନିର୍ମାଣ ଶେଷ ହୋଇ ଆଉ ୪ଟି ଚକରେ ପଇ ପିନ୍ଧା ସରି କଳଶା କାର୍ଯ୍ୟ ବାକି ଅଛି। ଏଥିସହ ନନ୍ଦିଘୋଷ ରଥର ୪ଟି ଚଉଡା କାଠର ଚଉପଟ ପରେ ଆଉ ୪ଟି ଚଉଡା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ଦୋଳବେଦିଠାରେ ତାଳଧ୍ୱଜ ରଥର ପୋଲଗୟଳ ଚିରଟ ପୂର୍ବରୁ ୪୦ଫୁଟିଆ ଧଉରା କାଠର ଉଭୟ ପାର୍ଶ୍ୱ ଚିରା କାର୍ଯ୍ୟ କରତି ସେବକମାନେ ଶେଷ ହୋଇଛି। ଅପରପକ୍ଷେ ଭୋଇ ସେବକମାନେ ଭୋଇ ସର୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନିରଥର ମୋଟ ୪୨ଚକ ପାଇଁ ଆବଶ୍ୟକ ୪୨ଟି ତୁମ୍ବରୁ ୩୯ଟି ତୁମ୍ବର ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ପନ୍ଦାରି ନିର୍ମାଣ ପରେ ତିନିରଥ ପାଇଁ ୮" ଇଞ୍ଚର ଅଗ ପାତେଳି କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ତିନିରଥର ରୂପକାର ସେବକମାନେ ତିନିରଥର ଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଗରିବ ମେଧାବୀ ଛାତ୍ରଙ୍କୁ ସହାୟତା କରି ସ୍ୱାମୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ ଅଫିସ,୧୩।୫- ଜଣେ ମହିଳା ନିଆରା ଢଙ୍ଗରେ ତାଙ୍କର ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ସାରଦା ପଟ୍ଟନାୟକଙ୍କ ସ୍ମୃତିରେ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ତାଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତି ସେହି ବିଦ୍ୟାଳୟର ଜଣେ ଗରିବ ଓ ମେଧାବୀ ଛାତ୍ର କୃଷ୍ଣଚନ୍ଦ୍ର ସାହୁଙ୍କୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସ୍ୱାମୀଙ୍କ ସ୍ୱପ୍ନକୁ ପୂରଣ କରିବା ଲାଗି ଶିକ୍ଷୟିତ୍ରୀଙ୍କ ଏଭଳି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି। ପ୍ରତ୍ୟେକ ବର୍ଷ ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଜଣେ ଗରିବ ଏବଂ ମେଧାବୀ ଛାତ୍ରଙ୍କୁ ପାଠପଢ଼ାରେ ସହାୟତା କରିବା ଲାଗି କିଛି ନା କିଛି ସାହାଯ୍ୟ କରିଥାନ୍ତି। ତେବେ ପୁରୀ ବଡ଼ଦାଣ୍ଡସ୍ଥିତ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନ୍ନଦା ଚଳିତଥର ସ୍ୱାମୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ଗରିବ ମେଧାବୀ ପିଲାଙ୍କୁ ପାଠ ପଢ଼ିବା ଲାଗି ଅର୍ଥ ପ୍ରଦାନ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ଏଭଳି ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

### ହେଲ୍ମେଟ୍ ପକ୍ଷରୁ ଅଂଶୁଘାତ ସଚେତନତା

ପୁରୀ ଅଫିସ,୧୩।୫- ସାମାଜିକ ଅନୁଷ୍ଠାନ ହେଲ୍ମେଟ୍ ପକ୍ଷରୁ ଶନିବାର ଅଂଶୁଘାତଜନିତ ଏକ ସଚେତନତା କାର୍ଯ୍ୟକ୍ରମ ପୁରୀ ଜିଲାରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସୂର୍ଯ୍ୟ ରଶ୍ମିର ଉତ୍ତାପ ବୃଦ୍ଧିକୁ ନେଇ ହେଲ୍ମେଟ୍ ଅନୁଷ୍ଠାନ ତରଫରୁ ପୁରୀ ଜିଲାର ଉଚ୍ଛୁପୁରୁ ଶାସନ, ବିଜିପୁରୁ, ତାଳକପା, ମହାପୁର ଆଦି ଗ୍ରାମରେ ଅଂଶୁଘାତ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଚେତନତା କରିବା ସହ କୃଷକ ଓ ଶ୍ରମିକମାନଙ୍କୁ ଛତା, ଗାମୁଛା, ବିଛଣା, ପାଣି ବୋତଲ ଇତ୍ୟାଦି ବଣ୍ଟନ କରାଯାଇଛି। ଏଥିସହ ବିନାୟକ ଇଂଲିଶ ମାଧ୍ୟମିକ ବିଦ୍ୟାଳୟ ଦଳନଇ ଯାଇ ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ ଅମ୍ଳଜାନର କ୍ଷୟ ଓ ଜଳୀୟବାଷ୍ପ କମିବାର କାରଣ ସହ ଅଂଶୁଘାତର ଲକ୍ଷଣ ଉପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ହେଲ୍ମେଟ୍ ଦଳନଇ ଶାଖାର ମୁଖ୍ୟ ସୁଜାତା ସିହ୍ନା, ଉମାକାନ୍ତ ମହାପାତ୍ର ଓ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଯୋଗଦେଇ ଜଙ୍ଗଲକ୍ଷୟ ବିଷୟରେ ଲୋକମାନଙ୍କୁ ବୁଝାଇ ସଚେତନତା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଭକ୍ତ ଦାସିଆ ପୀଠରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ପିପିଲି,୧୩।୫(ଡି.ଏନ୍.ଏ.)- ଭକ୍ତ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁଠାରେ ଶ୍ରୀଶ୍ରୀ ବଡ଼ଦା ହସ୍ପିଟାଲ ତଥା କମ୍ୟୁନିଟି ହେଲ୍ଥ ସେଣ୍ଟର, ଲିଙ୍ଗିପୁର, ଭୁବନେଶ୍ୱର ଓ ଭକ୍ତ ଦାସିଆ ସ୍ମୃତି କମିଟି, ବାଲିଗାଁ, ପୁରୀ ଆନୁକୂଲ୍ୟରେ ଏକ ମୁକ୍ତ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ବଡ଼ଦା ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଶ୍ରୀକାନ୍ତ ମିଶ୍ର, ଚକ୍ଷୁ ବିଭାଗ ମୁଖ୍ୟ ଡା. ପ୍ରଜ୍ଞାପରମିତା ମହାନ୍ତି, ଚକ୍ଷୁରୋଗ ବିଶେଷଜ୍ଞ ଡା. ସବ୍ୟସାଚୀ ପଟ୍ଟନାୟକ, ଡା. ବିଜୟ କେତନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରୁ ଚିହ୍ନଟ କରାଯାଇଥିବା ୧୦ଜଣ ଚକ୍ଷୁରୋଗୀଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯାଇଛି। ଆୟୋଜିତ ଶିବିରରେ ନିକଟବର୍ତ୍ତୀ ୧୫ଟି ଗ୍ରାମରୁ ମୋଟ ୯୦ଜଣ ଚକ୍ଷୁରୋଗୀଙ୍କ ପରୀକ୍ଷା କରାଯାଇ ସେମାନଙ୍କ ବିଭିନ୍ନ ସମସ୍ୟାର ବିହିତ ପ୍ରତିକାର କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ମୁଖ୍ୟ ଅବିନାଶ ନାୟକ, ସ୍ୱତନ୍ତ୍ର ଟେକ୍ନିସିଆନ୍ ଚିନ୍ମୟୀ ଦାଶ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ପରେ ଏକ ସ୍ୱତନ୍ତ୍ର ଯାନରେ ଶ୍ରୀଶ୍ରୀ ବଡ଼ଦା ହସ୍ପିଟାଲ ନେଇ ସେମାନଙ୍କର ଅସ୍ତ୍ରୋପଚାର କରାଯାଇ ଘରେ ଛାଡ଼ି ଦିଆଯାଇଥିଲା। ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ, ବରିଷ୍ଠ ଟ୍ରଷ୍ଟି ଅର୍ଜୁନ ଚରଣ ସାମଲ, ଆଞ୍ଚଳିକ କମିଟି ସଦସ୍ୟ ରମେଶ ଚନ୍ଦ୍ର ପ୍ରଧାନ, ପବିତ୍ର ମଲ୍ଲିକ, କୃଷ୍ଣଚନ୍ଦ୍ର ଲେଙ୍କା ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶାନ୍ତି ଆନନ୍ଦ ଆଶ୍ରମରେ ଭଉଁରି ଯାତ୍ରା ଉଦ୍‌ଯାପିତ

କଣାସ,୧୩।୫(ସ୍ୱ.ପ୍ର.)

କଣାସ ବ୍ଲକ କରମଳାଠାରେ ପ୍ରତିଷ୍ଠିତ ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମରେ ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ଭଉଁରି ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ଦିନ ଠାକୁର ରାଧାମାଧବ ଓ ଅଭିରାମ ପରମହଂସଙ୍କ ପ୍ରତିମୂର୍ତ୍ତିଙ୍କୁ ସୁସଜ୍ଜିତ ପାଲିଙ୍କିରେ ବସାଇ ଆଲଟ, ଚାମର, ଶଙ୍ଖ, ଘଣ୍ଟ, ଘଣ୍ଟା ବାଦ୍ୟଧ୍ୱନି ମଧ୍ୟରେ ଚାପ ପୁଷ୍କରିଣୀକୁ ନିଆଯାଏ। ପୁଷ୍କରିଣୀରେ ସୁସଜ୍ଜିତ ହୋଇ ରହିଥିବା ନୌକାରେ ଠାକୁରଦ୍ୱୟ ବିରାଜମାନ କରିଥାନ୍ତି। ବିଭିନ୍ନ ଭଜନ ଗାନ ମଧ୍ୟରେ ପୁଷ୍କରିଣୀ ଚାରିପାଖ ୭ଥର ପରିକ୍ରମା କରି ପୁନଶ୍ଚ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ରୀତିନୀତି ଅନୁଯାୟୀ ଶନିବାର ଠାକୁର ପୁଷ୍କରିଣୀକୁ ଯାଇ ଚାପ ଖେଳି ଫେରିଥିଲେ ଓ ଚଳିତ ବର୍ଷର ଭଉଁରି ଯାତ୍ରା ଉଦ୍‌ଯାପିତ ହୋଇଥିଲା।

## ରାଜ୍ୟସ୍ତରୀୟ ପାରମ୍ପରିକ ବୈଦ୍ୟ ସମ୍ମିଳନୀ

ପୁରୀ ଅଫିସ,୧୩।୫

ଓଡ଼ିଶାର ପାରମ୍ପରିକ ବୈଦ୍ୟମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଏକଦିବସୀୟ ସମ୍ମିଳନୀରେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ନିବେଦିତା, ଅବସରପ୍ରାପ୍ତ ଆୟୁର୍ବେଦ ପ୍ରଫେସର ରାମକୃଷ୍ଣ ପାଣିଗ୍ରାହୀ, ପଞ୍ଚକର୍ମ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡା. ଦେବପ୍ରସାଦ ଦାଶ, ଡା. ଦୀପ୍ତିରେଖା ଦାଶ, ଶ୍ୟାମପ୍ରକାଶ ସେନାପତି, ଅବସରପ୍ରାପ୍ତ ବିଡିଓ ଦେବଦତ୍ତ ଷଡଙ୍ଗୀ ଏବଂ ବରିଷ୍ଠ ସଂଗଠକ ଜଟାଧାରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପାରମ୍ପରିକ ବୈଦ୍ୟମାନଙ୍କୁ ପଞ୍ଚକର୍ମ, ଔଷଧ ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ବିଷୟରେ ବିଶେଷ ତାଲିମ ଦିଆଯାଇଥିଲା। ଆଗାମୀ ଦିନରେ ସେମାନେ କେଉଁ ଆୟୁର୍ବେଦିକ ଚିକିତ୍ସା ଉପରେ ଶିକ୍ଷା ଗ୍ରହଣ କରିବାକୁ ପ୍ରେରଣା ଦିଆଯାଇଥିଲା। ଟ୍ରଷ୍ଟର ସମ୍ପାଦକ ସରୋଜ ଭୂଆଁ ଏବଂ ସଂଯୋଜକ ବିଭୁପ୍ରସାଦ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୋଲୁନି ମଣ୍ଡି, ଚିନ୍ତାରେ ଚାଷୀ

ପିପିଲି,୧୩।୫(ଡି.ଏନ୍.ଏ.)

ପିପିଲି ବ୍ଲକ ଅଞ୍ଚଳରେ ବହୁ ବାଧା ସତ୍ତ୍ୱେ ଧାନକୁ ଅମଳ କରି ମଣ୍ଡିରେ ବିକ୍ରି କରିବା ପାଇଁ ଚାହିଁବସିଛି ଚାଷୀ। ମାତ୍ର ଚଳିତବର୍ଷ ରବି ଫସଲ ଋତୁରେ ଏପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲିନାହିଁ। ରବି ଫସଲ ଋତୁରେ ଏହି ବ୍ଲକରେ କମ ମଣ୍ଡି ଖୋଲିଥାଏ। ଧାନ ମଣ୍ଡି ଖୋଲିବାର ବିଳମ୍ବକୁ ନେଇ ଫାଇଦା ଉଠାଇବାରେ ଲାଗିଛନ୍ତି କେତେକ ଦଲାଲ। ଦଲାଲମାନେ ଗାଁ ଗାଁ ବୁଲି ଚାଷୀଙ୍କୁ ଶୀଘ୍ର ଧାନ ବିକ୍ରି କରିବା ଲାଗି ପ୍ରବର୍ତ୍ତାଉଛନ୍ତି। ଧାନ କାଟିବା ଓ ଅମଳ କରିବା ପାଇଁ ଆବଶ୍ୟକ ଅର୍ଥ ଚାଷୀ ପାଖରେ ନ ଥିବାରୁ ଚାଷୀ ବାଧହୋଇ ଆନ୍ଧ୍ର ବେପାରୀଙ୍କୁ ଶାଗମାଛ ଦରରେ ଧାନ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ସରକାର ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ଚାଷୀଙ୍କୁ ଦେଉଥିବା ବେଳେ ଆନ୍ଧ୍ର ବେପାରୀ ୧୪୦୦ଟଙ୍କା ଦେଉଛନ୍ତି ବୋଲି ଚାଷୀ ମାନସ ଦାସ କହିଛନ୍ତି। ଏହାଦ୍ୱାରା ଚାଷୀ କୁଇଣ୍ଟାଲ ପିଛା ୬୪୦ଟଙ୍କା ହରାଉଥିବା ବେଳେ ଦଲାଲକୁ ଧାନ ବିକ୍ରି କରିସାରିବା ପରେ ଟଙ୍କା ପାଇଁ ପୁଣି ବାରମ୍ବାର ଦଲାଲ ପାଖକୁ ଦୌଡୁଥିବା ସହ ସେମାନଙ୍କୁ ହଇରାଣ ହେବାକୁ ପଡୁଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀମାନେ ଘରୋଇ ଋଣ, ହାତ ଉଧାରି କରି ଧାନ ଫସଲରେ ଉକ୍ତ ଅର୍ଥକୁ ବିନିଯୋଗ କରିଛନ୍ତି। ମାତ୍ର ଏପଟେ କାଳବୈଶାଖୀର ତାଣ୍ଡବ ସାଙ୍ଗକୁ ଅଦିନିଆ ବର୍ଷା ଓ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ଦଲାଲଙ୍କୁ ବିକ୍ରି କରିବାକୁ ବାଧ ହେଉଛି। ଜିଲାଠାରୁ ରାଜ୍ୟ ପ୍ରଶାସନ ପର୍ଯ୍ୟନ୍ତ ଚାଷୀର ବାସ୍ତବିକ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଚାଷୀ ସବୁବେଳେ ହଇରାଣ ହେଉଥିବା ଚାଷୀ ଅରୁଣ ମିଶ୍ର କହିଛନ୍ତି। ତେଣୁ ବ୍ଲକରେ ଶୀଘ୍ର ମଣ୍ଡି ଖୋଲିବାକୁ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ପୁରୀକୁ ସମୃଦ୍ଧ କରିବାକୁ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ

ପୁରୀ ଅଫିସ,୧୩।୫

### ପୁରୀ ସଚେତନ ନାଗରିକ ମଞ୍ଚର ରୌପ୍ୟ ଜୟନ୍ତୀ

ସ୍ୱାଧୀନ ଭାରତବର୍ଷର ଗଣତନ୍ତ୍ର ଜନଗଣଙ୍କ ସଚେତନତାରେ ସମୃଦ୍ଧ ହୋଇଛି। ଓଡ଼ିଶାରେ ଜନଗଣଙ୍କ ସକାରାତ୍ମକ ମତକୁ ସମ୍ମାନ ଦେଇ ସରକାର ବିକାଶ ପଥରେ ଆଗେଇ ଚାଲିଛି। ଏଣୁ ସରକାର ଓ ପ୍ରଶାସନ, ପୁରୀକୁ ସମୃଦ୍ଧ କରିବା ପାଇଁ ପୁରୀ ସଚେତନ ନାଗରିକ ମଞ୍ଚର ପ୍ରତିଟି ସକାରାତ୍ମକ ପ୍ରସ୍ତାବକୁ ଶୁଣିବାର ଆବଶ୍ୟକ ରହିଛି ବୋଲି ଓଡ଼ିଶା ମୋ ପରିବାରର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସଚେତନ ନାଗରିକ ମଞ୍ଚର ରୌପ୍ୟ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟିତ କରି ମୁଖ୍ୟ ଅତିଥି ଭାବେ ଖୁଣ୍ଟିଆ ଯୋଗଦେଇ କହିଛନ୍ତି, ପୁରୀର ସମୃଦ୍ଧି ପାଇଁ ନବୀନ ସରକାର ନିକଟରେ ବିଭିନ୍ନ ପ୍ରସ୍ତାବ ରଖିବା ସହ ରକ୍ତଦାନ ଓ ଚାରା ରୋପଣ ଅଧିକ କରିବାକୁ କହିଥିଲେ। ଅନୁଷ୍ଠାନ ସଭାପତି ପ୍ରସନ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଓ ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ ଥିବାବେଳେ, ଅନୁଷ୍ଠାନ ଉପସଭାପତି ଗୀତାଞ୍ଜଳି ପଣ୍ଡା, ଜଗବନ୍ଧୁ ମିଶ୍ର ଓ ହରିଶଙ୍କର ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଜଳ କ୍ରୀଡାବିତ ତଥା ଅଧୀକ୍ଷଣ ଯନ୍ତ୍ରୀ ଡ. ରତ୍ନାକର ଦଳାଇଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆୟୋଜିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଉତ୍ସବକୁ ଉପଦେଷ୍ଟା ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ନାରାୟଣ ଦାଶ, ଅଶୋକ, ସୁକାନ୍ତ ପଣ୍ଡା, ତ୍ରିଲୋଚନ ଦାସ ପ୍ରମୁଖ ପରିଚାଳନା କରିଥିଲେ।ଶିକ୍ଷାବିତ୍‌ଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଗୋପରୁ ଦୁବାଇ ଯିବେ ମୀନାକ୍ଷୀ

ଗୋପ,୧୩।୫(ଡି.ଏନ୍.ଏ.)



ପୁରୀ ଜିଲା ଗୋପ ବ୍ଲକ ଅଧୀନ ସୁବର୍ଣ୍ଣପୁର ଗ୍ରାମର ମୀନାକ୍ଷୀ ପୁଷ୍ଟି ଜଣେ ମିଶନ ଶକ୍ତି ମହିଳା ସଂଘର ସଫଳ ମହିଳା ଭାବେ ରାଜ୍ୟରେ ନାଁ କମାଇପାରିଛନ୍ତି। ମୀନାକ୍ଷୀ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ନିମନ୍ତ୍ରିତ ହୋଇ ଆଗାମୀ ୧୬ତାରିଖରେ ଦୁବାଇରେ ଅନୁଷ୍ଠିତ ଓଡ଼ିଶା ଡେ' କାର୍ଯକ୍ରମରେ ଯୋଗଦେବାକୁ ଦୁବାଇ ଯାଉଥିବା ସୂଚନା ମିଳିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ୧୦ଜଣ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ପୁରୀ ଜିଲାରୁ କେବଳ ମୀନାକ୍ଷୀ ଚୟନ ହୋଇଛନ୍ତି। ଆସନ୍ତା ୧୫ତାରିଖରେ ଭୁବନେଶ୍ୱରରୁ ଦୁବାଇକୁ ଆରମ୍ଭ ହେବାକୁ ଯାଉଛି ବିମାନ ସେବା। ଦୁବାଇର ଏହି ପ୍ରଥମ ଯାତ୍ରା କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମୀନାକ୍ଷୀଙ୍କୁ ଚୟନ କରାଯାଇଛି। ପୁରୀ ଜିଲାରୁ ଏକ ମାତ୍ର ମହିଳା ଭାବେ ରାଜ୍ୟ ସରକାର ମୀନାକ୍ଷୀଙ୍କୁ ଚୟନ କରିଥିବାରୁ ଜିଲା ଓ ବ୍ଲକ ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟୁଛି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଯୋଜନା ମୀନାକ୍ଷୀ ସାମିଲ ହେବା ସହ ଜିଲାର ବିଭିନ୍ନ ସ୍ଥାନରେ ଘରେ ରହୁଥିବା ମହିଳାମାନଙ୍କୁ ମହିଳା ଗୋଷ୍ଠୀରେ ସାମିଲ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ୨୦୦୩ରେ ରାଜ୍ୟ ସରକାର ମହିଳାଙ୍କୁ ଅଧିକ ସକ୍ରିୟ କରିବା ପାଇଁ ମହିଳା ମହାସଂଘ ଗଠନ ପ୍ରକ୍ରିୟା ଆରମ୍ଭ କରିବା ପରେ ମୀନାକ୍ଷୀ ଆଉ ପଛକୁ ଫେରି ନ ଥିଲେ। ୨୦୦୧ରୁ ୨୦୨୩ ପର୍ଯ୍ୟନ୍ତ ମୀନାକ୍ଷୀ ହଜାର ହଜାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଛନ୍ତି। ଏବେ ସେ ଜିଲା ଓ ଗୋପ ବ୍ଲକର ମହିଳା ମହାସଂଘ ସଭାନେତ୍ରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି। ନିମନ୍ତ୍ରିତ ୧୦ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧନା କରିବା କାର୍ଯ୍ୟକ୍ରମ ପରେ ବିଦେଶ ଯାତ୍ରା ଯିବେ। ଏ ନେଇ ମୀନାକ୍ଷୀ କହିଛନ୍ତି, ମୋର ବିଦେଶ ଯାତ୍ରା ପ୍ରଥମ ନୁହେଁ। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୨ରେ ୟୁରୋପର ରାଜଧାନୀ ବେଲଜିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଛି। ବିଦେଶରେ ଓଡ଼ିଆ ଘରର ସଂସ୍କୃତି ପରମ୍ପରା ଭାଇଚାରା କିପରି ସେ ସମ୍ପର୍କରେ ମଧ୍ୟ ବିଭିନ୍ନ ମିଟିଂରେ ମତ ରଖିଛି ବୋଲି କହିବା ସହ ମୁଁ ସବୁବେଳେ ମହିଳାଙ୍କ ସ୍ୱାବଲମ୍ବୀ ପ୍ରତି ଗୁରୁତ୍ୱ ଦିଏ। ଦୁବାଇ ଯିବାଲାଗି ରାଜ୍ୟ ସରକାର ପୁଣି ମୋତେ ଚୟନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୬୩୯ ମାମଲା ଫଇସଲା

ନିମାପଡ଼ା,୧୩।୫(ଡି.ଏନ୍.ଏ.)

ନିମାପଡ଼ା କୋର୍ଟ ତାଲୁକ୍ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ, ସବ୍‌ଜଜ୍ ସଂଘମିତ୍ରା ବିଶ୍ୱାଳ, ମୁନସିଫ୍ ସୁରକ୍ଷିତ ମିଶ୍ର, ଜେଏମ୍‌ଏଫ୍‌ସି-୧ ମିଲନ ତାଣ୍ଡି, ଜେଏମ୍‌ଏଫ୍‌ସି-୨ ବିଜେଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଫୌଜଦାରି, ଦେୱାନୀ, ଦୁର୍ଘଟଣା ଆଦି ୩୨ ମାମଲା ଓ ନିମାପଡ଼ା ରାଜସ୍ୱ ବିଭାଗ ପକ୍ଷରୁ ୬୦୭ ରାଜ୍ୟ ମାମଲା ମୋଟ୍ ୬୩୯ଟି ମାମଲା ଫଇସଲା କରାଯାଇଥିଲା। ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ମାମଲାରେ ୪ଲକ୍ଷ ୪୯ ହଜାର ୯୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କୋର୍ଟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏଥିରେ ଦୁର୍ଘଟଣାଜନିତ ମାମଲାରେ ୪୦ ହଜାର ଟଙ୍କା ଜରିମାନା ହୋଇଛି। ତାଲୁକ୍ ଆଇନ ସେବା କମିଟିର ଜୁନିୟର କିରାଣି ରାମଚନ୍ଦ୍ର ହାଂସ୍‌ଦା, ବରିଷ୍ଠ ଆଇନଜୀବୀ ପ୍ରତାପ ପଣ୍ଡା, ଅନିଲ ଦୀକ୍ଷିତ୍, ପ୍ରତାପ କିଶୋର ମହାନ୍ତି, ସଚିକାନ୍ତ ମିଶ୍ର, ବ୍ରହ୍ମାନନ୍ଦ ପ୍ରଧାନ, ଛବିନ୍ଦ୍ର ମୁଖି, ସତ୍ୟନାରାୟଣ ପଣ୍ଡା, ସଦାଶିବ ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ।



ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ବିଭିନ୍ନ ମାମଲାର ଫଇସଲା କରୁଛନ୍ତି।

# ୮୫୮୯ ମାମଲା ଫଇସଲା, ୩.୧୩ କୋଟି ଜରିମାନା ଆଦାୟ

ପୁରୀ ଅଫିସ,୧୩।୫

### ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ପୁରୀ ସମେତ ନିମାପଡା, ପିପିଲି, କୋଣାର୍କ, ବ୍ରହ୍ମଗିରି ଓ କଣାସ ଅଦାଲତରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଶିତିକଣ୍ଠ ସାମଲଙ୍କ ଆଦେଶ ଅନୁଯାୟୀ ଜିଲା ଆଇନସେବା ପ୍ରାଧିକରଣର ସଚିବ ଅମିତ୍ କୁମାର ବାରିକ ଆୟୋଜିତ ଲୋକ ଅଦାଲତକୁ ପରିଚାଳନା କରିଥିଲେ। ଆୟୋଜିତ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମୁଦାୟ ୮୫୮୯ ମାମଲାର ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦକୁ ୩ କୋଟି ୧୩ ଲକ୍ଷ ୫୨ ହଜାର ୬୨୨ ଟଙ୍କା ଆଦାୟ କରାଯାଇଛି। ସେଥିମଧ୍ୟରୁ ୫୫ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ସମାଧାନ କରାଯାଇଛି।



ପୁରୀରେ ଅନୁଷ୍ଠିତ ଲୋକ ଅଦାଲତରେ ଅଭିଯୋଗ ଶୁଣାଣି ହେଉଛି ।

କ୍ଷତିପୂରଣ ବାବଦକୁ ୧ କୋଟି ୬୨ ଲକ୍ଷ ୩୪ ହଜାର ୫୦୦ ଟଙ୍କା ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୭୮୬୫ଟି ରାଜସ୍ୱ ମାମଲାର ଫଇସଲା କରାଯାଇ ୪୨ ଲକ୍ଷ ୬୨ ହଜାର ୯୧୮ ଟଙ୍କା ଆଦାୟ କରାଯାଇଛି। ପ୍ରାକ୍ ମକଦ୍ଦମା ଫଇସଲା ସ୍ତରୀୟ ବ୍ୟାଙ୍କ ଋଣ ବାବଦ ୨୨୪ଟି ଆଗତ କରାଯାଇ ୮୨ ଲକ୍ଷ ୩୧ ହଜାର ୬୫୪ ଟଙ୍କା ଆଦାୟ କରାଯାଇଛି। ସେହିପରି ସିଭିଲ କେସ ୧୧୨ଟି, ବିବାହ ସମ୍ପର୍କିତ ମାମଲା ୧୩ଟି, ମନି ରିକୋଭରି ୨୪ଟି ମାମଲା ବିଚାର କରାଯାଇ ୧୪ ଲକ୍ଷ ୬୫ ହଜାର ୨୩୩ ଟଙ୍କା ଏବଂ ଆପୋସ ବୁଝାମଣା କରାଯାଇ ୧୧ଲକ୍ଷ ୫୮ ହଜାର ୩୧୮ ଟଙ୍କା ଆଦାୟ କରଯାଇଛି। ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ପରିବାର ଅଦାଲତ ବିଚାରପତି ଅରୁଣ କୁମାର ମଲ୍ଲିକ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅମିୟ ରଞ୍ଜନ ଜେନା, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରାଣା ଘୋଷ, ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଦେବାଶିଷ ବିଶୋଇ, ଦେୱାନୀ ବିଚାରପତି ମହିନ୍ଦ୍ର ଭୂଷଣ ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପତିତ ପାବନ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ, ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ, ସୁଶ୍ରୀ ପଲ୍ଲବୀ ଦାସ, ଟି. ଐଶ୍ୱର୍ଯ୍ୟ ପ୍ରମୁଖ ମକଦ୍ଦମାଗୁଡ଼ିକର ଫଇସଲା କରିଥିଲେ। ଉକ୍ତ ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ମେ, ୨୦୨୩



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆଧୁନିକ ନୃତ୍ୟ ପ୍ରତିଯୋଗିତା 'ମୂର୍ଚ୍ଛନା', ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଶୁଭାରମ୍ଭ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୫ଟା ୩୦।
- ରିନାଇସାନ୍ସ ୟୁନିଭର୍ସାଲର ବୈଠକ, ହୋଟେଲ ଏମ୍ପାୟର, ଶହୀଦନଗର, ସନ୍ଧ୍ୟା ୬ଟା ୩୦।
- ଲଭ ଲଣ୍ଡନ ଅଡିଓ ରିଲିଜ୍, ଏକ୍ସପ୍ଲାନେଡ୍ ପରିସର, ରସୁଲଗଡ଼, ରାତି ୭ଟା।

**ବାଲିଅନ୍ତା**

- ୧୦ମ ବାର୍ଷିକ ଯଜ୍ଞ ଅବସରରେ ଜଳଯାତ୍ରା ଓ ଭଜନ ପରିବେଷଣ, ବଇଗୁଁଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସକାଳ ୮ଟା।

**କଟକ**

- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଉଦ୍ଯାପନୀ, ମା' ଶ୍ରୀଦୁର୍ଗା ଦେବୀ ମଣ୍ଡପ, ସେକ୍ଟର-୯, ସିଡିଏ, ସନ୍ଧ୍ୟା ୬ଟା ୩୦।
- ମହାନଗର କୋଅପରେଟିଭ୍ ସୋସାଇଟି ଲିମିଟେଡ୍‌ର ୨୨ତମ ବାର୍ଷିକ ସାଧାରଣ ପରିଷଦ ବୈଠକ, ଅମ୍ବିକା ରେସିଡେନ୍ସି, ପିଲିଗ୍ରୀମ୍ ରୋଡ୍, କଲେଜ ସ୍କୋୟାର, ପୂର୍ବାହ୍ନ ୧୧ଟା।

**କୋଣାର୍କ**

- ରାଜ୍ୟସ୍ତରୀୟ ସାହିତ୍ୟ ଆସର, ଅର୍କଶ୍ରୀ ଶିଳ୍ପୀ ବାଟିକା, ପୂର୍ବାହ୍ନ ୧୦ଟା।

# ଓଡ଼ିଆରେ ଆସିବ 'ଶଳା ବୁଢ଼ା'

## ୨୬ରେ ରିଲିଜ୍ ହେବ 'ଶଳା ବୁଢ଼ାର ବଦ୍‌ଲା'

ଭୁବନେଶ୍ୱର,୧୩।୫(ବ୍ୟୁରୋ)



ପ୍ରେସ୍‌କ୍ଲବଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ପୋଷ୍ଟର ରିଲିଜ୍ କରାଯାଉଛି।

ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ଶଳା ବୁଢା' ଓଡ଼ିଆରେ ରିଲିଜ ହେବ। ନାଁ ରହିଛି 'ଶଳା ବୁଢ଼ାର ବଦ୍‌ଲା'। ଶନିବାର ପ୍ରେସ୍‌କ୍ଲବଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ପୋଷ୍ଟର ରିଲିଜ୍ ହୋଇଥିବାବେଳେ ମୁକ୍ତିଲାଭ ତାରିଖ ଘୋଷଣା କରାଯାଇଛି। ଆସନ୍ତା ୨୬ ତାରିଖରେ ଏହା ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

ପ୍ରଥମରୁ ଜବରଦସ୍ତ ରେସପନ୍ସ ପାଇଥିବା 'ଶଳା ବୁଢାର ବଦ୍‌ଲା' ଦୁବାଇ ଏକ୍ସପୋ ୨୦୨୦ରେ ୱାର୍ଲ୍ଡ ପ୍ରିମିୟର ହୋଇଥିଲା। ଚଳଚ୍ଚିତ୍ରଟି ଏକ ସରଳ ମାନବ ହୃଦୟର ମୂଲ୍ୟବୋଧକୁ ଆଲୋକିତ କରିଛି। ଲୁପ୍ତପ୍ରାୟ ସଂସ୍କୃତି ଓ ଲୋକସଂସ୍କୃତିକୁ ନେଇ ଏହି ଚଳଚ୍ଚିତ୍ରରେ ପଶ୍ଚିମ ଓଡିଶାର ଜନଜୀବନକୁ ପ୍ରଦର୍ଶିତ କରାଯାଇଥିବାବେଳେ ସଙ୍ଗୀତଗୁଡିକ ବେଶ ହୃଦୟସ୍ପର୍ଶୀ ହୋଇଛି। ଦୁଇଟି ଗାଁର ଲୋକେ ଏକଦା ମହାନ ପଡ଼ୋଶୀ ଓ ବନ୍ଧୁ ଥିଲେ ସେମାନେ ଏକ ବିବାହ ଶୋଭାଯାତ୍ରାରେ ଦୁର୍ଭାଗ୍ୟଜନକ ଝଗଡା ହେତୁ ତିକ୍ତ ଶତ୍ରୁ ହୋଇଯାଇଛନ୍ତି। ପାର୍ଶ୍ୱ ଗାଁରୁ ବରଙ୍କ ପକ୍ଷରୁ ଆସିଥିବା ଅସାଧୁ ଆଚରଣକୁ ସହ୍ୟ କରିପାରି ନ ଥିଲା ଗୋଟେ ଗାଁ। ସେମାନଙ୍କ ମଧ୍ୟରେ ବଡ ଗଣ୍ଡଗୋଳ ହୁଏ। ଗାଁ ମୁଖିଆଙ୍କ ଦ୍ୱାରା କୌଣସି ପ୍ରକାରେ ଏହି ବିବାହ ସମ୍ପନ୍ନ ହୁଏ। ହେଲେ ଦୁଇ ପଡୋଶୀ ଗାଁର ଲୋକେ ସବୁଦିନ ପାଇଁ ଶତ୍ରୁ ହୋଇଯାନ୍ତି। କେବେ ବି କାହା ରାସ୍ତା ଅତିକ୍ରମ କରିବେ ନାହିଁ ବୋଲି ଶପଥ ନିଅନ୍ତି। ହେଲେ ଉତ୍ତେଜନା ଓ ଘୃଣା ଭିତରେ ଦୁଇ ଗାଁ ମଧ୍ୟରେ ଏକ ନିରୀହ ପ୍ରେମ କାହାଣୀ ସୃଷ୍ଟି ହୋଇଛି। ପ୍ରେମ ସଫଳ ହେଇଛି କି ଶତ୍ରୁତା ଆହୁରି ତିକ୍ତ ହୋଇଛି, ତାହା ଦେଖିବାକୁ ମିଳିବ ଜାତୀୟ ପୁରସ୍କାରପ୍ରାପ୍ତ ଏହି ଚଳଚ୍ଚିତ୍ରରେ।

ପୂର୍ବରୁ ୧୫ଟି ଭାରତୀୟ ଭାଷାରେ ଶ୍ରୀଜଗନ୍ନାଥ ନାମକ ଚଳଚ୍ଚିତ୍ର ନିର୍ମାଣ କରି ଏକ ଅନନ୍ୟ ରେକର୍ଡ କରିଥିବା ସବ୍ୟସାଚୀ ମହାପାତ୍ରଙ୍କ ବାପା ସ୍ୱର୍ଗତ କପିଳେଶ୍ୱର ମହାପାତ୍ର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ନିଜେ ସବ୍ୟସାଚୀ। ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା, ଚନ୍ଦନା ସିଂହ, ଲୋଚନି ବାଗ ବିନ୍ଦୁ, ବୈରାଗୀ,ନେତ୍ରାନନ୍ଦ,ଜିତ୍,ମଣ୍ଟୁ ମହାପାତ୍ର ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପଙ୍କଜ ଜାଲ। ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି, ୧୯୫୫ ରୁ ୧୯୫୯ ମଧ୍ୟରେ ଭାରତର ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ ରାୟ ପ୍ରଥମ ଟ୍ରାଇଲୋଜି ସିନେମା ନିର୍ମାଣ କରିଥିଲେ। ତେବେ ଗର୍ବର କଥା ଯେ, ଏହି ଲମ୍ବା ସମୟ ଅବଧି ମଧ୍ୟରେ ଦେଶରେ ଦ୍ୱିତୀୟ ଟ୍ରାଇଲୋଜି ସିନେମା ଆମ ଓଡିଶାରେ ତିଆରି ହୋଇଛି। ତାହା ହେଉଛି ଏକ ନିଆରା ଓ ହୃଦୟସ୍ପର୍ଶୀ ସିନେମା 'ଶଳା ବୁଢାର ବଦଲା'। ମହାପାତ୍ରଙ୍କ ନିର୍ମିତ 'ଆଦିମ ବିଚାର' ଓ 'ଶଳା ବୁଢା'ପରେ ଏହି ସିନେମା ହେଉଛି ଟ୍ରାଇଲୋଜିର ତୃତୀୟ ଅଧ୍ୟାୟ।




ମାତୃ ଦିବସକୁ ନେଇ ଶନିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ଶିଳ୍ପୀ ଗଜେନ୍ଦ୍ର ସାହୁ

ଭୁବନେଶ୍ୱର,୧୩।୫(ବ୍ୟୁରୋ)




ବରିଷ୍ଠ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ଦ୍ୱାରା ବିଶାଳ ବୌଦ୍ଧକୀର୍ତ୍ତିର ଚିତ୍ର ୨୦ଫୁଟ ଲମ୍ବ ଓ ୮ଫୁଟ ଓସାର ବିଶିଷ୍ଟ କାନ୍‌ଭାସ ଉପରେ ଅଙ୍କାଯାଇଛି। ଏହି ଚିତ୍ରପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଗତ ଏପ୍ରିଲ ୬ରୁ ୧୦ ମଧ୍ୟରେ ଶିଳ୍ପୀ ଗଜେନ୍ଦ୍ର ତାଙ୍କ ଜୀବନର ୪୫ବର୍ଷର ସାଧନାକୁ ନେଇ ଏକକ ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ ନୂଆଦିଲ୍ଲୀର ଇଣ୍ଡିଆ ହେବିଟେଟ୍ ସେଣ୍ଟର ଭିଜୁଆଲ ଆର୍ଟ ଗ୍ୟାଲେରିଠାରେ କରାଯାଇଥିଲା। ଏହି ପ୍ରଦର୍ଶନୀରେ ୪୦ରୁ ଅଧିକ ଛବି ପ୍ରଦର୍ଶିତ ହୋଇଥିଲା। ଏହା ପୂର୍ବରୁ ଏହି ଚିତ୍ର ଓଏମ୍‌ଜି ବୁକ୍ସ ଅଫ୍ ମାନ୍ୟତା ପାଇସାରିଛି। ଏହି ପୁରସ୍କାର ପାଇବା ପରେ ଶିଳ୍ପୀ ସାହୁ ଖୁସିବ୍ୟକ୍ତ କରି କୃତଜ୍ଞତା ବ୍ୟକ୍ତ କରିଛନ୍ତି।

# ଆଜିଠାରୁ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ

ଭୁବନେଶ୍ୱର, ୧୩।୫ (ବ୍ୟୁରୋ)

- ୧୪ରୁ ୧୭ ଯାଏ ୪ଦିନିଆ କାର୍ଯ୍ୟକ୍ରମ
- ୧୫ରେ 'ସଷ୍ଟେନ : ଦ କ୍ରାଫ୍ଟ ଇଡିୟମ' ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରିବେ
- କୋଣାର୍କ, ଉଦୟଗିରି ବୁଲିବା ସହ ଲୋକନୃତ୍ୟର ଅନୁଭୂତି ନେବେ ବିଦେଶୀ ଅତିଥି

ରବିବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେଉଛି ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ। ମେ' ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଜି-୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧି ଅଂଶଗ୍ରହଣ କରିବେ। ସଂସ୍କୃତି କ୍ଷେତ୍ରରେ ଦେଖାଦେଇଥିବା ଗମ୍ଭୀର ସମସ୍ୟା ଉପରେ ବିଚାରବିମର୍ଶ ଲାଗି ଏହି ବୈଠକ ଏକ ମଞ୍ଚ ଯୋଗାଇଦେବ। ୪ଟି ପ୍ରମୁଖ ପ୍ରାଥମିକତା କ୍ଷେତ୍ର ଯଥା ସାଂସ୍କୃତିକ ସମ୍ପତ୍ତିର ସଂରକ୍ଷଣ ଓ ପୁନଃ ପ୍ରତିଷ୍ଠା, ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଜୀବନ୍ତ ଐତିହ୍ୟର ଉପଯୋଗ, ସଂସ୍କୃତି ତଥା ସୃଜନଶୀଳ ଉଦ୍ୟୋଗ ଓ ଅର୍ଥ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ଉପରେ ଆଲୋଚନା ହେବ। ଏହି ପରିପ୍ରେକ୍ଷୀରେ ରବିବାର ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପୁରୀ ବେଳାଭୂମିରେ ବାଲୁକା କଳା ପ୍ରଦର୍ଶନୀ ଆୟୋଜନ କରାଯିବ। ପ୍ରଦର୍ଶନୀର ବିଷୟବସ୍ତୁ ରହିବ 'ସଂସ୍କୃତି ସମସ୍ତଙ୍କୁ ଏକଜୁଟ୍ କରିଥାଏ'। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି.କିଶନ ରେଡ୍ଡୀ ଏବଂ କେନ୍ଦ୍ର ସଂସ୍କୃତି ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହାକୁ ଉଦ୍‌ଘାଟନ କରିବେ। ଭାରତର ଜି-୨୦ ଅଧ୍ୟକ୍ଷତା ଅଧୀନରେ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ପକ୍ଷରୁ 'ସଂସ୍କୃତି ସମସ୍ତଙ୍କୁ ଏକଜୁଟ୍ କରିଥାଏ' ଅଭିଯାନ ଆରମ୍ଭ କରାଯାଇଛି। ବିବିଧ ସଂସ୍କୃତି ଓ ସମୁଦାୟଗୁଡିକ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଉପରେ ଆଧାରିତ ବହୁପକ୍ଷବାଦ ଉପରେ ଭାରତର ଅତୁଟ ବିଶ୍ୱାସକୁ ପ୍ରକଟ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ରହିଛି। ଏହି ବୈଠକରେ ଅଂଶଗ୍ରହଣ କରିବାକୁ ଥିବା ଅତିଥିମାନଙ୍କୁ ବିଭିନ୍ନ ପ୍ରକାରର ସାଂସ୍କୃତିକ ଅନୁଭୂତି ହାସଲ କରିବାର ସୁଯୋଗ ମିଳିବ। ସେମାନେ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଉଦୟଗିରି ଗୁମ୍ଫା ପରିଦର୍ଶନ କରିବେ। ବିଦେଶାଗତ ଅତିଥିମାନେ ଓଡ଼ିଶାର ଗୌରବ ଭାବେ ପରିଚିତ ଓଡ଼ିଶୀ, ସିଙ୍ଗାରୀ, ସମ୍ବଲପୁରୀ ଏବଂ ଗୋଟିପୁଅ ଆଦି ଲୋକନୃତ୍ୟର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବେ। ଏହି ଅବସରରେ 'ସଷ୍ଟେନ : ଦ କ୍ରାଫ୍ଟ ଇଡିୟମ' ଶୀର୍ଷକ ପ୍ରଦର୍ଶନୀ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ (କଳାଭୂମି) ପରିସରରେ ଆୟୋଜନ କରାଯିବ। ଆସନ୍ତା ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ରେଡ୍ଡୀ, କେନ୍ଦ୍ର ସଂସ୍କୃତି ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମେଘୱାଲ ଏବଂ କେନ୍ଦ୍ର ଗୃହ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହାକୁ ଉଦ୍‌ଘାଟନ କରିବେ। ୧୬ରୁ ୨୨ ତାରିଖ ଯାଏ ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ମଧ୍ୟପ୍ରଦେଶର ଖଜୁରାହୋଠାରେ ପ୍ରଥମ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ ଆୟୋଜିତ ହୋଇଥିଲା। ୨ମାସ ଧରି ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ବିଷୟବସ୍ତୁ ଉପରେ ଆଧାରିତ ୱେବିନାରରେ ବ୍ୟାପକ ବିଚାରବିମର୍ଶ କରାଯାଇଥିଲା। ଏଥିରୁ ପ୍ରାପ୍ତ ପରିଣାମକୁ ଆଗକୁ ବଢାଇବା ଉପରେ ଦ୍ୱିତୀୟ ସଂସ୍କୃତି କାର୍ଯ୍ୟ ଗୋଷ୍ଠୀରେ ଗୁରୁତ୍ୱାରୋପ କରାଯିବ।

## ମୁତୟନ ହେବେ ୧୫ ପ୍ଲାଟୁନ ଫୋର୍ସ




ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱରରେ ରବିବାରଠାରୁ ଆରମ୍ଭ ହେଉଥିବା ଜି-୨୦ ସମ୍ମିଳନୀ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ଶନିବାର କମିଶନରେଟ ପୋଲିସ ଭବନରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାସ ଓ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜି-୨୦ ବୈଠକରେ ଯୋଗଦେବାକୁ ଥିବା ୨୦ଟି ରାଷ୍ଟ୍ରର ପ୍ରତିନିଧି ଦଳକୁ ନେଇ ପାହ୍ୟା ଅନୁସାରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ, ୧୨୦ ଅଫିସର ରହିଛନ୍ତି। ଏମାନେ ବିମାନ ବନ୍ଦର, ବୈଠକ ସ୍ଥଳ, ରହଣିସ୍ଥଳ ଓ ଗମନାଗମନ ଆଦି ସ୍ଥାନରେ ମୁତୟନ ହେବେ। ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଅସ୍ଥାୟୀ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେହିପରି ଟ୍ରାଫିକ ଡିସିପିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ଅଫିସର ଓ କର୍ମଚାରୀ ନିୟୋଜିତ ରହିବାକୁ ବୈଠକରେ ଆଲୋଚନା ହୋଇଛି।

## ଦ୍ୱିତୀୟ ଦିନରେ ଏଲିମେଣ୍ଟାରି ଶିକ୍ଷକଙ୍କ ଧାରଣା

ଭୁବନେଶ୍ୱର,୧୩।୫(ବ୍ୟୁରୋ): ୫ଦଫା ଦାବି ନେଇ ଲୋୟର ପିଏମ୍‌ଜିରେ ଏଲିମେଣ୍ଟାରି ଶିକ୍ଷକମାନେ ଧାରଣାରେ ବସିଛନ୍ତି। ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ଶହଶହ ଶିକ୍ଷୟିତ୍ରୀଶିକ୍ଷକ ଦ୍ୱିତୀୟ ଦିନ ରବିବାରରେ ମଧ ଧାରଣା ଜାରି ରଖିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୨୦୧୭ ନଭେମ୍ବରରେ ଶିକ୍ଷାଗତ ଯୋଗ୍ୟତା ଉତ୍ତୀର୍ଣ୍ଣକୁ ଆଧାର କରି ପ୍ରାଥମିକ ଶିକ୍ଷକମାନଙ୍କୁ ଏଣ୍ଟ୍ରି ଲେଭଲ୍‌ରେ ଗ୍ରେଡ଼ ପେ' ୨୮୦୦ ଟଙ୍କା ପ୍ରଦାନ, କନିଷ୍ଠ ଶିକ୍ଷକଙ୍କୁ ଅବିଳମ୍ବେ ନିୟମିତ କରିବା ଆଦି ଦାବି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମହାସଂଘର ଆବାହକ ପ୍ରବୀଣ କୁମାର ଦାସ, ଜିତେନ୍ଦ୍ର କୁମାର ନାୟକ, ପ୍ରିୟତମା ଜେନା, ସଲିଲ କୁମାର ପଟ୍ଟନାୟକ, ମାନସ କୁମାର ପାଢୀ ପ୍ରମୁଖ କହିଛନ୍ତି।



ସୁପ୍ରିମକୋର୍ଟର ବିଚାରପତି ସୂର୍ଯ୍ୟକାନ୍ତ ଶର୍ମା ପରିବାର ସହ ଶନିବାର ଶ୍ରୀଜୀଉଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ବାହାରୁଛନ୍ତି।

## ମହାପ୍ରଭୁଙ୍କ ଦର୍ଶନ କଲେ ସୁପ୍ରିମକୋର୍ଟର ବିଚାରପତି

ପୁରୀ ଅଫିସ,୧୩।୫

ସୁପ୍ରିମକୋର୍ଟର ବିଚାରପତି ସୂର୍ଯ୍ୟକାନ୍ତ ଶର୍ମା ଶନିବାର ପୁରୀ ଆସି ଶ୍ରୀମନ୍ଦିର ପରିସରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ବିଚାରପତି ଶର୍ମା ପରିବାର ସହ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ବିଚାରପତି ଶର୍ମା ବାଇଶି ପାହାଚ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଭିତର କାଠ ନିକଟରେ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ପାର୍ଶ୍ୱଦେବାଦେବୀଙ୍କ ଦର୍ଶନ କରି କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରେନି



@ ନିଜାମୁଦ୍ଦିନ



@ ସରୋଜ



@ ଲିଟୁ



@ ଅମିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବରିଷ୍ଠ ଆଇନଜୀବୀ ବ୍ରଜବନ୍ଧୁ ବିଶ୍ୱାଳଙ୍କ ପରଲୋକ

କଟକ ଅଫିସ,୧୩।୫

ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବ୍ରଜବନ୍ଧୁ ବିଶ୍ୱାଳ(୧୦୩)ଙ୍କର ଶନିବାର ଅପରାହ୍ନରେ କଟକ ଝାଞ୍ଜିରିମଙ୍ଗଳାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ୧୯୨୦ ନଭେମ୍ବର ୨୨ରେ ପୁରୀ ଜିଲା କାକଟପୁରର ଲତାହରଣ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ରେଭେନ୍‌ଶା କଲିଜିଏଟ୍ ସ୍କୁଲ, ରେଭେନ୍‌ଶା କଲେଜରେ ଶିକ୍ଷାଲାଭ ପରେ ମଧୁସୂଦନ ଆଇନ କଲେଜରୁ ଆଇନ୍ ଶିକ୍ଷାରେ ଡିଗ୍ରୀ ହାସଲ କରିଥିଲେ। ୧୯୫୬ରେ ସେ ଆଇନଜୀବୀ ଭାବେ ନାମ ପଞ୍ଜୀକରଣ କରି ଆଇନ୍ ସେବାକୁ ପ୍ରବେଶ କରିଥିଲେ। ସେ ଫୌଜଦାରି, ଦେୱାନୀ ଓ ରାଜସ୍ୱ ସମ୍ପର୍କିତ ମାମଲାଗୁଡ଼ିକୁ ଦକ୍ଷତାର ସହ ପରିଚାଳନା କରିପାରୁଥିଲେ। ତାଙ୍କର ଦକ୍ଷତା ଓ କର୍ମ ନିପୁଣତା ପାଇଁ ସେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ସ୍ତ୍ରୀ ସୁନନ୍ଦା ବିଶ୍ୱାଳ ଓ ତୃତୀୟ ପୁତ୍ର ଦୁଷ୍ମନ୍ତ କୁମାର ବିଶ୍ୱାଳ ହାଇକୋର୍ଟରେ ଆଇନ ସେବାରେ ସକ୍ରିୟ ଅଛନ୍ତି। ତାଙ୍କର ୩ ପୁଅ ଓ ୨ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଓଡ଼ିଶା ହାଇକୋର୍ଟ ସମେତ ସମସ୍ତ ଅଦାଲତର ଆଇନଜୀବୀମାନେ ଶୋକପ୍ରକାଶ କରିଛନ୍ତି।



# ମାରୁତି ସୁଜୁକି ସୁପର କ୍ୟାରିର ଅନାବରଣ




ଭୁବନେଶ୍ୱର,୧୩ା୫

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ଅପ୍‌ଗ୍ରେଡେଡ୍ ହାଲୁକା କମର୍ସିଆଲ ଭେଇକିଲ ସୁପର କ୍ୟାରିର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏମ୍‌ଏସ୍‌ଆଇଏଲ୍ ସ୍ୱୀକୃତିପ୍ରାପ୍ତ ଡିଲର ମାରୁତି ସୁଜୁକି କମର୍ସିଆଲ (ତୁସି ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍)ର ଖଣ୍ଡଗିରିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଅନାବରଣ କରାଯାଇଥିଲା। ଏହି ଅବସରରେ ଏମ୍‌ଏସ୍‌ଆଇଏଲ୍‌ର ଟିଏସ୍‌ଏମ୍ ସୋଭନ ପଟ୍ଟନାୟକ,କମର୍ସିଆଲ ସେଲ୍ସ ହେଡ୍ ପ୍ରଦୋଷ ଦାସଙ୍କ ସମେତ ତୁସି ମୋଟର୍ସର ଏମ୍‌ଡି ପ୍ରତିପଲ୍ଲବୀ ପଟ୍ଟନାୟକ, ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ ଏବଂ ଉପସଭାପତି ହରମୋହନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ,ମାରୁତି ସୁଜୁକି ସୁପର କ୍ୟାରି ଉଭୟ ପେଟ୍ରୋଲ ଏବଂ ସିଏନ୍‌ଜି ଭାରିଆଣ୍ଟରେ ଉପଲବ୍ଧ ହେଉଥିବା ବେଳେ ଏଥିରେ ମାରୁତି ସୁଜୁକିର ଆଧୁନିକ ୧.୨ ଏଲ୍, ନ୍ୟୁ କେ-ସିରିଜ ଡୁଆଲ ଜେଟ୍ ଏବଂ ଡୁଆଲ ଭିଭିଟି ଇଞ୍ଜିନ ଆଦି ସାମିଲ ରହିଛି। ସେହିଭଳି ମାରୁତି ସୁଜୁକି ସୁପର କ୍ୟାରି ମିନି ଟ୍ରକ୍‌ରେ ଏକ ୪-ସିଲିଣ୍ଡର ଇଞ୍ଜିନ ରହିଛି, ଯାହା ବ୍ରାଣ୍ଡର ପେଟ୍ରୋଲ ମଡେଲରେ ୬୦୦୦ ଆର୍‌ପିଏମ୍ ସହ ୫୯.୪ କେଡବ୍ଲ୍ୟୁ (୮୦.୭ ପିଏସ୍)ର ସର୍ବାଧିକ ଶକ୍ତି ଏବଂ ୨୯୦୦ ଆର୍‌ପିଏମ୍‌ରେ ୧୦୪.୪ ଏନ୍‌ଏମ୍‌ର ସର୍ବାଧିକ ଟର୍କ ପ୍ରଦାନ କରୁଛି। ଏ ସମ୍ପର୍କରେ ତୁସି ମୋଟର୍ସର ଏମ୍‌ଡି ପ୍ରତିପଲ୍ଲବୀ ପଟ୍ଟନାୟକ କହିଛନ୍ତି, ମାରୁତି ସୁଜୁକି ସର୍ବଦା ଏଭଳି ଏକ ଉତ୍ପାଦ ପ୍ରଦାନ କରିଥାଏ, ଯାହା ଗ୍ରାହକଙ୍କ ଆଶାଠାରୁ ଅଧିକ । ସେହିଭଳି ସୁପର କ୍ୟାରିକୁ ଭାରତୀୟ ମିନି ଟ୍ରକ୍ ଗ୍ରାହକଙ୍କର ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏପରିକି ଏହାକୁ କମର୍ସିଆଲ ଭେଇକିଲ ସେଗ୍‌ମେଣ୍ଟରେ ସମସ୍ତ ଗ୍ରାହକ ପସନ୍ଦ କରିଛନ୍ତି। ଅପରପକ୍ଷରେ ସୁପର କ୍ୟାରିର ପେଟ୍ରୋଲ ମଡେଲର ଏକ୍ସ-ଶୋ ରୁମ୍ ମୂଲ୍ୟ ୬,୧୫,୬୨୮ଟଙ୍କା ରହିଥିବା ବେଳେ ସିଏନ୍‌ଜି ମଡେଲର ଏକ୍ସ-ଶୋ ରୁମ୍ ମୂଲ୍ୟ ୫,୩୦,୬୨୮ ଟଙ୍କା ରହିଛି।

## ବିଏଏଫ୍‌ଟିଏ ବ୍ରେକ୍ ଥ୍ରୁ ପ୍ରତିଭା ଅନ୍ୱେଷଣ

ନୂଆଦିଲ୍ଲୀ,୧୩ା୫

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବିଏଏଫ୍‌ଟିଏ ବ୍ରେକ୍ ଥ୍ରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନେଟ୍‌ଫ୍ଲିକ୍ସ ସହ ବିଏଏଫ୍‌ଟିଏର ବୁଝାମଣା ହୋଇଥିବା ବେଳେ ନେଟ୍‌ଫ୍ଲିକ୍ସ ୩ୟ ବର୍ଷ ପାଇଁ ବିଏଏଫ୍‌ଟିଏକୁ ସମର୍ଥନ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ୨୦୨୧ ଏବଂ ୨୦୨୨ ରେ ବିଏଏଫ୍‌ଟିଏ ବ୍ରେକ୍ ଥ୍ରୁ ଇଣ୍ଡିଆ ବ୍ୟାପକ ସଫଳତା ଓ ଲୋକପ୍ରିୟତା ହାସଲ କରିଥିଲା। ଚଳିତ ବର୍ଷ ୩ୟ ଥର ପାଇଁ ବିଏଏଫ୍‌ଟିଏ ବ୍ରେକ୍ ଥ୍ରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଆଶାୟୀ ପ୍ରତିଯୋଗୀମାନେ ୨୦୨୩ ଜୁଲାଇ ୫ ମଧ୍ୟରେ ଆବେଦନ କରିପାରିବେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମଟି ଜାତୀୟସ୍ତରରେ ଚଳଚ୍ଚିତ୍ର, ଖେଳ ଓ ଟେଲିଭିଜନ ଶିଳ୍ପ ତଥା ବ୍ରିଟେନ ଓ ଯୁକ୍ତରାଷ୍ଟ୍ରରେ କାର୍ଯ୍ୟ କରୁଥିବା କ୍ରିଏଟିଭମାନଙ୍କ ପାଇଁ ମଧ୍ୟ ଖୋଲା ରହିଛି।

## ଇଣ୍ଡିଆନ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ପରିସର ଉଦ୍‌ଘାଟିତ



କଟକ,୧୩ା୫

ଇଣ୍ଡିଆନ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ପରିସର କଟକର ସିଡିଏଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଇଣ୍ଡିଆନ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଅରୁଣା, ଆଞ୍ଚଳିକ ମୁଖ୍ୟ ପରିକ୍ଷିତ ଦାଶ ମହାପାତ୍ରଙ୍କ ସମେତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟର ପାର୍ଶ୍ୱବର୍ତ୍ତୀ ଶାଖା ଓ ସ୍ଥାନୀୟ ଶାଖାଗୁଡିକର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ୍ ବ୍ୟାଙ୍କ କଟକ ଅଞ୍ଚଳ ଅଧୀନରେ କଟକ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଭଳି ଜିଲାରେ ବ୍ୟାଙ୍କର ୬୬ଟି ଶାଖା ଅନ୍ତର୍ଭୁକ୍ତ ରହିଛି।

## ବାଣିଜ୍ୟ କ୍ଷେତ୍ରରେ ଅପାର ସମ୍ଭାବନା

ନୂଆଦିଲ୍ଲୀ,୧୩ା୫

ଦେଶର ପ୍ରମୁଖ ଶିଳ୍ପ ସଂଘ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଏବଂ କାନାଡା ବାଣିଜ୍ୟ ପରିଷଦ (ବିସିସି) ର ମିଳିତ ଉଦ୍ୟମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀସ୍ତରୀୟ ଏକ ଗୋଲ ଟେବୁଲ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଫିକି ଅଧ୍ୟକ୍ଷ ତଥା ଇମ୍ପା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଶୁଭ୍ରକାନ୍ତ ପଣ୍ଡା ଅଂଶ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିସିସିର ସିଇଓ ଗୋଲ୍‌ଡି ହାଇଦରଙ୍କ ସମେତ ଶୁଭ୍ରକାନ୍ତ ପଣ୍ଡା ବୈଠକର ଆଭିମୁଖ୍ୟ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନକରି କହିଥିଲେ, ଭାରତ ଏବଂ କାନାଡା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଏପରିକି ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ଅପାର ସମ୍ଭାବନା ରହିଛି। ଅପରପକ୍ଷରେ ବାଣିଜ୍ୟ ଓ ନିବେଶ ସଂକ୍ରାନ୍ତୀୟ ଏକ ମନ୍ତ୍ରୀସ୍ତରୀୟ ଆଲୋଚନା ପାଇଁ କାନାଡା ଗସ୍ତରେ ଥିବା ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ଦେଶର ପ୍ରମୁଖ ଶିଳ୍ପପତିମାନଙ୍କ ଏକ ସମୂହ ଶୁଭ୍ରକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଯୋଗଦେଇଛନ୍ତି। ସେହିଭଳି ଉକ୍ତ ଗସ୍ତ ସମୟରେ ହୋଇଥିବା ଦ୍ୱିପାକ୍ଷିକ ବୈଠକ ସକାରାତ୍ମକ ହୋଇଥିବା ପଣ୍ଡା ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ଉକ୍ତ ଗୋଲ ଟେବୁଲ ବୈଠକରେ କେନ୍ଦ୍ରମନ୍ତ୍ରୀ ଗୋୟଲ ଏବଂ କାନାଡା ସରକାରଙ୍କ ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ କ୍ଷୁଦ୍ରଶିଳ୍ପ ଓ ଅର୍ଥନୈତିକ ବିକାଶ ଭାଗ ମନ୍ତ୍ରୀ ମିସ୍ ମ୍ୟାରି ଏନ୍‌ଜି ମଧ୍ୟ ଭାଗନେଇଥିଲେ। ସେହିପରି ଫିକି ଏବଂ କାନାଡା-ଭାରତ ବାଣିଜ୍ୟ ପରିଷଦ ଦ୍ୱାରା ଆୟୋଜିତ ଆର୍ଥିକ କ୍ଷେତ୍ର ସଂକ୍ରାନ୍ତୀୟ ଗୋଲ ଟେବୁଲ ବୈଠକରେ ମଧ୍ୟ ପଣ୍ଡା ଯୋଗଦେଇଥିଲେ। ଫିକି ମହାସଚିବ ଶୈଳେଶ ପାଠକ ଏବଂ ଦେଶର ଅନ୍ୟ ବିଜ୍‌ନେସ୍ ଲିଡରମାନେ ମଧ୍ୟ ଉକ୍ତ ଗସ୍ତରେ ପଣ୍ଡାଙ୍କ ସହିତ ଯୋଗଦେଇଥିଲେ।

## ଲକି ଡ୍ର ଜରିଆରେ ଇ-ସ୍କୁଟର ଜିତିଲେ ଗ୍ରାହକ




ଭୁବନେଶ୍ୱର,୧୩ା୫

ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଶୋ'ରୁମ୍ ପକ୍ଷରୁ ନିକଟରେ ଏକ ମେଗା ଲକି ଡ୍ର ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲକି ଡ୍ର ଜରିଆରେ ୩ ଭାଗ୍ୟଶାଳୀ ବିଜେତା ଭାବେ ବ୍ରହ୍ମପୁରର ପୂର୍ଣ୍ଣବାସୀ ହୋତା, ଜେ. ସନ୍ତୋଷ ରାଓ ଏବଂ ମାଲକାନଗିରିର ଇପାରୀ ସୁବର୍ଣ୍ଣମାଳା ପାତ୍ର ଇ-ସ୍କୁଟର ଜିତିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ବ୍ରହ୍ମପୁର ଧର୍ମନଗର ନିକଟସ୍ଥ ଶୁଭମ୍ ସେଲିବ୍ରେସନ୍‌ସଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାଙ୍କ ନାମ ଘୋଷଣା ସହ ପୁରସ୍କାର ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ ଲାଲଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ବ୍ରହ୍ମପୁରବାସୀ ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଶୋ'ରୁମ୍ ପ୍ରତି ଯଥେଷ୍ଟ ଭରସା ଦେଖାଇଥିବାରୁ ଆମେ ସେମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ। ଏପରିକି ଉକ୍ତ ଶୋ'ରୁମ୍‌ର ପ୍ରଥମ ବାର୍ଷିକୀ ଉତ୍ସବ ଅବସରରେ ଲାଲଚାନ୍ଦ୍ ପକ୍ଷରୁ ଆୟୋଜିତ ମେଗା ଲକି ଡ୍ର'ରେ ଇ-ସ୍କୁଟର ଜିତିଥିବା ଭାଗ୍ୟଶାଳୀ ଗ୍ରାହକଙ୍କୁ ଶୁଭେଚ୍ଛା ଜଣାଉଛୁ। ବିଶେଷକରି ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଶୋ'ରୁମ୍‌ରେ ଆମେ ବିଭିନ୍ନ ଡିଜାଇନ୍‌ର ଅଳଙ୍କାର ସବୁବର୍ଗର ଗ୍ରାହକମାନଙ୍କ ପାଇଁ ଉପଲବ୍ଧ କରାଇପାରିଛୁ। ସେହିଭଳି ଆଗାମୀ ଦିନରେ ମଧ୍ୟ ଏହିପରି ଅନେକ ଆକର୍ଷଣୀୟ ଅଫର ଆଣିବା ପାଇଁ ଲାଲଚାନ୍ଦ୍ ଜୁଏଲର୍ସ ପ୍ରୟାସ ଜାରି ରଖିବ ବୋଲି ସେ ମତବ୍ୟକ୍ତ କରିଥିଲେ।

## କାନାରା ବ୍ୟାଙ୍କ ପକ୍ଷରୁ ଷ୍ଟାର୍ଟଅପ୍ କର୍ମଶାଳା




ଭୁବନେଶ୍ୱର,୧୩ା୫

କାନାରା ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦ୍ରଙ୍କ ମାର୍ଗଦର୍ଶନରେ ଓଡ଼ିଶା ସରକାରଙ୍କ ଷ୍ଟାର୍ଟ ଅପ୍ ଓଡ଼ିଶା ଏବଂ ଓଡ଼ିଶା କର୍ପୋରେଟ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ଷ୍ଟାର୍ଟଅପ୍ ସଦସ୍ୟମାନଙ୍କ ପାଇଁ ଭୁବନେଶ୍ୱର ଓଡ଼ିଶା ଷ୍ଟାର୍ଟଅପ୍ ଇନ୍‌କ୍ୟୁବେସନ ସେଣ୍ଟରଠାରେ ଆୟୋଜିତ ଏକ କର୍ମଶାଳାରେ ଆର୍ଥିକ ସହାୟତା ସମ୍ଭାବନା ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ସୁଲଭ ଭୁବନେଶ୍ୱର ଓ କାନାରା ବ୍ୟାଙ୍କର ଅଧିକାରୀମାନଙ୍କ ସମେତ ୩୦ ଷ୍ଟାର୍ଟଅପ୍ ୟୁନିଟ୍‌ର ସଦସ୍ୟମାନେ ମଧ୍ୟ ଉକ୍ତ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ କାନାରା ବ୍ୟାଙ୍କର ସେବା ଓ ଯୋଜନାକୁ ଉପସ୍ଥିତ ଷ୍ଟାର୍ଟଅପ୍ ୟୁନିଟ୍‌ର ସଦସ୍ୟମାନେ ପ୍ରଶଂସା କରିଥିଲେ। ବିଶେଷ କରି ଋଣ ପ୍ରକ୍ରିୟାକରଣ ନିମନ୍ତେ ଆବଶ୍ୟକ କାଗଜାତ ସମ୍ପର୍କରେ ବିସ୍ତୃତ ସୂଚନା ପାଇପାରିଥିବାରୁ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌ଗୁଡିକ ଲାଭବାନ୍ ହୋଇଥିଲେ।

## ସ୍ତ୍ରୀ ସମ୍ମୁଖରେ ବିଷପିଇ ଆତ୍ମହତ୍ୟା କଲେ ସ୍ୱାମୀ

ପଡିଆ, ୧୩ା୫(ଡି.ଏନ.ଏ. )

ମାଲକାନଗିରି ଜିଲା ପଡିଆ ଥାନା କାଲଧାପଲି ପଞ୍ଚାୟତ ଅନ୍ତର୍ଗତ କଲାଗୋଣ୍ଡା ଗ୍ରାମରେ ଜଣେ ଯୁବକ ଶୁକ୍ରବାର ରାତିରେ ସ୍ତ୍ରୀଙ୍କ ସମ୍ମୁଖରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ଲକ୍ଷ୍ମଣ କୁମ୍ଭାରଙ୍କ ପୁଅ କୃଷ୍ଣ (୨୧)। ଚଇତି ଯାତ୍ରା ପଡିଆରେ ଗ୍ରାମର ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳରୁ ଶେଷରେ ଏପରି ପରିସ୍ଥିତି ଉପଜିଛି।

ଖବରରୁ ଜଣାପଡିଛି, ଏହି ଗ୍ରାମରେ କିଛି ଦିନ ହେଲା ଚଇତି ପରବ ସହ ନାଚଗୀତ ଆସର ଚାଲିଥିଲା । ଏହି ସମୟରେ କୌଣସି କାରଣକୁ ନେଇ ଗ୍ରାମର ବୁଦୁ କୁମ୍ଭାର ଏବଂ କୃଷ୍ଣଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟେ ଉଭୟଙ୍କୁ ମାଡ ମାରିଥିଲେ। କୃଷ୍ଣ ସେଠାରୁ ଘରକୁ ଫେରି ସ୍ତ୍ରୀଙ୍କୁ ସବୁକଥା କହିଥିଲେ। ବୁଦୁ ମୋତେ ମାରିଥିବାରୁ ମୋତେ ଅପମାନ ଲାଗିଲା। ଏତେ ଲୋକଙ୍କ ଆଗରେ ମୁଁ ଅପମାନିତ ହୋଇଛି। ମୁଁ ଆଉ ବଞ୍ଚିବି ନାହିଁ କହି ଘରେ ଥିବା କୀଟନାଶକ ବିଷ ସ୍ତ୍ରୀଙ୍କ ସମ୍ମୁଖରେ କୃଷ୍ଣ ଖାଇ ଦେଇଥିଲେ। ସ୍ତ୍ରୀ କୃଷ୍ଣଙ୍କୁ ଅଟକାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ବିଷ ପିଇ କୃଷ୍ଣ ପୁନର୍ବାର ସେହି ସ୍ଥାନକୁ ଯାଉଥିବା ବେଳେ ରାସ୍ତାରେ ପଡ଼ି ମୃତ୍ୟୁବରଣ କରିଥିଲେ। ଖବର ପାଇ ଥାନା ଅଧିକାରୀ ଅଶୋକ ବିଶୋୟୀ ଗ୍ରାମରେ ଯାଇ ପହଞ୍ଚି ମୃତଦେହ ଜବତ କରି କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। କେସ୍ ନଂ.୬୩/୨୩ରେ ଏକ ମାମଲା ରୁଜୁ ହୋଇଛି। ବୁଦୁ କୁମ୍ଭାରଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କରାଯାଉଛି । ଏହି ମାମଲାର ତଦନ୍ତ ଏସଆଇ ରାଜ କୁମାର ଶବର କରୁଥିବା ଥାନା ଅଧିକାରୀ ବିଶୋୟୀ କହିଛନ୍ତି।

## ମାଓବାଦୀଙ୍କୁ ନଜର ରଖିବ ଡ୍ରୋନ୍



ଫୁଲବାଣୀ ରିଜର୍ଭ ପୋଲିସ ପଡ଼ିଆରେ ଡିଜିପି ସୁନୀଲ ବଂଶଲ ବିଏସ୍‌ଏଫ କ୍ୟାମ୍ପ ଉଦ୍‌ଘାଟନ କରୁଛନ୍ତି।

ଫୁଲବାଣୀ ଅଫିସ/ ସୁନାବେଡ଼ା (ସ୍ୱ.ପ୍ର.) ୧୩ା୫

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ ବଂଶଲ ଶନିବାର କୋରାପୁଟ ଓ କନ୍ଧମାଳ ଜିଲା ଗସ୍ତରେ ଆସି ବିଭିନ୍ନ ସ୍ଥାନ ବୁଲିବା ସହ ମାଓବାଦୀଙ୍କ ଗତିବିଧି ଉପରେ ସମୀକ୍ଷା କରିଛନ୍ତି। ପ୍ରଥମେ କୋରାପୁଟ ଜିଲା ସୁନାବେଡ଼ା ହାଲ୍ ହେଲିପ୍ୟାଡରେ ପହଞ୍ଚି ଜିଲାର ବରିଷ୍ଠ ପୋଲିସ ଅଧିକାରୀ ଓ ବିଏସ୍‌ଏଫ୍ ଅଧିକାରୀଙ୍କ ସହ ମାଓବାଦୀଙ୍କ ଦମନ ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ କନ୍ଧମାଳ ଜିଲା ଗସ୍ତ କରି ପ୍ରଥମେ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଭଣ୍ଡରଙ୍ଗିରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପ ପରିଦର୍ଶନ କରିଛନ୍ତି। ସେଠାରୁ ଫୁଲବାଣୀ ରିଜର୍ଭ ପୋଲିସ କାର୍ଯ୍ୟାଳୟ ଯାଇ ୬ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବିଏସ୍‌ଏଫ କ୍ୟାମ୍ପ ଉଦ୍‌ଘାଟନ କରିଥିଲେ। ମାଓବାଦୀଙ୍କ ଗତିବିଧି ଉପରେ ୬ଟି ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରୋନ୍ ନଜର ରଖିବ ବୋଲି ଡିଜିପି ବଂଶଲ କହିଛନ୍ତି। ଏହାପରେ ଜିଲା ପୋଲିସ କାର୍ଯ୍ୟାଳୟକୁ ଯାଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହିଂସା ଛାଡ଼ି ମାଓବାଦୀମାନେ ତୁରନ୍ତ ମୁଖ୍ୟସ୍ରୋତରେ ସାମିଲ ହେବା ସହ ସରକାରଙ୍କ ଲୋକାଭିମୁଖି ଯୋଜନାର ଲାଭ ଉଠାନ୍ତୁ, ନଚେତ ବିଏସ୍‌ଏଫ୍ ପକ୍ଷରୁ କଡ଼ା ଜବାବ ଦିଆଯିବ ବୋଲି ବିଏସ୍‌ଏଫ ଆଇ.ଜି ଦୀନେଶ କୁମାର ଶର୍ମା କହିଛନ୍ତି। ଏହି ଗସ୍ତରେ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଆଇ.ଜି ଅପେରେଶନ ଅମିତାଭ ଠାକୁର, ଦକ୍ଷିଣାଞ୍ଚଳ ଆଇ.ଜି ସତ୍ୟବ୍ରତ ଭୋଇ, ସିଆରପିଏଫ କମାଣ୍ଡାଣ୍ଟ ସଞ୍ଜୀବ କୁମାର, ବିଏସ୍‌ଏଫ୍ ଆଇ.ଜି ଦୀନେଶ କୁମାର ଶର୍ମା, ଏସ୍‌ପି ପ୍ରମୁଖ ସାମିଲ ହୋଇଥିଲେ।

**ରାଜ୍ୟ ଖବର**

## ରାଜ୍ୟର ପ୍ରଥମ ମହିଳା ଭେଷଜ ବିଶେଷଜ୍ଞଙ୍କ ପରଲୋକ

କଟକ ଅଫିସ,୧୩ା୫



ଡା. ଅନ୍ନପୂର୍ଣ୍ଣା ଦେବୀ

ରାଜ୍ୟର ପ୍ରଥମ ମହିଳା ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ଅନ୍ନପୂର୍ଣ୍ଣା ଦେବୀ(୭୭)ଙ୍କର କଟକ କେଶରପୁରସ୍ଥିତ ବାସଭବନରେ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଖାନ୍‌ନଗରସ୍ଥିତ ସ୍ୱର୍ଗଧାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଚିନ୍ମୟ ମୁଖାଗ୍ନି ଦେଇଥିଲେ।

ଡା. ଅନ୍ନପୂର୍ଣ୍ଣା ଦେବୀ ୧୯୪୬ ଫେବୃୟାରୀ ୧୮ରେ ଆଠଗଡ଼ ପତଣ୍ଡା ନିବାସୀ ଗୋକୁଳାନନ୍ଦ ଦାଶଙ୍କ କନ୍ୟା ରୂପେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୧୦ ବର୍ଷ ହୋଇଥିବାବେଳେ ମାଆଙ୍କୁ ହରାଇଥିଲେ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଶେଷ ପରେ ଶୈଳବାଳା ମହିଳା ମହାବିଦ୍ୟାଳୟରେ ବିଜ୍ଞାନରେ ଶିକ୍ଷାପ୍ରାପ୍ତ କରିଥିଲେ। ପରେ ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ୧୯୬୯ରେ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିଥିଲେ। ସର୍ବଭାରତୀୟ ସ୍ତରରେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ଜଣେ ଦକ୍ଷ ଚିକିତ୍ସକ ଭାବେ ସେ ୭ଟି ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ୱାମୀ ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା ଗଭୀର ଭାବେ ମର୍ମାହତ ହୋଇଛନ୍ତି। ବିଧାୟକ ଇଂ. ମହମ୍ମଦ ମୋକିମ, ସିଏମ୍‌ସି ମେୟର ସୁବାସ ସିଂ, ଡା. ନିରଞ୍ଜନ ତ୍ରିପାଠୀ, ଡା. ଜୟନ୍ତ ପଣ୍ଡା, ଡା. ଦୀପକ ରଞ୍ଜନ ଦାସ, ବିଷ୍ଣୁ ମୋହନ ଦାସସାମନ୍ତ, ନମିତା ପଣ୍ଡା, ସୁଦୀପ୍ତା ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ନପୂର୍ଣ୍ଣାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନାଲ୍‌କୋ ଡେପୁଟି ମ୍ୟାନେଜର କହି ଓଏଏସ୍ ଯୁବତୀଙ୍କୁ ବିବାହ

ଜୟପୁର, ୧୩ା୫ (ନି.ପ୍ର.)

ମିଛ ପରିଚୟ ଦେଇ ଜଣେ ଯୁବକ ଜଣେ ଯୁବତୀଙ୍କୁ ବିବାହ କରିବା ଏବେ ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ନାଲ୍‌କୋର ଡେପୁଟି ମ୍ୟାନେଜର କହି ସେ ସମ୍ପୃକ୍ତା ଓଏଏସ୍ ପାଇଥିବା ଯୁବତୀଙ୍କୁ ବିବାହ କରିଥିଲେ। ତେବେ ଏହା ମିଛ ବୋଲି ଜଣାପଡ଼ିବା ପରେ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି, ସମ୍ପୃକ୍ତ ଯୁବତୀ ଜଣକ ହେଉଛନ୍ତି ଜୟପୁର ବ୍ଲକ ଶ୍ରୀରାମ ନଗରର ରିତୁ ସିଂ। ସେ ଟ୍ରେନିଂ ରିଜର୍ଭ ଅଫିସର ଭାବେ ଜୟପୁର ବ୍ଲକରେ ଅଛନ୍ତି। ଜୟପୁର ଲିଙ୍ଗରାଜନଗରର ହରିହର ରଥ ନାମକ ଯୁବକ ନିଜକୁ ଦିଲ୍ଲୀରେ ନାଲ୍‌କୋରେ ଡେପୁଟି ମ୍ୟାନେଜର ଥିବା ପରିଚୟ ଦେଇ ଗତ ଫେବୃଆରୀ ୯ରେ ତାଙ୍କୁ ବିବାହ କରିଥିଲେ। ବିବାହର ତିନି

### ଥାନାରେ ଏତଲା, ତଦନ୍ତ ଆରମ୍ଭ

ମାସ ପରେ ରିତୁ ଏହା ଜାଣିବା ପରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀ ହରିହର କରିଥିବା ଚାକିରି ସମ୍ପର୍କରେ କୌଣସି ପରିଚୟପତ୍ର ତାଙ୍କୁ ଦେଖାଉ ନ ଥିବାରୁ ରିତୁଙ୍କ ତାଙ୍କପ୍ରତି ସନ୍ଦେହ ହୋଇଥିଲା। ଏ ବିଷୟ ଉଠାଇଲେ ଶାଶୁ ଘରର ରଞ୍ଜନା ତ୍ରିପାଠୀ, ରୁଦ୍ରନାଥ ରଥ, ସାଗରିକା ଆଚାର୍ଯ୍ୟ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶେଷରେ ରିତୁ ହରିହରଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଏଥିରେ ତାଙ୍କସହ ତାଙ୍କ ବାପଘର ପ୍ରତି ବିପଦ ରହିଥିବା ସେ ଉଲ୍ଲେଖ କରିଛନ୍ତି। କେସ୍ ନଂ. ୧୪୧/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସସ୍ମିତ ବେହେରା କହିଛନ୍ତି।

## ବଳାତ୍କାର ଅଭିଯୋଗରେ ଅଧ୍ୟାପକ ଗିରଫ

କୁଚିଣ୍ଡା,୧୩ା୫(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅଞ୍ଚଳର ଏକ ସରକାରୀ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷାଙ୍କୁ ବଳାତ୍କାର କରିବା ଅଭିଯୋଗରେ କୁଚିଣ୍ଡା ପୋଲିସ ଶନିବାର ଜଣେ ଅଧ୍ୟାପକଙ୍କୁ ଗିରଫ କରିଛି। ସେ ହେଲେ ସୋନପୁର ଜିଲା ବୀରମହାରାଜପୁର କଲେଜ ଅଧ୍ୟାପକ ସଞ୍ଜିତ ନାୟକ। ସଞ୍ଜିତଙ୍କୁ କୋର୍ଟ ଚାଲାଣ କରିବା ପୂର୍ବରୁ ଡାକ୍ତରୀମାଇନା କରାଇବା ସମୟରେ ମେଡିକାଲରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଫଳରେ ସଙ୍ଗେ ସଙ୍ଗେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ହୃଦ୍‌ଘାତ ଯୋଗୁ ବୁର୍ଲା ମେଡିକାଲରେ ଭର୍ତ୍ତି

ସୂଚନା ଅନୁସାରେ, ଅଧ୍ୟାପକ ନାୟକ ପୂର୍ବରୁ କୁଚିଣ୍ଡା କଲେଜରେ ଅଧ୍ୟାପକ ଥିବାବେଳେ ତାଙ୍କର କୁଚିଣ୍ଡା ଏନ୍‌ଏସି ଅଞ୍ଚଳରେ ଏକ କୋଚିଂ ସେଣ୍ଟର ରହିଛି। ଅଧ୍ୟକ୍ଷା ଥିବା ଯୁବତୀଜଣକ ଏହି କୋଚିଂ ସେଣ୍ଟରରେ ରହୁଥିବାବେଳେ କୁଚିଣ୍ଡା କଲେଜରେ ମଧ୍ୟ ଅଧ୍ୟୟନ କରୁଥିଲେ। ସେ ସମୟରେ ପରସ୍ପର ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା। କୌଣସି କାରଣକୁ ନେଇ ଅଧ୍ୟାପକ ନାୟକ ଯୁବତୀଙ୍କ ସହ ବିଶେଷ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଆସୁଥିଲେ। ଇତିମଧ୍ୟରେ ଅଧ୍ୟକ୍ଷାଙ୍କ ବିବାହ ସ୍ଥିର ହୋଇସାରିଥିଲା। ଏଭଳି ଫଟୋ ଓ ଭିଡିଓକୁ ଅଧ୍ୟକ୍ଷାଙ୍କ ଭାବୀ ସ୍ୱାମୀଙ୍କ ନିକଟକୁ ଅଧ୍ୟାପକ ନାୟକ ପଠାଇଥିଲେ। ଅଧ୍ୟକ୍ଷାଙ୍କ ବିବାହ ଭାଙ୍ଗିଯିବା ପରେ ସେ ସମ୍ବଲପୁର ଏସ୍‌ପିଙ୍କଠାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ। ଏସ୍‌ପି କୁଚିଣ୍ଡା ଥାନାକୁ ଅଭିଯୋଗପତ୍ର ପଠାଇବା ପରେ ପୋଲିସ କେସ୍ ନଂ.୯୫/୨୩ ଆଇପିସି ଧାରା ୩୭୬(୨)ରେ ଏକ ମାମଲା ରୁଜୁ କରି ଅଧ୍ୟାପକ ନାୟକଙ୍କୁ ଗିରଫ କରିଥିଲା। ଡାକ୍ତରୀ ମାଇନା ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇଥିବା ବେଳେ ସେଠାରେ ଗିରଫ ଅଧ୍ୟାପକଙ୍କ ହୃଦ୍‌ଘାତ ହୋଇଥିଲା। ତେଣୁ ଚିକିତ୍ସା ପାଇଁ ତାଙ୍କୁ କୁଚିଣ୍ଡାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗିରଫ ଅଧ୍ୟାପକଙ୍କ ସ୍ତ୍ରୀ ଓ ପିଲାଛୁଆ ଅଛନ୍ତି।

## ଭଡ଼ାଘରୁ ଏଏନ୍‌ଏମ୍‌ଙ୍କ ଝୁଲନ୍ତା ମୃତଦେହ ଜବତ

ତିହିଡ଼ି,୧୩ା୫ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ପୁରୁଣାହାଟରେ ଏକ ଭଡ଼ାଘରୁ ଜଣେ ଏଏନ୍‌ଏମ୍‌ଙ୍କ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି। ମୃତକ ହେଲେ ଅଲିନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍ ସୁଜାତା ସୁଜାସ୍ନାତା ଦାସ। ଯୌତୁକ ପାଇଁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତ ସୁଜାତାଙ୍କ ମା' ଅନୁପମା ମହାନ୍ତି ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୨୧୧/୨୩) ରୁଜୁ କରି ମୃତ ସୁଜାତାଙ୍କ ସ୍ୱାମୀ ଜ୍ଞାନରଞ୍ଜନ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବହୁଦରଡ଼ା ଗ୍ରାମର ନିରଞ୍ଜନ ମହାନ୍ତିଙ୍କ ଝିଅ

### ଯୌତୁକ ପାଇଁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ସୁଜାତା ୨୦୧୫ରେ ତିହିଡ଼ି ଥାନା ଅଧୀନ ମହରମପୁର ଗ୍ରାମର ଜ୍ଞାନରଞ୍ଜନଙ୍କୁ ବିବାହ କରିଥିଲେ। ଜ୍ଞାନରଞ୍ଜନ ଜଣେ ଶିକ୍ଷକ ଏବଂ ସୁଜାତା ଏଏନ୍‌ଏମ୍ ଭାବେ କାର୍ଯ୍ୟରତ ଥିଲେ। ସେମାନେ କିଛିବର୍ଷ ହେଲା ଘରଠାରୁ କିଛିଦୂର ତିହିଡ଼ି ପୁରୁଣାହାଟରେ ଏକ ଘର ଭଡ଼ା ନେଇ ରହୁଥିଲେ। ଶୁକ୍ରବାର ଅପରାହ୍ନରେ ସୁଜାତା ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇବା ପରେ ତାଙ୍କ ମା' ଓ ବାପା ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୌତୁକ ପାଇଁ ତାଙ୍କ ଝିଅକୁ ମାରି ଦିଆଯାଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି।



ଝାରସୁଗୁଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଦୀପାଳି ଦାସଙ୍କ ବିପୁଳ ବିଜୟ ପରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖ ଭବନକୁ ଯାଉଛନ୍ତି।

# ଭାରତରେ କଂଗ୍ରେସର ଉତ୍ଥାନ, ଓଡ଼ିଶାରେ ପତନ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଝାରସୁଗୁଡ଼ାରେ କଂଗ୍ରେସର କେବଳ ପରାଜୟ ଘଟି ନାହିଁ ଦଳ ଏଠାରେ ଅମାନତ ହରାଇବା ଫଳରେ ସମ୍ପୂର୍ଣ୍ଣ ଭାବେ ତାହାର ମୂଳୋତ୍ପାଟନ ଘଟିଛି। ଓଡ଼ିଶାରେ କଂଗ୍ରେସ ଉଧେଇ ନ ପାରିବାର ଅନେକ କାରଣ ରହିଛି। ନେତୃତ୍ୱ ବିବାଦ କଂଗ୍ରେସକୁ ରସାତଳଗାମୀ କରିବାର ଏକ ମୁଖ୍ୟ କାରଣ ବୋଲି ସମସ୍ତେ ଜାଣିଛନ୍ତି। ଏବେ କଂଗ୍ରେସ ନେତୃତ୍ୱକୁ ନେଇ ପୁଣି ଥରେ ପୁରୁଣା ରୋଗ ଦେଖିବାକୁ ମିଳିଲାଣି। ୨୦୨୨ ମେ ୨୩ରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ହୋଇଥିବା ଶରତ ପଟ୍ଟନାୟକଙ୍କ ବିରୋଧରେ ଗୋଟିଏ ଗୋଷ୍ଠୀ ମେଳି ବାନ୍ଧିସାରିଲେଣି। ସଭାପତି ଦାୟିତ୍ୱ ନେବାର ବର୍ଷେ ନ ହେଉଣୁ ଉକ୍ତ ଗୋଷ୍ଠୀ ନୂଆଦିଲ୍ଲୀ ଗସ୍ତକରି ଦଳର ହାଇକମାଣ୍ଡଙ୍କ ପାଖରେ ଶରତଙ୍କ ବିରୋଧରେ ଫେରାଦ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଶରତ ଗଠନ କରିଥିବା ତାଙ୍କ ନୂତନ କମିଟିରେ ତାଲିକାକୁ ନେଇ ମଧ୍ୟ କଂଗ୍ରେସର ବହୁ ବରିଷ୍ଠ ନେତା ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରୁଛନ୍ତି। କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ତାରାପ୍ରସାଦ ବାହିନୀପତି ପିସିସି କମିଟିକୁ ନେଇ ସଭାପତିଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଦେଖିବାକୁ ଗଲେ ରାଜ୍ୟରେ ଶରତ ପଟ୍ଟନାୟକଙ୍କର ସେମିତି କିଛି ସ୍ୱତନ୍ତ୍ର ପ୍ରଭାବ ନାହିଁ। ଶରତ ପୂର୍ବରୁ ରାଜ୍ୟର ଯୁବକଂଗ୍ରେସ ସଭାପତି ରହିସାରିଥିଲେ ସୁଦ୍ଧା ତାଙ୍କର ସେଭଳି କିଛି ସ୍ୱତନ୍ତ୍ର ସଙ୍ଗଠନ ମଧ୍ୟ ଓଡ଼ିଶାରେ ନାହିଁ। ତେବେ ସେ ସଭାପତି ଭାବେ




ଦାୟିତ୍ୱ ନେବାର କିଛିଦିନ ମଧ୍ୟରେ ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଇଙ୍ଗିତରେ କାର୍ଯ୍ୟକ୍ରମ ଚଳାଇଛନ୍ତି। ଏହାକୁ ନେଇ ଶରତ ଯେ କଂଗ୍ରେସ ସଙ୍ଗଠନକୁ ସଜାଡ଼ିବାରେ ସଫଳ ହୋଇପାରିବେ ନାହିଁ ସେଭଳି ଏକ ମାନସିକତା ଖୁବ୍ କମ୍‌ଦିନ ମଧ୍ୟରେ ଦଳୀୟ ନେତା ଏବଂ କର୍ମୀଙ୍କ ଭିତରେ ସୃଷ୍ଟି ହୋଇସାରିଲାଣି।

ଅନ୍ୟପଟେ ଦୀର୍ଘଦିନ ଧରି ପିସିସି ସଭାପତି ହେବା ଲାଗି ଉଦ୍ୟମ ଜାରି ରଖିଥିବା କଂଗ୍ରେସର କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି) ନିଷ୍ପତ୍ତିରେ ନିରାଶ ହେବାକୁ ପଡ଼ିଥିଲା। ଜଣେ ମୁସଲମାନ ନେତା ଭାବେ ରାଜ୍ୟରେ ତାଙ୍କ ଗ୍ରହଣୀୟତା ରହିବ କି ନାହିଁ ସେକଥା ଚିନ୍ତା କରି ଦଳର ଶୀର୍ଷ ନେତୃତ୍ୱ କୁଆଡ଼େ ତାଙ୍କୁ ଉକ୍ତ ପଦବୀ ଦେଇ ନ ଥିବା ଆଲୋଚନା ହୁଏ। ଏହି ଦୌଡ଼ରୁ ମୋକିମଙ୍କୁ ବାଦ୍‌ଦେବା ପରଠାରୁ ସେ ଦଳ ବିରୋଧରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହାପରେ ମୋକିମ ବିଜେଡିରେ ଯୋଗଦେବା ଲାଗି ସବୁ ପ୍ରୟାସ ଆରମ୍ଭ କରିଥିଲେ ବୋଲି ଗୁଜବ ହୋଇଥିଲା। ତାଙ୍କୁ ପ୍ରଥମେ ଗ୍ରୀନ୍ ସିଗ୍‌ନାଲ ମଧ୍ୟ ମିଳିଯାଇଥିଲା। ଏପରିକି ଗତ ରାଷ୍ଟ୍ରପତି ନିର୍ବାଚନରେ ମୋକିମ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ବିଜେଡି ସମର୍ଥିତ ଭାଜପା ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିଲେ। ହେଲେ କୋର୍ଟରେ ତାଙ୍କ ବିରୋଧରେ ରହିଥିବା ମାମଲା ସମ୍ପର୍କରେ ଜାଣିବା ପରେ ବିଜେଡି ସଭାପତି ତାଙ୍କୁ ଦଳରେ ମିଶାଇବା ଲାଗି ଅନିଚ୍ଛା ପ୍ରକାଶ କରିସାରିଛନ୍ତି। ଏହାପରଠାରୁ ମୋକିମ ଶାସକ ଦଳରେ ଯୋଗଦେବା କଥାରେ ବିରାମ ଲାଗି ସାରିଛି। ସେହିପରି ମୋକିମ ନିକଟରେ ପିସିସି ସଭାପତି ଘୋଷଣା କରିଥିବା ତାଙ୍କ ନୂଆ କମିଟି ବିରୋଧରେ ମଧ୍ୟ ଖୋଲାଖୋଲି ମତ ରଖିଥିଲେ। ମୋକିମଙ୍କ ପରିସ୍ଥିତି ଦେଖିଲେ ସେ ଏବେ ନା ପିସିସି ସଭାପତି ହେବାର ସମ୍ଭାବନା ଅଛି ନା ତାଙ୍କ ରାଜନୈତିକ ଭବିଷ୍ୟତ ଉଜ୍ଜ୍ୱଳ ଦିଶୁଛି।

ଏସବୁ ଭିତରେ ଗତ ୫ ଦିନ ତଳେ ରାଜଧାନୀ ସ୍ଥିତ ଜୟଦେବ ଭବନଠାରେ ଜାନକୀ-ବସନ୍ତ ଯୋଡ଼ି ସମ୍ପର୍କିତ ଏକ ଆଲୋଚନାଚକ୍ର ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଦଳର କେତେଜଣ ବରିଷ୍ଠ ନେତାଙ୍କ ପରାମର୍ଶକ୍ରମେ ଏହି ସଭାର ଆୟୋଜନ ହୋଇଥିଲା। ଏଥିରେ ବହୁ ବରିଷ୍ଠ ନେତା ଯୋଗଦେଇ ନିଜ ଦଳର ନେତୃତ୍ୱ ବିରୋଧରେ ବର୍ଷିଥିଲେ। ପୂର୍ବତନ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏହି ସଭାରେ ଭାଷଣ ଦେବା ଲାଗି ପାଇଥିବା ସୁଯୋଗକୁ ନିଜ ଦଳ ବିରୋଧରେ କହିବାରେ ହାତଛଡ଼ା କରି ନ ଥିଲେ। ଚିରଞ୍ଜୀବ ଦଳର ନେତୃତ୍ୱକୁ ଦୀର୍ଘ ସମୟ ଧରି ଟାର୍ଗେଟ କରିଥିଲେ। କ୍ରମାନୁଯାୟୀ ମୋକିମ ମଧ୍ୟ ଭାଷଣ ଦେବା ବେଳେ ପୁରୁଣା ଢଙ୍ଗରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସହ ନେତୃତ୍ୱ ଉପରେ ବର୍ଷିଥିଲେ। ଦଳର ସଙ୍ଗଠନ ସଜାଡ଼ିବାକୁ ଆଗ୍ରହ ରଖିଛନ୍ତି ବୋଲି କହୁଥିବା ଏହି ନେତାମାନେ ନିଜ ଭାଷଣ ଦ୍ୱାରା କଂଗ୍ରେସକୁ ଦୁର୍ବଳ କରିଦେବା ଭଳି ସୁଯୋଗକୁ ହାତଛଡ଼ା କରୁ ନ ଥିବା ସଭାକୁ ଯାଇଥିବା ବହୁ ବରିଷ୍ଠ ନେତୃମଣ୍ଡଳୀ କହିଥିଲେ। ଦେଖିବାକୁ ଗଲେ, ଯେଉଁଭଳି ଭାବେ କଂଗ୍ରେସର ରୂପରେଖ ଝାରସୁଗୁଡ଼ାରେ ଦେଖିବାକୁ ମିଳିଲା ଏବଂ ଉପରସ୍ତରରେ ତଥାକଥିତ ନେତା ବୋଲାଉଥିବା କେତେଜଣ ବ୍ୟକ୍ତି ଯେଉଁମାନେ ଦଳକୁ ତଳିତଳାନ୍ତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି ସେଥିରୁ ସ୍ପଷ୍ଟ ବୁଝାପଡ଼ୁଛି କଂଗ୍ରେସର ଦୁର୍ଦ୍ଦିନ ସମଗ୍ର ଦେଶରେ ସମାପ୍ତ ହେଉଥିବା ବେଳେ ଓଡ଼ିଶାରେ ଆରମ୍ଭ ମାତ୍ର ହେଉଛି।

# ବିଜେଡି, ଭାଜପାର ଭୋଟ ହାର ବଢ଼ିଲା

## ଝାରସୁଗୁଡ଼ା ଉପନିର୍ବାଚନ

## ୨୦୧୯ ତୁଳନାରେ କଂଗ୍ରେସର କମିଛି ୧୪,୩୨୭ ଖଣ୍ଡ ଭୋଟ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ୧ ଲକ୍ଷ ୦୭ ହଜାର ୧୯୮ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ୫୮ ହଜାର ୪୭୭ ଖଣ୍ଡ ଭୋଟ ପାଇଛନ୍ତି। ତେବେ ଦୀପାଳିଙ୍କଠାରୁ ଟଙ୍କଧର ୪୮,୭୨୧ ଖଣ୍ଡ ଭୋଟରେ ପରାଜିତ ହୋଇଛନ୍ତି। ଏହି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ୪୪୯୬ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ୪୫, ୬୯୯ ଖଣ୍ଡ ଭୋଟରେ ହାରିଥିବା ବେଳେ ଏଥର ୪୮,୭୨୧ ଖଣ୍ଡ ଭୋଟରେ ବିଜେଡିଠାରୁ ପରାଜିତ ହୋଇଛନ୍ତି। ସେହିପରି କଂଗ୍ରେସ ୨୦୧୯ ନିର୍ବାଚନ ତୁଳନାରେ ବହୁ କମ୍ ଭୋଟ ପାଇଛି। ଏବେ କଂଗ୍ରେସ ନେତୃତ୍ୱକୁ ନେଇ ପୁଣି ଦଳ ଭିତରେ ନେତାମାନେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି।

୨୦୧୯ ସାଧାରଣ ନିର୍ବାଚନରେ ସ୍ୱର୍ଗତ ନବ ଦାସ ବିଜେଡି ପ୍ରାର୍ଥୀ ହୋଇଥିଲେ। ଗତଥର ବିଜେଡି ନେତା ନବ ଦାସ ମୋଟ୍ ୯୮,୬୨୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଭାଜପା ପ୍ରାର୍ଥୀ ଦିନେଶ କୁମାର ଜୈନ୍ ୫୨,୯୨୧ ଭୋଟ ପାଇଥିବା ବେଳେ ତାଙ୍କଠାରୁ ୪୫,୬୯୯ ଅଧିକ ଭୋଟରେ ନବ ଦାସ ବିଜୟୀ ହୋଇଥିଲେ। ସେଥର କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ମହେନ୍ଦ୍ର ନାଏକ ମୋଟ ୧୮,୮୨୩ ଖଣ୍ଡ ଭୋଟ ପାଇଥିଲେ। ସେଥର ବିଜେଡି ମୋଟ୍ ୫୫.୯୭ ପ୍ରତିଶତ, ଭାଜପା ୩୦.୪ ଏବଂ କଂଗ୍ରେସ ୧୦.୬୮ ପ୍ରତିଶତ ଭୋଟ ପାଇଥିଲା। ହେଲେ ଏହି ଉପନିର୍ବାଚନରେ ବିଜେଡିକୁ ୬୦.୯୩ ପ୍ରତିଶତ ଭୋଟ ମିଳିଥିବା ବେଳେ ଭାଜପାକୁ ୩୩.୨୪ ପ୍ରତିଶତ ମିଳିଛି। କଂଗ୍ରେସ ୨.୫୬ ପ୍ରତିଶତ ଭୋଟ ପାଇଛି।

ଗତଥର ତୁଳନାରେ ଏଥର ବିଜେଡି ୪.୯୬ ପ୍ରତିଶତ ଅଧିକ ଭୋଟ୍ ପାଇଛି। ସେହିପରି ଭାଜପା ୨୦୧୯ ନିର୍ବାଚନ ତୁଳନାରେ ୨.୮୪ ପ୍ରତିଶତ ଅଧିକ ଭୋଟ୍ ପାଇଛି। ହେଲେ କଂଗ୍ରେସ ଗତ ନିର୍ବାଚନ ତୁଳନାରେ ୮.୧୨ ପ୍ରତିଶତ କମ୍ ଭୋଟ ପାଇଛି। କଂଗ୍ରେସର ଏଭଳି ପ୍ରଦର୍ଶନ ପରେ ଦଳର ସ୍ଥିତି ସଜାଡ଼ିବା ନେଇ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପାରଦର୍ଶିତାକୁ ନେଇ ରାଜନୀତି ଜୋର୍ ଧରିଛି। ସେହିପରି ବିଜେଡି ଗତ ନିର୍ବାଚନ ତୁଳନାରେ ୮୫୭୮ ଖଣ୍ଡ ଏବଂ ଭାଜପା ୫୫୫୬ ଖଣ୍ଡ ଅଧିକ ଭୋଟ ପାଇଛି। ହେଲେ କଂଗ୍ରେସ ଗତଥର ଅପେକ୍ଷା ୧୪,୩୨୭ ଖଣ୍ଡ କମ୍ ଭୋଟ ପାଇଛି। ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସରୁ ନବ ଦାସ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ମୋଟ୍ ୭୪,୪୯୯ ଖଣ୍ଡ ଭୋଟ ମିଳିଥିଲା। ତାଙ୍କ ବିରୋଧରେ ବିଜେଡିରୁ ପ୍ରାର୍ଥୀ ହୋଇ ସ୍ୱର୍ଗତ କିଶୋର କୁମାର ମହାନ୍ତି ୬୨,୯୩୬ ଖଣ୍ଡ ଭୋଟ ପାଇଥିଲେ। ସେଥରୁ ଭାଜପାରୁ ଆନନ୍ଦ ପ୍ରଧାନ ପ୍ରାର୍ଥୀ ହୋଇ ୨୧,୦୪୭ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସକୁ ମୋଟ୍ ୪୫.୧ ପ୍ରତିଶତ, ବିଜେଡିକୁ ୩୮.୧ ଏବଂ ଭାଜପାକୁ ୧୨.୭୪ ପ୍ରତିଶତ ଭୋଟ ମିଳିଥିଲା। ତେବେ ଏହି ଭୋଟ ପ୍ରତିଶତକୁ ଉପନିର୍ବାଚନ ଫଳାଫଳ ସହ ତୁଳନାକଲେ କଂଗ୍ରେସ ୨୦୧୪ ନିର୍ବାଚନ ତୁଳନାରେ ଏଥର ୪୨.୫୪ ପ୍ରତିଶତ କମ୍ ଭୋଟ ପାଇଛି। ବିଜେଡିକୁ ୨୨.୮୩ ଏବଂ ଭାଜପାକୁ ୨୦.୫ ପ୍ରତିଶତ ଅଧିକ ଭୋଟ ମିଳିଛି।

# ଭାଜପା ନେତା ଜାଣିପାରୁ ନାହାନ୍ତି

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଭାଜପା ସଭାପତି ଭାବେ ଗତ ମାର୍ଚ୍ଚ ୨୩ରେ ମନମୋହନ ସାମଲ ପଦ ଗ୍ରହଣ କଲେ। ସେତେବେଳେ ଭୁବନେଶ୍ୱର ରାମମନ୍ଦିର ନିକଟସ୍ଥ ଭାଜପା ଅଫିସ୍ ସମ୍ମୁଖରେ ଲାଗିଥିବା ଗାଡ଼ି ଏବଂ ବସ୍‌ର ଭିଡ଼ରୁ ମନେହେଲା ଯେପରି ବିଦାୟ ନେଇଥିବା ସଭାପତି ସମୀର ମହାନ୍ତିଙ୍କ ପରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ। ଦଳୀୟ କର୍ମୀଙ୍କ ମନରେ ଉତ୍ସାହ ଏବଂ ଉଲ୍ଲାସ ଦେଖି ହୃଦ୍‌ବୋଧ ହେଉଥିଲା ଯେ, ମେଣ୍ଟ ଭାଙ୍ଗିବା ପରେ ମନମୋହନ ସାମଲ ନିଜେ ଏକ ବିଧାନସଭା ଆସନ ଜିତିପାରି ନ ଥିବା ସତ୍ତ୍ୱେ ରାଜ୍ୟବ୍ୟାପୀ ଦଳୀୟ ସଙ୍ଗଠନରେ ନୂତନ ସମୀକରଣ କରାଇ ଦଳକୁ ଆଗେଇ ନେଇପାରିବେ। ଦୁଃଖର ବିଷୟ ଯେ, ତାଙ୍କର ଦଳୀୟ ସଭାପତି ପଦ ଗ୍ରହଣ ପରେ ତୁରନ୍ତ ଏକ ପରୀକ୍ଷାର ସମୟ ଆସିଗଲା। ନିଜର ଦକ୍ଷତା ପ୍ରମାଣ କରିବାକୁ ମିଳିଥିବା ସୁଯୋଗକୁ ମନମୋହନ ହୁଏତ ଭଲ ଭାବେ ଚିହ୍ନିପାରିଲେ ନାହିଁ। ଝାରସୁଗୁଡ଼ା ଉପନିର୍ବାଚନ ମାଧ୍ୟମରେ ତାଙ୍କର ସ୍ଥିତିକୁ ଦଳ ଭିତରେ ସୁଦୃଢ଼ କରିବାର ଯେଉଁ ସମୟ ଏବଂ ସୁଯୋଗ ମିଳିଥିଲା ସେଥିରେ ଅନେକ ସଫଳତା ହାସଲ କରାଯାଇପାରି ଥାଆନ୍ତା। କିନ୍ତୁ ଭାଜପାର ରାଜ୍ୟ ନେତାମାନେ ସବୁବେଳେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱର ପରିପ୍ରକାଶ କରିଦେଉଛନ୍ତି ବୋଲି ଦଳର କ୍ଷତି ବୃଦ୍ଧି ପାଉଛି। ଅନ୍ୟପଟେ ମନମୋହନଙ୍କ ସେଭଳି କୌଣସି ଆଖିଦୃଶିଆ ସାଙ୍ଗଠନିକ ଦକ୍ଷତା ନାହିଁ ବୋଲି ଦଳୀୟ କର୍ମୀମାନେ ରାଜ୍ୟ ଅଫିସରେ ଫୁସୁରୁଫାସର ହୋଇ କହୁଛନ୍ତି।

ଦଳର ଅନେକ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ନେତା ଯେଉଁମାନେ ବିଧାୟକ ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି ସେମାନେ ମଧ୍ୟ ଝାରସୁଗୁଡ଼ା ନିର୍ବାଚନ ପରେ ନିରାଶ ପ୍ରକାଶ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପରିଚିତ ଭାବି




ମନମୋହନ ସାମଲ

ବିଧାୟକ ପ୍ରାର୍ଥୀଙ୍କ କହିବାନୁଯାୟୀ, ଓଡ଼ିଶା ଭାଜପାର ନେତା ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖାଯାଉଛି। ଏହି ନେତା ଅନେକ ଯୁବ ସମର୍ଥକଙ୍କ ମତକୁ ପ୍ରକାଶକରି କହୁଛନ୍ତି, ଭାଜପାରେ "ନୂତନ ଯୁବ ମୁହଁ ଦିଆ ନ ଯିବା ପର୍ଯ୍ୟନ୍ତ ପରିବର୍ତ୍ତନ ଆସିପାରିବ ନାହିଁ"। ତାଙ୍କ କହିବାନୁଯାୟୀ, ନବୀନଙ୍କ ଗୋଟି ଚାଳନାକୁ ମନମୋହନଙ୍କ ଭଳି ବ୍ୟକ୍ତିତ୍ୱ ବୁଝିବା କଷ୍ଟକର। ନିକଟରେ ଉଭୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟି ଯେଉଁଭଳି ଭାବେ ନବୀନ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାଲିସ କରିଦେଲେ ତାହା ଫଳରେ ରାଜ୍ୟ ଭାଜପାର ମଙ୍ଗ ଧରିଥିବା ସମସ୍ତ ନେତା ବାଟବଣା ହୋଇପଡ଼ିଛନ୍ତି। ଏହାର ପ୍ରମାଣ ଝାରସୁଗୁଡ଼ା ନିର୍ବାଚନ ଫଳାଫଳ ସମ୍ପର୍କରେ ରାଜ୍ୟ ସଭାପତି ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ବୁଝାପଡ଼ୁଛି ବୋଲି ଏହି ଗୋଷ୍ଠୀ ମତ ଦେଇଛନ୍ତି। ମନମୋହନଙ୍କ ବିବୃତିରେ ଭାଜପାର ବର୍ଦ୍ଧିତ ଭୋଟ ସଂଖ୍ୟାକୁ ଦର୍ଶାଇ ବାହାବା ନେଉଥିବା ବେଳେ ପରାଜୟ କେଉଁଥି ପାଇଁ ଘଟିଲା ତାହାର କୌଣସି ବର୍ଣ୍ଣନା କରିବା ପାଇଁ ସକ୍ଷମ ନୁହେଁ ବୋଲି ଏହି ଯୁବ ଗୋଷ୍ଠୀର ମନ୍ତବ୍ୟ।

ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶା ଭାଜପାର ଆଭ୍ୟନ୍ତରୀଣ କନ୍ଦଳ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ମନ୍ତବ୍ୟ କେହି ଦେଉ ନ ଥିଲେ। ଏବେ ମନମୋହନଙ୍କ ଆସନ ଗ୍ରହଣ ପରେ, ଅନ୍ୟ ଦଳ ଭଳି, ଆଭ୍ୟନ୍ତରୀଣ ପରିସ୍ଥିତି ସମ୍ପର୍କରେ ମତାମତ ଦେବାକୁ ଅନେକ ନେତା ବାହାରିଲେଣି।

# ଭୋଟ ହାର ବଢ଼ିବା ଯୋଗୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୫(ବ୍ୟୁରୋ)



ଝାରସୁଗୁଡ଼ା ଉପନିର୍ବାଚନର ଫଳାଫଳକୁ ସ୍ୱୀକାର କରିବା ସହ ଭାଜପାର ଭୋଟ ହାର ବୃଦ୍ଧି ପାଇଁ ଝାରସୁଗୁଡ଼ାବାସୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଟୁଇଟ୍ ଯୋଗେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଝାରସୁଗୁଡ଼ା ଉପନିର୍ବାଚନର ଫଳାଫଳକୁ ତାଙ୍କ ଦଳ ସ୍ୱୀକାର କରୁଛି। ପୂର୍ବ ନିର୍ବାଚନ ଅପେକ୍ଷା ଚଳିତ ଉପନିର୍ବାଚନରେ ଭାଜପାର ଭୋଟ ହାର ବୃଦ୍ଧି ପାଇଥିବାରୁ ଝାରସୁଗୁଡ଼ାବାସୀଙ୍କୁ ଧନ୍ୟବାଦ। ଏହି ନିର୍ବାଚନରେ ଭାଜପାର କାର୍ଯ୍ୟକର୍ତ୍ତାମାନେ ଅକ୍ଳାନ୍ତ ପରିଶ୍ରମ କରି ଭୋଟ ହାର ବଢ଼ାଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଯୁବନେତା ଟଙ୍କଧର ତ୍ରିପାଠୀଙ୍କ ଉପରେ ଭରସା ରଖି ଝାରସୁଗୁଡ଼ାବାସୀ ଆଶୀର୍ବାଦ କରିଛନ୍ତି। ଆଗାମୀ ଦିନରେ ଟଙ୍କଧର ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବେ। ଦଳର ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ସମେତ ଲୋକସମ୍ପର୍କମାଧ୍ୟମରେ ଜନସାଧାରଣଙ୍କ ବିଶ୍ୱାସ ହାସଲ କରିବା ପାଇଁ ଚେଷ୍ଟା କରିବୁ। ବିଜୟୀ ହୋଇଥିବା ଦୀପାଳି ଦାସଙ୍କୁ ଧର୍ମେନ୍ଦ୍ର ଅଭିନନ୍ଦନ ଜଣାଇଛନ୍ତି।

# ଅନୁକମ୍ପାରେ ବିଜୟୀ ଦୀପାଳିଙ୍କୁ ଶୁଭେଚ୍ଛା: ମନମୋହନ

ଭୁବନେଶ୍ୱର, ୧୩।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନର ଜନାଦେଶକୁ ସମ୍ମାନ ଜଣାଇବା ସହ ଭାଜପା ପ୍ରତି ଆସ୍ଥା ଓ ବିଶ୍ୱାସ ରଖିଥିବା ସମସ୍ତ ଭୋଟରଙ୍କୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଛନ୍ତି। ଶାସକ ଦଳ ସପକ୍ଷରେ ଜନାଦେଶ ଯିବା ସତ୍ତ୍ୱେ ନିର୍ବାଚନ ଫଳାଫଳରୁ ରାଜ୍ୟ ସରକାରଙ୍କ ପ୍ରତି ବହୁ ମାତ୍ରାରେ ଜନ ଅସନ୍ତୋଷ ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଜନତାଙ୍କ ରାୟକୁ ସମ୍ମାନ ଜଣାଇ ଆଗାମୀ ଦିନରେ ଝାରସୁଗୁଡ଼ାବାସୀଙ୍କ ସ୍ୱାର୍ଥ ପାଇଁ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିବା ସହିତ ଆସ୍ଥାଭାଜନ ହେବା ପାଇଁ ପ୍ରୟାସ ଜାରି ରଖିବୁ। ଏହା ସହ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ଲଢ଼େଇ ଜାରି ରଖିବା ସହ ସେମାନଙ୍କର ସ୍ୱାର୍ଥ ଓ ହକ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବୁ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ଆମର ପ୍ରାଥମିକତା ବୋଲି ସାମଲ କହିଛନ୍ତି। ଏହି ଉପନିର୍ବାଚନରେ କଠିନ ପରିଶ୍ରମ କରିଥିବା ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଛନ୍ତି। ଅନୁକମ୍ପା ଭୋଟ ନିଜ ସପକ୍ଷରେ ନେଇ ବିଜୟୀ ହୋଇଥିବା ଦୀପାଳି ଦାସଙ୍କୁ ମନମୋହନ ଶୁଭେଚ୍ଛା ଜଣାଇଛନ୍ତି।



ଝାରସୁଗୁଡା ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ଭୁବନେଶ୍ୱରସ୍ଥିତ ଶଙ୍ଖଭବନରେ କଳାକାରଙ୍କ ଦ୍ୱାରା ଶଙ୍ଖ ବାଦନ କରାଯାଉଛି।

# ବିଜେଡି ବିଜୟ ଉତ୍ସବ ବେଳେ ଭାଜପା କର୍ମୀଙ୍କୁ ଛୁରାମାଡ଼

ସମ୍ବଲପୁର, ୧୩।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଦୀପାଳି ଦାସ ବିଜୟୀ ହେବା ପରେ ବିଭିନ୍ନ ସ୍ଥାନରେ ସମର୍ଥକ, ଦଳୀୟ କର୍ମୀମାନେ ବିଜୟ ଉତ୍ସବ ମନାଇଥିଲେ। ଝାରସୁଗୁଡ଼ା ଜିଲା ବଡମାଲ ଥାନା ଶ୍ରୀପୁରା ଗ୍ରାମରେ ଶନିବାର ବିଜୟ ଉତ୍ସବ ସମୟରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବିଜେଡି କର୍ମୀମାନେ ଭାଜପାର ଶ୍ରୀପୁରା ପଞ୍ଚାୟତ ସଭାପତି ସୁବ୍ରତ ପ୍ରଧାନଙ୍କୁ ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ଗୋଡାଇ ଗୋଡାଇ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ସୁବ୍ରତ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ଆହତ ସୁବ୍ରତ ପ୍ରଧାନ।

ସୁବ୍ରତଙ୍କ କହିବା ଅନୁସାରେ, ବିଜେଡି କର୍ମୀମାନେ ବିଜୟ ଉତ୍ସବ ପାଳନ କରିବାରେ କୌଣସି ସମସ୍ୟା ନାହିଁ। ହେଲେ ଆମ ପଡାକୁ ଆସି ଘର ପାଖରେ ବାଣ ଫୁଟାଇବାକୁ ପଡ଼ାବାସୀ ବିରୋଧ କରିଥିଲେ। ଏଥିରେ ସେମାନେ ଉତ୍ତେଜିତ ହୋଇ ମାର୍‌ପିଟ କରିଥିଲେ। ଗଣ୍ଡଗୋଳ ଖବର ପାଇ ମୁଁ ସେଠାରେ ପହଞ୍ଚିଥିଲି। ପହଞ୍ଚିବା ମାତ୍ରେ ସେମାନେ ମୋତେ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରୋଶ ରଖି ସଂଘବଦ୍ଧ ଭାବେ ଏଭଳି କାଣ୍ଡ ଭିଆଇଥିଲେ। ଏହାକୁ ନେଇ ଥାନାରେ ଅଭିଯୋଗ କରିଥିବା କହିଥିଲେ। ଅନ୍ୟପଟେ ମାର୍‌ପିଟ ଓ ଛୁରାମାଡ କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଭିଡିଓରେ ଜଣେ ଯୁବକ ହାତରେ ଛୁରି ଧରି ସୁବ୍ରତଙ୍କୁ ଆକ୍ରମଣ କରୁଛନ୍ତି। ଅନେକ ମହିଳା ଓ ଯୁବକ ଉପସ୍ଥିତ ଥିବାବେଳେ କେତେଜଣ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଛନ୍ତି। ଅନ୍ୟ କେତେଜଣ ସମାଧାନ କରୁଥିବା ଭିଡିଓରେ ରେକର୍ଡ ରହିଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହାକୁ ନେଇ ବଡମାଲ ଥାନାରେ ମାମଲା ରୁଜୁ ହୋଇଛି। ବିଜେଡି କର୍ମୀଙ୍କ ପାଲଟା ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି ବୋଲି ସେ କହିଥିଲେ। ବଡମାଲ ଥାନା ଅଧିକାରୀ ରାଜେନ୍ଦ୍ର ସିଆଲ କହିଛନ୍ତି, ବିଜୟ ଉତ୍ସବ ସମୟରେ ଗଣ୍ଡାଗୋଳ ହୋଇଥିଲା। ଗ୍ରାମର ଅମିତ ପାଣିଗ୍ରାହୀଙ୍କ ଅଭିଯୋଗ କ୍ରମେ ସୁବ୍ରତ ପ୍ରଧାନ ଓ ଲଳିତ ରୋହିଦାସଙ୍କ ନାମରେ ଥାନାରେ ମାମଲା (ନଂ.୧୪୪/୨୩) ରୁଜୁ ହୋଇଛି। ସେହିପରି ରମାକାନ୍ତ ରୋହିଦାସଙ୍କ ଅଭିଯୋଗ କ୍ରମେ ଭୂବେନ୍ଦ୍ର ତ୍ରିପାଠୀ ଓ ରାଜା ପାଣିଗ୍ରାହୀଙ୍କ ନାମରେ ମାମଲା (ନଂ.୧୪୫/୨୩) ରୁଜୁ ହୋଇଛି ବୋଲି ସେ କହିଛନ୍ତି।



କର୍ନାଟକରେ କଂଗ୍ରେସର ବିଜୟ ପରେ ରାଜ୍ୟ କଂଗ୍ରେସ ଭବନ ପରିସରରେ ବିଧାୟକ ସୁରେଶ ରାଉତରାୟ ଢୋଲ ବଜାଇ ଖୁସି ମନାଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ମେ, ୨୦୨୩

**ବେଲୁଚିସ୍ତାନରେ ୬ ଆତଙ୍କବାଦୀ ନିହତ**

ବେଲୁଚିସ୍ତାନର ମୁସ୍‌ଲିମ ବାଘ୍ ଟାଉନ୍‌ରେ ସେନା ଗୁଳିରେ ୬ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଶନିବାର ସକାଳେ ମୁସ୍‌ଲିମ ବାଘ୍‌ରେ ଥିବା କ୍ୟାମ୍ପ ଉପରକୁ ଆତଙ୍କବାଦୀ ଆକ୍ରମଣ କରିଥିଲେ। ପରବର୍ତ୍ତୀ ସମୟରେ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଏଥିରେ ୬ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ଆତଙ୍କବାଦୀଙ୍କ ଆକ୍ରମଣରେ ୨ ସେନା ଅଧିକାରୀ ପ୍ରାଣ ହରାଇଛନ୍ତି।



## ସଂକ୍ଷେପରେ

### କାନାଡାରେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ଟରୋଣ୍ଟୋ, ୧୩।୫:** କାନାଡାର ଟରୋଣ୍ଟୋରେ ଭାରତୀୟ ଛାତ୍ର ଆୟୁଷ ଧନକରଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ତାଙ୍କ ମୃତଦେହ ଗୁଜରାଟରେ ପହଞ୍ଚିଛି। ଗତ ୫ ତାରିଖରୁ ସେ ନିଖୋଜ ଥିଲେ। ପରେ ୭ ତାରିଖରେ ଏକ ବ୍ରିଜ୍ ତଳୁ ତାଙ୍କ ମୃତଦେହ ମିଳିଥିଲା। ଆୟୁଷ ଗୁଜରାଟ ପୋଲିସ ଡିଏସ୍‌ପି ରମେଶ ଧନକରଙ୍କ ପୁଅ। ଆୟୁଷ ୟର୍କ ୟୁନିଭର୍ସିଟିରେ ପାଠ ପଢ଼ୁଥିଲେ।

### ଅଭିନେତ୍ରୀ ତୁନିଶା ଶର୍ମା ଆତ୍ମହତ୍ୟା କରିଥିବା ଷ୍ଟୁଡିଓ ଜଳିଗଲା

**ମୁମ୍ବାଇ, ୧୩।୫:** ମହାରାଷ୍ଟ୍ର ପାଲଘର ଜିଲା କାମନରେ ଥିବା ଭଜନଲାଲ ଷ୍ଟୁଡିଓ ଜଳିଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଷ୍ଟୁଡିଓରେ ନିଆଁ ଲାଗିଥିବାବେଳେ ଏହାର କାରଣ ଜଣାପଡ଼ି ନ ଥିବା ଅଗ୍ନିଶମ ବିଭାଗ କହିଛି। ସୂଚନାଯୋଗ୍ୟ ଏହି ଷ୍ଟୁଡିଓରେ ସିରିଏଲ୍ ଅଲି ବାବା: ଦାସ୍ତାଏ କବୁଲ ଅଭିନେତ୍ରୀ ତୁନିଶା ଶର୍ମା ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ନେଇ ଅଭିନେତ୍ରୀଙ୍କ ପୂର୍ବତନ ବୟଫ୍ରେଣ୍ଡ ଶୀଜାନଙ୍କୁ ପୋଲିସ ଗିରଫ କରିଥିଲା। ମାର୍ଚ୍ଚ ୫ରେ ସେ ଜାମିନରେ ମୁକୁଳିଛନ୍ତି।

### ପାକ୍ ଜେଲରୁ ମୁକୁଳିଲେ ୧୯୮ ଭାରତୀୟ ମତ୍ସ୍ୟଜୀବୀ

**କରାଚୀ, ୧୩।୫:** ୧୯୮ ଭାରତୀୟ ମତ୍ସ୍ୟଜୀବୀ ପାକିସ୍ତାନ ଜେଲରୁ ମୁକ୍ତ ହୋଇଛନ୍ତି। ଗୁରୁବାର କରାଚୀସ୍ଥିତ ମାଲିର ଜେଲରୁ ସେମାନଙ୍କୁ ଛଡ଼ାଯାଇଛି। ମତ୍ସ୍ୟଜୀବୀଙ୍କୁ ୱାଘା ବର୍ଡରରେ ଭାରତୀୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ମାଛ ଧରିବାକୁ ନେଇ ପାକ୍ ପ୍ରଶାସନ ସେମାନଙ୍କୁ ଗିରଫ କରିଥିଲା। ଜୁନ୍ ଓ ଜୁଲାଇରେ ପାକ୍ ଜେଲରେ ବନ୍ଦଥିବା ଅନ୍ୟ ମତ୍ସଜୀବୀଙ୍କୁ ଭାରତ ପଠାଯିବ ବୋଲି ଜେଲ ସୁପରିଟେଣ୍ଡେଣ୍ଟ ନାଜିର ଟୁନିଓ ସୂଚନା ଦେଇଛନ୍ତି।

# ବାଂଲାଦେଶରେ ହାଇଆଲର୍ଟ

**ଆଜି ଲ୍ୟାଣ୍ଡଫଲ୍ କରିବ ମୋଚା**

ଢାକା, ୧୩।୫

ବାତ୍ୟା ମୋଚାକୁ ନେଇ ପଡ଼ୋଶୀ ଦେଶ ବାଂଲାଦେଶରେ ହାଇଆଲର୍ଟ ଜାରି କରାଯାଇଛି। ରବିବାର ସକାଳେ ବାଂଲାଦେଶର ସର୍ଦ୍ଧନ ତଟରେ ବାତ୍ୟା ମୋଚା ଲ୍ୟାଣ୍ଡଫଲ୍ କରିବାକୁ ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଖପାଖ ଅଞ୍ଚଳରେ ବିପଦ ଆଶଙ୍କା କରି ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ

**ସ୍ଥାନାନ୍ତର ହେଲେଣି ୫ ଲକ୍ଷ ଲୋକ**

ସ୍ଥାନକୁ ନିଆଯାଇଛି। ବିପଦ ଆଶଙ୍କା କରି ରୋହିଙ୍ଗ୍ୟା ଶରଣାର୍ଥୀ ଶିବିରକୁ ମଧ୍ୟ ଖାଲି କରିଦିଆଯାଇଛି। ଶନିବାର ପାଖାପାଖି ୫ ଲକ୍ଷ ଲୋକ ସ୍ଥାନାନ୍ତର ହୋଇଛନ୍ତି। ବାଂଲାଦେଶରେ ଗତ ୨୦ ବର୍ଷ ମଧ୍ୟରେ ହୋଇଥିବା ବାତ୍ୟା ମଧ୍ୟରୁ ମୋଚା ସବୁଠୁ ଶକ୍ତିଶାଳୀ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଲ୍ୟାଣ୍ଡଫଲ୍ ପରେ ଏହା ବାଂଲାଦେଶ– ମ୍ୟାନ୍‌ମାର ସୀମା ଆଡ଼କୁ



ବାତ୍ୟା ମୋଚା ଲ୍ୟାଣ୍ଡଫଲ୍ କରିବା ପୂର୍ବରୁ ବାଂଲାଦେଶର ଟେକ୍‌ନାଫରେ ଶନିବାର ମତ୍ସ୍ୟଜୀବୀମାନେ ଏକ ବୋଟ୍‌କୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି।

ଗତି କରିବ। ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଥିବା ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି।

ପାଣିପାଗ ଅଧିକାରୀଙ୍କ ଆକଳନ ଅନୁସାରେ ବାଂଲାଦେଶର କୋକ୍ସସ୍ ବଜାର ମୋଚା ପ୍ରଭାବରେ ଅଧିକ କ୍ଷତିଗ୍ରସ୍ତ ହେବ। ଏଠାରେ ପାଖାପାଖି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ରୋହିଙ୍ଗ୍ୟା ଶରଣାର୍ଥୀ ବସବାସ କରନ୍ତି। ଭାସନ ଚାର ଦ୍ୱୀପରେ ସରକାରଙ୍କ ପକ୍ଷରୁ ୫୫ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି। ବାତ୍ୟା ମୋଚା ଲ୍ୟାଣ୍ଡଫଲ୍ ପରେ ଘଣ୍ଟା ପ୍ରତି ୧୭୫ କି.ମି. ବେଗରେ ଉତ୍ତର–ପଶ୍ଚିମ ଆଡ଼କୁ କ୍ରମାଂଶ ଗତି କରିବ। ବାତ୍ୟା ଦ୍ୱାରା ତଟବର୍ତ୍ତୀ ଅଞ୍ଚଳରେ ଇଲେକ୍ଟ୍ରିସିଟି, ଜଳ ଏବଂ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ରହିଥିବା ପ୍ରଧାନମନ୍ତ୍ରୀ ସତର୍କ କରାଇଛନ୍ତି।

## ପରିଣୀତି–ରାଘବଙ୍କ ନିର୍ବନ୍ଧ ଶେଷ

ନୂଆଦିଲ୍ଲୀ, ୧୩।୫



ଏଏପି ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ା ଓ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ନିର୍ବନ୍ଧ ଶନିବାର ଶେଷ ହୋଇଛି। ଦିଲ୍ଲୀର କପୁରଥାଲାସ୍ଥିତ ପରିଣୀତିଙ୍କ ଘରେ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ବନ୍ଧର ଫଟୋ ସୋସିଆଲ ମିଡିଆରେ ଶେୟାର ହୋଇଛି। ନିର୍ବନ୍ଧରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ସିଂ ମାନ୍, ପ୍ରିୟଙ୍କା ଚୋପ୍ରା, ମନିଷ ମାଲହୋତ୍ରାଙ୍କ ସମେତ ଉଭୟଙ୍କ ପରିବାର ଓ ତେକେଜଣ ଖାସ୍ ବନ୍ଧୁ ସାମିଲ ହୋଇଥିଲେ। ତେବେ ନିର୍ବନ୍ଧ ନେଇ ଦୁହେଁ ଗଣମାଧ୍ୟକୁ କୌଣସି ସୂଚନା ଦେଇ ନ ଥିଲେ। ପୂର୍ବରୁ ଦୁହେଁ ଅନେକ ସ୍ଥାନରେ ଏକାଠି ସ୍ପଟ୍ ହୋଇଥିବାବେଳେ ସମ୍ପର୍କକୁ ନେଇ କେବେ ଗଣମାଧ୍ୟମରେ ମୁହଁ ଖୋଲି ନ ଥିଲେ।

## ଅଲଗା ରାଜ୍ୟ ଗଠନ ପାଇଁ ୧୦ କୁକି ବିଧାୟକଙ୍କ ଦାବି

ଇମ୍ଫାଲ, ୧୩।୫

ମଣିପୁରର କୁକି ସମ୍ପ୍ରଦାୟର ୧୦ ବିଧାୟକ ଅଲଗା ରାଜ୍ୟ ଗଠନ ପାଇଁ ଶନିବାର କେନ୍ଦ୍ର ନିକଟରେ ଦାବି ଜଣାଇଛନ୍ତି। ଏହି ବିଧାୟକମାନଙ୍କ ମଧ୍ୟରେ ଶାସକ ଭାଜପାର ୮ ବିଧାୟକ ସାମିଲ ଅଛନ୍ତି। ରାଜ୍ୟର ଦୁଇ ମନ୍ତ୍ରୀ ମଧ୍ୟ ସାମିଲ ହୋଇଛନ୍ତି। ଚିନ–କୁକି–ଜୋମି ଜନଜାତିକୁ ସୁରକ୍ଷା ଦେବାରେ ରାଜ୍ୟ ବିଫଳ ହୋଇଥିବା ବିଧାୟକମାନେ କହିଛନ୍ତି। ଅନ୍ୟପକ୍ଷେ ଭାରତୀୟ ସମ୍ବିଧାନ ଅଧୀନରେ ଅଲଗା ରାଜ୍ୟ ଗଠନ କରି ଶାନ୍ତିରେ ମଣିପୁରର ପଡ଼ୋଶୀ ରାଜ୍ୟ ଭାବେ ସେମାନେ ରହିବାକୁ ଆଗ୍ରହ ପ୍ରକାଶ କରିଥିବା କହିଛନ୍ତି। କୁକି ଓ ମେତେଇ ସମ୍ପ୍ରଦାୟ ମଧ୍ୟରେ ଗତ ୩ ତାରିଖରେ ସଂଘର୍ଷ ହେବା ପରେ ବିଧାୟକମାନେ ନିଜର ଦାବି ରଖିଛନ୍ତି। ଏ ନେଇ ମଣିପୁରରେ ହୋଇଥିବା ହିଂସାରେ ୭୦ ଜଣଙ୍କ ପ୍ରାଣହାନି ଘଟିଛି।

## ଲାହୋର ବାସଭବନକୁ ଫେରିଲେ ଇମ୍ରାନ୍

ଇସ୍‌ଲାମାବାଦ୍, ୧୩।୫

ଅଲ୍–କାଦିର ଟ୍ରଷ୍ଟ ମାମଲାରେ ଗିରଫ ହୋଇଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶନିବାର ସକାଳେ ଲାହୋରସ୍ଥିତି ନିଜ ବାସଭବନକୁ ଫେରିଛନ୍ତି। ଘରକୁ ଫେରିବା ବାଟରେ ତେହରିକ୍ ଇ–ଇନ୍‌ସାଫ (ପିଟିଆଇ) ପାର୍ଟି ସମର୍ଥକ ଇମ୍ରାନ୍‌ଙ୍କ ଗାଡ଼ି ଉପରକୁ ଫୁଲ ପକାଇ ତାଙ୍କୁ ସ୍ୱାଗତ କରିଥିଲେ। ଇମ୍ରାନ୍‌ଙ୍କ ଘର ବାହୁଡ଼ାର ଏକ ଭିଡିଓ ପିଟିଆଇ ଶେୟାର କରିଛି, ଯେଉଁଥିରେ ଇମ୍ରାନ୍‌ଙ୍କ ପରିବାର ଲୋକେ ତାଙ୍କୁ ଘରକୁ ଫାଛୋଟି ନେଉଥିବାର



ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଇମ୍ରାନ୍ ମୁକୁଳିବା ନେଇ ତାଙ୍କ ପୂର୍ବତନ ସ୍ତ୍ରୀ ଜେମିମା ଗୋଲ୍ଡସ୍ମିଥ୍ ସୋସିଆଲ

**ଖୁସି ଜାହିର କଲେ ପୂର୍ବତନ ସ୍ତ୍ରୀ ଜେମିମା**

ମିଡିଆରେ ଏକ ପୋଷ୍ଟ ଶେୟାର କରି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶରେ ଖୁସିଥିବା କହିଛନ୍ତି। ଇସ୍‌ଲାମାବାଦ୍ ହାଇକୋର୍ଟ ଇମ୍ରାନ୍‌ଙ୍କ ଜାମିନ ମଞ୍ଜୁର କରିଛନ୍ତି। ଦେଶରେ ଖୁବ୍‌ଶୀଘ୍ର ସାଧାରଣ ନିର୍ବାଚନ କରାଯିବା ନେଇ ଦାବି କରୁଥିବା ଇମ୍ରାନ୍‌ଙ୍କ ବିରୋଧରେ ୧୨୦ ମାମଲା ରହିଛି। ନିଜ ଗିରଫଦାରି ପାଇଁ ଇମ୍ରାନ୍ ପାକିସ୍ତାନ ଆର୍ମି ମୁଖ୍ୟଙ୍କୁ ଦାୟି କରିଛନ୍ତି।

## ପୋପ୍‌ଙ୍କୁ ଭେଟିଲେ ଜେଲେନ୍‌ସ୍କି

**ରୋମ୍, ୧୩।୫:** ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶନିବାର ରୋମ୍‌ରେ ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭେଟିଛନ୍ତି। ଦୁହିଁଙ୍କ ମଧ୍ୟରେ ଆଲୋଚନା ପ୍ରାୟ ୪୦ ମିନିଟ୍ ଧରି ଚାଲିଥିବା ଭାଟିକାନ ପକ୍ଷରୁ କୁହାଯାଇଛି। ତେବେ ପୋପ୍‌ଙ୍କୁ ଭେଟିବା ନେଇ ଜେଲେନ୍‌ସ୍କି ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ରୋମ୍ ଗସ୍ତରେ ଥିବା ଜେଲେନ୍‌ସ୍କି ଇଟାଲି ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି, ରାଷ୍ଟ୍ରପତି ସେର୍ଜିଓ ମାଟରେଲାଙ୍କୁ ମଧ୍ୟ ଭେଟିଛନ୍ତି। ଜେଲେନ୍‌ସ୍କିଙ୍କ ଗସ୍ତ ନେଇ ଇଟାଲିରେ ସୁରକ୍ଷା



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପୋପ୍ ଫ୍ରାନ୍ସିସ୍‌ଙ୍କୁ ଭେଟିବାବେଳର ଦୃଶ୍ୟ।

ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଥିଲା। ହଜାରେରୁ ଅଧିକ ପୋଲିସ ମୁତୟନ କରାଯାଇଥିବାବେଳେ ରୋମ୍‌ରେ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିଲା।



# ୯୮ ବର୍ଷୀୟା ମା'ଙ୍କ ସମ୍ମୁଖରେ ୭୮ ବର୍ଷୀୟ ପୁଅକୁ ଗ୍ରାଜୁଏଶନ ଡିଗ୍ରୀ

ଟିବିଲିସି

ପାଠ ପଢ଼ିବାରେ କୌଣସି ବୟସ ସୀମା ନ ଥାଏ। ଜଣେ ୭୮ ବର୍ଷୀୟ ଏହାକୁ ପ୍ରମାଣ କରି ଦେଖାଇଛନ୍ତି। ସେହି ବ୍ୟକ୍ତି ତାଙ୍କର ଏହି ପରିଣତ ବୟସରେ ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଛନ୍ତି। ଖାସ୍ କଥା ହେଉଛି, ବ୍ୟକ୍ତି ଜଣଙ୍କୁ ତାଙ୍କ ମା'ଙ୍କ ସମ୍ମୁଖରେ ଏହି ଗ୍ରାଜୁଏଶନ ଡିଗ୍ରୀ ମିଳିଛି। ଜର୍ଜିଆର ସୌମ କେପଲନ ନାମକ ବ୍ୟକ୍ତି ତାଙ୍କର ଏହି ଗ୍ରାଜୁଏଶନ ଡିଗ୍ରୀକୁ ନେଇ ତାଙ୍କ ଅନୁଭବ ବ୍ୟକ୍ତ କରିଛନ୍ତି। ତାଙ୍କର ଏହି ଅନୁଭବ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ସୌମ ୧୯୬୯ ମସିହାରେ ପାଠପଢ଼ା ଛାଡ଼ିଦେଇଥିଲେ। ତା'ର ୫୦ ବର୍ଷ ପରେ ସେ ପୁଣି କଲେଜରେ ଆଡ୍‌ମିଶନ ନେଇଥିଲେ। ସେ ଦିନେ କାର୍ ଚଳାଇବାବେଳେ



ରେଡିଓରେ ଶୁଣିଥିଲେ ଯେ ଗୋଟେ ୟୁନିଭର୍ସିଟି ଏମିତି ଖାଲିରେ ଗ୍ରାଜୁଏଶନ ଡିଗ୍ରୀ ଦେଉଛି, ଯାହାକୁ ନେବାକୁ କୌଣସି ବୟସସୀମା ନାହିଁ। ଏହାପରେ ସେ ଗ୍ରାଜୁଏଶନ କରିବାକୁ ନିଷ୍ପତ୍ତି ନେଲେ। ସୌମଙ୍କ ଘରେ କେହି କି ଗ୍ରାଜୁଏଟ ନ ଥିଲେ। ସେଥିପାଇଁ ସେ ୨୦୧୯ରେ ଗ୍ରିନେଟ୍ କଲେଜରେ ଆଡ୍‌ମିଶନ ନେଲେ। ୪ ବର୍ଷ ପରେ ସେ ଗ୍ରାଜୁଏଶନ ଶେଷ କରିଦେଲେ। ଗତ ଗୁରୁବାର ତାଙ୍କୁ ଗ୍ରାଜୁଏଶନ ଡିଗ୍ରୀ ମିଳିଛି। ଏହି ସମୟରେ ସେ ଭାବପ୍ରବଣ ହୋଇଯାଇଥିଲେ। କାରଣ ସେ ସମୟରେ ତାଙ୍କର ୯୮ ବର୍ଷୀୟା ମା' ସେଠାରେ ଉପସ୍ଥିତ ଥିଲେ। ସୌମ ତାଙ୍କ ମା'ଙ୍କ ସ୍ୱପ୍ନ ପୂରଣ କରି ଗର୍ବ ଅନୁଭବ କରୁଛନ୍ତି। ସେ ଜଣେ ଷ୍ଟୋରି ରାଇଟର ହେବାକୁ ଚାହୁଁଛନ୍ତି। ବର୍ତ୍ତମାନ ସେ ସିନେମା ଏବଂ ମିଡିଆ ଆର୍ଟରେ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ସେ ପଢ଼ାକୁ ନେଇ ଡରି ଯାଇଥିଲେ। ହେଲେ ପରେ ସେ ପାଠପଢ଼ାର ମଜା ଉଠାଇଥିବା କହିଛନ୍ତି।

## ଦୀପିକାଙ୍କ ଡ୍ରେସ୍ କପି କରି ଆଲିଆ ଟ୍ରୋଲ୍

ମୁମ୍ବାଇ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ନିକଟରେ ବହୁ ଚର୍ଚ୍ଚାରେ ରହିଛନ୍ତି। ସେ ଦୁଇ ଦୁଇ ଥର ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଥିବାବେଳେ ଏବେ ତାଙ୍କ ଡ୍ରେସ୍‌କୁ ନେଇ ଟ୍ରୋଲ ହେବାକୁ ପଡ଼ିଛି। ଆଲିଆ ଏକ ମାଗାଜିନ୍ ପାଇଁ ନିକଟରେ ଫଟୋଶୁଟ କରାଇଛନ୍ତି। ହେଲେ ସେହି ଫଟୋଶୁଟରେ ପିନ୍ଧିଥିବା ଡ୍ରେସ୍‌ଟି ସେ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କଠାରୁ କପି କରିଥିବା ଜଣାପଡ଼ିଛି, ଯାହାକୁ ଦୀପିକା ୨୦୧୯ କାନ୍‌ସ ଫେଷ୍ଟିଭାଲରେ ପିନ୍ଧିଥିଲେ। ଦୀପିକାଙ୍କ ପ୍ରଶଂସକ ଆଲିଆଙ୍କ ଏହି ଫଟୋଶୁଟ୍‌କୁ ଦୀପିକାଙ୍କ କପି ବୋଲି କହି ଟ୍ରୋଲ କରିଛନ୍ତି। ଏଥିରେ ପ୍ରଶଂସକ ଆଲିଆ ଦୀପିକା ପାଦୁକୋନ ହେବାକୁ ଚେଷ୍ଟା କରୁଥିବା କହିଛନ୍ତି। ଏଥିସହ ଅନେକ ମଧ୍ୟ ଏଥିରେ ଭଲ କମେଣ୍ଟ କରିଛନ୍ତି। ଆଲିଆ ଏବଂ ଦୀପିକା ତାଙ୍କ ଲୁକ୍‌ରେ ବହୁତ ସୁନ୍ଦର ବୋଲି ଅନ୍ୟଜଣେ କହିଛନ୍ତି। ତେବେ ଆଲିଆ ଶେଷ ଥର ପାଇଁ ଚଳଚ୍ଚିତ୍ର 'ବ୍ରହ୍ମାସ୍ତ୍ର'ରେ ସ୍ୱାମୀ ରଣବୀର କପୁରଙ୍କ ସହ ଦେଖିବାକୁ ମିଳିଥିଲେ। ଆଗକୁ ତାଙ୍କ ହାତରେ ଆଉ ୨ ଫିଲ୍ମ ମଧ୍ୟ ରହିଛି, ଯାହା ପାଇଁ ସେ ତାଙ୍କ ପ୍ରସ୍ତୁତି ଚଳାଇଛନ୍ତି।

## କ୍ୟାନ୍ସର ପୀଡ଼ିତା ମା'ଙ୍କ ପାଇଁ ଲଣ୍ଡା ହେଲେ ପୁଅ

ନୂଆଦିଲ୍ଲୀ

କ୍ୟାନ୍ସର ଏପରି ଏକ ରୋଗ, ଯାହା ରୋଗୀଙ୍କ ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗିଦିଏ। କେମୋଥେରାପିର କଷ୍ଟ ଏବଂ ମରିବାର ଡର ଆତ୍ମବିଶ୍ୱାସକୁ ନଷ୍ଟ କରିଦିଏ। ଏହି ସମୟରେ ଯେତେ ମାନସିକ ସହାୟତା ଦିଆଗଲେ ମଧ୍ୟ ତାହା କମ୍ ପଡ଼ିଥାଏ। ନିକଟରେ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ କ୍ୟାନ୍ସର ପୀଡ଼ିତ ମା' ପାଇଁ ତାଙ୍କ ପୁଅ ଏବଂ ତାଙ୍କ ସାଙ୍ଗମାନେ ଯାହା କଲେ ତାହା ସେହି ମା'ଙ୍କ ଆଖିରେ ଖୁସିର ଲୁହ ଆଣିଦେଇଛି। ପ୍ରକୃତରେ ଏହି ଭିଡିଓଟି ଏକ ସେଲୁନ ଦୋକାନର।



ସେଠାରେ ଜଣେ ପୁଅ ତାଙ୍କ କ୍ୟାନ୍ସର ପୀଡ଼ିତା ମା'ଙ୍କ ଚୁଟି କାଟୁଛନ୍ତି। ତାଙ୍କର ସମସ୍ତ ଚୁଟି କଟାଯାଉଥିବା ଦେଖି ମହିଳାଙ୍କୁ ବହୁତ କଷ୍ଟ ହେଉଥିଲା। ସେହି ସମୟରେ ତାଙ୍କ ପୁଅ ମଧ୍ୟ ନିଜ ମୁଣ୍ଡରେ ରେଜର ଚଳାଇ ଲଣ୍ଡା ହୋଇଯାଇଥିଲେ। ସାଙ୍ଗର ମା'ଙ୍କୁ ସାହସ ଦେବାକୁ ସେଠାରେ ଉପସ୍ଥିତ ୨ ଜଣ ମଧ୍ୟ ଲଣ୍ଡା ହୋଇଥିଲେ। ନିଜ ପୁଅ ଏବଂ ତା' ସାଙ୍ଗମାନଙ୍କ ଏପରି ଭଲ ପାଇବା ଦେଖି ମହିଳା ଜଣକ ଭାବୁକ ହୋଇଯାଇଥିଲେ। ଏହି ଭିଡିଓକୁ ସୋସିଆଲ ମିଡିଆରେ ବହୁ ଲୋକ ପସନ୍ଦ କରିଥିବା ଦେଖିବାକୁ ମିଳିଛି। ଏଥିସହ ଭିଡିଓରେ ଅନେକ ଲୋକ ଭଲ ଭଲ କମେଣ୍ଟ ଦେଇ ମହିଳା ଖୁବ୍‌ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

## ଖଟିଆର ମୂଲ୍ୟ ୧.୧୨ ଲକ୍ଷ ଟଙ୍କା



**ନୂଆଦିଲ୍ଲୀ:** ଭାରତର ଘରଗୁଡ଼ିକରେ ବ୍ୟବହୃତ ହେଉଥିବା ଖଟିଆ ସାଧାରଣତଃ ରାସ୍ତା କଡ଼ରେ ମିଳିଯାଏ, ଯାହାର ମୂଲ୍ୟ ୨ ହଜାରରୁ ଆରମ୍ଭ କରି ୧୦ ହଜାର ପର୍ଯ୍ୟନ୍ତ ରହିଥାଏ। ଏହା ଝୋଟରେ ପ୍ରସ୍ତୁତ କରାଯାଇଥାଏ। ହେଲେ ବର୍ତ୍ତମାନ ଘରଗୁଡ଼ିକରେ ଏହା ଖୁବ୍ କମ୍ ମାତ୍ରାରେ ଦେଖିବାକୁ ମିଳିବ। ତେବେ ଏକ ବିଦେଶୀ ୱେବ୍‌ସାଇଟ୍‌ରେ ଏହି ଖଟିଆ ଖୁବ୍ ଚର୍ଚ୍ଚାରେ ରହିଛି। ଆମେରିକାର ଇ–କମର୍ସ କମ୍ପାନୀ ଇଟିଏସ୍‌ୱାଇ ଡଟ୍ ଇନ୍ ଖାସ୍ କରି ସବୁ ୱେଷ୍ଟେଜ ଜିନିଷ ବିକ୍ରି କରିଥାଏ। ଏହି ଜିନିଷ ମଧ୍ୟରେ ଖଟିଆ ମଧ୍ୟ ରହିଛି। ସେଥିରେ ସେହି ଖଟିଆ ବାବଦରେ ସମସ୍ତ ତଥ୍ୟ ଉଲ୍ଲେଖ ରହିଛି। ଆମେରିକାର ଲୋକ ମଧ୍ୟ ସେହି ଖଟିଆକୁ କିଣୁଥିବା ଦେଖିବାକୁ ମିଳୁଛି। ଏଠାରେ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ୩୬ ଇଞ୍ଚ ଚଉଡ଼ା, ୭୨ ଇଞ୍ଚ ଉଚ୍ଚତା ଏବଂ ୧୮ ଇଞ୍ଚ ଗଭୀରତା ବିଶିଷ୍ଟ ଖଟିଆ, ଯାହାର ଦାମ୍ ରହିଛି ୧.୧୨ ଲକ୍ଷ ଟଙ୍କା। ଅନ୍‌ଲାଇନରେ ଏପରି ଉଚ୍ଚ ଦାମ୍ ବିଶିଷ୍ଟ ଜିନିଷ ଅନେକ ରହିଛି, ହେଲେ ୱେଷ୍ଟେଜ ଜିନିଷରେ ଏକ ଖଟିଆର ଦାମ୍ ଏତେ ଯାହା ଆଶ୍ଚର୍ଯ୍ୟକର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରେଭ୍‌ନାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଏଫ୍‌ସି କ୍ୱାର୍ଟର ଫାଇନାଲରେ


ଓଡ଼ିଶା ଏଫ୍‌ସି ମହିଳା ଦଳ।

**ଭୁବନେଶ୍ୱର,୧୩।୫(ସ୍ପୋର୍ଟ୍ସ ବ୍ୟୁରୋ):** ଗୁଜରାଟରେ ଅନୁଷ୍ଠିତ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଶନିବାର ମ୍ୟାଚ୍‌ରେ ପଏଣ୍ଟ ବାଣ୍ଟି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଏଫ୍‌ସି ଟେବଲ୍ ଟପର୍ ସେଥୁ ଏଫ୍‌ସି ସହିତ ଶନିବାର ୦-୦ରେ ମ୍ୟାଚ୍‌କୁ ଅମୀମାଂସିତ ରଖିଛି। ଏହା ସହିତ ୭ ମ୍ୟାଚ୍‌ରୁ ଓଏଫ୍‌ସି ୫ ବିଜୟ ହାସଲ କରିଥିବା ବେଳେ ଗୋଟିଏ ଲେଖାଏ ମ୍ୟାଚ ଅମୀମାଂସିତ ଓ ପରାଜୟରେ ଶେଷ ହୋଇଛି। ଓଏଫ୍‌ସି ୧୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ପ୍ରଥମ ସ୍ଥାନରେ ରହିଥିବା ସେଥୁ ୭ ମ୍ୟାଚରୁ ୫ ବିଜୟ ଓ ୨ ଡ୍ର ସହିତ ୧୭ ପଏଣ୍ଟ ଅର୍ଜନ କରିଛି। ଉଭୟ ଗ୍ରୁପ୍‌ରୁ ଶ୍ରେଷ୍ଠ ୪ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଗ୍ରୁପ୍ ବି ରୁ ସେଥୁ, ଓଏଫ୍‌ସି, କିକ୍‌ଷ୍ଟାର୍ଟ ଏଫସି ଓ ଇଷ୍ଟର୍ଣ୍ଣ ୟୁନିୟନ୍ ସ୍ପୋର୍ଟିଂ ଓ ଗ୍ରୁପ୍ ଏରୁ ଗୋକୁଲମ୍ କେରଳ, ସ୍ପୋର୍ଟ୍ସ ଓଡ଼ିଶା, ଇଷ୍ଟବେଙ୍ଗଲ ଏଫ୍‌ସି ଓ ହପ୍‌ସ ଫୁଟବଲ୍ କ୍ଲବ କ୍ୱାର୍ଟର ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀ ରେଭ୍‌ନାସ ସାମଲ**

"ଯେବେ ଠୁ ଆସିଲୁ ଘର ଅଗଣାକୁ
ହସ ଝରେ ବାର ମାସୀ
ତୋ ଜନମ ଦିନେ ଦବା ପାଇଁ ତତେ
କିଛି ନାହିଁ ପାଖେ ମୋର
ପ୍ରାର୍ଥନା କରୁଛି ଜଗନ୍ନାଥ ପାଖେ
ମୋ ଆୟୁଷ ହେଉ ତୋର"।

ଜନ୍ମଦିନର ଶୁଭେଚ୍ଛାରେ ସାମଲ ପରିବାରବର୍ଗ

ଧ-୦୩୫୨


## ସାହାଣୀ କପ୍ ଫୁଟ୍‌ବଲ

# ବରଗଡ଼କୁ ତୃତୀୟ ସ୍ଥାନ


ଅତିଥି, ମ୍ୟାଚ୍ ଅଫିସିଆଲଙ୍କ ସହ ବରଗଡ଼ ଓ ସୁନ୍ଦରଗଡ଼ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୧୩।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ୬୨ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର ୩ୟ ଓ ୪ର୍ଥ ସ୍ଥାନ ପାଇଁ ମ୍ୟାଚ ଶନିବାର କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ୨-୦ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ଦଳ ପକ୍ଷରୁ ଅନ୍ତର୍ଯାମୀ ନାୟକ ଖେଳର ୩ୟ ଓ ୮୭ତମ ମିନିଟ୍‌ରେ ସ୍କୋର କରିଛନ୍ତି। ଶଶିକାନ୍ତ ଦାସିଆ, ସଞ୍ଜୀବ ଦାଶ, ଦେବାଶିଷ ବାଗ୍ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ମ୍ୟାଚ ଅଫିସିଆଲ ରହିଥିବା ବେଳେ ସୁଜିତ କୁମାର ପାତ୍ରୋ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ବିଜୟ ଦାସ ଓ ଦିଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ଫାଓ ସଦସ୍ୟ ତଡିତ୍ କୁମାର ରାଉତ, ବୀରେନ୍ଦ୍ର ବେହେରା ଏବଂ ଫାଓ ମହିଳା କମିଟି ଚେୟାରମ୍ୟାନ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ସ୍ଥାନ ଅଧିକାର କରିଥିବାରୁ ବରଗଡ଼ ପୁରସ୍କାର ବାବଦରେ ୨୫ ହଜାର ଟଙ୍କା ଏବଂ ଚତୁର୍ଥ ହୋଇଥିବା ସୁନ୍ଦରଗଡ଼ ଦଳକୁ ୧୫ହଜାର ଟଙ୍କା ପୁରସ୍କାର ମିଳିବ। ଅନ୍ୟପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଫାଇନାଲ କଟକ ଓ କନ୍ଧମାଳ ମଧ୍ୟରେ ହେବ। ପ୍ରଥମ ଫାଇନାଲ ମ୍ୟାଚ କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ରବିବାର ଏବଂ ଦ୍ୱିତୀୟଟି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୧୭ରେ ଖେଳାଯିବ।

# ବିଶ୍ୱ ରେକର୍ଡ ସତ୍ତ୍ୱେ ପଦକ ଜିତିପାରିଲେନି ରିଦିମ



**ବାକୁ, ୧୩।୫ (ପି.ଟି.):** ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍‌ର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟ ଭାରତୀୟ ଶୁଟର ରିଦିମ ସାଙ୍ଗୱାନ କ୍ୱାଲିଫିକେଶନ ରାଉଣ୍ଡରେ ୨୯ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଥିଲେ ସୁଦ୍ଧା ପରେ ୮ମ ସ୍ଥାନ ଅଧିକାର କରି ପଦକ ହାସଲ କରିପାରି ନାହାନ୍ତି। ୨୫ ମିଟର ପିସ୍ତଲ କ୍ୱାଲିଫିକେଶନରେ ରିଦିମ ଚମକପ୍ରଦ ୫୯୫ ଶଟ୍ କରି ୧୯୯୪ରେ ମିଳାନରେ ବୁଲ୍‌ଗାରିଆର ଡାଏନା ଲୋରଗୋଭାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଇତିମଧ୍ୟରେ ଏହି ରେକର୍ଡ ସହ ଦୁଇଥର ସମକକ୍ଷ ହେବା ସମ୍ଭବ ହୋଇ ପାରିଛି। ତନ୍ମଧ୍ୟରେ ନିକଟରେ ଚଳିତବର୍ଷ ମାର୍ଚ୍ଚରେ ଭୋପାଳ ବିଶ୍ୱକପ୍‌ରେ ଜର୍ମାନୀର ଡୋରିନ୍ ଭେନେକାମ୍ପ ଅନ୍ୟତମ। ଏଠାରେ ଡୋରିନ୍ ବ୍ରୋଞ୍ଜ ଜିତିଥିବା ବେଳେ ଚାଇନାର ଫେଙ୍ଗ୍ ସିଜୁଆନ ଇଭେଣ୍ଟର ଫାଇନାଲରେ ୩୮ ହିଟ୍ କରି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱକପ୍ ସ୍ୱର୍ଣ୍ଣ ଜିତିଛନ୍ତି। ଇରାନର ହାନିୟେ ରୋସ୍ତାମିୟାଁ (୩୩)ଙ୍କୁ ରୌପ୍ୟ ପଦକ ମିଳିଛି। ରିଦିମ ବୁଧବାର ମହିଳା ୧୦ମିଟର ଏୟାର ପିସ୍ତଲରେ ଏକ ବ୍ରୋଞ୍ଜ ଜିତିସାରିଛନ୍ତି। ଏହା ଥିଲା ତାଙ୍କର ସିନିୟର ସ୍ତରରେ ପ୍ରଥମ ପଦକ। ରିଦିମ ଆହୁରି ମଧ୍ୟ ଜୁନିୟର ମହିଳାରେ ୨୫ ମିଟର ପିସ୍ତଲରେ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବରୁ ୩୪ ବର୍ଷ ପୂର୍ବେ ଜାଗ୍ରେବ୍‌ଠାରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ରୁଷିଆର ନିନୋ ସାଲୁକ୍‌ଭାଦେଜ୍ ୫୯୩ ଶଟ୍ ସହ ଏହି ରେକର୍ଡର ଅଧିକାରୀ ଥିଲେ। ପରେ ଭାରତର ମନୁ ଭାକର ୨୦୧୮ ଜାକର୍ତ୍ତା ଏସିଆନ୍ ଗେମ୍ସରେ ଏହି ରେକର୍ଡର ସମକକ୍ଷ ହୋଇପାରିଥିଲେ। ଚଳିତ ଚାମ୍ପିୟନଶିପ୍‌ରେ ଭାରତ ପ୍ରଥମ ଥର ଗୋଟିଏ ଦିନ ପଦକ ହାସଲ କରିବାରେ ବିଫଳ ହୋଇଛି। କ୍ୱାଲିଫିକେଶନ ରାଉଣ୍ଡରେ ରିଦିମ ଯଦିଓ ୫୯୫ ଶଟ୍ ସହ ଶୀର୍ଷରେ ରହିଥିଲେ। ଇଶା ଓ ମନୁ ଯଥାକ୍ରମେ ୫୮୨ ଓ ୫୭୮ ଶଟ୍ ସହ ଯଥାକ୍ରମେ ୧୩ତମ ଓ ୨୭ ତମ ସ୍ଥାନରେ ରହିଥିଲେ।

# ଆଡ୍‌ହକ କମିଟି ହାତରେ ପୂର୍ଣ୍ଣ କ୍ଷମତା

**ନୂଆଦିଲ୍ଲୀ,୧୩।୫(ପି.ଟି.)**

ଭାରତୀୟ ରେସଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଧାରଣା ୨୦ ଦିନରେ ପହଞ୍ଚିଛି। ଶନିବାର ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ) ପକ୍ଷରୁ ନିଯୁକ୍ତ ଆଡ୍‌ହକ କମିଟିକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି। ଏହା ସହ ଡବ୍ଲ୍ୟୁଏଫ୍‌ଆଇ ମହାସଚିବଙ୍କୁ ସମସ୍ତ ଅଫିସିଆଲ ଡକ୍ୟୁମେଣ୍ଟ ଆଡ୍‌ହକ କମିଟିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ଡବ୍ଲ୍ୟୁଏଫ୍‌ଆଇ ପରିଚାଳନାରେ ଏହାର ଅଧିକାରୀଙ୍କ କୌଣସି ଭୂମିକା ରହିବ ନାହିଁ। ଆଇଓଏର ନିର୍ଦ୍ଦେଶ ପାଳନ କରିବାରେ କୌଣସି ଅସୁବିଧା ନାହିଁ ବୋଲି ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ କୁହାଯାଇଛି। କ୍ରୀଡା ମନ୍ତ୍ରଣାଳୟ ନିର୍ଦ୍ଦେଶରେ ଆଇଓଏ ପକ୍ଷରୁ ଏହି କମିଟି ଗଠନ କରାଯାଇଥିଲା। ଏହା ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ କାର୍ଯ୍ୟଭାର ପରିଚାଳନା କରିବ। ଏହା ସହିତ ଡବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ପ୍ରକ୍ରିୟା ମଧ୍ୟ ଆଡ୍ କମିଟି ବୁଝିବ। ରେସ୍‌ଲରମାନଙ୍କ ହିତ ପାଇଁ କୌଣସି ଡବ୍ଲ୍ୟୁଏଫ୍‌ଆଇ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ନାହିଁ। ଯେଉଁ ଅଧିକାରୀମାନଙ୍କୁ ଦାୟିତ୍ୱରୁ ଅପସାରଣ କରାଯାଉଛି ସେମାନେ ତୁରନ୍ତ ସମସ୍ତ ଜରୁରୀ ଡକ୍ୟୁମେଣ୍ଟ, ୱେବ୍‌ସାଇଟ୍ ଲଗ୍ ଇନ୍ ଓ ରେସ୍‌ଲରଙ୍କ ଅଂଶଗ୍ରହଣ ତାଲିକା ହସ୍ତାନ୍ତର କରନ୍ତୁ ବୋଲି ଶନିବାର ଆଇଓଏ ପକ୍ଷରୁ ମିଳିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଡବ୍ଲ୍ୟୁଏଫ୍‌ଆଇ ମହାସଚିବ ଭି. ଏନ୍. ପ୍ରସୁଦ୍ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଏହା ଏକ ସାଧାରଣ ପ୍ରକ୍ରିୟା। ପୂର୍ବରୁ ଓଭରସାଇଟ୍ ଗଠନ ହୋଇଥିବା ବେଳେ ଆମେ ସମସ୍ତ ଜରୁରୀ ନଥିପତ୍ର ହସ୍ତାନ୍ତର କରିଥିଲୁ। ବର୍ତ୍ତମାନ ଯେହେତୁ ଆମର କାର୍ଯ୍ୟକାଳ ଶେଷ ହେଉଛି ତେଣୁ ଡକ୍ୟୁମେଣ୍ଟ ହସ୍ତାନ୍ତର କରିବାରେ କୌଣସି ଅସୁବିଧା ନାହିଁ।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। ବୟସ-34, କନ୍‌ଷ୍ଟ୍ରକ୍‌ସନ୍ Company ମ୍ୟାନେଜର୍ ଏବଂ ମ୍ୟାନେଜ୍‌ମେଣ୍ଟ କରନ୍ତି। ଦରମା- 30, 000/-, Mob- 7788888901. D-0306

51 ବୟସ୍କ ନିଃସନ୍ତାନ Central Govt. ଚାକିରିଆ ଏକାକୀ ରହୁଥିବା Cuttack ବାସିନ୍ଦା ଖଣ୍ଡାୟତ ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371586968. D-0349

**GROOM WANTED**

ASHRIBAD WEDDING- ବୟସ 41 ଅବିବାହିତ ବ୍ରାହ୍ମଣ ମହିଳା ପାଇଁ ଯେକୌଣସି ଜାତିର ଉପଯୁକ୍ତ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-0309


REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0332

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

Sumhospital ନିକଟବର୍ତ୍ତୀ Mount leterza school ପାଖରେ plot କିଣନ୍ତୁ। 9853333043, 9438859527. D-74860

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି । ଯୋଗାଯୋଗ: **9438620034.** D-0346

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

**ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.-** D-74855

For sale 2BHK, 2Bath flat in Bhabani Enclave, Saheed Nagar, BBSR. Covered parking 1100sqft. built-up area Club house, Gym, Children's Park, 24/7 security, CCTV, Power backup. 95lakhs. Call- 8763747394. D-71561

**4 Bedroom under construction individual duplex house sale at Gita Engineering College, NH-5 Goharia Chhak, Bhubaneswar cost @85lac. Mob-9938867397.** D-0338

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74679

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842


FOR RENT

**Office space 2175sqft. fully furnished office alongwith at 5, Janpath, Unit-3, Kharabela nagar behind Kalsi Petrolpump, Bhubaneswar -751001. Facilities available 12 split AC, 36 workstations, toilet, pantry, server room, lift, parking for 2wheelers. Security deposite for 6months rent at 4th floor. Contact- 9437001845.** D-73378

My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74682




Newly open health benefits SPA special offer @ 799 Jaydev Vihar. 8018429809. D-75106

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

All types of professional body massage by professional therapy. Contact: 9556924059, 7077933109. D-0332

Newly open SPA Positively health benefit with expert. Contact: 7749976301. D-74543

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

Full body massage in homely atmosphere in all therapy. Mob: 8114881641. D-73429

**LOST**

By the virtue of an affidavit sworn before the Notary Public, Barbil , I Mrs. Sneha Satpathy D/o Paramananda Satpathy Joda west lower camp , Joda Keonjhar, Odisha declare that, I have lost my original pass certificate & Marksheet of ICSE 10th class Board Exam. bearing unique Id No. 5790457 and passed in the year of 2014. If found kindly contact Sneha @ 9348798402. D-0353

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

CLASSIFIED DISPLAY
MORE SPACE • SAME PRICE
ALL EDITION - B/W (Everyday)
For Booking Contact 0674-2580385 8637280816, 7894447167, 9338226625
GST 5%

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଗୋଲକ ବିହାରୀ ଦାସ**
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ: ୦୫।୦୪।୧୯୪୫
ତିରୋଧାନ: ୦୪।୦୫।୨୦୨୩

ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଯିବାର ୧୦ ଦିନ ହୋଇଗଲା। ତୁମର ସ୍ନେହ, ଆଶିଷ, ମମତା ଓ ପରୋପକାରିତା ଆମ୍ଭର ପଥ ପ୍ରଦର୍ଶକ ହେଉ । ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା ।

**ଶୋକସନ୍ତପ୍ତ ବନ୍ଧୁ ପରିବାର ଓ ଆତ୍ମୀୟ ସ୍ୱଜନ**

ଧ-୦୩୧୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଏ ସପ୍ତାହର ପ୍ରଶ୍ନ

୧– ସତ୍ୟ ଶୋଧକ ସମାଜର ପ୍ରତିଷ୍ଠାତା ............ ?
୨– ଇନ୍‌କିଲାବ୍ ଜିନ୍ଦାବାଦ ସ୍ଲୋଗାନ ............ଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ?
୩– ୧୯୦୮ରେ ............ଙ୍କ ଦ୍ୱାରା ଲଣ୍ଡନ ମୁସ୍‌ଲିମ୍ ଲିଗ୍ ପ୍ରତିଷ୍ଠା ହୋଇଥିଲା ?
୪– ................................ ସମ୍ବନ୍ଧିତ ପାଠକୁ ଓଫିଓଲୋଜି କୁହାଯାଏ ?
୫– ........................................ ପାରାଗୁଏର ନୂଆ ରାଷ୍ଟ୍ରପତି ?

## ଗତ ଥରର ଉତ୍ତର

୧ ନ୍ୟୁଜିଲାଣ୍ଡ
୨ ସାଉଦି ଆରବ
୩ ଗୃହ ବ୍ୟାପାର ମନ୍ତ୍ରଣାଳୟ
୪ ୨୦୦୫
୫ ଭାରତ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


କଳ୍ପନା ବେହେରା, ଭୁବନେଶ୍ୱର


ଛବିଲାଲ୍ ଭଟ୍ଟି, କଳାହାଣ୍ଡି

## ଟପ୍ ୧୦

### ପୃଥିବୀର ଲୋକପ୍ରିୟ ଏସି ବ୍ରାଣ୍ଡ–୨୦୨୩

୧ ...... ଡାଇକିନ
୨ ...... ହିଟାଚି
୩ ...... ବ୍ଲୁ ଷ୍ଟାର୍
୪ ...... କ୍ୟାରିୟର୍
୫ ...... ୱର୍‌ପୁଲ୍
୬ ...... ଭୋଲ୍ଟାସ୍
୭ ...... ପାନାସୋନିକ୍
୮ ...... ଏଲ୍‌ଜି
୯ ...... ସାମ୍‌ସଙ୍ଗ
୧୦ ...... ଇଲେକ୍ଟ୍ରୋଲକ୍ସ




## ଯୁଥ୍ ଆଲର୍ଟ

# ଏସି ବ୍ୟବହାର କରୁଥିଲେ

ବର୍ତ୍ତମାନ ଅସହ୍ୟ ଖରା ଓ ଗରମରେ ସମସ୍ତେ ଅତିଷ୍ଠ। ଏମିତିରେ ଆରାମ ଲାଗି ଅଫିସ୍‌ରୁ ଆରମ୍ଭ କରି ଗାଡ଼ି, ଘର ପର୍ଯ୍ୟନ୍ତ ପ୍ରାୟ ସବୁ ସ୍ଥାନରେ ଏୟାର କଣ୍ଡିଶନର(ଏସି)ର ବ୍ୟବହାର ବଢ଼ିଯାଇଛି। ହେଲେ ଆପଣ ଜାଣନ୍ତିକି ଏସି ବ୍ୟବହାର କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...



❖ଅତ୍ୟଧିକ ଗରମ ବେଳେ ଏସିର ଥଣ୍ଡା ପରିବେଶରେ ରହିବାକୁ କାହାକୁ ବା ଭଲ ନ ଲାଗେ! ହେଲେ ଦୀର୍ଘ ସମୟ ଏସି ରୁମ୍‌ରେ ରହିବା ଦ୍ୱାରା ଶରୀରରୁ ଜଳୀୟାଂଶ ଖୁବ୍‌ଶୀଘ୍ର କମିଥାଏ। ଫଳରେ ଡିହାଇଡ୍ରେଶନ୍ ସମସ୍ୟା ଉପୁଜିପାରେ। ତେଣୁ ଏହି ସମସ୍ୟା ନ ହେବା ଲାଗି ଏସିର ଟେମ୍ପରେଚର ବହୁତ କମ୍ ନ କରି ନର୍ମାଲ ରଖନ୍ତୁ ଏବଂ ମଝିରେ ମଝିରେ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

❖ଅଧିକ ସମୟ ଏସିରେ ରହିବା ଦ୍ୱାରା ଡ୍ରାଏ ଆଇ ବା ଆଖି ଶୁଷ୍କ ହେବା ସମସ୍ୟା ଦେଖାଦିଏ। ଫଳରେ ଆଖି କୁଣ୍ଡେଇ ହୋଇ ଲାଲ୍ ପଡ଼ିଥାଏ। ଯେଉଁମାନଙ୍କଠାରେ ପୂର୍ବରୁ ଏଭଳି ସମସ୍ୟା ଥାଏ, ସେମାନେ ଏସିରେ ଅଧିକ ସମୟ ଆଦୌ ରହିବା ଠିକ୍ ନୁହେଁ, ନଚେତ୍ ସମସ୍ୟା ବଢ଼ିପାରେ।

❖ସେହିପରି ଏସିରେ ଦୀର୍ଘ ସମୟ ରହିବା ଦ୍ୱାରା ମଶ୍ଚରାଇଜର କମିଯିବା ଦ୍ୱାରା ସ୍କିନ୍ ଡ୍ରାଏ ହୋଇଯାଏ। ଏଥିପାଇଁ ମଧ୍ୟ କାହା କାହାଠାରେ ତ୍ୱଚା କୁଣ୍ଡେଇ ହେବା ଭଳି ବିଭିନ୍ନ ଲକ୍ଷଣ ଦେଖାଦିଏ।

❖ଏସି ବ୍ୟବହାର କେତେକଙ୍କଠାରେ ନାକ ଶୁଖିବା, ପୋଡ଼ିବା, ବ୍ଲକ୍ ହେବା, ଗଳାରେ ଯନ୍ତ୍ରଣା ହେବା ଭଳି ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏହା ଏକ ପ୍ରକାରର ଆଲର୍ଜିକ୍ ରିଆକ୍ସନ୍। ଏହା ଶ୍ୱାସ ସମସ୍ୟାର କାରଣ ସାଜିପାରେ। ବିଶେଷକରି ପୂର୍ବରୁ କୌଣସି ଥଣ୍ଡା ଆଲର୍ଜି କିମ୍ବା ଶ୍ୱାସ ବା ଆଜ୍‌ମା ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ।

❖କେବଳ ଏତିକି ନୁହେଁ, କାହା କାହାଠାରେ ଏସି ଯୋଗୁ ମୁଣ୍ଡବିନ୍ଧା, ମାଇଗ୍ରେନ୍ ଆଦି ସମସ୍ୟା ବି ଦେଖାଦେଇଥାଏ। ତେଣୁ ଏଭଳି ଅସୁବିଧା ଦୂର କରିବା ଲାଗି ଏସି ବ୍ୟବହାର କମ୍ କରନ୍ତୁ।

❖ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧିକ ସମୟ ଏସିରେ ରହିବା ଦ୍ୱାରା ବାହାରକୁ ଗରମରେ ବାହାରିଲେ ହଠାତ୍ ତାପମାତ୍ରା ପରିବର୍ତ୍ତନ ଅନେକଙ୍କ ଶରୀର ସମ୍ଭାଳି ପାରି ନ ଥାଏ। ତାପମାତ୍ରାର ଅସନ୍ତୁଳନ ଯୋଗୁ ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।



# ମା' ପରି...

ସନ୍ତାନର ପ୍ରଥମ ଗୁରୁ ମା'। ତା' ଶିକ୍ଷା ଓ ଆକଟ ସନ୍ତାନକୁ ଭଲ ମଣିଷ କରି ଗଢ଼ି ତୋଳେ। ତା' ପ୍ରେରଣା ଓ ମାର୍ଗଦର୍ଶନ ସନ୍ତାନ ପାଇଁ କଢ଼ାଏ ସଫଳତାର ମାର୍ଗ। ଆଉ ଯେଉଁ ସନ୍ତାନ ନିଜ ମା'ଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ତାଙ୍କୁ ଆଦର୍ଶ ମାନି ସେହି କ୍ଷେତ୍ରରେ ସଫଳ ହେବାକୁ ଲକ୍ଷ୍ୟ ରଖେ, ତା'ପାଇଁ ସଫଳତାର ମାର୍ଗ ହୋଇଯାଏ ଆହୁରି ସହଜ ଓ ସରଳ। ଆଜି ମଦର୍ସ ଡେ' ଉପଲକ୍ଷେ ନିଜ ମା'ଙ୍କୁ ଆଦର୍ଶ ମାନି ଏକା କ୍ଷେତ୍ରରେ କାର୍ଯ୍ୟ କରୁଥିବା କେତେଜଣ ଯୁବତୀ ଯୁବକଙ୍କୁ ନେଇ ବିଶେଷ ଉପସ୍ଥାପନା...

### ମାମାଙ୍କ ସେବା ଗୁଣ ଅନୁପ୍ରାଣିତ କରିଥିଲା

**ସ୍ମୃତିରଞ୍ଜନ ପରିମାଣିକ** (ଡାକ୍ତର, ମ.ରାମପୁର, କଳାହାଣ୍ଡି)– ଯାହାଙ୍କ ହାତତିଆରି ଟେଷ୍ଟି ଟେଷ୍ଟି ଜଳଖିଆରୁ ଆରମ୍ଭ ହୁଏ ମୋର ଦିନ, ଯିଏ ମୋର ପଢ଼ିବାଠାରୁ ଆରମ୍ଭ କରି ଚାକିରି କରିବା ପର୍ଯ୍ୟନ୍ତ ସବୁ ସମୟରେ ସାଜିଛନ୍ତି ଗାଇଡ୍, ଆଉ ଯାହାଙ୍କ ପ୍ରତିଟି କଥାରେ ରହିଛି ମୋ ପାଇଁ ଉପଦେଶ; ସିଏ ଆଉ କେହି ନୁହନ୍ତି ମୋର ଅତି ଆପଣାର ମାମା (ରାଜଲକ୍ଷ୍ମୀ ବେହେରା)। ପେସାରେ ସେ ଜଣେ ଡାକ୍ତର। ପରିବାରରେ ଯେପରି ଆମ ସମସ୍ତଙ୍କ ପ୍ରତିଟି ଛୋଟ ଛୋଟ କଥା ପ୍ରତି ସେ ଗୁରୁତ୍ୱ ଦିଅନ୍ତି ଏବଂ ଯତ୍ନ ନିଅନ୍ତି, ଡାକ୍ତରଖାନାରେ ମଧ୍ୟ ସେହିଭଳି ସମ୍ପୂର୍ଣ୍ଣ ନିଷ୍ଠାର ସହିତ ରୋଗୀ ଚିକିତ୍ସା କରନ୍ତି। ଆଉ ତାଙ୍କର ଏହି ସେବା ମନୋଭାବ ମୋତେ ଅନୁପ୍ରାଣିତ କରିଥିଲା ଜଣେ ଡାକ୍ତର ହେବା ପାଇଁ। ମାଟ୍ରିକ୍ ସରିବା ପରେ ସାଇନ୍ସ ପଢ଼ି ଡାକ୍ତର ହେବା ଲାଗି ଯେତେବେଳେ ଇଚ୍ଛା ପ୍ରକାଶ କରିଥିଲି, ସେ ବହୁତ ଖୁସି ହୋଇଥିଲେ। ବାପା (ମହେନ୍ଦ୍ର କୁମାର ପରିମାଣିକ) ମଧ୍ୟ ଜଣେ ଡାକ୍ତର। ତେଣୁ ଏହି ଦିଗରେ କ୍ୟାରିୟର ଗଢ଼ିବା ଲାଗି ଉଭୟ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ସତ କହିବାକୁ ଗଲେ ଆଜି ଏହି ସ୍ଥାନରେ ପହଞ୍ଚିବା ଲାଗି ମୋଠୁ ମୋ ମାମାଙ୍କ ପରିଶ୍ରମ ଅଧିକ। ମୋତେ ସକାଳୁ ଉଠାଇ ପଢ଼ାଇବା, ପରୀକ୍ଷା ବେଳେ ରାତି ରାତି ଅନିଦ୍ରା ହୋଇ ପାଖରେ ଜଗି ବସିବା ଯୋଗୁ ଆଜି ସଫଳ ହୋଇପାରିଛି। ଆଜି ମଦର୍ସ ଡେ' ଅବସରରେ ଏତିକି କହିବି, ତା'ଙ୍କ କୋଳରୁ ଜନ୍ମ ନେଇ ତାଙ୍କ ପରି ଏକା ପ୍ରଫେଶନ ବାଛି ମୁଁ ଗର୍ବିତ।


ମା' ରାଜଲକ୍ଷ୍ମୀଙ୍କ ସହ ସ୍ମୃତିରଞ୍ଜନ

### ସଫଳତାର ଶ୍ରେୟ ମାମାଙ୍କୁ ଦେବି

**ଶ୍ରେୟା ମହାନ୍ତି** (ନୃତ୍ୟଶିଳ୍ପୀ, ଭୁବନେଶ୍ୱର) – ଚାଲି ଶିଖିବା ଦିନଠୁ ନୃତ୍ୟ ପ୍ରତି ମୋର ଆଗ୍ରହ। ଏ କ୍ଷେତ୍ରରେ ଆଗକୁ ବଢ଼ିବା ଓ ଜଣେ ସଫଳ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ନିଜର ପରିଚୟ ସୃଷ୍ଟି କରିବା ଲାଗି ଯିଏ ସାଜିଥିଲେ ମୋର ପ୍ରଥମ ଗୁରୁ, ସେ ହେଉଛନ୍ତି ମୋ ମା' (ସୁଦେଷ୍ଣା ମହାନ୍ତି)। ସେ ଜଣେ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ। ପିଲାଦିନୁ ତା'ଙ୍କୁ ଦେଖି ଏଥିପ୍ରତି ଆଗ୍ରହ ବଢ଼ିଥିଲା। ଆଉ ମୋ ରୁଚି ସମ୍ପର୍କରେ ଜାଣିବା ପରେ ମାମା ଓ ବାପା(କୀର୍ତ୍ତି ସୁନ୍ଦର ମହାନ୍ତି) ମୋତେ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ମାତ୍ର ୩ ବର୍ଷ ବୟସରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀରେ ମୋର ଆଡ୍‌ମିଶନ୍ କରାଇଥିଲେ। ସେଠାରେ ସପ୍ତାହକୁ ଦୁଇ ଦିନ କ୍ଲାସ ପରେ ଅନ୍ୟ ୫ଦିନ ମାମା ଘରେ ମୋତେ ନୃତ୍ୟ ଶିଖାଉଥିଲେ। ଆରମ୍ଭରୁ ହିଁ ଜଣେ ଡ୍ୟାନ୍ସର କ'ଣ ଖାଇଲେ ଫିଟ୍‌ନେସ୍ ଠିକ୍ ରହିବ, କେତେ ସମୟ ଅଭ୍ୟାସ କରିବା ଦରକାର ଆଦି ପ୍ରତିଟି ଦିଗରେ ମାମା ମୋ ପାଇଁ ବେଶ୍ ଯତ୍ନଶୀଳ। ତା'ଙ୍କ ପ୍ରେରଣା ଓ ସହଯୋଗ ଯୋଗୁ ଷ୍ଟାଣ୍ଡାର୍ଡ ୩ରେ ପଢ଼ିବା ସମୟରେ ଅନ୍ତର୍ଜାତୀୟ ସ୍ତରରେ ନୃତ୍ୟ ପ୍ରଦର୍ଶନର ସୁଯୋଗ ପାଇସାରିବା ପରେ ସେଣ୍ଟର ଫର୍ କଲ୍‌ଚରାଲ ରିସୋର୍ସେସ୍ ଆଣ୍ଡ ଟ୍ରେନିଂ (ସିସିଆର୍‌ଟି) ପକ୍ଷରୁ ଜୁନିଅର ସ୍କଲାରଶିପ୍ ମଧ୍ୟ ପାଇଛି। ତେବେ ମୋ ରୁଚି ସହିତ ପାଠପଢ଼ାରେ କିପରି ଭଲ ପ୍ରଦର୍ଶନ କରିବି, ସେଥିପ୍ରତି ମଧ୍ୟ ମାମା ବିଶେଷ ଗୁରୁତ୍ୱ ଦେଇଥା'ନ୍ତି। ମାମାଙ୍କ ପ୍ରୋତ୍ସାହନରେ ୧୨ ବର୍ଷ ହେବ ଓଡ଼ିଶୀ ନୃତ୍ୟ କରିଆସୁଛି। ତେଣୁ ନିଜ ସଫଳତାର ସମସ୍ତ ଶ୍ରେୟ ତାଙ୍କୁ ହିଁ ଦେବି।


ମା' କ୍ରିଷ୍ଟାଙ୍କ ସହ ଅର୍ମନ୍


ମା' ଅନୁରାଧାଙ୍କ ସହ ଆଂଶିକା

### ମଦର୍ସ ଡେ': କେବେଠୁ

ଆଜି ମଦର୍ସ ଡେ'। ମା'ଙ୍କ ପ୍ରତି ଥିବା ଗଭୀର ସ୍ନେହ ଶ୍ରଦ୍ଧା ଦର୍ଶାଇବା ପାଇଁ ଏହି ଦିବସଟିର ପରିକଳ୍ପନା। ତେବେ ଫିଲାଡେଲ୍‌ଫିଆର ଆନ୍ନା ଜାର୍ଭିସ୍ ୧୯୦୭ ମସିହା ମେ' ୧୨ ତାରିଖରେ ସର୍ବପ୍ରଥମେ ନିଜ ମା'ଙ୍କ ସ୍ମୃତିରେ ଏହି ଦିବସ ପାଳନ କରିଥିଲେ। ଧିରେ ଧିରେ ଆମେରିକାର ଅନ୍ୟ ରାଜ୍ୟ ଗୁଡ଼ିକରେ ଏହି ଦିବସ ପଳାନ କରାଗଲା। ୧୯୧୪ ମସିହା ମେ' ୯ ତାରିଖରେ ଆମେରିକା ରାଷ୍ଟ୍ରପତି ଉଡ୍ରୋ ୱିଲ୍‌ସନ୍ ମେ ମାସର ଦ୍ୱିତୀୟ ରବିବାରକୁ ମଦର୍ସ ଡେ' ଭାବେ ପାଳନ କରାଯିବ ବୋଲି ଏକ ବିଲ୍ ପାସ୍ କରିଥିଲେ ଏବଂ ଏହାକୁ ନାଶନାଲ୍ ହଲିଡେ ଭାବେ ଘୋଷଣା କରିଥିଲେ। ସେବେଠୁ ଆମେରିକା, ଭାରତ, ଆଙ୍ଗୁଇଲା, ଆଣ୍ଟିଗୁଆ ଆଣ୍ଡ ବରବୁଡା, ଆରୁବା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବାହାମାସ, ବାଂଲାଦେଶ ଆଦି ବହୁ ଦେଶରେ ମେ' ଦ୍ୱିତୀୟ ରବିବାରକୁ ମଦର୍ସ ଡେ' ଭାବେ ପାଳନ କରାଯାଉଛି। ଏହା ବ୍ୟତୀତ ଅନ୍ୟ ଦେଶଗୁଡ଼ିକରେ ଏହି ଦିବସ ଭିନ୍ନ ଭିନ୍ନ ତାରିଖରେ ପାଳନ କରାଯାଇଥାଏ।

### ମା' ହିଁ ମୋ ପ୍ରେରଣାର ଉତ୍ସ

**ଆଂଶିକା ରାଉତରାୟ** (କ୍ରୀଡ଼ାବିତ୍, ନାଲ୍‌କୋ ନଗର)– ଆଜି ମଦର୍ସ ଡେ'ରେ ସର୍ବପ୍ରଥମେ ଏତିକି କହିବି ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ଭାବେ ମୁଁ ଗର୍ବିତ। ଆଜି ଯଦି ଜଣେ କ୍ରୀଡ଼ାବିତ୍ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛି, ଏହା କେବଳ ମା'ଙ୍କ ଯୋଗୁ ସମ୍ଭବ ହୋଇପାରିଛି। ମନେପଡୁଛି ଯେତେବେଳେ ମୁଁ ଛୋଟ ଥିଲି ଏବଂ ତାଙ୍କୁ ମୋର ସମସ୍ତ ଦାୟିତ୍ୱ ନେବା ପରେ ଷ୍ଟାଡିଅମ୍‌ରେ ଖେଳୁଥିବାର ଦେଖୁଥିଲି, ତାଙ୍କର ଝାଳବୁହା ପରିଶ୍ରମ ଆଉ ଦର୍ଶକଙ୍କ ତାଳି ମୋତେ ବେଶ୍ ଖୁସି ଦେଉଥିଲା। ସେବେଠୁ ସେ ପାଲଟି ଥିଲେ ମୋ ପ୍ରେରଣାର ଉତ୍ସ। ନିଜେ ବି ତାଙ୍କ ଭଳି କ୍ରୀଡ଼ା କ୍ଷେତ୍ରରେ ସଫଳ ହେବାକୁ ଚାହୁଁଥିଲି। ଆଉ ସ୍କୁଲ୍‌ରେ ଯେବେ କ୍ରୀଡ଼ାରେ ଭଲ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲି, ମୋ ଅନ୍ତର୍ନିହିତ ପ୍ରତିଭାକୁ ପ୍ରକାଶ କରିବା ଲାଗି ସର୍ବପ୍ରଥମେ ସେ ହିଁ ଉତ୍ସାହିତ କରିଥିଲେ। ନିଜେ ହର୍ଡଲ୍ସ ଖେଳୁଥିଲେ ମଧ୍ୟ ଶର୍ଟପୁଟ୍ ଓ ଡିସ୍‌କସ୍ ଥ୍ରୋରେ ମୋର କୋଚ୍ ସାଜିଥିଲେ। ଯେଉଁଥିପାଇଁ ୧୪ ବର୍ଷରୁ କମ୍ ବିଭାଗରେ ଶର୍ଟପୁଟ୍ ଥ୍ରୋରେ ନ୍ୟାଶନାଲ୍ ରେକର୍ଡ କରିବାର ସୁଯୋଗ ପାଇପାରିଛି। କେବଳ କ୍ରୀଡ଼ା ନୁହେଁ, ପାଠରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ସେ ମୋତେ ସପୋର୍ଟ କରନ୍ତି। ସତ କହିବାକୁ ଗଲେ ମା'ଠୁ ଅଧିକ ସେ ମୋ ବେଷ୍ଟ ଫ୍ରେଣ୍ଡ। ଆମେ ପରସ୍ପରକୁ ସବୁ କଥା ଶେୟାର କରୁ। ଆଉ ଆମ ଦୁହିଁଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାରେ ବାପା (ପରମାନନ୍ଦ ରାଉତରାୟ)ଙ୍କର ସମର୍ଥନ ରହିଛି। ତେବେ ଭବିଷ୍ୟତରେ ମା'ଙ୍କ ପରି ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେଇ ଓଡ଼ିଶା ପାଇଁ ଗୌରବ ଆଣିଦେବା ମୋର ଲକ୍ଷ୍ୟ। ତାଙ୍କୁ ନିଜ ମା' ଭାବେ ପାଇ ଭଗବାନ୍‌ଙ୍କ ନିକଟରେ ସର୍ବଦା କୃତଜ୍ଞ।

### ମା'ଙ୍କ ଗୁଣ ମୋତେ ପ୍ରଭାବିତ କରିଛି

**ଡ. ଅର୍ମନ୍ ନନ୍ଦ** (ଡାଇରେକ୍ଟର, ବଚ୍‌ପନ୍, କଳିଙ୍ଗ ବିହାର, ଭୁବନେଶ୍ୱର)– ପ୍ରତିଟି ସନ୍ତାନ ଜୀବନରେ ମା'ଙ୍କ ଭୂମିକା କ'ଣ ତାହା ଅବର୍ଣ୍ଣନୀୟ। ନିଜ ମା' (କ୍ରୀଷ୍ଟା ଦାଶ)ଙ୍କ ବିଷୟରେ କହିବି। ସେ ମୋ ଆଦର୍ଶ, ଆଉ ତା'ଙ୍କୁ ମୁଁ ଅନ୍ଧ ଭାବେ ବିଶ୍ୱାସ କରେ। ପେସାରେ ଜଣେ ଶିକ୍ଷୟିତ୍ରୀ ଭାବେ ସେ କେବଳ ମୋତେ ପାଠ ଶିକ୍ଷା ଦେଇନାହାନ୍ତି ବରଂ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ କଥା ତାଙ୍କଠାରୁ ଶିଖିଛି। ତାଙ୍କର ଧୈର୍ଯ୍ୟ, ସହନଶୀଳତା, ତ୍ୟାଗ, କର୍ମନିଷ୍ଠା ଓ ସର୍ବୋପରି ଆତ୍ମବିଶ୍ୱାସର ସହ ନିଜ କର୍ମ କରିବାର ଗୁଣ ମୋତେ ପ୍ରଭାବିତ କରିଛି। ଯେଉଁଥିପାଇଁ ତାଙ୍କ ଭଳି ଜଣେ ସତ୍ୟନିଷ୍ଠ ଶିକ୍ଷୟିତ୍ରୀ ହେବାକୁ ଏହି ପେସାକୁ ଆପଣେଇଛି। ମୋ ଜୀବନରେ ପ୍ରତିଟି କାର୍ଯ୍ୟ ଓ ସଫଳତାରେ ତାଙ୍କ ଅବଦାନ ରହିଛି। ତେଣୁ ଆଜିର ଏହି ମଦର୍ସ ଡେ' ଅବସରରେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାକୁ ମୋ ପାଖେ ଭାଷା ନିଅଣ୍ଟ। ସେ ସର୍ବଦା ଖୁସିରେ ରୁହନ୍ତୁ ଓ ତାଙ୍କ ଆଶୀର୍ବାଦ ସବୁବେଳେ ମୋତେ ମିଳୁ ଏତିକି କାମନା।

### ମା'ଙ୍କୁ ନେଇ ଗର୍ବକରେ

**ଜ୍ୟୋତିର୍ମୟୀ ମିଶ୍ର** (ନର୍ସ, ବୁର୍ଲା ସରକାରୀ ଡାକ୍ତରଖାନା, ସମ୍ବଲପୁର)– କୁହାଯାଏ ପରିବାରରୁ ପ୍ରଥମ ଶିକ୍ଷା ମିଳିଥାଏ। ମୋ ମା'(କୁସୁମ ପାତ୍ର)ଙ୍କଠାରୁ ମୁଁ ସେ ଶିକ୍ଷା ପାଇଥିଲି। ଜୀବନରେ କ'ଣ ହେବା ଗୋଟିଏ ବିରାଟ ପ୍ରଶ୍ନ। ଏହି ପ୍ରଶ୍ନ ଛୋଟବେଳୁ ସମସ୍ତଙ୍କୁ ସାମ୍ନା କରିବାକୁ ପଡ଼ିଥାଏ। ମୋ ପାଇଁ ସେ ପ୍ରଶ୍ନର ସମାଧାନ କରିଥିଲେ ମୋ ମା'। ଅନ୍ତର୍ଜାତୀୟ ମାତୃ ଦିବସ ଅବସରରେ ତାଙ୍କ ଦୀର୍ଘ ଆୟୁଷ କାମନା କରୁଛି। ସେ ଜଣେ ନର୍ସ ଭାବରେ ଦୀର୍ଘ ୪୦ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ତାଙ୍କଠାରୁ ହିଁ ମୋତେ ରୋଗୀମାନଙ୍କ ସେବା କରିବାର ଇଚ୍ଛା ଜାଗ୍ରତ ହୋଇଥିଲା। ସେ ଯେବେ ପରିବାର ସଦସ୍ୟ ଭଳି ନିଷ୍ଠାର ସହ ରୋଗୀଙ୍କ ଯତ୍ନ ନିଅନ୍ତି, ସେବା କରନ୍ତି ମୋତେ ଆନନ୍ଦ ଲାଗେ। ତାଙ୍କ ଭଳି ଜଣେ ମମତାମୟୀ ମା' କୋଳରୁ ଜନ୍ମ ନେଇଥିବାରୁ ନିଜକୁ ଧନ୍ୟ ମନେକରେ। ତେଣୁ ତାଙ୍କ ପଦ ଅନୁସରଣ କରି ମୁଁ ମଧ୍ୟ ୧୦ବର୍ଷ ହେବ ଏହି ବୃତ୍ତିରେ ନିୟୋଜିତ ଅଛି। ମା'ଙ୍କ ସେବାରେ ଯେମିତି ସମସ୍ତେ ଉପକୃତ ହୁଅନ୍ତି, ମୁଁ ମଧ୍ୟ ତାଙ୍କ ଭଳି ହୋଇ 'ଯେମିତି ମା'କୁ ସେମିତି ଝିଅ' କଥାକୁ କାର୍ଯ୍ୟରେ କରି ଦେଖାବାକୁ ସର୍ବଦା ପ୍ରୟାସ କରିଛି। କେବଳ ବୃତ୍ତିଗତ କ୍ଷେତ୍ରରେ ନୁହେଁ, ଅନ୍ୟ ସବୁ କ୍ଷେତ୍ରରେ ତାଙ୍କୁ ନେଇ ଗର୍ବ କରେ।

### ମା' ମୋ ଆଦର୍ଶ

**ଆଦିଶା ଅମ୍ରିତା** (ମଡେଲ, ରାଉରକେଲା) – ମା'ଠୁ ଭଲ ଏ ଦୁନିଆରେ କିଏ ବା ହୋଇପାରେ! ପିଲାର ପ୍ରତିଟି କାର୍ଯ୍ୟରେ ଓ ସଫଳତାରେ ତାଙ୍କ ଅବଦାନ ଅତୁଳନୀୟ। ମୋ ପାଇଁ ମୋ ମା' (ଅମ୍ରିତ୍ ନିଲମ୍) ହେଉଛନ୍ତି ଆଦର୍ଶ। ଜଣେ ମଡେଲ ଭାବରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ। ୨୦୨୧ରେ ମହାରାଷ୍ଟ୍ର ନାଗପୁରରେ ଆୟୋଜିତ ପ୍ରତିଯୋଗିତାରେ ସେ ଯେବେ ମିସେସ୍ ଇଣ୍ଡିଆ ମୁକୁଟ ଜିତିଥିଲେ ଓ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଥିଲା, ମୋର ଖୁସିର ସୀମା ରହି ନ ଥିଲା। ଏହା ପରବର୍ଷ ସେ ପୁନର୍ବାର ମିସେସ୍ ଓଡ଼ିଶା ହୋଇପାରିଥିଲେ। ପିଲାବେଳୁ ତା'ଙ୍କୁ ମଡେଲିଂ କରୁଥିବାର ଦେଖିଆସୁଛି। କାହା କଥାରେ ବ୍ୟସ୍ତ ହେବା କିମ୍ବା ମନ ଊଣାକରିବା ପରିବର୍ତ୍ତେ ସବୁବେଳେ ଦୃଢ଼ ମନୋବଳ ରଖି ନିଜ ଉଦ୍ୟମରେ ସଫଳତା ମାର୍ଗରେ ଆଗେଇ ଯିବାର କଳା ମୁଁ ତାଙ୍କଠାରୁ ହିଁ ଶିଖିଛି। ଏବେ ତାଙ୍କରି ପଥ ଅନୁସରଣ କରୁଛି। ତାଙ୍କ ମାର୍ଗଦର୍ଶନରେ ଏବେ ଅନେକ ମଡେଲ ଶୋ'ରେ ଅଂଶ ଗ୍ରହଣ କରିବା ସହ ଏକାଧିକ ଥର ବିଜୟ ମୁକୁଟ ପିନ୍ଧିବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିପାରିଛି। ମା' ମୋତେ ଆକଟ କରିବା ପରିବର୍ତ୍ତେ ମୋ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତି। ତେଣୁ ନିଜର ସବୁ ଇଚ୍ଛା ଅନିଚ୍ଛା ତାଙ୍କ ଆଗରେ ପ୍ରକାଶ କରିପାରେ ଏବଂ ସେ ଭୁଲ ଠିକ୍‌ର ପରାମର୍ଶ ଦିଅନ୍ତି। ଜଣେ ମଡେଲ୍ ହିସାବରେ ମୋର ଡ୍ରେସ୍, ମେକ୍‌ଅପ୍‌ଠାରୁ ଆରମ୍ଭ କରି ଖାଦ୍ୟପେୟ ଏମିତକି ପାଠପଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସେ ଗାଇଡ୍ କରନ୍ତି। ଯେତେବେଳେ ଆମେ ଦୁହେଁ ଏକାଠି ଏକାପ୍ରକାର ଡ୍ରେସ୍ ପିନ୍ଧୁ ଏବଂ ସମସ୍ତେ ଆମକୁ ମା'ଝିଅ ପୂରା ଏକାପରି ବୋଲି କୁହନ୍ତି ସେ ଖୁସି ଅବର୍ଣ୍ଣନୀୟ। ତା'ଙ୍କୁ ନିଜ ମା' ଭାବେ ପାଇ ମୁଁ ବହୁତ ଖୁସି। ଭବିଷ୍ୟତରେ ତା'ଙ୍କ ଭଳି ସଫଳ ମଡେଲ ହେବା ମୋର ଲକ୍ଷ୍ୟ।

**– ପୌର୍ଣ୍ଣମାସୀ**

**ସହାୟତା:** ଅନୁରାଧା ମହାରଣା, ଶର୍ମିଷ୍ଠା ପାଣିଗ୍ରାହୀ


ମା' ସୁଦେଷ୍ଣାଙ୍କ ସହ ଶ୍ରେୟା


ମା' କୁସୁମଙ୍କ ସହ ଜ୍ୟୋତିର୍ମୟୀ


ମା' ଅମ୍ରିତ୍ ନିଲମ୍‌ଙ୍କ ସହ ଆଦିଶା



# ସୁପର ଜାଏଣ୍ଟ୍ସର ଷଷ୍ଠ ବିଜୟ

**ହାଇଦ୍ରାବାଦ,୧୩।୫**

ଆଇପିଏଲ୍‌ର ୫୮ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ୭ ଉଇକେଟରେ ପରାସ୍ତ କରି ଷଷ୍ଠ ବିଜୟ ହାସଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ମ୍ୟାଚ୍‌ର ୭୦ ପ୍ରତିଶତ ସମୟ ଖେଳ ହାଇଦ୍ରାବାଦ ନିୟନ୍ତ୍ରଣରେ ରହିଥିଲେ ହେଁ ନିକୋଲାସ ପୁରନ୍‌ଙ୍କ ଧୂଆଁଧାର ବ୍ୟାଟିଂ ଓ ପ୍ରେରକ ମଙ୍କଡଙ୍କ ଅର୍ଦ୍ଧଶତକ ବଳରେ ମ୍ୟାଚ୍‌କୁ ଜିତି ନେଇଥିଲା ଲକ୍ଷ୍ନୌ। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୬ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଜବାବରେ ୪ ବଲ୍ ବାକି ଥାଇ ୩ ଉଇକେଟ ହରାଇ ଲକ୍ଷ୍ନୌ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ପହଞ୍ଚିଛି।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ପକ୍ଷରୁ ଜଣେ ହେଲେ ଅର୍ଦ୍ଧଶତକ କରିପାରି ନ ଥିଲେ। ହେନରିଚ୍ କ୍ଲାସେନ୍ ସର୍ବାଧିକ ୪୭ ରନ୍, ଅନମୋଲପ୍ରୀତ୍ ସିଂ ୩୬, ରାହୁଲ ତ୍ରିପାଠୀ ୨୦, ଏଡେନ୍ ମାରକ୍ରମ ୨୮ ଓ ଅବଦୁଲ ସମଦ ୩୭* ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। କ୍ଲାସେନ୍ ୨୯ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଲକ୍ଷ୍ନୌ ଅଧିନାୟକ କୃନାଲ ପାଣ୍ଡ୍ୟା ୨୪ ରନ୍‌ରେ ୨ ଉଇକେଟ ନେଇଥିବାବେଳେ ଯୁଧବୀର ସିଂ ଚରକ, ଆଭେଶ ଖାନ୍, ଅମିତ ମିଶ୍ର ଓ ଯଶ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୩ ରନ୍‌ର ପିଛା କରି ଲକ୍ଷ୍ନୌ ଆରମ୍ଭରୁ ଅତ୍ୟନ୍ତ ଧିମା ବ୍ୟାଟିଂ କରିଥିଲା। କାଇଲ୍ ମେୟର୍ସ ୧୪ ବଲ୍‌ରୁ ମାତ୍ର ୨ ରନ୍ କରି ଆଉଟ ହୋଇଥିଲେ। କ୍ୱିଣ୍ଟନ୍ ଡି କକ୍ ୧୯ ବଲ୍‌ରୁ ୨୯ ରନ୍ କରି ଆଉଟ ହେବା ବେଳକୁ ୯ ଓଭରରେ ଦଳ ମାତ୍ର ୬୦ ରନ୍ କରିଥିଲା। ଓଭର ପିଛା ୧୨ରୁ ଅଧିକ ରନ୍ ଆବଶ୍ୟକ ଥିବାବେଳେ ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ପ୍ରେରକ୍ ମଙ୍କଡ ହାସଲ କରିଥିଲେ ଅପରାଜିତ ଅର୍ଦ୍ଧଶତକ। ୪୫ ବଲ୍ ଖେଳି ୭ ଚୌକା ଓ ୨ ଛକା ମାରିଥିଲେ। ଦଳୀୟ ସ୍କୋର ୧୨୭ରେ ୨୫ ବଲ୍‌ରୁ ୪୦ ରନ୍ କରି ମାର୍କସ୍ ଷ୍ଟୋଇନିସ ଆଉଟ ହୋଇଥିଲେ। ୨୭ ବଲ୍‌ରୁ ୫୩ ରନ୍ ଆବଶ୍ୟକ ଥିବାବେଳେ କ୍ରିଜ୍‌କୁ ଆସିଥିଲେ ନିକୋଲାସ ପୁରନ୍। ଅଭିଷେକ ଶର୍ମାଙ୍କୁ ହ୍ୟାଟ୍ରିକ୍ ଛକା ମାରି ସେ ଇନିଂସ ଆରମ୍ଭ କରିଥିଲେ। ୧୩ ବଲ୍ ଖେଳି ସେ ୪୪ ରନ୍ କରିଥିବାବେଳେ ତାଙ୍କ ଇନିଂସରେ ୩ ଚୌକା ଓ ୪ ଛକା ସାମିଲ ଥିଲା।


ନିକୋଲାସ୍ ପୁରନ୍

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୨/୬ (ହେନରିଚ୍ କ୍ଲାସେନ୍-୪୭, ଅବଦୁଲ୍ ସମଦ-୩୭*, ଅନମୋଲପ୍ରୀତ ସିଂ-୩୬, କୃନାଲ ପାଣ୍ଡ୍ୟା-୨/୨୪, ଯୁଧବୀର ସିଂ ଚରକ-୧/୨୪, ଯଶ ଠାକୁର-୧/୨୮)।

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୨ ଓଭରରେ ୧୮୫/୩ (ପ୍ରେରକ ମଙ୍କଡ-୬୪*, ନିକୋଲାସ୍ ପୁରନ୍-୪୪*, ମାର୍କସ୍ ଷ୍ଟୋଇନିସ୍-୪୦, ଗ୍ଲେନ୍ ଫିଲିପ୍ସ-୧/୧୦, ମୟଙ୍କ ମାର୍କଣ୍ଡେ-୧/୩୯, ଅଭିଷେକ ଶର୍ମା-୧/୪୨)।

## ହାଇଦ୍ରାବାଦ ଦର୍ଶକଙ୍କ ଆକ୍ରୋଶ

**ହାଇଦ୍ରାବାଦ,୧୩।୫(ପି.ଟି.):** ସନରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମ୍ୟାଚରେ ଦର୍ଶକଙ୍କ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଥିଲା। ଏକ ନୋ ବଲ୍‌କୁ ନେଇ ଏହି ବିବାଦ ଦେଖାଦେଇଥିଲା। ଆଭେଶ୍ ଖାନ୍ ବୋଲିଂ କରିଥିବା ଏକ ବିମରକୁ ଅନ୍ ଫିଲ୍ଡ ଅମ୍ପାୟର ନୋ ବଲ୍ ଦେଇ ନ ଥିଲେ। ଟିଭି ଅମ୍ପାୟର ମଧ୍ୟ ଏହି ବଲ୍‌କୁ ବୈଧ ବୋଲି ଘୋଷଣା କରିଥିଲେ। ଏହାପରେ ଦର୍ଶକ ଷ୍ଟାଣ୍ଡରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଲକ୍ଷ୍ନୌ ଡଗ୍ ଆଉଟ ପଛରେ ଥିବା ଷ୍ଟାଣ୍ଡରୁ ଦର୍ଶକ କୋହଲି, କୋହଲି ଚିତ୍କାର କରିଥିଲେ। ପରେ ଅମ୍ପାୟରଙ୍କ ହସ୍ତକ୍ଷେପ ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ବାଙ୍ଗାଲୋର**
ସ୍ଥାନ:ଜୟପୁର,
ସମୟ: ଅପରାହ୍ନ ୩.୩୦

**ଚେନ୍ନାଇ ବନାମ କୋଲକାତା**
ସ୍ଥାନ: ଚେନ୍ନାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପ୍ରଭସିମ୍ରନଙ୍କ ଶତକରେ ପଞ୍ଜାବ ବିଜୟୀ

**ନୂଆଦିଲ୍ଲୀ,୧୩।୫**

ପ୍ରଭସିମରନ୍ ସିଂଙ୍କ ପ୍ରଥମ ଆଇପିଏଲ୍ ଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୩୧ ରନ୍‌ରେ ପରାସ୍ତ କରିଛି ପଞ୍ଜାବ କିଙ୍ଗ୍ସ। ୧୨ତମ ମ୍ୟାଚରୁ ଷଷ୍ଠ ବିଜୟ ସହ ପଞ୍ଜାବ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନକୁ ଉଠିଛି। ପଞ୍ଜାବ ୨୦ ଓଭରରେ ୭ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୨୦ ଓଭରରେ ୮ ଉଇକେଟ ହରାଇ ୧୩୬ ରନ୍ କରିଥିଲା। ଗୋଟିଏ ପଟରୁ ନିୟମିତ ବ୍ୟବଧାନରେ ଉଇକେଟ ପତନ ଘଟୁଥିବା ବେଳେ ପ୍ରଭସିମରନ୍ ୧୯ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ୧୬୭ ରନ୍‌ରୁ ସେ ଏକାକୀ ୧୦୩ ରନ୍ କରିଥିଲେ। ତାଙ୍କ ବ୍ୟତୀତ ସାମ୍ କୁରାନ୍ ୨୦ ରନ୍ କରିଥିବା ବେଳେ ସିକନ୍ଦର ରାଜା ୧୧ କେବଳ ଦୁଇ ଅଙ୍କ ସ୍କୋରରେ ପହଞ୍ଚି ପାରିଥିଲେ। ୬୫ ବଲ୍ ଖେଳିଥିବା ପ୍ରଭସିମରନ୍ ୧୦ ଚୌକା ଓ ୬ ଛକା ମାରିଥିଲେ। ଦିଲ୍ଲୀ ପକ୍ଷରୁ ଇଶାନ୍ତ ଶର୍ମା ପ୍ରଭାବୀ ବୋଲିଂ କରି ଦୁଇଟି ଉଇକେଟ ନେଇଥିଲେ। ଅକ୍ଷର ପଟେଲ, ପ୍ରବୀଣ ଦୁବେ, କୁଲଦୀପ ଯାଦବ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୮ ରନ୍‌ର ପିଛା କରୁଥିବା ଦିଲ୍ଲୀ ପକ୍ଷରୁ ଡେଭିଡ୍ ୱାର୍ନର(୫୪) ଓ ଫିଲ ସଲ୍ଟ(୨୧) ପ୍ରଥମ ଉଇକେଟରେ ୬୯ ରନ୍ ଯୋଡ଼ିଥିଲେ। ଏହାପରେ ହରପ୍ରୀତ୍ ବ୍ରାର୍ ଓ ରାହୁଲ ଚହର ନିଜ ମଧ୍ୟରେ ୬ ଉଇକେଟ ବାଣ୍ଟି ନେବାରୁ ପଞ୍ଜାବ ୧୯ ରନ୍‌ରେ ପରବର୍ତ୍ତୀ ୬ ଉଇକେଟ ହରାଇଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର୍ ୪ ଉଇକେଟ ନେଇଥିବା ବେଳେ ନାଥାନ ଏଲିସ ଓ ରାହୁଲ ଚହର ଦୁଇ ଉଇକେଟ ନେଇଥିଲେ।


ଶତକୀୟ ଇନିଂସ ଅବସରରେ ପ୍ରଭସିମ୍ରନ୍ ସିଂ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୬୭/୭ (ପ୍ରଭସିମ୍ରନ୍ ସିଂ-୧୦୩, ସାମ୍ କୁରାନ୍-୨୦, ସିକନ୍ଦର ରାଜା-୧୧, ଇଶାନ୍ତ ଶର୍ମା-୨/୨୭, ମୁକେଶ କୁମାର-୧/୩, ପ୍ରବୀଣ ଦୁବେ-୧/୧୯)।

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୩୬/୮(ଡେଭିଡ୍ ୱାର୍ନର-୫୪, ଫିଲ୍ ସଲ୍ଟ-୨୧, ଅମନ୍ ଖାନ୍-୧୬, ହରପ୍ରୀତ ବ୍ରାର-୪/୩୦, ରାହୁଲ ଚହର-୨/୧୬, ନାଥନ ଏଲିସ୍-୨/୨୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୮ | ୪ | ୧୬ | +୦.୭୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୭ | ୪ | ୧୫ | +୦.୪୯୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | -୦.୧୧୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୫ | ୧୩ | +୦.୩୦୯ |
| ରାଜସ୍ଥାନ ରୟାଲ୍ସ | ୧୨ | ୬ | ୬ | ୧୨ | +୦.୬୩୩ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | -୦.୨୬୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୫ | ୬ | ୧୦ | -୦.୩୪୫ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୩୫୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୪ | ୭ | ୮ | -୦.୪୭୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୪ | ୮ | ୮ | -୦.୬୮୬ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

# ଝାଡ଼ଖଣ୍ଡ-ହରିୟାଣା ଫାଇନାଲ ମୁକାବିଲା

## ଜାତୀୟ ସବ୍‌ଜୁନିୟର ହକି

**ରାଉରକେଲା ଅଫିସ,୧୩।୫:** ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ୧୩ ତମ ଜାତୀୟ ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ଅଷ୍ଟମ ଦିନରେ ୨ଟି ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଝାଡଖଣ୍ଡ ଓ ହରିୟାଣା ନିଜ ନିଜ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଝାଡ଼ଖଣ୍ଡ ୨-୧ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା। ଝାଡ଼ଖଣ୍ଡ ଦଳ ପକ୍ଷରୁ ରସନି ଆଇଣ୍ଡ ପ୍ରଥମ କ୍ୱାର୍ଟରର ଦ୍ୱିତୀୟ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିବାବେଳେ ଜମୁନା କୁମାରୀ ୨୮ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ବନ୍ଦନା ପଟେଲ ୨୫ ମିନିଟ୍‌ରେ ୟୁପି ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଝାଡ଼ଖଣ୍ଡର ଗୋଲକିପର ଗାଙ୍ଗି ବାର୍ଲା ୫ଟି ପେନାଲ୍‌ଟି କର୍ଣ୍ଣରରୁ ୪ଟି ସେଭ୍ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆୟୋଜକ ଓଡିଶା ଓ ହରିୟାଣା ମଧ୍ୟରେ ଖେଳାଯାଇଥିଲା। ଏଥିରେ ହରିୟାଣା ଦଳ ୩-୧ ଗୋଲରେ ଓଡିଶାକୁ ପରାସ୍ତ କରିଥିଲା। ହରିୟାଣା ଦଳ ପକ୍ଷରୁ ଅଧିନାୟିକା ପୂଜା ୧୫ ମିନିଟ୍‌ରେ ପ୍ରଥମ ଗୋଲ କରିଥିଲେ। ଓଡିଶା ପକ୍ଷରୁ ଜ୍ୟୋତି ଖେସ ୪୨ ମିନିଟ୍‌ରେ ଏକ ଗାଲ ପରିଶୋଧ କରିଥିଲେ। ପରେ ହରିୟାଣା ପକ୍ଷରୁ ଶଶି ଖାସା ଓ ବୈଭବୀ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ୩-୧ ଗୋଲରେ ବିଜୟୀ କରି ଫାଇନାଲରେ ପ୍ରବେଶ କରିଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ